
ବୈଷ୍ଣବ
ପଦାବଳୀ
ପ୍ରଫେସର ଜାନକୀବଲ୍ଲଭ ମହାନ୍ତି

# ବୈଷ୍ଣବ ପଦାବଳୀ


ସଙ୍କଳକ ଓ ସମ୍ପାଦକ

ଡକ୍ଟର ଜାନକୀବଲ୍ଲଭ ମହାନ୍ତି



ଓଡ଼ିଶା ବୁକ୍ ଷ୍ଟୋର

# ବୈଷ୍ଣବ ପଦାବଳୀ

ସଂକଳନ ଓ ସଂପାଦନା

**ଡକ୍ଟର ଜାନକୀବଲ୍ଲଭ ମହାନ୍ତି**

ପ୍ରଫେସର୍ : ଓଡ଼ିଆ ବିଭାଗ

ରେଭେନ୍‌ସା କଲେଜ, କଟକ

ପ୍ରକାଶକ :

**ଶ୍ରୀ ଗୋବିନ୍ଦ ଚରଣ ପାତ୍ର**

ଓଡ଼ିଶା ବୁକ୍ ଷ୍ଟୋର୍

ବିନୋଦ ବିହାରୀ

କଟକ-୭୫୩୦୦୨

ପ୍ରଥମ ସଂସ୍କରଣ—୧୯୮୦

ମୁଦ୍ରାକର :

**ପାୟୋନିଅର ପ୍ରେସ୍,**

ଶେଖବଜାର, କଟକ-୮

ମୂଲ୍ୟ :

ଶୋଭନ : କୋଡ଼ିଏ ଟଙ୍କା

(ସାଧାରଣ : ଟ ୧୮ )

# BAISHNABA PADABALI

*Edited by*

**Dr. Janaki Ballav Mohanty**

Prof : Oriya Department

Ravenshaw College, Cuttack

*Published by :*

**Sri Govind Charan Patra**

Orissa Book Store

Binod Behari

Cuttack-753002

First Edition

1980

*Printer :*

**Pioneer Press**

Shaik Bazar, Cuttack-8

*Price :*

**Rupees : Twenty only**

# ମୁଖବନ୍ଧ

ଭାରତରେ କୃଷ୍ଣ ଉପାସନା ପ୍ରଚଳିତ ହେବା ପରେ ସଂସ୍କୃତ, ପ୍ରାକୃତ ତଥା ଅପଭ୍ରଂଶ ପ୍ରଭୃତି ପ୍ରାଚୀନ ଭାରତୀୟ ସାହିତ୍ୟରେ କୃଷ୍ଣଲୀଳାକୁ ଉପଜୀବ୍ୟ କରି ବହୁ ଗୀତ ରଚିତ ହୋଇଥିଲା । ତନ୍ମଧ୍ୟରୁ ସଂସ୍କୃତରେ ରଚିତ ଜୟଦେବଙ୍କ "ଗୀତଗୋବିନ୍ଦ" ସବୁ ସର୍ବାଧିକ ଲୋକପ୍ରିୟ ଗୀତ ରଚନା, ଏ ବିଷୟରେ ସନ୍ଦେହର ଅବକାଶ ନାହିଁ । ଏହାର ରଚନାକାଳ ଆନୁମାନିକ ଖ୍ରୀଷ୍ଟ ଦ୍ୱାଦଶ ଶତାବ୍ଦୀ । ସମକାଳରେ ପ୍ରାକୃତ ଓ ଅପଭ୍ରଂଶ ଭାଷାରେ କୃଷ୍ଣଲୀଳାତ୍ମକ ବହୁ ଗୀତ ରଚିତ ହୋଇଥିଲେ ହେଁ ସେ ସମ୍ପର୍କରେ ଆମ୍ଭମାନଙ୍କ ଜ୍ଞାନ ଅତୀବ ସୀମିତ । ଏତାଦୃଶ ଗୀତର ଦୃଷ୍ଟାନ୍ତ ସ୍ୱରୂପ ପ୍ରାକୃତ ଭାଷାରେ ରଚିତ ଏକ ଗୀତ ଏଠାରେ ଉଲ୍ଲେଖ କରାଯାଇପାରେ ।

"ଜଣି କଂସ ବିଣାସିଅ କିତ୍ତି ପଆସିଅ
ମୁଟ୍ଠି ଅରିଟ୍ଠି ବିଣାସ କରେ, ଗିରି ହତ୍ଥ ଧରେ ।
ଜମଲଜ୍ଜୁଣ ଭଂଜିଅ, ପଅଭର ଗଂଜିଅ
କାଳିଅ କୁଳ ସଂହାର କରେ, ଜସ ଭୁଅଣ ଭରେ ।
ଚାଣୁର ବିହଂଡିଅ, ଣିଅ କୁଳ ମଂଡିଅ
ରାହାମୁହ ମହୁ ପାଣ କରେ, ଜିମି ଭମରବରେ ।
ସୋ ତୁମ୍ହ ଣରାଅଣ, ବିପ୍ପ ପରାଅଣ
ଚିତ୍ତହ ଚିଂତିଅ ଦେଉ ବରା, ଭଅ ଭୀଅ ହରା ।"

( ପ୍ରାକୃତ ପିଙ୍ଗଳ-ମାତ୍ରାବୃତ୍ତମ୍ ନଂ ୨୦୭ )

ଅର୍ଥାତ୍ ଯିଏ କଂସକୁ ମାରିଥିଲେ, କୀର୍ତ୍ତି ପ୍ରକାଶ କରିଥିଲେ, ମୁଷ୍ଟିକ ଓ ଅରିଷ୍ଟକୁ ନାଶ କରିଥିଲେ ଓ ପର୍ବତକୁ ହାତରେ ଧାରଣ କରିଥିଲେ, ଯିଏ ଯାମଳାର୍ଜୁନ ଉପାଡ଼ି ଦେଇଥିଲେ, ପାଦଭରରେ କାଳୀୟ ନାଗର ଦର୍ପ ଚୂର୍ଣ୍ଣ କରିଥିଲେ ତଥା ତାହାର କୁଳ ସଂହାର କରିଥିଲେ, ଯଶକୁ ଭୁବନରେ ପୂର୍ଣ୍ଣ କରିଥିଲେ, ଯେ ଚାଣୁରକୁ ଖଣ୍ଡନ କରିଥିଲେ, ନିଜ କୁଳକୁ ମଣ୍ଡନ କରିଥିଲେ ଓ ଭ୍ରମର ଭଳି ରାଧାଙ୍କ ମୁଖରୁ ମଧୁପାନ କରିଥିଲେ, ସେହି ଭୟଭୀତ ଅପହରଣକାରୀ ବିପ୍ରପରାୟଣ ନାରାୟଣ ତୁମକୁ ଚିତ୍ତଚିନ୍ତିତବର ପ୍ରଦାନ କରନ୍ତୁ ।

ଉଦାହୃତ ଗୀତଟି ଏକ ଆଶୀର୍ବାଦ ଶ୍ଳୋକ ହେଲେହେଁ ରାଧାକୃଷ୍ଣ ଲୀଳାର ବିବିଧ ପ୍ରସଙ୍ଗକୁ ଉପଜୀବ୍ୟ କରି ପ୍ରାଚୀନ ଭାରତୀୟ ସାହିତ୍ୟରେ ବହୁ ସୁନ୍ଦର ଗୀତ ଏହିପରି ରଚିତ ହୋଇଥିବା ଏକାନ୍ତ ସ୍ୱାଭାବିକ ।

କୃଷ୍ଣଲୀଳାତ୍ମକ ଗୀତ ଭାରତର ପୂର୍ବାଞ୍ଚଳରେ ବହୁକାଳରୁ ପଦାବଳୀ ଭାବରେ ଅଭିହିତ ହୋଇ ଆସୁଅଛି । ସଂଗୀତ ଅର୍ଥରେ 'ପଦାବଳୀ' ଶବ୍ଦର ପ୍ରଥମ ପ୍ରୟୋଗକାରୀ ଭାବେ ଜୟଦେବଙ୍କ ନାମ ଉଲ୍ଲେଖଯୋଗ୍ୟ । ଆପଣାର କୃଷ୍ଣଲୀଳାତ୍ମକ ଗୀତକୁ 'ଲଳିତ କୋମଳ କାନ୍ତ ପଦାବଳୀ' ନାମରେ ଅଭିହିତ କରି ସେ 'ଗୀତଗୋବିନ୍ଦ'ରେ ଲେଖିଥିଲେ—

"ଯଦି ହରି ସ୍ମରଣେ ସରସଂ ମନୋ
ଯଦି ବିଳାସ କଳାସୁ କୁତୂହଳମ୍
ମଧୁର କୋମଳ କାନ୍ତ ପଦାବଳୀଂ
ଶୃଣୁ ତଦା ଜୟଦେବ ସରସ୍ୱତୀମ୍ ।" ( ୧।୩ )

ଦ୍ୱାଦଶ ଶତାବ୍ଦୀର ପରବର୍ତ୍ତୀ କାଳରେ ଭାରତର ପୂର୍ବାଞ୍ଚଳୀୟ ସାହିତ୍ୟରେ କୃଷ୍ଣଲୀଳାତ୍ମକ ଗୀତ ଅର୍ଥରେ ଏହି ପଦାବଳୀ ଶବ୍ଦର ପ୍ରୟୋଗ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ । ମିଥିଳା ଓ ବଙ୍ଗଳାର କବିଗଣ କୃଷ୍ଣଲୀଳାତ୍ମକ ଗୀତକୁ 'ପଦାବଳୀ' ନାମରେ ସର୍ବାଦୌ ଅଭିହିତ କରିଥିଲେ । ପରବର୍ତ୍ତୀ କାଳରେ ଓଡ଼ିଶାରେ ଶ୍ରୀଚୈତନ୍ୟଙ୍କ ମାଧ୍ୟମରେ କୃଷ୍ଣଲୀଳାତ୍ମକ ସଂଗୀତ ପ୍ରଚାରଲାଭ କରିଥିଲା ଓ କ୍ରମେ ଓଡ଼ିଶାର ବହୁ କବି ଏତାଦୃଶ ଗୀତ ରଚନାରେ ମନୋନିବେଶ କରିଥିଲେ । ସଂପ୍ରତି ଓଡ଼ିଶାରେ ଏହି ଗୀତଗୁଡ଼ିକୁ ମଧ୍ୟ ପଦାବଳୀ ନାମରେ ଅଭିହିତ କରାଯାଉଅଛି । ମାତ୍ର ଅତୀତରେ କୃଷ୍ଣଲୀଳାତ୍ମକ ଗୀତ ଅବସ୍ଥାଭେଦରେ ଝୁଲଣଗୀତ, ଭାବଗୀତ ବା ଚୌପଦୀ ନାମରେ ଓଡ଼ିଶାରେ ପରିଚିତ ଥିଲା ।

## ବୈଷ୍ଣବ ପଦାବଳୀର ସୃଷ୍ଟି :—

ସଂସ୍କୃତ ଭାଷାରେ କୃଷ୍ଣଲୀଳାତ୍ମକ ଗୀତ ରଚିତ ହେବା ପରେ ଅପଭ୍ରଂଶ ଭାଷାରେ ମଧ୍ୟ ଏତାଦୃଶ ବହୁ ଗୀତ ରଚିତ ହୋଇଥିବା ଅନୁମେୟ । ମାତ୍ର ଏପର୍ଯ୍ୟନ୍ତ ସେଗୁଡ଼ିକର ସନ୍ଧାନ ମିଳିପାରି ନାହିଁ । ଯେତେଦୂର ଜଣାଯାଏ, ପୂର୍ବାଞ୍ଚଳୀୟ ସାହିତ୍ୟ କ୍ଷେତ୍ରରେ ମିଥିଳାର କବି ବିଦ୍ୟାପତି (ଖ୍ରୀ: ୧୩୬୦-୧୪୪୮) ସର୍ବାଦୌ ଏତାଦୃଶ ଗୀତ ରଚନା କରିଥିଲେ । ପଞ୍ଚଦଶ ଶତାବ୍ଦୀରେ 'ଶ୍ରୀକୃଷ୍ଣ କୀର୍ତ୍ତନ' ପ୍ରଣେତା ବଡ଼ୁ ଚଣ୍ଡୀଦାସ ମଧ୍ୟ କୃଷ୍ଣଲୀଳାତ୍ମକ ଗୀତରଚୟିତା ଭାବେ ସୁପ୍ରସିଦ୍ଧ ।

ଶ୍ରୀଚୈତନ୍ୟଙ୍କ ଜୀବନୀକାର କୃଷ୍ଣଦାସ କବିରାଜଙ୍କ ଉକ୍ତିରୁ ଜଣାଯାଏ, ଶ୍ରୀଚୈତନ୍ୟ ଶ୍ରୀକ୍ଷେତ୍ରରେ ଅବସ୍ଥାନ କାଳରେ ଚଣ୍ଡୀଦାସ, ବିଦ୍ୟାପତି, ରାୟରାମାନନ୍ଦ, ଜୟଦେବ ଓ ବିଲ୍ୱମଙ୍ଗଳ (ଶ୍ରୀକୃଷ୍ଣ କର୍ଣ୍ଣାମୃତ) ପ୍ରଭୃତି କବିମାନଙ୍କ ସଂସ୍କୃତ, ପ୍ରାକୃତ ବା ଦେଶୀୟ ଭାଷାରେ ରଚିତ ଗୀତକୁ ଦିବାରେ ସନ୍ତୁଷ୍ଟ ଗାନ କରୁଥିଲେ—

"ଚଣ୍ଡୀଦାସ ବିଦ୍ୟାପତି    ରାୟେର ନାଟକ ଗୀତି
କର୍ଣ୍ଣାମୃତ ଶ୍ରୀ ଗୀତଗୋବିନ୍ଦ
ସ୍ୱରୂପ ଦାମୋଦର ସନେ    ମହାପ୍ରଭୁ ରାତ୍ରିଦିନେ
ଗାଏ ଶୁନେ ପରମ ଆନନ୍ଦ।"

ଶ୍ରୀଚୈତନ୍ୟଙ୍କ ଅନ୍ତିମ ଜୀବନର ଅଠର ବର୍ଷ ଶ୍ରୀକ୍ଷେତ୍ରରେ ଅତିବାହିତ ହୋଇଥିବାରୁ ଓଡ଼ିଶାରେ ତାହାଙ୍କ ଆଚରିତ ଓ ପ୍ରଚାରିତ ଧର୍ମମତ ଜନସାଧାରଣଙ୍କୁ ଆକୃଷ୍ଟ କରିବା ସ୍ୱାଭାବିକ। ମାତ୍ର ଯେତେଦୂର ଜଣାଯାଏ, ଚୈତନ୍ୟଙ୍କ ସମକାଳରେ ତାହାଙ୍କ ଧର୍ମମତ ସମାଜର ଉଚ୍ଚସ୍ତରରେ ହିଁ ପ୍ରଭାବ ବିସ୍ତାର କରିଥିଲା। ଓଡ଼ିଶାର ରାଜା ପ୍ରତାପରୁଦ୍ର, ତାହାଙ୍କ ବରିଷ୍ଠ କର୍ମଚାରୀ ରାମାନନ୍ଦଙ୍କ ପରିବାର ଓ ଶିଖିମହାନ୍ତିଙ୍କ ପରିବାର ପ୍ରଭୃତି ଏଥିରେ ଅନୁପ୍ରାଣିତ ହୋଇଥିଲେ ହେଁ ଓଡ଼ିଶାର ପ୍ରାକୃତ ବୈଷ୍ଣବ ଉପାସନା ପଦ୍ଧତି ଜନସାଧାରଣଙ୍କ ନିଷ୍ଠା ଅତୁଟ ଥିଲା। ଉତ୍କଳୀୟ ପ୍ରାଚୀନ ବୈଷ୍ଣବଗୋଷ୍ଠୀ ଓ ଭକ୍ତମଣ୍ଡଳୀ ବଙ୍ଗଦେଶାଗତ ଭକ୍ତଗୋଷ୍ଠୀକୁ ଉଦାରତାର ସହିତ ଗ୍ରହଣ କରିନେଇଥିଲେ ହେଁ ସେମାନଙ୍କ ମଧ୍ୟରେ ଈର୍ଷା ଓ ଶତ୍ରୁତା ପ୍ରଚ୍ଛନ୍ନଭାବରେ ରହିଥିଲା। ଓଡ଼ିଶାର ତାତ୍କାଳୀନ ଭକ୍ତ ଓ କବିମାନେ ଚୈତନ୍ୟ ଓ ରାମାନନ୍ଦଙ୍କ ବିଷୟରେ ଯେପରି ନୀରବତା ଅବଲମ୍ବନ କରିଛନ୍ତି, ସେହିପରି ଚୈତନ୍ୟଙ୍କ ବଙ୍ଗୀୟ ଜୀବନୀକାରମାନେ ଓଡ଼ିଶାର ତତ୍କାଳୀନ ବରିଷ୍ଠ ଧର୍ମ-ପ୍ରଚାରକ ଓ ସାଧକମାନଙ୍କ ସମ୍ପର୍କରେ ଅନାବଶ୍ୟକ ଉଦାସୀନତା ପ୍ରକାଶ କରିଛନ୍ତି। ମାତ୍ର କାଳକ୍ରମେ ଅଷ୍ଟାଦଶ ଶତକ ବେଳକୁ ଓଡ଼ିଶାରେ ଏହି ଦ୍ୱିବିଧ ସାଧନପଦ୍ଧତି ମଧ୍ୟରେ ଏକ ସମନ୍ୱୟ ସାଧିତ ହୋଇଥିଲା।

## ବୈଷ୍ଣବ ପଦାବଳୀର କେତେକ ବୈଶିଷ୍ଟ୍ୟ :—

ଉତ୍କଳୀୟ ପାରମ୍ପରିକ ଧର୍ମସାଧନ ପଦ୍ଧତି ଥିଲା ମୁଖ୍ୟତଃ ତନ୍ତ୍ରପ୍ରଭାବିତ। ବୌଦ୍ଧ ଓ ହିନ୍ଦୁତନ୍ତ୍ରର ମିଳନପୀଠ ଥିଲା ଓଡ଼ିଶା। ୬ଷ୍ଠ ଓ ୭ମ ଶତାବ୍ଦୀରୁ ଯାଜପୁର, ଭୁବନେଶ୍ୱର, ପୁରୀ ଶକ୍ତିପୀଠ ଭାବେ ଥିଲା ସୁପ୍ରସିଦ୍ଧ। ଫଳତଃ ଶ୍ରୀଚୈତନ୍ୟଙ୍କ ପୂର୍ବରୁ ଏ ଦେଶରେ ଯେଉଁ ବୈଷ୍ଣବ ଧର୍ମଧାରାର ପ୍ରବର୍ତ୍ତନ

ହୋଇଥିଲା, ତାହା ତତ୍ତ୍ୱସମ୍ମତ ହେବା ଏକାନ୍ତ ସ୍ୱାଭାବିକ । ମାତ୍ର ଚୈତନ୍ୟଙ୍କ ପ୍ରେମଭକ୍ତି ତତ୍ତ୍ୱ ବୈଷ୍ଣବୀୟ ସାଧନା କ୍ଷେତ୍ରରେ ଥିଲା ଏକ ଅଭିନବ ପଦକ୍ଷେପ । ଉପାସ୍ୟ କୃଷ୍ଣଙ୍କ ଆପଣାର ପ୍ରେମିକ ଓ ନିଜକୁ ତାଙ୍କର ପ୍ରେମିକା ଭାବି ଶ୍ରୀକୃଷ୍ଣଙ୍କ ଭାବନାରେ ତନ୍ମୟ ହେବା ଥିଲା ଏହି ଉପାସନାର ମୂଳ ଲକ୍ଷ୍ୟ । ଶ୍ରୀମଦ୍ଭାଗବତରେ ବର୍ଣ୍ଣିତ ଗୋପୀମାନେ ଥିଲେ ଏହି ସାଧନାର ଆଦର୍ଶ । ସେହି ବ୍ରଜବଧୂମାନଙ୍କର ମୁଖ୍ୟ ଭାବେ ପରିକଳ୍ପିତ ହୋଇଥିଲେ ଶ୍ରୀରାଧା ଓ ତାଙ୍କର ସଖୀଭାବେ ପରିକଳ୍ପିତ ହୋଇଥିଲେ ଲଳିତା, ବିଶାଖା, ରୂପମଞ୍ଜରୀ ପ୍ରଭୃତି ଅଷ୍ଟସଖୀ । ରାଧାକୃଷ୍ଣଙ୍କର ମିଳନ ସମ୍ପାଦନ ଓ ସେମାନଙ୍କ ପ୍ରଣୟଲୀଳାକୁ ଅଧିକ ମାଧୁର୍ଯ୍ୟମଣ୍ଡିତ କରିବା ଥିଲା ଏହି ସଖୀମାନଙ୍କର ପ୍ରଧାନ କର୍ତ୍ତବ୍ୟ । ସଖୀର କର୍ମ ସଂପର୍କରେ ଗୌଡ଼ୀୟ ବୈଷ୍ଣବମାନଙ୍କ ସର୍ବଶ୍ରେଷ୍ଠ ଗ୍ରନ୍ଥ କୃଷ୍ଣଦାସ କବିରାଜଙ୍କ 'ଚୈତନ୍ୟ ଚରିତାମୃତ'ରେ କୁହାଯାଇଛି :—

"ସଖୀର ସ୍ୱଭାବ ଏକ ଅକଥ୍ୟ କଥନ
କୃଷ୍ଣ ସହ ନିଜ ଲୀଳାୟ ସଖୀର ନାହିଁ ମନ ।
କୃଷ୍ଣ ସହ ରାଧିକାର ଲୀଳା ଯେ କରାୟ
ନିଜ କେଳି ହୈତେ ତାହେ କୋଟି ସୁଖ ପାୟ ।
× × ×
ଅନ୍ୟୋନ୍ୟ ବିଶୁଦ୍ଧ ପ୍ରେମ କରେ ରସ ପୁଷ୍ଟ
ତା' ସବାର ପ୍ରେମ ଦେଖି କୃଷ୍ଣ ହୟ ତୁଷ୍ଟ ।"

( ମଧ୍ୟଲୀଳା )

ଗୌଡ଼ୀୟପନ୍ଥୀ ସାଧକ ଏହି ସଖୀଭାବରେ ରାଧାକୃଷ୍ଣଙ୍କ ସେବାଭିଳାଷୀ ହୋଇ କ୍ରମେ ଶ୍ରୀକୃଷ୍ଣଙ୍କ ପ୍ରେମାନୁକମ୍ପାଲାଭର କାମନା କରିଥାଆନ୍ତି । ଏହି ପ୍ରସଙ୍ଗକୁ ଉଦ୍ଦେଶ୍ୟ କରି ବୈଷ୍ଣବ କବିଗଣ ବହୁ ସଂଗୀତ ରଚନା କରିଯାଇଛନ୍ତି । ଏହା ହିଁ ବୈଷ୍ଣବୀୟ କବିତା ବା ପଦାବଳୀ । ଭାବ ଏହାର ମୁଖ୍ୟ ଅବଲମ୍ବନ । ପ୍ରସଙ୍ଗକ୍ରମେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାକୁ ଉଦ୍ଦେଶ୍ୟ କରି ବାତ୍ସଲ୍ୟ ଭାବସମ୍ବଳିତ ବହୁ କବିତା ମଧ୍ୟ ସେମାନେ ରଚନା କରିଥିଲେ ।

ମୋଟାମୋଟି ଭାବେ କୃଷ୍ଣଲୀଳାର ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଓ ମଧୁର ଭେଦରେ ମହାଭାବ ଓ ପଞ୍ଚବିଧ ରସର ପରିକଳ୍ପିତ ହୋଇଅଛି । ଜ୍ଞାନ ସାହାଯ୍ୟରେ ତତ୍ତ୍ୱ ଦୃଷ୍ଟିରୁ ଭଗବାନଙ୍କୁ ଉପଲବ୍ଧ କରିବା ହେଉଛି ଶାନ୍ତଭାବ । ଭଗବାନଙ୍କୁ ସେବ୍ୟ ଓ ନିଜକୁ ତାଙ୍କର ସେବକ ଭାବିବା ହେଉଛି ଦାସ୍ୟଭାବ । ଭଗବାନଙ୍କୁ ଆପଣାର ସଖା ବା ବନ୍ଧୁ ମନେକରିବା ସଖ୍ୟଭାବ । ଈଶ୍ୱର ଓ ଭକ୍ତ ଯଥାକ୍ରମେ

ଏହି ଦାସ୍ୟ ଓ ସଖ୍ୟ ଭାବର ପ୍ରତୀକ । ନନ୍ଦ-ଯଶୋଦା କୃଷ୍ଣଙ୍କୁ ସନ୍ତାନ ଜ୍ଞାନରେ ତାଙ୍କ ପ୍ରତି ଆପଣାର ସମସ୍ତ ଶକ୍ତିବୃତ୍ତି ସମର୍ପଣ କରିଥିଲେ । ଏହା ବାତ୍ସଲ୍ୟଭାବ ଉପାସନାର ପ୍ରତୀକ । ମାତ୍ର ଏହି ପଞ୍ଚଭାବ ମଧ୍ୟରେ ସର୍ବଶ୍ରେଷ୍ଠ ହେଉଛି ମଧୁରଭାବ ବା ଆପଣାର ପ୍ରେମାନୁଭୂତିକୁ ଭଗବାନଙ୍କ ପ୍ରତି ଅର୍ପଣ କରିବା । କବିଙ୍କ ଭାଷାରେ—

"ଶୁଣ ଭକ୍ତି ମଧ୍ୟେ ପ୍ରେମ ଭକ୍ତି ଅଟେ ସାର
ସେ ଭକ୍ତି ଅଟଇ କୋଟି ଗୋପୀମାନଙ୍କର ।"

## ବ୍ରଜବୋଲି ଓ ବୈଷ୍ଣବ କବିତା :—

ଗୋପୀଭାବସମ୍ବଳିତ ଗୀତ ଗାନରେ ଅନୁରକ୍ତ ଥିଲେ ଶ୍ରୀଚୈତନ୍ୟ । ତାହାଙ୍କ ପୂର୍ବରୁ ଏହିଭଳି ଗୀତ ଆଞ୍ଚଳିକ ଭାଷାରେ ଜନସାମାନ୍ୟ ଲିଖିତ ହୋଇଥିଲା । ବିଦ୍ୟାପତି ଚଣ୍ଡୀଦାସ ଓ ରାୟ ରାମାନନ୍ଦଙ୍କ ଗୀତାବଳୀ ତାହାର ପ୍ରକୃଷ୍ଟ ନିଦର୍ଶନ । ମିଥିଳାର କବି ବିଦ୍ୟାପତିଙ୍କ ପ୍ରାଚୀନ ମୈଥିଳୀ ଭାଷାରେ ରଚିତ ସୁଲଳିତ କୃଷ୍ଣଲୀଳାତ୍ମକ ଗୀତ କାଳକ୍ରମେ ବ୍ରଜଭୂମିର ଭାଷା ବା ବ୍ରଜବୋଲି ଭୂଷିତ ହୋଇଯାଇଥିଲା । ବଙ୍ଗଳା, ଆସାମ ଓ ଓଡ଼ିଶାର କେତେକ କବି ଏହି ଭାଷାରେ ମଧ୍ୟ କୃଷ୍ଣଲୀଳାତ୍ମକ ଗୀତ ଲେଖିବାକୁ ଆକୃଷ୍ଟ ହୋଇଥିଲେ । ପ୍ରତ୍ୟେକ ଆଂଚଳିକ ଭାଷାର କବି ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ, ନିଜ ଭାଷାର ଶବ୍ଦକୁ ଏହି ଗୀତରେ ବ୍ୟବହାର କରୁଥିଲେ । ଏହିପରି ଭାବେ ବ୍ରଜବୋଲି ନାମିତ ଏହି କୃତ୍ରିମ ଭାଷା ଏକଦା ଓଡ଼ିଶା, ବଙ୍ଗଳା ଓ ଆସାମ ପ୍ରଭୃତି ଅଞ୍ଚଳର ବୈଷ୍ଣବ କବିମାନଙ୍କ ନିକଟରେ ବିଶେଷ ସମାଦର ଲାଭ କରିଥିଲା ।

ଯାହା ଜଣାଯାଇଅଛି, ଶ୍ରୀଚୈତନ୍ୟଙ୍କ ସମସାମୟିକ ଉତ୍କଳୀୟ କବି ରାୟ ରାମାନନ୍ଦ ହିଁ ସର୍ବପ୍ରଥମେ ଏହି କୃତ୍ରିମ ବ୍ରଜବୋଲି ଭାଷାରେ କୃଷ୍ଣଲୀଳାତ୍ମକ ଗୀତ ରଚନା କରିଥିଲେ । ତାହାଙ୍କ ରଚିତ ସୁବିଖ୍ୟାତ ଗୀତଟି କବିରାଜ ଗୋସ୍ୱାମୀ ଚୈତନ୍ୟ ଚରିତାମୃତରେ ଉଦ୍ଧାର କରିଛନ୍ତି । ଏହି ସମୟରେ ରାଜା ପ୍ରତାପରୁଦ୍ର ଦେବଙ୍କ ମନ୍ତ୍ରୀ ସନ୍ଧିପତି, ଦାମୋଦର ଚଂପତିରାୟ, ଶୁଦ୍ରକବି, ମାଧବୀ ଦାସୀ ପ୍ରଭୃତି ମଧ୍ୟ ଏତାଦୃଶ ଗୀତ ରଚନାରେ ଆପଣାର କୃତିତ୍ୱ ଦର୍ଶାଇ ଯାଇଅଛନ୍ତି । ଏଣୁ ବ୍ରଜବୋଲି ଭାଷାରେ ରଚିତ କୃଷ୍ଣଲୀଳାତ୍ମକ ଗୀତ ହିଁ ପଦାବଳୀର ଆଦିରୂପ । ଏହି ସଂକଳନରେ ସେଥିପାଇଁ ବ୍ରଜବୋଲି ଭାଷାରେ ରଚିତ କେତେଗୋଟି ଗୀତକୁ ଅନ୍ତର୍ଭୁକ୍ତ କରାଯାଇଅଛି ।

କାଳକ୍ରମେ ବ୍ରଜବୋଲି ଭାଷା ପରବର୍ତ୍ତୀ ଓଡ଼ିଆ ଭାଷାରେ କୃଷ୍ଣଲୀଳାତ୍ମକ ଗୀତରଚନା ପ୍ରବର୍ତ୍ତିତ ହୋଇଥିଲା । ସମ୍ଭବତଃ ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧରେ ଶ୍ରୀକୃଷ୍ଣଙ୍କ ରାସଲୀଳାକୁ ଭିତ୍ତିକରି ଉଲ୍ଲେଖଯୋଗ୍ୟ ଗୀତ ରଚନାରେ ସର୍ବାଦୌ ମନୋନିବେଶ କରିଥିଲେ ଗ୍ରୀପଗ୍ରନ୍ଥପ୍ରଣେତା ବନମାଳୀ ଦାସ । ଏତଦ୍ ବ୍ୟତୀତ ଯବନ କବି ସାଲବେଗ ମଧ୍ୟ ଏହି ସମୟରେ କେତେକ କୃଷ୍ଣଲୀଳାତ୍ମକ ଗୀତ ରଚନା କରିଥିଲେ । ଷୋଡ଼ଶ ଶତାବ୍ଦୀରେ ପ୍ରେମଭକ୍ତିତତ୍ତ୍ୱ ଯେ ବିଶେଷ ଜନପ୍ରିୟତା ଅର୍ଜନ କରିପାରି ନ ଥିଲା ତାହାର ବଡ଼ ପ୍ରମାଣ ହେଉଛି ଏହି ଶତାବ୍ଦୀରେ ଏତାଦୃଶ ଗୀତ ରଚନାର ସ୍ୱଳ୍ପତା । କହିବା ଅନାବଶ୍ୟକ, ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ହିଁ ଓଡ଼ିଶାର ବହୁ କବି କୃଷ୍ଣଲୀଳାତ୍ମକ ଗୀତ ରଚନା ପ୍ରତି ଆକୃଷ୍ଟ ହୋଇଥିଲେ ।

## ଓଡ଼ିଆ ପଦାବଳୀର ବିକାଶଧାରା :—

ଓଡ଼ିଶାର ବିଶିଷ୍ଟ ପଞ୍ଚ ଭକ୍ତକବି ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ ଓ ଯଶୋବନ୍ତ ଦାସ ପ୍ରଭୃତିଙ୍କ ଗୀତ ରଚନାରେ ରାଧାକୃଷ୍ଣଙ୍କ ପ୍ରଣୟ ଲୀଳାର ବର୍ଣ୍ଣନା ସ୍ଥାନ ପାଇ ନାହିଁ । ପରନ୍ତୁ ସେମାନେ ରାଧାକୃଷ୍ଣଙ୍କ ଯୁଗଳମିଳନ ପ୍ରସଙ୍ଗକୁ ଧ୍ୟାନରେ ଅନୁଭବ କରିବା ବିଷୟକୁ ସେମାନଙ୍କ ଗୀତାବଳୀରେ ଉଲ୍ଲେଖ କରିଛନ୍ତି । ଉଦାହରଣ ସ୍ୱରୂପ ଅଚ୍ୟୁତାନନ୍ଦଙ୍କ ଗୋଟିଏ ଗୀତରେ ଗୌଡ଼ୀୟ ବୈଷ୍ଣବଙ୍କ ମାଳା ଭଜନ ପ୍ରତି କଟାକ୍ଷ ପ୍ରକାଶ ପାଇଛି—

"ମାଳା ଭଜୁଛୁ ରେ          ଭଜନ ରହିବ ନାହିଁ ।୦।
ତୁ କଣ ଭଜିବୁ          ଭଜନ ଲୁଚିଛି
ତ୍ରିକୂଟ ସନ୍ଧରେ ଯାଇ
ତ୍ରିଭଙ୍ଗିମା ରୂପ          ଲିପ୍ତ ରୁଦ୍ଧ କଲେ
ରାଧାକୃଷ୍ଣ ଭେଟ ପାଇ ।"

କୃଷ୍ଣଲୀଳାତ୍ମକ ଗୀତ ରଚନା ପରବର୍ତ୍ତୀ କୃଷ୍ଣଲୀଳାତ୍ମକ କାବ୍ୟରଚନା ପ୍ରତି ହିଁ ଓଡ଼ିଶାର କବିମାନେ ଥିଲେ ଅଧିକ ଅନୁରାଗୀ । ସପ୍ତଦଶ ଶତାବ୍ଦୀର ପଦାବଳୀ ରଚୟିତାମାନଙ୍କ ମଧ୍ୟରୁ ଦୀନକୃଷ୍ଣ ଦାସ, ଦୀନବନ୍ଧୁ ହରିଚନ୍ଦନ, ଶଙ୍କର ଭଞ୍ଜ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଅଷ୍ଟାଦଶ ଶତକରେ କୃଷ୍ଣଲୀଳାତ୍ମକ ଗୀତ ରଚନା ଜନସମାଜରେ ଅଧିକ ସମାଦର ଲାଭ କରିଥିଲା ଓ ଉପାସ୍ୟ ଦେବତାଙ୍କ ପୂଜାର୍ଚ୍ଚନା ନାମରେ ଲୌକିକ ଆଦିରସାତ୍ମକ ଭାବନାକୁ କୃଷ୍ଣଲୀଳା ମାଧ୍ୟମରେ ପ୍ରକାଶ କରିବା ଏକ ସାହିତ୍ୟିକ

ଚଳଣିରେ ପରିଣତ ହୋଇଯାଇଥିଲା । ଏଣୁ ଏଭଳି ଗୀତ ନ ଲେଖିବାକୁ ଏହି ଶତାବ୍ଦୀର ବରିଷ୍ଠ କବି ଉପେନ୍ଦ୍ରଭଞ୍ଜ ଖେଦୋକ୍ତି ପ୍ରକାଶ କରି ଲେଖିଥିଲେ—

"ଜଳବୃତ ଅନ୍ତରେ ଯେ ଏମନ୍ତ ସ୍ୱଭାବ
କଲ୍ଲ କାମିନୀ ବର୍ଣ୍ଣନା କରି ବହୁ ଗୀତ !
ଦେଇ ଜାଣିଁ ଏହୁ ଏହି କୃଷ୍ଣ କଥା ଆଉ
ଜାଣୁଛୁ ସେହି ଅବଶ୍ୟ ସମାପତ ହେଉ ।"

( କଳାକଉତୁକ—୧୨/୪ର୍ଥ ପଦ )

ତଥାପି ଉପେନ୍ଦ୍ରଭଞ୍ଜଙ୍କ ରଚିତ ଅଠଦଶଟୋଟି କୁତ୍ସନାତ୍ମକ ଗୀତର ସନ୍ଧାନ ମିଳିଅଛି । * (୧) ଏହି ଯୁଗର ରାଜନୈତିକ ଓ ସାମାଜିକ ପରିବେଶ ମଧ୍ୟ ଏତାଦୃଶ ଗୀତ ରଚନା ଓ ତାହାର ପ୍ରଚାର ଲାଗି କେତେକ ପରିମାଣରେ ସହାୟତା କରିଥିଲା । ଅଳସ ସାମନ୍ତ ରାଜାମାନଙ୍କ ତଥାକଥିତ ଦରବାରରେ ଚାଟୁକମାନେ ଏହି ଲୀଳାସମ୍ବଳିତ ଗୀତ ଗାନ କରୁଥିଲେ । କୀର୍ତ୍ତନ, ରାସ, ଝୁଲଣ ପ୍ରଭୃତିର ପ୍ରଚଳନ ମଧ୍ୟ ଏହି ସମୟରେ ହୋଇଥିଲା ଓ ଏହି ଉପଲକ୍ଷେ ବହୁ କବି ବିବିଧ ଗୀତ ରଚନାରେ ମନୋନିବେଶ କରିଥିଲେ ।

ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରୁ ଊନବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ସମୟକୁ ଓଡ଼ିଆ ସାହିତ୍ୟର ସଂଗୀତଯୁଗ କୁହାଯାଇଥାଏ । ଏହି ସମୟରେ ଯଥାର୍ଥତଃ ଓଡ଼ିଆ ପଦାବଳୀ ସାହିତ୍ୟର ବିକାଶ ହୋଇଥିଲା । ନାନା ଭାବ, ରାଗ ଓ କଳ୍ପନାବିଳାସରେ ଏହା ହୋଇଥିଲା ସୁସମୃଦ୍ଧ । ଅଷ୍ଟାଦଶ ଶତକର ଶେଷ ଭାଗର କବି ବନମାଳୀଙ୍କଠାରୁ ଆରମ୍ଭ କରି ରାମକୃଷ୍ଣ ପଟ୍ଟନାୟକ, ଗୋପାଳକୃଷ୍ଣ ପଟ୍ଟନାୟକ (୧୭୮୫—୧୮୬୨), କବିସୂର୍ଯ୍ୟ ବଳଦେବ ରଥ (୧୭୭୯—୧୮୪୫), 'କର୍ତ୍ତିକପଦ୍ମ' ରଚୟିତା—ଭୁବନେଶ୍ୱର କବିଚନ୍ଦ୍ର, ସୋମନାଥ ସିଂହ ୧୮୧୪—୧୮୬୩), ଗୌରିଚରଣ ଅହଂକାରୀ (୧୮୧୪—୧୮୯୦), ହନୁମାନ ଦେଇଗୁରୁ (୧୮୨୭—୧୮୮୧), ଗୋବିନ୍ଦ ରାଜଗୁରୁ (୧୮୭୧—୧୯୦୧), ଗୁରୁବନ୍ଧୁ ବେବର୍ତ୍ତା ପଟ୍ଟନାୟକ (୧୮୨୭—୧୮୯୭), କିଶୋରଚନ୍ଦ୍ର ରାଜେନ୍ଦ୍ର (୧୮୮୭—୧୯୦୩),

* (୧) ଏତାଦୃଶ ଗୀତଗୁଡ଼ିକର ଆଦ୍ୟପଦ ହେଉଛି—'ଶ୍ରୀମତୀ ଶ୍ରୀପତି ବୃନ୍ଦାବନେ କେଳି ରଚିଲେ', 'କମଳଲୋଚନ ଦେଉଛି ମାନ', 'ଦୂତୀ କହିବୁ ଗୋ', 'କହି କି ଭୁଲି ଯାଉଛ', 'ସଂଗାତ ମନା କଲୁ ପରା', 'ଜାଣି ରଜନୀ ଗୋ', 'ମଞ୍ଜୁଳାଳି ଶ୍ୟାମକୁ ଦେଇ', ନ ଥିଲା ସୁନା ବଇଦ, 'ପରମାନନ୍ଦଙ୍କୁ ପଚାରିବୁ ସଖୀ' ।

'ରାଧାମାଧବ ବିଳାସ', 'ସଂଗୀତ କୃଷ୍ଣକେଳି', 'ଗୋପୀନାଥ ବଲ୍ଲଭ ନାଟକ' ପ୍ରଣେତା ରଘୁନାଥ ପରିଚ୍ଛା (୧୮୦୨-୭୨), 'ରାଧା ପ୍ରେମଲୀଳା' 'କୃଷ୍ଣ ପ୍ରେମକଳା' ରଚୟିତା ବହ୍ମପୁର ରାଜେନ୍ଦ୍ର (୧୮୫୧—୧୮୫୬ ଖ୍ରୀ: କାଳ) ଗୌରହରି ପରିଚ୍ଛା, 'ରାଧାକୃଷ୍ଣକେଳି ତରଙ୍ଗ', 'ଶରତକେଳି', 'ବସନ୍ତକ୍ରୀଡ଼ା' ପ୍ରଭୃତି ଗୀତଗୁଚ୍ଛ ପ୍ରଣେତା, ଶ୍ୟାମସୁନ୍ଦର ଭଞ୍ଜ ପ୍ରଭୃତିଙ୍କର ନାମ ଉଲ୍ଲେଖଯୋଗ୍ୟ । ଏତଦ୍ ବ୍ୟତୀତ ଏହି ଶତକରେ ନାରାୟଣ ପଟ୍ଟନାୟକ, ନିତ୍ୟାନନ୍ଦ, ଜଳମଣି ଦାସ, ପଙ୍କଜଚରଣ, ମହେନ୍ଦ୍ରସିଂହ ସାମନ୍ତ, ମାନଗୋବିନ୍ଦ ହୋତା ପ୍ରଭୃତି ବହୁ ଗୀତକାର ରାଧାକୃଷ୍ଣଲୀଳାତ୍ମକ ବହୁ ସଂଗୀତ ରଚନା କରିଥିଲେ । ଏହି ସମୟରେ ହିଁ ଓଡ଼ିଆ ସାହିତ୍ୟର ଶ୍ରେଷ୍ଠ ପଦାବଳୀ ରଚୟିତା ଗୋପାଳକୃଷ୍ଣଙ୍କ ଅନୁପମ ସଂଗୀତାବଳୀ ରଚିତ ।

ଏ ସମ୍ପର୍କରେ ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ ପଦାବଳୀ ରଚନା କ୍ଷେତ୍ରରେ ଦକ୍ଷିଣ ଓଡ଼ିଶାର କବିମାନଙ୍କ ଦାନ ସର୍ବାଧିକ । ବସ୍ତୁତଃ ଦକ୍ଷିଣ ଓଡ଼ିଶାରେ ହିଁ ଏହା ଅଧିକ ସମାଦୃତ ଓ ଏହି ଅଂଚଳରୁ ଗୀତନାଟ୍ୟରୂପେ ରାଧାପ୍ରେମଲୀଳା ଓ କୃଷ୍ଣପ୍ରେମକଳାର ଉଦ୍ଭବ ହୋଇଛି । ଦକ୍ଷିଣ ଓଡ଼ିଶାର ବହୁ ସ୍ୱନାମଧନ୍ୟ କବି ଏହି ଅଂଚଳରେ ବହୁ ସଂଗୀତ ରଚନା କରିଯାଇଛନ୍ତି ।

ପାଶ୍ଚାତ୍ୟ ଶିକ୍ଷା ଓ ସଂସ୍କୃତିର ପ୍ରସାର, ସାମାଜିକ ଓ ରାଜନୈତିକ ଅବସ୍ଥାର ପରିବର୍ତ୍ତନ, ନୂତନ ଶିକ୍ଷା ଓ କବିତାର ପ୍ରଚଳନ ଫଳରେ ପାଠକରୁଚିର ପରିବର୍ତ୍ତନ ଯୋଗୁଁ ରାଧାକୃଷ୍ଣ ଲୀଳାତ୍ମକ ଗୀତରଚନା ପ୍ରତି ଲେଖକ ତଥା ପାଠକମଣ୍ଡଳୀ କ୍ରମେ ବୀତସ୍ପୃହ ହେଲେ ଓ ଏହା ଧୀରେ ଧୀରେ ଅନ୍ତରାଳକୁ ଚାଲିଗଲା । ତଥାପି ବିଗତ ଶତାବ୍ଦୀରେ ଧନଞ୍ଜୟ ଚରଣ ଦାସ, ଜଗବନ୍ଧୁ ସିଂହ, ମୋହନ ସୁନ୍ଦର ଦେବ ଗୋସ୍ୱାମୀ, ବାବାଜୀ ବୈଷ୍ଣବଚରଣ ଦାସ (ବୈଷ୍ଣବଧର ପଟ୍ଟନାୟକ), କାହ୍ନୁଚରଣ ପଟ୍ଟନାୟକ, ଦୀନବନ୍ଧୁ ପଟ୍ଟନାୟକ ପ୍ରଭୃତି ଏତାଦୃଶ ଗୀତ ରଚନାରେ ମନୋନିବେଶ କରିଥିଲେ ।

## ପଦାବଳୀର ଆଙ୍ଗିକ—

ଓଡ଼ିଆ ପଦାବଳୀ ବା କୃଷ୍ଣଲୀଳାତ୍ମକ ଗୀତ ଓଡ଼ିଶାର ପାରଂପରିକ ସଙ୍ଗୀତ ବା ଚଉପଦୀର ଆଙ୍ଗିକଦ୍ୱାରା ବିଶେଷ ଭାବେ ପ୍ରଭାବିତ । ପ୍ରଥମେ ଘୋଷା ବା ଧ୍ରୁବ ପଦ ପରେ ସାଧାରଣତଃ ପାଞ୍ଚଗୋଟି ଅନ୍ତରା ରହିବା ଏହାର ଏକ ସାଧାରଣ ବିଧି । ଗୀତର ଶେଷ ପଦରେ ଭଣିତା ବା କବିଙ୍କ ନାମର ଉଲ୍ଲେଖ ଥାଏ । ଏହି

ଗୀତଗୁଚ୍ଛକ ସାଧାରଣତଃ ଭକ୍ତି ପ୍ରପତ୍ତିମୂଳକ । ବୈଷ୍ଣବ କବିତାର ରଚନା-କାଳ ଥିଲା ଓଡ଼ିଆ ସାହିତ୍ୟରେ ସଂସ୍କୃତ ଶବ୍ଦପ୍ରଧାନ କାବ୍ୟ ଅନୁକୃତିର ଯୁଗ । ଏଣୁ ଓଡ଼ିଆ ବୈଷ୍ଣବ ପଦାବଳୀରେ ପ୍ରଚୁର ଆଳଙ୍କାରିକତା ପରିଲକ୍ଷିତ ହୁଏ । ଅଳଂକାରର ଆତିଶଯ୍ୟ ଯୋଗୁଁ ବହୁ ସଙ୍ଗୀତର ସୌନ୍ଦର୍ଯ୍ୟ ସ୍ଥାନେ ସ୍ଥାନେ କ୍ଷୁଣ୍ଣ ହୋଇଛି ଏହା କହିବା ଅନାବଶ୍ୟକ । ତଥାପି ଅଳଂକାରର ପରିମିତ ପ୍ରୟୋଗ ଯୋଗୁଁ କେତେକ ଗୀତ ଅଧିକ ସୌନ୍ଦର୍ଯ୍ୟସମ୍ପନ୍ନ ହୋଇଛି ଓ ଅନୁପ୍ରାସ, ଯମକ ପ୍ରଭୃତି ଶବ୍ଦାଳଙ୍କାର ଓ ଉପମା, ରୂପକ, ଉତ୍ପ୍ରେକ୍ଷା ପ୍ରଭୃତି ଅର୍ଥାଳଙ୍କାରର ସୁଷ୍ଠୁ ପ୍ରୟୋଗ ଯୋଗୁଁ ତାହା ଯେ ଉଚ୍ଚକୋଟୀକୁ ଉନ୍ନୀତ ହୋଇପାରିଛି, ଏହା ଅନସ୍ୱୀକାର୍ଯ୍ୟ ।

ବଙ୍ଗଳାର ବହୁ ବୈଷ୍ଣବ କବି ବ୍ରଜବୋଲି ଭାଷାରେ ପଦ ବା କୃଷ୍ଣଲୀଳାତ୍ମକ ସଙ୍ଗୀତ ରଚନା କରିଛନ୍ତି । ମାତ୍ର ଓଡ଼ିଶାରେ ବ୍ରଜବୋଲି ଭାଷାରେ ଅଧିକ ପଦାବଳୀ ରଚିତ ହୋଇ ନାହିଁ । ୧୯ଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଓଡ଼ିଶାର କେତେକ ବୈଷ୍ଣବ କବି ବ୍ରଜବୋଲି ଓ ବଙ୍ଗଭାଷାରେ ଗୀତରଚନା କରିଥିଲେ ହେଁ ମୁଖ୍ୟତଃ ଓଡ଼ିଆ ଭାଷାରେ ହିଁ କୃଷ୍ଣଲୀଳାତ୍ମକ ଗୀତ ରଚନାରେ ସେମାନଙ୍କ ଅନୁରାଗ ଓ ସାଫଲ୍ୟର ସ୍ୱାକ୍ଷର ପ୍ରକଟିତ । ଶୁଦ୍ଧ ବଙ୍ଗଳାରେ କପିଳ ଷୋଡ଼ଶ ଶତାବ୍ଦୀର କବି କହ୍ନାଇ (କାନାଇ) ଖୁଣ୍ଟିଆ ପଦାବଳୀ ରଚନା କରିଥିଲେ ନିମ୍ନୋକ୍ତ ରଚନାଟିରୁ ତାହା ଅନୁମେୟ । ଗୀତଟିରେ ରାଧିକାଙ୍କ ଆକ୍ଷେପାନୁରାଗ (ବଂଶୀଖଣ୍ଡ) ଅଭିବ୍ୟକ୍ତି ଲାଭ କରିଛି ।

"ମନ ହେରର ବାଂଶୀ ବାଜଓ ଧୀରେ ଧୀରେ
ଆକୁଳ କରିଲ ତୋମାର ସୁମଧୁର ସ୍ୱରେ (ଧ୍ରୁ)
ଆମରା କୁଳେର ନାରୀ ହଇ, ଗୁରୁଜନାର ମାଝେ ରଇ
ନ କାନ୍ଦଓ ଖଲେର ବଦନେ
ଆମାର ବଚନ ରାଖ        ନାରବ ହଇଅ ଆଜ
ନା ବଧିଅ ଅବଳାର ପ୍ରାଣେ ।

x x x x

ଭରିଲେ ଜନମ ତୋର        ସରଲ ହୃଦୟ ମୋର
ଠେକଆଛ ଗୋସାଁଇର ହାତେ
କାହ୍ନାଇ ଖୁଣ୍ଟିଆ କଯ        ମୋର ମନେ ହେନ ଲଯ
ବାଁଶୀ ହେଲ ଅବଳା ବଧିତେ ।"

ବଙ୍ଗଳାରେ ଗୀତ ରଚନା କରିଥିବା ଓଡ଼ିଶାର କବିମାନଙ୍କ ମଧ୍ୟରୁ ମାଧବୀ ଦାସୀ, ପଣ୍ଡିତ ଶ୍ରୀଚନ୍ଦନ, ବ୍ରଜବନ୍ଧୁ ସିଂହ, ବ୍ରଜନାଥ ବଡ଼ଜେନା, ଗୌରଚରଣ ଅଧିକାରୀ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ ।

କହିବା ଅନାବଶ୍ୟକ, ପଦାବଳୀ ଗାନ ହେବା ଉଦ୍ଦେଶ୍ୟରେ ରଚିତ । ଓଡ଼ିଶାରେ ଏହା ରାସ, ଝୁଲଣ, ଦୋଳା, କୀର୍ତ୍ତନ ଅବକାଶରେ ଗାନ କରାଯାଇଥାଏ । ଗୋଟିପୁଅ ( ନର୍ତ୍ତକୀବେଶୀ ବାଳକ ) ମାନେ ଏହି ଗୀତଗୁଡ଼ିକୁ ନୃତ୍ୟାଭିନୟ ସହ ଗାଇ ଶୁଣାଇଥାନ୍ତି । ବୈଠକ ସଙ୍ଗୀତ ରୂପେ ମଧ୍ୟ ଏହା ଗାନ କରାଯାଇଥାଏ । ପାଲକାରମାନେ ପାଲାରେ ଏହାକୁ ବ୍ୟବହାର କରିଥାନ୍ତି । ଏହି ଗୀତଗୁଡ଼ିକ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନର ବହୁ ସ୍ତର ସହ ସଂପୃକ୍ତ । ସ୍ୱରଯୋଜନା ହେତୁ ଏଗୁଡ଼ିକ ଯେପରି ଶ୍ରବଣୀୟ ସେହିପରି ସାହିତ୍ୟିକଦୃଷ୍ଟିରୁ ସୁପାଠ୍ୟ ଓ ସୌଷ୍ଠବସମ୍ପନ୍ନ । ବଙ୍ଗଳା କୀର୍ତ୍ତନ ସ୍ୱରରେ କେତେକ ଗୀତ ଓଡ଼ିଆରେ ରଚିତ ହୋଇଥିଲେ ହେଁ ଓଡ଼ିଶାର କବିମାନେ ଏତାଦୃଶ ଗୀତକୁ ମୁଖ୍ୟତଃ ଓଡ଼ିଆ ଚୌପଦୀର ପାରମ୍ପରିକ ରାଗ ଓ ତାଳରେ ନିବଦ୍ଧ କରିଯାଇଅଛନ୍ତି । ଏଣୁ ଏଗୁଡ଼ିକୁ ଗାନ କରିବା ଲାଗି କୌଣସି ସ୍ୱତନ୍ତ୍ର ଗାନପଦ୍ଧତି ଓଡ଼ିଶାରେ ପ୍ରଚଳିତ ବା ପ୍ରତିଷ୍ଠିତ ହୋଇପାରି ନାହିଁ ।

କେତେକ ବୈଷ୍ଣବ କବି ସଂସ୍କୃତ ମାତ୍ରାବୃତ୍ତ ଛନ୍ଦରେ ପଦାବଳୀ ଲେଖିବାକୁ ପ୍ରୟାସ କରିଅଛନ୍ତି । ମାତ୍ର ଓଡ଼ିଆ ଉଚ୍ଚାରଣରେ ହ୍ରସ୍ୱ ଦୀର୍ଘ ଭେଦ ନ ଥିବାରୁ ଏହିରୂପ ପଦାବଳୀ ରଚନା କ୍ଷେତ୍ରରେ ଜନପ୍ରିୟତା ଅର୍ଜନ କରିପାରି ନାହିଁ ।

ଓଡ଼ିଶାରେ ଅନୁଷ୍ଠିତ ହେଉଥିବା ବସନ୍ତ ଓ ଶରତକାଳୀନ ରାସୋତ୍ସବ ନିମନ୍ତେ କେତେକ କବି ବସନ୍ତରାସ ଓ ଶରଦରାସ ଗୀତ ରଚନା କରିଅଛନ୍ତି । ତନ୍ମଧ୍ୟରୁ ପଣ୍ଡିତ ଶ୍ରୀଚନ୍ଦନଙ୍କ 'ବସନ୍ତରାସ' ଓ କଣ୍ଟ୍ରୁର ଧ୍ୱଜେନ୍ଦ୍ର ଓ ଗୌରଚରଣ ଅଧିକାରୀଙ୍କ 'ଶରଦରାସ' ଅଧିକ ଜନପ୍ରିୟ । ପୂର୍ବକାଳରେ ସମ୍ଭବତଃ ଗୀତଗୋବିନ୍ଦ ପ୍ରଭାବରୁ ବସନ୍ତରାସର ଅଧିକ ପ୍ରଚଳନ ଦେଖିବାକୁ ମିଳେ । ପୁରୀ ଶ୍ରୀମନ୍ଦିରରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ବସନ୍ତରାସ ଅନୁଷ୍ଠିତ ହୋଇଥାଏ ଓ ଏହି ଅବକାଶରେ ମଦନମୋହନ ଜଗନ୍ନାଥ ବଲ୍ଲଭ ମଠକୁ ଯାଇଥାଆନ୍ତି । ମାତ୍ର ଓଡ଼ିଶାରେ ଅନ୍ୟ କେତେକ ସ୍ଥାନରେ ଶ୍ରୀମଦ୍ଭାଗବତ ପ୍ରଭାବରେ ଶାରଦୀୟରାସୋତ୍ସବ ଅନୁଷ୍ଠିତ ହୋଇଥାଏ । ଷୋଡ଼ଶ ଶତାବ୍ଦୀରୁ ଓଡ଼ିଶାରେ ରାସୋତ୍ସବ ଅନୁଷ୍ଠିତ ଓ ଏହି ଉପଲକ୍ଷେ ଗୀତ-ସମୂହ ରଚିତ ହୋଇଥିବାର ପ୍ରମାଣ ମିଳୁଅଛି । ରାସଉତ୍ସବ ଅବକାଶରେ ଏହି ଗୀତଗୁଡ଼ିକ ଗାନ ହେଲାବେଳେ ଗାୟକ ଓ ଶ୍ରୋତାମାନଙ୍କ ମଧ୍ୟରେ ସମପ୍ରାଣତା ବା ଏକାତ୍ମତା ସୃଷ୍ଟି ହୋଇଥାଏ ।

**ପଦାବଳୀର ସ୍ତବ ଓ ରସାଭିବ୍ୟକ୍ତି—**

ଓଡ଼ିଆ ପଦାବଳୀମାନଙ୍କୁ ପ୍ରାୟ ପଚିଶଗୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ । ଏଥିରେ ରାଧାକୃଷ୍ଣଙ୍କ ବନ୍ଦନା, ରୂପଶୋଭା, ଶୈଶବଲୀଳା, ନବାନୁରାଗ, ସାଙ୍କେଲା, ଈର୍ଷାରୋଷ ବା ଗୋଧନ ବାହୁଡ଼ା, ମାନ, ଶ୍ରୀକୃଷ୍ଣଙ୍କ ଦୂତୀ, ବିରହୋତ୍କଣ୍ଠା, ଆକ୍ଷେପାନୁରାଗ, ସଖା-ସଖୀ ପରିହାସ, ହୋରି, ଅଷ୍ଟକାଳ ସେବା, ଶ୍ରୀରାଧାଙ୍କ ଅଷ୍ଟକାଳ ସେବା ଭାବ, ଶ୍ରୀରାଧାଙ୍କ ଅଷ୍ଟବିଧ ନାୟିକା ଭାବ ଯୁଗଳମିଳନ ପ୍ରଭୃତି ପ୍ରସଙ୍ଗ ସରସ ଓ ସୁଲଳିତ ରୂପରେ ବର୍ଣ୍ଣିତ ହୋଇଥାଏ । ସଖୀଙ୍କୁ ସମ୍ବୋଧନ ଛଳରେ ରାଧା ଓ କୃଷ୍ଣଙ୍କ ମାନସିକ ଅବସ୍ଥାର ଚିତ୍ର ହିଁ ମୁଖ୍ୟତଃ ଏହି ଗୀତିକାମାନଙ୍କରେ ଅଭିବ୍ୟକ୍ତ । କେତେକ ଜନଭାବରେ ସର୍ଗାୟମୁନ୍ଦରଙ୍କ ରାଧା ଅଥବା କୃଷ୍ଣଙ୍କ ପ୍ରତି ଭକ୍ତି ମଧ୍ୟ ବର୍ଣ୍ଣିତ । ଓଡ଼ିଆ ବୈଷ୍ଣବ ପଦାବଳୀରେ ଶ୍ରୀକୃଷ୍ଣଙ୍କ ରୂପଚିତ୍ରମୂଳକ ଗୀତର ସଂଖ୍ୟା ପରିମାଣ ଦୃଷ୍ଟିରୁ ସର୍ବାଧିକ ମନେହୁଏ ; ମାତ୍ର ଚୈତନ୍ୟ ଲୀଳାତ୍ମକ ଅଥବା ଶ୍ରୀରାଧାଙ୍କ ଆକ୍ଷେପାନୁରାଗ ବା ପ୍ରେମ ବୈଚିତ୍ର୍ୟମୂଳକ ଗୀତର ସଂଖ୍ୟା ସ୍ୱଳ୍ପତମ ।

**ପଦାବଳୀରେ ଅଷ୍ଟନାୟିକା—**

ସାହିତ୍ୟ ଦର୍ପଣକାର ବିଶ୍ୱନାଥ କବିରାଜ କାବ୍ୟନାୟିକାମାନଙ୍କୁ ଅବସ୍ଥା ଭେଦରେ ସ୍ୱାଧୀନଭର୍ତ୍ତୃକା, ଖଣ୍ଡିତା, ଅଭିସାରିକା, କଳହାନ୍ତରିତା, ବିପ୍ରଲବ୍ଧା, ପ୍ରୋଷିତଭର୍ତ୍ତୃକା, ବାସକସଜ୍ଜା, ବିରହୋତ୍କଣ୍ଠିତା ରୂପେ ଆଠ ପ୍ରକାର ବୋଲି ବର୍ଣ୍ଣନା କରିଅଛନ୍ତି (୧) । ସାହିତ୍ୟଦର୍ପଣ ପୂର୍ବରୁ ରଚିତ ଗୀତ ଗୋବିନ୍ଦରେ ମଧ୍ୟ ଶ୍ରୀରାଧାଙ୍କର ଅବସ୍ଥା ଭେଦରେ ସ୍ୱାଧୀନଭର୍ତ୍ତୃକା, ଖଣ୍ଡିତା, ଅଭିସାରିକା, କଳହାନ୍ତରିତା, ବିପ୍ରଲବ୍ଧା, ପ୍ରୋଷିତଭର୍ତ୍ତୃକା, ବାସକସଜ୍ଜା, ବିରହୋତ୍କଣ୍ଠିତା ପ୍ରଭୃତି ରୂପର ବର୍ଣ୍ଣନା ଦେଖିବାକୁ ମିଳେ । ଗୌଡ଼ୀୟ ଭକ୍ତିତତ୍ତ୍ୱର ବରିଷ୍ଠ ବ୍ୟାଖ୍ୟାକାର ରୂପ ଗୋସ୍ୱାମୀ ତାହାଙ୍କ 'ଉଜ୍ଜ୍ୱଳ ନୀଳମଣି'ରେ ଏହି ନାୟିକାଭେଦର ବିଶଦ ଚର୍ଚ୍ଚା କରିଅଛନ୍ତି । ବଙ୍ଗଳା ଓ ଓଡ଼ିଆର ବୈଷ୍ଣବ କବିଗଣ ଅଳଙ୍କାର ଶାସ୍ତ୍ର ଅନୁରୂପ ଶ୍ରୀରାଧାଙ୍କୁ ଅବସ୍ଥାଭେଦରେ ଅଷ୍ଟବିଧ ରୂପେ ମଧ୍ୟ ବର୍ଣ୍ଣନା କରିଥିବା ଦେଖାଯାଏ ।

---

(୧) ସ୍ୱାଧୀନଭର୍ତ୍ତୃକା ତଦ୍ୱତ ଖଣ୍ଡିତାଥାଭିସାରିକା
କଳହାନ୍ତରିତା ବିପ୍ରଲବ୍ଧା ପ୍ରୋଷିତଭର୍ତ୍ତୃକା
ଅନ୍ୟା ବାସକସଜ୍ଜା ସ୍ୟାଦ୍ ବିରହୋତ୍କଣ୍ଠିତା ତଥା ।
(ସା. ଦ. ୩ୟ ପରିଚ୍ଛେଦ )

ସାଧର୍ମିକ ସ୍ୱଭାବ ଭେଦ ଅନୁଯାୟୀ ନାୟିକାଙ୍କ ପରିଚୟ ଏଠାରେ ପ୍ରଦତ୍ତ ହେଲା ।

୧ । ରତି ସୁଖରେ ଆକୃଷ୍ଟ ହୋଇ ଯେଉଁ ନାୟିକାର ପ୍ରେମୀ କେବେ ହେଲେ ତାହାକୁ ପାଶରୁ ଛାଡ଼ନ୍ତି ନାହିଁ, ଭରତ ଆଦି ରସ ପ୍ରକାଶରେ ନାୟକ ସେହି ନାୟିକାକୁ ସ୍ୱାଧୀନଭର୍ତ୍ତୃକା କହନ୍ତି (୧) । ବୈଷ୍ଣବ କବିମାନେ ଏହି ଭାବେ ଶ୍ରୀରାଧାଙ୍କୁ ଉନ୍ମାଦନା (ବିଳାସରେ ଆଘାତ ପ୍ରେମଯୁକ୍ତା), ମୁଗ୍ଧା ( କୃଷ୍ଣ ତାହାଙ୍କ ବେଶବିନ୍ୟାସ କରନ୍ତି ), ମଧ୍ୟା ( କୃଷ୍ଣ ତାହାଙ୍କ ନିକଟରେ କୁଞ୍ଚିତା ନିବେଦନ କରନ୍ତି ), ସମ୍ମତା ( ସମୀଚୀନ ଭକ୍ତିଯୁକ୍ତା ), ଗୋପିକା ( ପ୍ରିୟ ବ୍ୟବହାରରେ ଉଲ୍ଲାସଯୁକ୍ତା ), ଅନୁକୂଳା ( କୃଷ୍ଣ ତାଙ୍କ ପ୍ରତି ଅନୁକୂଳ ) ପ୍ରଭୃତି ରୂପେ ପରିକଳ୍ପନା କରିଅଛନ୍ତି ।

ଗୀତ ଗୋବିନ୍ଦର 'କୁରୁ ଯଦୁନନ୍ଦନ ଚନ୍ଦନ ଶିଶିର ତରେଣ କରେଣ ପୟୋଧରେ' ଗୀତରେ ଶ୍ରୀରାଧା କୃଷ୍ଣଙ୍କୁ ତାହାଙ୍କ ବେଶବିନ୍ୟାସ କରିଦେବାକୁ ଅନୁରୋଧ କରିଛନ୍ତି ।

୨ । ନାୟକ ଅନ୍ୟ ନାୟିକାର ସମ୍ଭୋଗ ଚିହ୍ନକୁ ଧାରଣ କରି ଯେଉଁ ନାୟିକା ନିକଟକୁ ଯାଏ ଓ ଅନ୍ୟ ନାୟିକାର ଚିହ୍ନକୁ ନାୟକଠାରେ ଦେଖି ଯେଉଁ ନାୟିକା ଈର୍ଷାନ୍ୱିତ ଓ କୁପିତ ହୁଏ, ତାହାକୁ ଖଣ୍ଡିତା କହନ୍ତି (୨) ।

ବୈଷ୍ଣବ କବି ଏହି ପରିସ୍ଥିତିରେ ରାଧାଙ୍କୁ ଶଙ୍କ୍ୟା ( ନିନ୍ଦାକାରିଣୀ ), କ୍ରୋଧୀ ( ତିରସ୍କାରକାରିଣୀ ), ଉଦ୍ଭ୍ରାନ୍ତା ( ଶଙ୍କା ), ପ୍ରଗଲ୍ଭା ( କଳହପରାୟଣା ), ମଧ୍ୟା ( ନିନ୍ଦାନ୍ୱିତା ), କମ୍ପିତା ( ରୋଦନପରାୟଣା ), ସନ୍ତପ୍ତା ( ତାପଯୁକ୍ତା ) ରୂପେ ବର୍ଣ୍ଣନା କରିଅଛନ୍ତି । ଜୟଦେବଙ୍କ 'ରଜନୀ ଜନିତ ଗୁରୁ ଜାଗର ରାଗ କଷାୟିତମଳସନିମେଷମ୍' ଗୀତରେ 'ରତି ବଞ୍ଚିତା ଖଣ୍ଡିତ ଯୁବତିବିଳାପମ୍' ବର୍ଣ୍ଣିତ ହୋଇଅଛି ।

---

(୧) କାନ୍ତୋ ରତିଗୁଣାକୃଷ୍ଟୋ ନ ଜହାତି ଯଦନ୍ତିକମ୍
ବିଚିତ୍ର ବିଭ୍ରମାସକ୍ତା ସା ସ୍ୟାତ୍ ସ୍ୱାଧୀନଭର୍ତ୍ତୃକା । ( ସା. ଦ. )

(୨) ପାର୍ଶ୍ୱମେତି ପ୍ରିୟୋ ଯସ୍ୟା ଅନ୍ୟସମ୍ଭୋଗଚିହ୍ନିତଃ
ସା ଖଣ୍ଡିତେତି କଥିତା ଧୀରୈରୀର୍ଷ୍ୟାକଷାୟିତା । (ସା. ଦ. )

୩ । ସେହି ନାୟିକା କାମାସକ୍ତା ହୋଇ ଦୂତୀ ସାହାଯ୍ୟରେ ନାୟକଙ୍କୁ ଅଭିସାର କରାଏ ବା ନିଜେ ନାୟକ ପାଖକୁ ଅଭିସାର କରେ ତାହାକୁ ଅଭିସାରିକା କହନ୍ତି (୧) । ବୈଷ୍ଣବ କବିମାନେ ରାଧାଙ୍କୁ ଶୁକ୍ଳାଭିସାରିକା, ତମିସ୍ରାଭିସାରିକା, ଦିବାଭିସାରିକା ( ବଂଶୀ ଧ୍ୱନି ଶୁଣିବା ଯୋଗୁ ), ଅସମ୍ପୂର୍ଣ୍ଣାଭିସାରିକା ( ବିଶୃଙ୍ଖଳ ବେଶସମ୍ପନ୍ନା ) ଭେଦରେ ବିବିଧ ରୂପର ପରିକଳ୍ପନା କରିଅଛନ୍ତି । ଗୀତ ଗୋବିନ୍ଦର ସୁପରିଚିତ ଗୀତ 'ରତିସୁଖସାରେ' ଗୀତରେ ରାଧାଙ୍କ ଚିତ୍ତ ଦଶାର ଚିତ୍ର ଛଳରେ ଏହି ଅଭିସାରିକାର ଚିତ୍ର ଅଙ୍କିତ ।

୪ । ଚାଟୁ କରୁଥିବା ପ୍ରିୟତମଙ୍କୁ କ୍ରୋଧରେ ତଡ଼ି ଦେଇ ସେହି ନାୟିକା ପଶ୍ଚାତ୍ତାପ କରେ ତାହାକୁ କଳହାନ୍ତରିତା କହନ୍ତି (୨) । ଶ୍ରୀରାଧାଙ୍କୁ କଳହାନ୍ତରିତା ରୂପେ ସାଂଶୟା, ମୁଗ୍ଧା, ଧୀରା, ଅଧୀରା, କୁପିତା, ସମା, ମୃଦୁଲା, ବଧୁରା ପ୍ରଭୃତି ରୂପରେ ମଧ୍ୟ ବୈଷ୍ଣବ କବିମାନେ ବର୍ଣ୍ଣନା କରିଅଛନ୍ତି ।

୫ । ପ୍ରିୟ ସଙ୍କେତ ଦେଇ ମଧ୍ୟ ଦୈବାତ୍ କୌଣସି କାରଣରୁ ନ ଆସିବାରୁ ସେହି ନାୟିକା ଅପମାନିତା ବା ଚିନ୍ତାରେ ନିର୍ବେଦପରାୟଣା ହୁଏ, ତାହାକୁ ବିପ୍ରଲବ୍ଧା କହନ୍ତି (୩) । ବୈଷ୍ଣବ କବିମାନେ ରାଧାଙ୍କୁ ଏହି ନାୟିକା ରୂପେ ବିକଳା (ନାୟକଙ୍କୁ ନ ପାଇ ସବୁ ବିଫଳ ହେଲା ଭାବି ଖେଦଯୁକ୍ତା) ପ୍ରେମମଗ୍ନା ( ଅନ୍ୟ ନାୟିକା ସଙ୍ଗେ ମିଳିତ ହୋଇଥିବେ ଭାବି ଆଶଙ୍କାଯୁକ୍ତା ), କ୍ଳିଷ୍ଟା ( ଯାହାଙ୍କୁ ସବୁ ବିଷୟ ବିଷମୟ ପ୍ରତୀତ ହୁଏ ), ବିଜାତା ( ବିକାରଯୁକ୍ତା ), ନିର୍ଦ୍ଦୟ ( ନାୟକଙ୍କୁ ନିର୍ଦ୍ଦୟ କହି ଖେଦଯୁକ୍ତା ) ପ୍ରଭୃତି ରୂପରେ ବର୍ଣ୍ଣନା କରିଅଛନ୍ତି ଗୀତ ଗୋବିନ୍ଦରେ ଏତାଦୃଶ ଭାବ ସମ୍ବଳିତ ଅନେକଗୋଟି ଗୀତ ସନ୍ନିବିଷ୍ଟ । 'ସମୁଦିତ ମଦନେ ରମଣୀ ବଦନେ', 'ଅନିଳ ତରଳ କୁବଳୟ ନୟନେନ', 'ସ୍ମର ସମରୋଚିତ ବିରଚିତ ବେଶା' ପ୍ରଭୃତି ଗୀତରେ କୃଷ୍ଣ ଅନ୍ୟ ନାୟିକା ସଙ୍ଗେ ମିଳିତ ହୋଇଥିବେ ଭାବି ରାଧାଙ୍କ ଖେଦୋକ୍ତି ଏଗୁଡ଼ିକରେ ବର୍ଣ୍ଣିତ ହୋଇଅଛି ।

---

(୧) ଅଭିସାରୟତେ କାନ୍ତଂ ଯା ମନ୍ମଥ ବଶଂବଦା
ସ୍ୱୟଂ ବାଭିସରତ୍ୟେଷା ଧୀରୈରୁକ୍ତାଭିସାରିକା । (ସା. ଦ.)

(୨) ଚାଟୁକାରମପି ପ୍ରାଣନାଥ ରୋଷାଦପାସ୍ୟ ଯା
ପଶ୍ଚାତ୍ତାପମବାପ୍ନୋତି କଳହାନ୍ତରିତା ତୁ ସା । (ତତ୍ରୈବ)

(୩) ପ୍ରିୟଃ କୃତ୍ୱାପି ସଙ୍କେତଂ ଯସ୍ୟା ନାୟାତି ସନ୍ନିଧିମ୍
ବିପ୍ରଲବ୍ଧାପି ସା ଜ୍ଞେୟା ନିତାନ୍ତମବମାନିତା । (ତତ୍ରୈବ)

୬ । ନାନା କାର୍ଯ୍ୟ ହେତୁ ନାୟକ ବିଦେଶ ଯାଇଥିବା ଯୋଗୁଁ କାମ-ପୀଡ଼ିତା ନାୟିକାକୁ ପ୍ରୋଷିତଭର୍ତ୍ତୃକା କହନ୍ତି (୧) । କୃଷ୍ଣଙ୍କର ବନଗମନଜନିତ ଅଦର୍ଶନ ହେତୁ ଖେଦଯୁକ୍ତା ଶ୍ରୀରାଧାଙ୍କ ଅବସ୍ଥାକୁ 'ଅଦୂର ପ୍ରବାସ' ଓ ମଥୁରାଗମନ ଅବସ୍ଥାକୁ 'ସୁଦୂର ପ୍ରବାସ' କୁହାଯାଏ ।

୭ । ନାୟକ ନିଶ୍ଚୟ ଆସିବେ ଏହା ଜାଣି ଯେଉଁ ନାୟିକା ସଜ୍ଜିତ ବାସର କୁଞ୍ଜକୁ ଓ ନିଜକୁ ସଜାଉଥାଏ ତାହାକୁ ବାସକସଜ୍ଜା କହନ୍ତି (୨) । ବୈଷ୍ଣବ କବିମାନେ ରାଧାଙ୍କୁ ମୋହନା ( ସୁବେଶଧାରିଣୀ ), ଜାଗରଣା ( ପ୍ରତୀକ୍ଷା ଯୋଗୁଁ ଜାଗ୍ରତା ), ଉଦ୍‌ବେଗା ( ଛଟପଟଶୀଳା ), ମଧ୍ୟାଭ୍ରକା ( କାନ୍ତ ଆସି ପ୍ରିୟ ବାକ୍ୟ କହିବେ ଏଥିପାଇଁ ଚିନ୍ତାଯୁକ୍ତା ), ସୁପ୍ତିକା (କପଟ ନିଦ୍ରାରେ ନିଦ୍ରିତା), ଚକିତା ( ନିଜ ଛାୟାରେ ଶ୍ରୀକୃଷ୍ଣଙ୍କ ଭ୍ରମ ଯୋଗୁଁ ତ୍ରସ୍ତା ), ସୁରସା ( ସଙ୍ଗୀତପରାୟଣା ), ଉଦ୍‌ଦେଶୀ ( ଦୂତ ପ୍ରେରଣକାରିଣୀ ) ରୂପେ ପରିକଳ୍ପନା କରି ଅଛନ୍ତି । ଗୀତଗୋବିନ୍ଦରେ 'ପଶ୍ୟତି ଦିଶି ଦିଶି ରହସି ଭବନ୍ତମ୍—ତଦଧର ମଧୁର ମଧୂନି ପିବନ୍ତମ୍—ନାଥ ହରେ ସୀଦତି ରାଧା ବାସ ଗୃହେ'—ଗୀତଟିରେ ଏହି ଭାବ ଅଭିବ୍ୟକ୍ତ । ଏଠାରେ ଶ୍ରୀକୃଷ୍ଣଙ୍କୁ ସଖୀ କହୁଛି—ହେ ନାଥ ହରି, ରାଧା ନିଭୃତ କୁଞ୍ଜରେ ବିଷାଦରେ ବସିଅଛନ୍ତି । ସେ ନିର୍ଜନରେ ବସି ତାହାଙ୍କ ମଧୁର ଅଧର ମଧୁପାନକୁଶଳ ତୁମକୁ ଦଶ ଦିଗରେ ଖୋଜୁଅଛନ୍ତି ।

ନାୟକ ଦୈବାତ୍ ନ ଆସିବାରୁ ଉତ୍କଣ୍ଠାଯୁକ୍ତା ନାୟିକାକୁ ବିରହୋତ୍କଣ୍ଠିତା କହନ୍ତି (୩) । ଦୁର୍ମନା ( କାଳ ବାଟରେ କାହିଁକି ବିଳମ୍ବ କଲେ ଏଥିପାଇଁ ଚିନ୍ତିତା ), ବିକଳା ( ପରିତାପପରାୟଣା ), ସ୍ତବ୍ଧା ( ଚିନ୍ତିତା ), ଉତ୍କଟା ( ପତ୍ର ପତନ ଅଥବା ପକ୍ଷୀର ପକ୍ଷ ସଞ୍ଚାଳନ ଶବ୍ଦ ଯୋଗୁଁ କାନ୍ତ ଆସୁଛନ୍ତି ଭାବି ଚକିତା ), ଅଚେତନା, ସୁଖୋତ୍କଣ୍ଠିତା ( କୃଷ୍ଣ ଗୁଣ କଥନପରା ), ମୁଖରା ( ଦୂତୀ ପ୍ରତି କଳହପରାୟଣା ), ନିନ୍ଦକା ( ମୋ କର୍ମ ଦୋଷରୁ ସେ ଆସିବେ ନାହିଁ, ମୁଁ ବଞ୍ଚିବ

---

(୧) ନାନାକାର୍ଯ୍ୟବଶାଦ୍ ଯସ୍ୟା ଦୂରଦେଶଂ ଗତଃ ପତିଃ
ସା ମନୋଭବ ଦୁଃଖାର୍ତ୍ତା ଭବେତ୍ ପ୍ରୋଷିତଭର୍ତ୍ତୃକା । (ସା. ଦ.)

(୨) କୁରୁତେ ମଣ୍ଡନଂ ଯସ୍ୟାଃ ସଜ୍ଜିତେ ବାସବେଶ୍ମନି
ସା ତୁ ବାସକସଜ୍ଜା ସ୍ୟାଦ୍ ବିଦିତ ପ୍ରିୟସଙ୍ଗମା ।

(୩) ଆଗନ୍ତୁଂ କୃତଚିତ୍ତୋଽପି ଦୈବାନ୍ନାୟାତି ଯତ୍ପ୍ରିୟଃ
ତଦନାଗମ ଦୁଃଖାର୍ତ୍ତା ବିରହୋତ୍କଣ୍ଠିତା ତୁ ସା ।

ନାହିଁ—ଏହି ଭାବନାରେ ଖେଦୋକ୍ତି ।) ପୂର୍ବେ ବୈଷ୍ଣବ କବିମାନେ ଶ୍ରୀରାଧାଙ୍କ ଚିତ୍ରଣ କରିଅଛନ୍ତି । ଗୀତ ଗୋବିନ୍ଦରେ କବି ରାଧାଙ୍କ ଖେଦୋକ୍ତି ବର୍ଣ୍ଣନା କରି ଲେଖିଛନ୍ତି—କଥିତ ସମୟ ଅତିବାହିତ ହୋଇଗଲା, ହରି ତ ଆସିଲେ ନାହିଁ, ମୋର ଅମଳ ରୂପ ଯୌବନ ବିଫଳ ହେଲା । ସଖୀମାନେ ମୋତେ ବଞ୍ଚନା କରିଛନ୍ତି, ହାୟ, ମୁଁ ଆଉ କାହାର ଶରଣ ନେବି ?

'କଥିତ ସମୟେଽପି ହରିରହହ ନ ଯଯୌ ବନମ୍
ମମ ବିଫଳମିଦମମଳମପି ରୂପଯୌବନମ୍
ଯାମି ହେ କମିହ ଶରଣମ୍ ସଖୀଜନବଚନବଞ୍ଚିତା । ( ଧ୍ରୁ )

ଆଧୁନିକ ଯୁଗରେ ଚତୁର୍ଦ୍ଦଶପଦୀ କବିତା ( ସନେଟ ), ସମ୍ବୋଧନ ଗୀତି ( ଓଡ଼ ), ଗାଥା କବିତା ( ବାଲାଡ୍ ) ପ୍ରଭୃତି ଇଂରାଜୀ ଗୀତିକାବ୍ୟ ରୂପସମୂହ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ପ୍ରବର୍ତ୍ତିତ ହେବା ପୂର୍ବରୁ ପ୍ରାଚୀନ ଓ ମଧ୍ୟକାଳୀନ ବହୁ କବି କୃଷ୍ଣଲୀଳାତ୍ମକ ଗୀତ କବିତା ମାଧ୍ୟମରେ ସେମାନଙ୍କ କଳ୍ପନା ଓ ଭାବନାନୁଭୂତିକୁ ଭାବ ରୂପ ଦେଇଯାଇଅଛନ୍ତି । ଏହି କବିତାରେ ରାଧାକୃଷ୍ଣ ଓ ତାହାଙ୍କ ସଖୀମାନଙ୍କ ପ୍ରଚୁର ଭାବାବେଗ ଅଭିବ୍ୟକ୍ତି ଲାଭ କରିଅଛି । ମାତ୍ର ଏହି ଭାବାବେଗ ଓ ଭାବନାନୁଭୂତି ଏକ ସଂକୀର୍ଣ୍ଣ ପରିସରରେ ହିଁ ସୀମିତ । ପ୍ରେମ, ବାତ୍ସଲ୍ୟ, ସଖ୍ୟ ବ୍ୟତୀତ ଅନ୍ୟ ଅନୁଭୂତିର ସ୍ଥାନ ଏଥିରେ ବିରଳ । ଏପରି କି ବହିଃପ୍ରକୃତିର ଶ୍ରୀ ମଧ୍ୟ ଏତାଦୃଶ କବିତାରେ ଗୌଣ ହୋଇଯାଇଛି । ଏଣୁ ପଦାବଳୀର ଭବ ବା ବିଷୟବସ୍ତୁର ପରିଧିରେ ସଂକୀର୍ଣ୍ଣ କୁହାଯାଇପାରେ ।

ବୈଷ୍ଣବ ସାଧକ କବିମାନଙ୍କ ପକ୍ଷେ ଏହି କବିତାର ପ୍ରେରଣାର ଉତ୍ସ ଦିବ୍ୟ ବା ଅତିମାନବିକ କୁହାଯାଇଥାଏ । କେହି କେହି ଏହାକୁ ରୂପକଧର୍ମୀ ରହସ୍ୟବାଦୀ ଓ ଆଧ୍ୟାତ୍ମିକ ବ୍ୟଞ୍ଜନାପୂର୍ଣ୍ଣ କବିତା ଓ ବୈଷ୍ଣବ ଭକ୍ତକବିମାନଙ୍କ ସାଧ୍ୟାନୁଭୂତ ଧର୍ମ ବିଶ୍ୱାସର ପରିଣାମ ବୋଲି କହୁଥାନ୍ତି । ମାତ୍ର ଅଧିକ ସଂଖ୍ୟକ କବି ରାଧାକୃଷ୍ଣ, ସଖୀ ଓ ଯଶୋଦାଙ୍କ ଅନୁଭବ ସମ୍ବଳିତ କବିତାକୁ ମାନବିକ ଅନୁଭୂତି କ୍ରମରେ ଶ୍ରୀକୃଷ୍ଣଙ୍କ ଆରାଧନା ରୂପରେ ଗ୍ରହଣ କରିଯାଇଅଛନ୍ତି । ତତ୍ତ୍ୱଦୃଷ୍ଟିରୁ ଶ୍ରୀକୃଷ୍ଣଙ୍କ ବ୍ରଜଲୀଳା ପ୍ରସଙ୍ଗର ତାତ୍ପର୍ଯ୍ୟ ଯାହା ହେଉ ନା କାହିଁକି, ମାନବିକ ଭାବ ଅନୁଭୂତ ରୂପରେ ବର୍ଣ୍ଣିତ ଏହି ଗୀତଗୁଡ଼ିକୁ ସାଧାରଣ ପାଠକ ହୃଦୟର ସମ୍ପତ୍ତି ରୂପେ ଗ୍ରହଣ କରି ନେଇଅଛନ୍ତି । ବୈଷ୍ଣବ କବିତାର ଆଧ୍ୟାତ୍ମିକ ଓ ଲୌକିକ ଏହି ଦ୍ୱିବିଧ ଉପାଦାନର ମହତ୍ତ୍ୱକୁ ସ୍ୱୀକାର କରି କବି ରବୀନ୍ଦ୍ରନାଥ ଏଇ କବିତା ସମ୍ପର୍କରେ ଏକଦା ଯେଉଁ ପ୍ରଶ୍ନ ଉତ୍ଥାପନ କରିଥିଲେ, ତାହା ଏବେ ମଧ୍ୟ ଯଥାର୍ଥ ମନେହୁଏ ।

"ଶୁଧୁ ବୈକୁଣ୍ଠର ତରେ ବୈଷ୍ଣବର ଗାନ,
ପୂର୍ବରାଗ, ଅନୁରାଗ, ମାନ-ଅଭିମାନ ।
ଅଭିସାର, ପ୍ରେମ ଲୀଳା, ବିରହ ମିଳନ,
ବୃନ୍ଦାବନ ଗାଥା—ଏଇ ପ୍ରଣୟ ସ୍ୱପନ ।
ଶ୍ରାବଣର ଶର୍ବରୀରେ କାଳିନ୍ଦୀର କୂଳେ,
ଚାରି ଚକ୍ଷେ ଚେୟେ ଦେଖା କଦମ୍ବର ମୂଳେ ।
ଶରମେ ସମ୍ଭ୍ରମେ, ଏକି ଶୁଧୁ ଦେବତାର,
ଏ ସଂଗୀତ ରସଧାରା ନହେ ମିଟାବାର ।
ଦୀନ ମର୍ତ୍ତ୍ୟବାସୀ ଏଇ ନରନାରୀଦେର,
ପ୍ରତି ରଜନୀର ଆର ପ୍ରତି ଦିବସେର ।
ତପ୍ତ ପ୍ରେମ ତୃଷା ! ଏ ଗୀତ ଉତ୍ସବ-ମାଝେ,
ଶୁଧୁ ତିନି ଆର ଭକ୍ତ ନିର୍ଜନେ ବିରାଜେ ।"

× × × ×

"ସତ୍ୟ କରେ କହୋ ମୋରେ ବୈଷ୍ଣବ କବି,
କୋଥା ତୁମେ ପେୟେଛିଲେ ଏଇ ପ୍ରେମ ଛବି !
କୋଥା ତୁମି ଶିଖେଛିଲେ ଏଇ ପ୍ରେମ ଗାନ,
ବିରହତାପିତ । ହେରି କାହାର ନୟାନ ।
ରାଧିକାର ଅଶ୍ରୁ-ଆଁଖି ପଡ଼େଛିଲ ମନେ ?
ବିଜନ ବସନ୍ତ ରାତେ ମିଳନ ଶୟନେ ।
କେ ତୋମାରେ ବେଁଧେଛିଲ ଦୁଟି ବାହୁଡୋରେ,
ଆପନାର ହୃଦୟେର ଅଗାଧ ସାଗରେ
ରେଖେଛିଲ ମଗ୍ନ କରି ?"

ଏଣୁ ପରିଶେଷରେ କବି ବୈଷ୍ଣବ କବିତାସମ୍ପୃକ୍ତ ଦିବ୍ୟାନୁଭୂତିଜନିତ ଦେଖାଇଥିଲେ ହେଁ ଏହାର ମାନବିକ ଆବେଦନର ଗୁରୁତ୍ୱକୁ ସ୍ୱୀକାର କରି ନେଇଛନ୍ତି—

"ବୈଷ୍ଣବ କବିର ଗାଁଥା ପ୍ରେମ-ଉପହାର,
ଚଲିୟାଛେ ନିଶିଦିନ କତ ଭରେ ଭାର ।
ବୈକୁଣ୍ଠର ପଥେ । ମଧ୍ୟପଥେ ନରନାରୀ,
ଅକ୍ଷୟ ସେ ସୁଧାରାଶି କରି କାଡ଼ାକାଡ଼ି ।
ଲଇତେଛେ ଆପନାର ପ୍ରିୟ ଗୃହତରେ,
ଯଥାସାଧ୍ୟ ଯେ ଯାହାର ; ଯୁଗେ ଯୁଗାନ୍ତରେ ।" ( ବୈଷ୍ଣବ କବିତା )

ରାଧାକୃଷ୍ଣ ଲୀଳାପ୍ରସଙ୍ଗ ମୁଖ୍ୟତଃ ମାନବୀକ ଆବେଦନସମ୍ବଳିତ ହୋଇଥିବାରୁ ମଧ୍ୟକାଳୀନ ବହୁ ଅବୈଷ୍ଣବ କବି ମଧ୍ୟ ଏହାକୁ କାବ୍ୟସୃଷ୍ଟିର ଉପାଦାନ ରୂପେ ଗ୍ରହଣ କରି ନେଇଥିଲେ । ଓଡ଼ିଶାର ଶହ ଶହ କବି ଏହି ବିଷୟକୁ ଉପଜୀବ୍ୟ କରି ସହସ୍ର ସହସ୍ର କବିତା ରଚନା କରିଯାଇଛନ୍ତି । ସେସବୁ ଏପର୍ଯ୍ୟନ୍ତ ସଂଗୃହୀତ ହୋଇପାରି ନାହିଁ । ଏ ଯାବତ୍ ଲୋକଲୋଚନକୁ ଆସିଥିବା ଗୀତାବଳୀ ପରିମାଣ ଦୃଷ୍ଟିରୁ ବଙ୍ଗଳା ପଦାବଳୀ ତୁଳନାରେ କମ୍ । ଗୁଣାତ୍ମକ ଦୃଷ୍ଟିରୁ ମଧ୍ୟ ବଙ୍ଗଳାର ବହୁ କବିଙ୍କ ରଚନା ଯେ ଅତିବ ଉଚ୍ଚକୋଟୀର ଏହା ଅନସ୍ୱୀକାର୍ଯ୍ୟ । ସମ୍ଭବତଃ ଓଡ଼ିଶାରେ ଜଗନ୍ନାଥ ଉପାସନାର ପ୍ରାଧାନ୍ୟ ଯୋଗୁଁ ଶ୍ରୀ ଚୈତନ୍ୟଙ୍କ ପ୍ରବର୍ତ୍ତିତ ପ୍ରେମ ଭକ୍ତିତତ୍ତ୍ୱ ଆଶାନୁରୂପ ପ୍ରାଧାନ୍ୟ ଲାଭ କରିପାରି ନ ଥିଲା ଓ ଏହାର ପରିମାଣ ମଧ୍ୟ କମ୍ ହୋଇଥିବା ଅନୁମେୟ । ତଥାପି ଷୋଡ଼ଶ ଶତାବ୍ଦୀର ମଧ୍ୟ ଭାଗରୁ ଚଳିତ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଏତାଦୃଶ ଗୀତ ରଚନାର ଧାରା ଓଡ଼ିଶାରେ ଅବ୍ୟାହତ ରହିଛି । ବୈଷ୍ଣବସ୍ତ ସ୍ତରରେ କପରି ବହୁ କବି ବିବିଧ ଗୀତ ରଚନାରେ ମନୋନିବେଶ କରିଥିଲେ, ତାହା ଏହି ସଙ୍କଳନରୁ ଅନୁମେୟ ।

ବୈଷ୍ଣବ ଗୀତାବଳୀ ମାଧ୍ୟମରେ ଓଡ଼ିଶାର ସଙ୍ଗୀତ ସମୃଦ୍ଧ ହୋଇଛି ଓ ଗୀତାଭିନୟର ଭିତ୍ତି ଦୃଢ଼ତର ହୋଇଛି । କୀର୍ତ୍ତନ, ରାସ, ଲୀଳା, ଗୋଟିପୁଅ ନାଚ ପ୍ରଭୃତିର ପ୍ରଚଳନ ଫଳରେ ଓଡ଼ିଶାର ଗାନଶୈଳୀରେ ଯେ ନାନା ବୈଶିଷ୍ଟ୍ୟ ଓ ବୈଚିତ୍ର୍ୟ ସମ୍ପାଦିତ ହୋଇଛି, ଏହା କହିବା ଅନାବଶ୍ୟକ । ମାତ୍ର କାଳକ୍ରମେ ଏହି କବିତା ଗତାନୁଗତିକ ଓ ପ୍ରଥାସିଦ୍ଧ ବିଷୟର ଅନୁବର୍ତ୍ତନ ଯୋଗୁଁ ବୈଚିତ୍ର୍ୟହୀନ ହୋଇପଡ଼ିଥିଲା ଏବଂ ସାହିତ୍ୟକ୍ଷେତ୍ରରୁ ତାର ସମସ୍ତ ଆବେଦନ ହରାଇ ବସିଲା । ତଥାପି ଏହି ଗୀତ କବିତା ଯେ ଏକଦା ସର୍ବାଧିକ ଜନପ୍ରିୟତା ଅର୍ଜନ କରିଥିଲା ଓ ଏହାର ମାଧ୍ୟମରେ ଓଡ଼ିଆ ସାହିତ୍ୟରେ ବହୁ ଉଚ୍ଚକୋଟୀର ସୃଷ୍ଟି ସମ୍ଭବ ହୋଇଥିଲା, ଏହା ଅସ୍ୱୀକାର କରାଯାଇ ନ ପାରେ ।

**ସଂକଳନର ଇତିବୃତ୍ତ—**

ଓଡ଼ିଶାର ବୈଷ୍ଣବ କବି ତଥା ବୈଷ୍ଣବ ତତ୍ତ୍ୱ ପ୍ରଭାବିତ କବିମାନଙ୍କ ରଚିତ ରାଧାକୃଷ୍ଣ ଲୀଳାତ୍ମକ ଗୀତାବଳୀର ବ୍ୟାପକ ସଙ୍କଳନ ଯେ ଏପର୍ଯ୍ୟନ୍ତ ହୋଇପାରି ନାହିଁ, ଏହା ପୂର୍ବରୁ ସୂଚିତ । ବୈଷ୍ଣବ କବି ବନମାଳୀ, ଗୋପାଳକୃଷ୍ଣ, ଗୌରଚରଣ, ଗୌରହରି, ହନୁମାନ ରାମଗୁରୁ, ବଂଶୀଧର ପ୍ରଭୃତିଙ୍କ ଗୀତାବଳୀ ସ୍ୱତନ୍ତ୍ର ପୁସ୍ତକ ଆକାରରେ ଅବଶ୍ୟ ପ୍ରକାଶ ପାଇଅଛି । ମାତ୍ର ବହୁ କବିଙ୍କ ଏତାଦୃଶ ରଚନାବଳୀ ଏବେ ମଧ୍ୟ ଅପ୍ରକାଶିତ । ସଙ୍କଳୟିତା ଏ ଦିଗରେ ବହୁ ବର୍ଷ ଧରି ଅନୁଶୀଳନ

କରି ଯେଉଁ କବିମାନଙ୍କ ରଚନାର ସନ୍ଧାନ ପାଇଛୁ ତହିଁରୁ କେତେକଙ୍କୁ ଏହି ସଙ୍କଳନରେ ସନ୍ନିବେଶିତ କରିଅଛୁ । ଏଥିରେ ମୋଟ ପ୍ରାୟ ୭୩ ଜଣ କବିଙ୍କ ରଚିତ ପ୍ରାୟ ଦୁଇ ଶହରୁ ଅଧିକ ଗୀତ ସନ୍ନିବିଷ୍ଟ ହୋଇଅଛି । ଏହି କବିମାନଙ୍କ ରଚନାବଳୀରୁ ଅଳ୍ପ କେତେଗୋଟି ନିର୍ବାଚିତ କରାଯାଇଥିଲେ ହେଁ ବିଶିଷ୍ଟ ବୈଷ୍ଣବ କବି ଯଥା ବନମାଳୀ, ଗୋପାଳକୃଷ୍ଣ ପ୍ରଭୃତିଙ୍କ ରଚନାରୁ ଅଧିକ ସଂଖ୍ୟକ ଗୀତ ନିର୍ବାଚନ କରାଯାଇଅଛି ।

ବଙ୍ଗଳା ପଦାବଳୀ ଯେ ଓଡ଼ିଶାର କେତେକ କବିଙ୍କୁ ବଙ୍ଗଭାଷାରେ କୃଷ୍ଣଲୀଳାତ୍ମକ କବିତା ରଚନା କରିବାକୁ ପ୍ରରୋଚିତ କରିଥିଲା, ଏହା ଅନସ୍ୱୀକାର୍ଯ୍ୟ । ଠିକ୍ ସେହିପରି ଏକଦା ବ୍ରଜବୋଲି ଭାଷାର ଆକର୍ଷଣକୁ ମଧ୍ୟ ଓଡ଼ିଶାର କବିମାନେ ଉପେକ୍ଷା କରିପାରି ନ ଥିଲେ । ସଙ୍କଳନରେ ଏଥୁ କେତେକ ବ୍ରଜବୋଲି ଓ ଓଡ଼ିଆ କବିଙ୍କ ରଚିତ ବଙ୍ଗଳା ଗୀତକୁ ସନ୍ନିବେଶ କରାଯାଇଅଛି ।

ଗୀତଗୁଡ଼ିକର ସଙ୍କଳନ ଲାଗି ସଙ୍କଳୟିତାକୁ ପ୍ରକାଶିତ ପୁସ୍ତକ ବ୍ୟତୀତ ରାଜ୍ୟ ସଂଗ୍ରହାଳୟର ପୋଥି ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟର ପୋଥି ବିଭାଗ ଓ 'ପ୍ରାଚୀ ସମିତି'ର ଗୀତ ସଂଗ୍ରହ ଓ କେତେକ ପୁରାତନ ଗୀତ ଖାତାର ସାହାଯ୍ୟ ନେବାକୁ ପଡ଼ିଛି । ସଙ୍କଳନ ଲାଗି ଯେଉଁ ପୁସ୍ତକର ସହାୟତା ଆବଶ୍ୟକ ହୋଇଛି ତାହାର ତାଲିକା ଏହା ସହ ପ୍ରଦତ୍ତ ହେଲା । ଏହି କାର୍ଯ୍ୟରେ ପ୍ରିୟ ଛାତ୍ର ଓ ଅଧ୍ୟାପକ ଶ୍ରୀମାନ୍ ସୁଧୀର ଚନ୍ଦ୍ର ମହାନ୍ତିଙ୍କ ସାହାଯ୍ୟ ଏକାନ୍ତ ସ୍ମରଣୀୟ ।

କହିବା ଅନାବଶ୍ୟକ, ଗୀତଗୁଡ଼ିକର ଶୁଦ୍ଧପାଠ ଓ ଶୀର୍ଷକ ମୋତେ ପ୍ରସ୍ତୁତ କରିବାକୁ ପଡ଼ିଛି । ଏହି ଶୀର୍ଷକ ସମ୍ପର୍କରେ ମତଦ୍ୱୈଧ୍ୟର ସମ୍ଭାବନାକୁ ଅସ୍ୱୀକାର କରାଯାଇ ନ ପାରେ । ପରିଶେଷରେ ପ୍ରକାଶକ ବନ୍ଧୁ ଶ୍ରୀଯୁକ୍ତ ଗୋବିନ୍ଦ ଚରଣ ପାଣିଙ୍କ ଆଗ୍ରହ ଓ ଆନୁକୂଲ୍ୟରେ ଏହା ଯଥାଶୀଘ୍ର ପ୍ରକାଶ ପାଇବାରୁ ମୁଁ ତାହାଙ୍କୁ ଶୁଭେଚ୍ଛା ଜଣାଉଛି ।

ଏହି ସଙ୍କଳନ ଓଡ଼ିଶାର ପାଠକ ଓ ଗବେଷକମାନଙ୍କୁ ପଦାବଳୀ ସମ୍ପର୍କରେ ଅଧିକ ଅନୁରାଗୀ ଓ ଆଗ୍ରହାନ୍ୱିତ କରାଇପାରିବ ମୋର ଶ୍ରମ ସାର୍ଥକ ହେଲା ଭାବି ଆନନ୍ଦବୋଧ କରିବି ।

**ଜାନକୀବଲ୍ଲଭ ମହାନ୍ତି**
ତା ୧୧-୧୧-୮୦
କଟକ

# ସୂଚୀ


| ଆଦ୍ୟାକ୍ଷର | ପ୍ରସଙ୍ଗ | ପୃଷ୍ଠା |
|---|---|---|
| **ଜଗତେନ୍ଦ୍ର ଭଂଜ (ଆନୁମାନିକ ୧୬୭୦ —୧୭୨୦)** | | |
| ୧। ଶ୍ରୀମଣ୍ଡ ଶ୍ରୀପଣ୍ଡ ବୃନ୍ଦାବନେ | ଯୁଗଳମିଳନ | ୧ |
| ୨। ମଲ୍ଲୀମାଳ ଶ୍ୟାମକୁ ଦେବ | ସ୍ୱପ୍ନୋଲ୍ଲାସ | ୨ |
| ୩। ଦେଖିଲିଟି କୃଷ୍ଣଙ୍କୁ ଗୋ | ନବାନୁରାଗ | ୩ |
| ୪। ଆହା କେ ଭଙ୍ଗି ଛି ଭଲ | ରୂପାନୁରାଗ | ୪ |
| **କାହ୍ନୁଚରଣ** | | |
| ୧। ମୋହନ ହେଲାତ ଭ୍ରମର | ଖଣ୍ଡିତା | ୫ |
| ୨। କୁଞ୍ଜାରେ ଯାହା ମୁଁ ଶ୍ୟାମେ | ଆକ୍ଷେପାନୁରାଗ | ୬ |
| **କୁଳମଣି ଗଜେନ୍ଦ୍ର** | | |
| ୧। କହଗୋ ଦୂତ ମୋତେ | ବିରହୋତ୍କଣ୍ଠିତା | ୭ |
| **ଗୁଣମଣି ଦୂତ (ଊନବିଂଶ ଶତାବ୍ଦୀ)** | | |
| ୧। କଣବା କି ବେଶ ଗୋ | ଶ୍ରୀକୃଷ୍ଣଙ୍କ ସେବାଭିଳାଷ | ୮ |
| ୨। ଶ୍ୟାମବନ୍ଧୁ ଆସିବେ | ବାସକସଜ୍ଜା ଶ୍ରୀରାଧା | ୯ |
| **ଗୋପାଳକୃଷ୍ଣ (୧୭୮୫—୧୮୫୬)** | | |
| ୧। ସଂଗିଣୀରେ ସ୍ୱସ ରଂଗିମାରେ | ଶ୍ରୀକୃଷ୍ଣ ସ୍ତୁତି | ୧୧ |
| ୨। ଆଜି କା ରସେ ରସିଲେ | ବିରହୋତ୍କଣ୍ଠିତା | ୧୨ |
| ୩। ମୋହନ ଘର ଶଙ୍ଖା | ବିରହୋତ୍କଣ୍ଠିତା | ୧୩ |
| ୪। ସ୍ୱଧରେ କର ବିଳମ୍ବ କେତେ | ବାସକସଜ୍ଜା | ୧୪ |
| ୫। ଶୁଣ ହେ ମାଧବ ତୁମ୍ଭେ | ବିପ୍ରଲବ୍ଧା | ୧୫ |
| ୬। ନନ୍ଦ ନନ୍ଦନ ଦ୍ୱନ୍ଦ ପଦ | କଲହାନ୍ତରିତା | ୧୬ |
| ୭। ଯାଅ ଯାଅ ମୋ ପାଶରୁ | ଖଣ୍ଡିତା | ୧୬ |
| ୮। ହେ ନିର୍ଲଜ ବଦନ୍ଧ | ସ୍ୱାଧୀନ ଭର୍ତ୍ତୃକା | ୧୬ |

| ଆଦ୍ୟଛତ୍ର | ପ୍ରସଙ୍ଗ | ପୃଷ୍ଠା |
|---|---|---|
| ୯ । ରେ ସଂଗିନି କୃଷ୍ଣାନୁରାଗିଣୀ | କୃଷ୍ଣାଭିସାରିକା | ୧୮ |
| ୧୦ । ରେ ସଂଗିନି କୃଷ୍ଣାନୁରାଗିଣୀ | କୃଷ୍ଣାଭିସାରିକା | ୧୯ |
| ୧୧ । କେତେ ସୁନ୍ଦର ସୁଘଡ ଘଟରେ | ବାତ୍ସଲ୍ୟ | ୨୦ |
| ୧୨ । ଶ୍ରୀଗୌରଚନ୍ଦ୍ର ପଦ ବନ୍ଦରେ ମାନସ | ଗୌର ବନ୍ଦନା | ୨୧ |
| ୧୩ । ଦୂର ସନ ଶଚୀ ସୁତ | ଗୌର ବନ୍ଦନା | ୨୨ |
| ୧୪ । କଦମ୍ବତଳେ ବଂଶୀ ବାଜିଲରେ ' | ବଂଶୀ ଶବଦ | ୨୩ |
| ୧୫ । ଦେଖିଲେ ଦେଖିଲି ସଖି | ବନବାହୁଡ଼ା ରୂପଶ୍ରୀ | ୨୪ |
| ୧୬ । ଦମ୍ଭା ନ କରନ୍ତୁ ମୁଁ ଦାସୀ ସିନାରେ | ନବାନୁରାଗ | ୨୫ |
| ୧୭ । ମୋତେ ଲଗାନାରେ | ଆକ୍ଷେପାନୁରାଗ | ୨୬ |
| ୧୮ । ଛାଡ଼ିଲୁ ଏଡ଼େ ବେଗି | ବାତ୍ସଲ୍ୟ | ୨୭ |
| ୧୯ । ତୁଳଲୁ ବେଣୁର ଅଧିହ | ବାତ୍ସଲ୍ୟ | ୨୮ |
| ୨୦ । ବ୍ରଜବଧୂ ଧର ମୋତେ | ରସୋଦ୍ଗାର | ୨୯ |
| ୨୧ । ମୁଖାମ୍ବୁଜ କିଶୋର ଚନ୍ଦ୍ରମାଙ୍କର | ରସୋଦ୍ଗାର | ୩୦ |
| ୨୨ । ବ୍ରଜେନ୍ଦ୍ର କୁମାର | ନୌକାବିଳାସ | ୩୧ |
| ୨୩ । ସପନେର ଏ ମୋ ଦୃଢ଼ ଖରଣି | ରସୋଦ୍ଗାର | ୩୨ |
| ୨୪ । ଅଙ୍ଗା କି ଶୋଭି ମାଧୁରୀ | ଯୁଗଳମିଳନ | ୩୩ |
| ୨୫ । କେଶର କୁଂଜ ଶେଜରେ | ଶ୍ରୀରାଧାଙ୍କ ସୌନ୍ଦର୍ଯ୍ୟ | ୩୪ |
| ୨୬ । ରସମାନସ ରଂଜନ | ଶ୍ରୀକୃଷ୍ଣ ବନ୍ଦନା | ୩୪ |


## ଗୌର ଚରଣ ଅଧିକାରୀ (୧୮୧୪—୧୮୯୦)


| | | |
|---|---|---|
| ୧ । ଶାନକର ଭୁବନାମ ମନୁଆ | ଶ୍ରୀକୃଷ୍ଣ ବନ୍ଦନା | ୩୯ |
| ୨ । ଜୟ ଜୟ ବୃଷଭାନୁ ନନ୍ଦନା | ଯୁଗଳ ବନ୍ଦନା | ୪୦ |
| ୩ । ଜୟ ଜୟ ବ୍ରଜରାଜ ତନୟ | ଶ୍ରୀକୃଷ୍ଣ ବନ୍ଦନା | ୪୧ |
| ୪ । ବୃନ୍ଦାବନ ସେ | ସ୍ଥଳୀ ମାଧୁରୀ | ୪୨ |
| ୫ । କାହିଁ ରହିବ ଏ କେଣେ | ରସୋଦ୍ଗାର | ୪୩ |
| ୬ । ଜୟ ଜୟ ଚୈତନ୍ୟ ଚନ୍ଦ୍ର | ଗୌର ଚନ୍ଦ୍ରିକା | ୪୪ |
| ୭ । ଭବ ଭୟ ଭଂଜନ | ଗୌର ବନ୍ଦନାଷ୍ଟକ | ୪୫ |
| ୮ । ନନ୍ଦ କୋଳେ ଗୋବିନ୍ଦ | ବାଳ ମୁକୁନ୍ଦ | ୪୬ |
| ୯ । ଝୁଠ ଝୁଠ ବେଣୁପାଣି | ପ୍ରକୃତ ଅବଧାଣ | ୪୭ |

| ଆଦ୍ୟାକ୍ଷର | ପ୍ରସଙ୍ଗ | ପୃଷ୍ଠା |
|---|---|---|
| **ଗୌରହରି ପରିଜା (ଊନବିଂଶ ଶତାବ୍ଦୀ)** | | |
| ୧। ଧୂର୍ତ୍ତ କ ଧର ବେଣୁ | [illegible] | ୪୮ |
| ୨। ଏତେ ଦିନେ ଜାଣିଲି | ସଖୀ ଛଳୋକ୍ତି | ୪୯ |
| ୩। ଗୁମାନ କରୁ ରୋଷେ | ସଖୀ ଛଳୋକ୍ତି | ୫୦ |
| **ଘନଶ୍ୟାମ କର (ଊନବିଂଶ ଶତାବ୍ଦୀ)** | | |
| ୧। ଫେରାଅ ମୋ ପ୍ରାଣଙ୍କୁ | ଖଣ୍ଡିତା | ୫୧ |
| ୨। ଅଦ୍ଭୁ କ ଶୋଭା | ଯୁଗଳ ମିଳନ | ୫୨ |
| **ଚନ୍ଦ୍ରମଣି ଦାସ** | | |
| ୧। ଏଡ଼ାଥିଲି ଜନମରେ | ଆକ୍ଷେପାନୁରାଗ | ୫୩ |
| **ଚଂପତି ରାୟ (୧୭୬୯ ୧୮୩୨)** | | |
| ୧। ସଖୀ ହେ କାହେ କହବି | ଦୁର୍ଜ୍ଜୟମାନ | ୫୪ |
| ୨। ଶରଦ ଋତୁ ଭୁବନ କାନ୍ତ | ଶ୍ରୀରାଧା ବିରହ | ୫୫ |
| **ସୁଧ ଭଞ୍ଜ** | | |
| ୧। ପୁତନାଦି ବକ ଶକଟ | ଶ୍ରୀକୃଷ୍ଣ ବନ୍ଦନା | ୫୬ |
| **ଜଗବନ୍ଧୁ ସିଂହ (୧୮୬୨—୧୯୪୮)** | | |
| ୧। ଦଧିମନ୍ଥନ ଧ୍ୱନି ଶୁଣି | ବାତ୍ସଲ୍ୟ | ୫୬ |
| ୨। ଆସ ମୋ ଜୀବନ ଧନ | ବାତ୍ସଲ୍ୟ | ୫୬ |
| ୩। ଜୟ ରାଧାକୃଷ୍ଣ | ଯୁଗଳ ବନ୍ଦନା | ୫୯ |
| ୪। ବନ୍ଦେଦାସ୍ୟେ ମହାନନ୍ଦ ସିନ୍ଧୁ | ଚୈତନ୍ୟ ବନ୍ଦନା | ୬୦ |
| **ବନମାଳି ଦାସ (୧୮ଶ ଶତାବ୍ଦୀ)** | | |
| ୧। ଗୋପାଳମାନେ ଯେ | ପହ୍ଲୀ | ୬୧ |

| ଆଦ୍ୟପଦ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| **ଦଣ୍ଡେଲ୍ଲା ସୁବର୍ଣ୍ଣ (ଅଷ୍ଟାଦଶ ଶତାବ୍ଦୀ)** | | |
| ୧ । ଅଙ୍ଗର ସଙ୍ଗରେ | ବାସକ ସଜ୍ଜା | ୬୧ |
| ୨ । ମୋ କାନ୍ତ ମୋହନ | ପ୍ରୋଷିତ ଭର୍ତ୍ତୃକା | ୬୩ |
| ୩ । ଶୁଣ ସଖୀରେ | କଳହାନ୍ତରିତା | ୬୪ |
| ୪ । ଶ୍ୟାମ ଦଶା କର ସାଙ୍ଗ ଲୋକନ | ଶ୍ରୀକୃଷ୍ଣ ବିରହ | ୬୫ |
| **ଦାମୋଦର ଦ୍ଵିଜ** | | |
| ୧ । ଗତକର ଚୈତୁ ଧର | ବିରହୋତ୍କଣ୍ଠିତା | ୬୬ |
| ୨ । ସଜବଳନ ଏ କଣ | ବିପ୍ରଲବ୍ଧା | ୬୬ |
| **ଦାମୋଦର ବସୁ (ଷୋଡ଼ଶ ଶତାବ୍ଦୀ)** | | |
| ୧ । ଘନ ଘନ ଗର୍ଜନ | ବିରହିଣୀ | ୬୭ |
| ୨ । ଦିବସ ଭାଙ୍ଗିଲା ଉପଳ ଖରତର | ବିରହିଣୀ | ୬୮ |
| ୩ । ଶୁଣ ସଖୀ ବଚନ | ବିରହିଣୀ | ୬୭ |
| **ଦିବ୍ୟସିଂହ ଦେବ** | | |
| ୧ । ପ୍ରାଣ ସଜନୀ ସହିଣ ଦେଖିଲା | ନବାନୁରାଗ | ୬୯ |
| **ଦୀନକୃଷ୍ଣ (ସପ୍ତଦଶ ଶତାବ୍ଦୀର ଶେଷଭାଗ)** | | |
| ୧ । ଶ୍ରୀମତୀ ଅଙ୍ଗୁଣ | ଶ୍ରୀରାଧା ପ୍ରଶସ୍ତି | ୭୦ |
| ୨ । ସଖୀ ଶୁଣ ଏ ପଦ୍ମ | ରୂପାନୁରାଗ | ୭୧ |
| ୩ । ଶ୍ୟାମ ସ୍ନିଗ୍ଧରେ ସଖୀ ମୁଁ | ଆକ୍ଷେପାନୁରାଗ | ୭୧ |
| ୪ । ରେ ସଂଘାତ ଅନୁକୂଳ ଥିଲେ | ହେତ୍ଵୋତ୍ପାଦ | ୭୨ |
| ୫ । ଏବେ ବୋଲେ ପୀରତି ଭଲ | ପ୍ରୀତି ପ୍ରଭାବ | ୭୩ |
| ୬ । ହୁଣ୍ଟ ନାଗର ହେ | ପଥାବରୋଧ | ୭୪ |
| ୭ । ଛାଡ଼ ମୋତେ ବାଟ | ଘାଟ ସଖୀ | ୭୪ |
| ୮ । ବାଜେ ମୋହନ ବାଂଶୀ | ବଂଶୀ ଶ୍ରବଣ | ୭୫ |
| ୯ । ରାତିକେ ଅଜନଙ୍କ ଚନ୍ଦ୍ରମୁହିଁ | ଶ୍ରୀକୃଷ୍ଣ ବିରହ | ୭୬ |
| ୧୦ । ରାଧେ ଚାହିଁଥା ଦେଶ | ଦୂତ୍ୟ | ୭୭ |

| ଆଦ୍ୟାକ୍ଷର | ପ୍ରସଙ୍ଗ | ପୃଷ୍ଠା |
|---|---|---|
| **ଦୀନବନ୍ଧୁ ରାଜ ହରିଚନ୍ଦନ** | | |
| ୧। ଏକାଳେ ମୋ ବଂଧୁ | ବିରହୀ ଶ୍ରୀକୃଷ୍ଣ | ୭୮ |
| ୨। ମଧୁ ଋତୁ ସଂଗରେ | ଚୌର | ୭୯ |
| ୩। ଝର ଝର ନୀର ଧାର | ଶ୍ରୀକୃଷ୍ଣଙ୍କ ବିରହାନୁଚିନ୍ତା | ୮୦ |
| ୪। ଚିର ସଂଗୀ ମୁଁ ହୋଇଲି | ଆକ୍ଷେପାନୁରାଗ | ୮୧ |
| ୫। ବଲ୍ଲଭୀରଞ୍ଜନ ମୋ ପ୍ରାଣଧନ | ଶ୍ରୀକୃଷ୍ଣଙ୍କ ବିରହାନୁଚିନ୍ତା | ୮୨ |
| ୬। ପାହି ଯାଉଅଛି | ଶ୍ରୀକୃଷ୍ଣ ବନ୍ଦନା | ୮୩ |
| ୭। ବନ୍ଦେ ଶ୍ରୀ ଶଚୀସୁତ | ଚୈତନ୍ୟ ବନ୍ଦନା | ୮୪ |
| ୮। ଅନ୍ଧାରେ ରଜ ଗମନ | ଶ୍ରୀକୃଷ୍ଣଙ୍କ ବିରହାନୁଚିନ୍ତା | ୮୫ |
| ୯। କଳାଣି ମୁଁ କଲି ପିରତି | ଆକ୍ଷେପାନୁରାଗ | ୮୯ |
| ୧୦। କରି କରିକାରେ ମୋ କି ଦୋଷ | ସ୍ତୁତି | ୯୦ |
| ୧୧। ମଧୁ ନଗରୀରେ ହରି | ବିରହୀ କୃଷ୍ଣ | ୯୧ |
| ୧୨। କଂସ କଟକରେ ହରି | ଶ୍ରୀକୃଷ୍ଣଙ୍କ ଚରିତ | ୯୨ |
| **ଦୁଃଖିଶ୍ୟାମ ଦାସ (୧୮ଶ ଶତାବ୍ଦୀ)** | | |
| ୧। ମୋହନ ମଦନମୋହନ | ବଂଶୀ ବାଦକ | ୯୩ |
| ୨। ତୋଳ ତୋଳ ଏହୁ ଫୁଲ | ବନବିହାର | ୯୩ |
| **ନାରାୟଣ ପଟ୍ଟନାୟକ (୧୯ଶ ଶତାବ୍ଦୀ)** | | |
| ୧। ଥିଲ କାହିଁ ଗୋ ଶ୍ୟାମ | ଖଣ୍ଡିତା | ୯୪ |
| ୨। ସଖୀ ଗୋ ଦେଖ କେତେ | ଶ୍ରୀକୃଷ୍ଣଙ୍କ ରୂପାନୁରାଗ | ୯୫ |
| ୩। ସୁନ୍ଦର ଅନଙ୍ଗରଂଗେ | ଚୌର | ୯୫ |
| **ପଂକଜ ଚରଣ (୧୯ଶ ଶତାବ୍ଦୀ)** | | |
| ୧। କୁଂଜକୁ ଯାଇ ତୁଅ | ଅଭିସାର ପ୍ରରୋଚନା | ୯୬ |
| ୨। ମୁଁ କି ହୋଇଲି | କଳହାନ୍ତରିତା | ୮୬ |
| ୩। ହେ ମୋହନ ଯା ଯା ମୋ ପାଶୁ | ଖଣ୍ଡିତା | ୮୭ |
| ୪। ନାଗର ଗଢଣ ସାର | ରୂପାନୁରାଗ | ୮୮ |
| ୫। ମିଛ କହ ସତ | ଉତ୍କଣ୍ଠିତା | ୯୬ |

| ଅଦ୍ୟାକ୍ଷର | ପ୍ରସଙ୍ଗ | ପୃଷ୍ଠା |
|---|---|---|
| **ମଦନ (୧୯ଶ ଶତାବ୍ଦୀ)** | | |
| ୧। ସୁନା ବରନା ମୋର | ମାନଭଂଜନ ସ୍ତୁତି | ୯୮ |
| **ପରମାନନ୍ଦ ଦାସ (୧୯ଶ ଶତାବ୍ଦୀ)** | | |
| ୧। ଅଧ୍ୱା ମୋହନା | ଅଙ୍ଗସ୍ପର୍ଶାନୁଭବ | ୯୯ |
| **ଚାମ୍ପଣଚରଣ ଦାସ** | | |
| ୧। ସହଁ କି କହିବି ବନ୍ଧୁଗୁଣ | ଉତ୍କଣ୍ଠିତା/ସ୍ୱାଧୀନ ଭର୍ତ୍ତୃକା | ୧୦୦ |
| ୨। ଘନ ଘନ ଶୁକ ବଚନ ଶୁଣି | କୁଂଜ ଭଂଗ | ୧୦୧ |
| ୩। ମୋ ପ୍ରେଷିତେର କହ୍ଲାଇ | ଗୋଷ୍ଠ | ୧୦୨ |
| ୪। କାହ୍ନାଙ୍କୁ ମୋ ପ୍ରାଣନାଥ | ମାଥୁର/ପ୍ରୋଷିତ ଭର୍ତ୍ତୃକା | ୧୦୩ |
| **ପିଣ୍ଡିକ ଶ୍ରୀଚନ୍ଦନ (୧୮ଶ ଶତାବ୍ଦୀ)** | | |
| ୧। ଓହେ ମାଧବ ତବ ବିରହେ | ବିପ୍ରଲବ୍ଧା | ୨୦୩ |
| **ପୁରୁଷୋତ୍ତମ** | | |
| ୧। ଭଲ ତା ମୁହଁ ଛବି | ଶ୍ରୀକୃଷ୍ଣଙ୍କ ରୂପାନୁରାଗ | ୧୦୪ |
| **ପକାର ଭଂଜ (୧୭ଶ ଶତାବ୍ଦୀର ଶେଷଭାଗ)** | | |
| ୧। କାହ୍ନୁ ଆସିବେରେ | ଉତ୍କଣ୍ଠିତା | ୧୦୫ |
| ୨। କହୁଛି ସାହା କାହ୍ନୁ | ଖଣ୍ଡିତା | ୧୦୬ |
| ୩। ଆରେ ସଜନୀ | ସ୍ୱାଧୀନ ଭର୍ତ୍ତୃକା | ୧୦୭ |
| ୪। ସଜନୀ ନହଲ ମନେ | ସଖୀ ପ୍ରବୋଧ | ୧୦୮ |
| **ବନମାଳୀ (ଅଷ୍ଟାଦଶ ଶତାବ୍ଦୀ ବୀରକିଶୋରଙ୍କ (୧୭୩୬-୯୩) ସମକାଳୀନ)** | | |
| ୧। ଭୁଲିଣି ସଙ୍ଗାଳି | କାଞ୍ଚନୀ | ୧୦୮ |
| ୨। ଦେଖ ଶ୍ୟାମ ନାଗରକୁ | ଶ୍ରୀରାଧାଙ୍କ ନବାନୁରାଗ | ୧୦୯ |
| ୩। କି ଦେଖିଲି ଅଙ୍ଗ ବେଶ | ପୂର୍ବରାଗ | ୧୧୦ |
| ୪। ବାଟ ଛାଡ଼ ସୁନ୍ଦର ନାଗର | ପଥାବରୋଧ | ୧୧୧ |
| ୫। ଜୟ ହେ ବ୍ରଜରାଜ ନନ୍ଦନ | ବନ୍ଦନା | ୧୧୨ |

| ଆଦ୍ୟଚରଣ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| ୬। ଧନ୍ୟ ଧନ୍ୟ ନନ୍ଦ ତନୟ | ନବାନୁରାଗ | ୧୧୩ |
| ୭। ତୋ ଲଗି ଗୋପବାଣ୍ଡ | ଘାଟଲୀଳା | ୧୧୪ |
| ୮। ଝୁଲନ୍ତି ସଂଗେ ସଖି | ଝୁଲଣ | ୧୧୫ |
| ୯। ନ ଦେଖିବ ମୁରଲୀଧର | ନବାନୁରାଗ | ୧୧୬ |
| ୧୦। କହ କାହ୍ନର ମୋତେ | ସୁଦୂର ପ୍ରବାସ | ୧୧୬ |
| ୧୧। ଶ୍ୟାମ ବିନେ ସଜନୀ | ଉତ୍କଣ୍ଠିତା | ୧୧୭ |
| ୧୨। ଶ୍ୟାମ ଶ୍ରୀଅଙ୍ଗେ ଦେଖ | ନବାନୁରାଗ | ୧୧୮ |
| ୧୩। ସଂଗିନରେ କହେ କେହୁ | ଅଭିସାରିକା | ୧୧୯ |
| ୧୪। ଶୁଣ ନିକୁଂଜ ବନେ ବଂଶୀ | ବଂଶୀ ଶବ୍ଦ | ୧୨୦ |


## ବନମାଳୀ (ଷୋଡ଼ଶ ଶତାବ୍ଦୀ)


| | | |
|---|---|---|
| ୧। ଗୋପୀ ସଂଗେ ବନମାଳୀ | ଶାରଦ ମିଳନ | ୧୨୧ |


## କବିସୂର୍ଯ୍ୟ ବଳଦେବ ରଥ (କବିସୂର୍ଯ୍ୟ ୧୭୮୯—୧୮୪୫)


| | | |
|---|---|---|
| ୧। କାହିଁରେ ମନ ସତ୍ୟ | ରସୋଦ୍ଗାର | ୧୨୨ |
| ୨। ଶଳ ଦେଖିଥାରେ | ମିଳନ ସୂଚନା | ୧୨୩ |
| ୩। ବଚନ ବଦନ ମନ ଧନ | ଶ୍ରୀକୃଷ୍ଣ ବନ୍ଦନା | ୧୨୪ |
| ୪। ସଜନୀ ଅଜ ରଜନୀ | ଖଣ୍ଡିତା | ୧୨୫ |
| ୫। ଷଟ୍ପଦ ନୀଳକେଶୀ | ଗୋଧନ ବାହୁଡ଼ା କୃଷ୍ଣ | ୧୨୬ |
| ୬। ଶ୍ୟାମ ସମ କମନୀୟ | ରସୋଦ୍ଗାର | ୧୨୭ |
| ୭। ରେ ସଂଗାତ ଭଣି ମୁଁ | ରସୋଦ୍ଗାର | ୧୨୮ |
| ୮। ରେ ସଂଗାତ ନନ୍ଦଲେ ନନ୍ଦବେ | ରସୋଦ୍ଗାର | ୧୨୯ |
| ୯। ଯଶୋଦାବର ରେ | ସ୍ୱପ୍ନ | ୧୩୦ |
| ୧୦। ନାହିଁ କର ନାହିଁ ତ ମୁଁ | ଆତ୍ମସମର୍ପଣ | ୧୩୧ |
| ୧୧। ଭ୍ରଷ୍ଟପଣ ମୋ ହୃଦୟ | ସ୍ୱପ୍ନ | ୧୩୨ |
| ୧୨। ତାର ଭିତରେ କି ବିଷାଦ | ଆକ୍ଷେପାନୁରାଗ | ୧୩୩ |
| ୧୩। ବିଚିତ୍ର ବେଣୀ ମଣ୍ଡଳା | ସଖୀ ପରିହାସ | ୧୩୪ |


## ବ୍ରଜବନ୍ଧୁ ସିଂହ


| | | |
|---|---|---|
| ୧। ଜୟଶ୍ରୀ ନନ୍ଦନନ୍ଦନ | ଶ୍ରୀକୃଷ୍ଣ ବନ୍ଦନା | ୧୩୫ |
| ୨। ପ୍ରବେଶି ପୌର୍ଣ୍ଣମାସୀ | ବାତ୍ସଲ୍ୟ | ୧୩୬ |

| ଅଧ୍ୟୟନ | ପ୍ରସଙ୍ଗ | ପୃଷ୍ଠା |
|---|---|---|


## ବିନାୟକ ସିଂହ (୧୭୮୮—୧୮୦୮)

| | | |
|---|---|---|
| ୧। ନବଘନ ବରନ ଶୋଭ | ଚୈତନ୍ୟ ବନ୍ଦନା | ୧୩୭ |
| ୨। ମୁରଲୀପାଣି | ସ୍ୱପ୍ନ ମିଳନ | ୧୩୭ |

## ବଣ୍ଣମୁର ଗଜେନ୍ଦ୍ର (୧୮୫୭—୧୮୮୫୭)

| | | |
|---|---|---|
| ୧। ରେ ହଂଗାତ ଲୁହୁଁ | ଶ୍ରୀକୃଷ୍ଣ ରୂପଶ୍ରୀ | ୧୩୮ |
| ୨। ନୀଳମଣି ଏତେ ମୁଁ ମାଗୁଛୁ | ବାତ୍ସଲ୍ୟ | ୧୩୯ |
| ୩। କୃଷ୍ଣ ବନ୍ଧୁ ଦାଅ | ବନ୍ଦନା | ୧୪୦ |
| ୪। ସଙ୍ଗ ଗଲି ଦେଗା | ନବାନୁରାଗ | ୧୪୨ |
| ୫। ଭୁଲ ଭୁଲଭର | ଅଭିସାର ପ୍ରତ୍ୟେକନା | ୧୪୩ |
| ୬। ନୂଆ ଛଇଲିରେ | ମିଳନ ମାଧୁର୍ଯ୍ୟ | ୧୪୪ |
| ୭। କହୁ ଦେଖା କହୁ ଶ୍ୟାମକନୁ | ମାଥୁର | ୧୪୬ |

## ବାଲକେଶରୀ (୧୭୩୭—୯୩)

| | | |
|---|---|---|
| ୧। ଶ୍ୟାମବନା ସଜଣି | ବାସକ ସଜ୍ଜା | ୧୪୭ |

## ବେଣୁଧର ଟେକନାୟକ (ବୈଷ୍ଣବ ଚରଣ) ୧୮୯୦—୧୯୬୧

| | | |
|---|---|---|
| ୧। ଆହେ ଶ୍ରୀକୃଷ୍ଣ ଚୈତନ୍ୟ | ଗୌର ବନ୍ଦନା | ୧୪୮ |
| ୨। ଦେଖିଲେ କାହ୍ନୁଙ୍କ | ପ୍ରେମ ବୈଚିତ୍ର୍ୟ | ୧୪୯ |
| ୩। କହୁ ଦେଖ ନିମାଇଁ | ଗୌରାଙ୍ଗ ସନ୍ନ୍ୟାସ | ୧୫୦ |
| ୪। ନଏ ଯେ ସଜନୀ | ନବାନୁରାଗ | ୧୫୧ |
| ୫। ରସନର୍ତ୍ତୀ ଶ୍ରୀ କଦେଶୋସ୍ୱ | କୁଞ୍ଜ ଅଭିସାର | ୧୫୩ |

## ବ୍ରଜବିହାରୀ

| | | |
|---|---|---|
| ୧। ଶ୍ୟାମ ବଡ଼ ଦୁଃଖୀ | ବିରହୀ କୃଷ୍ଣ | ୧୫୪ |

## ବ୍ରଜନାଥ ବଡ଼ଜେନା

| | | |
|---|---|---|
| ୧। ଅଳି ! ବନମାଳୀ ଗୁଣ | ଆକ୍ଷେପାନୁରାଗ | ୧୫୫ |
| ୨। ସଖୀ ଦେଖିଲି ଆଜ ମୁଁ | ନବାନୁରାଗ | ୧୫୬ |

| ଆଦ୍ୟଛନ୍ଦ | ପ୍ରସଙ୍ଗ | ପୃଷ୍ଠା |
| --- | --- | --- |
| **ଭରତ —(?)** | | |
| ୧ । ମାଧବ ସଙ୍ଗେ ଖେଳିବୁ ପଶା | ଲୀଳାମାଧୁରୀ | ୧୫୭ |
| ୨ । ଚନ୍ଦ୍ରମୁଖୀ କୋଶ ମଧ୍ୟରେ | ମୁରଲ ମିଳନ | ୧୫୮ |
| **ଭ୍ରମରବର ନରେନ୍ଦ୍ର (?)** | | |
| ୧ । ଅଜ ଲଟୋଶ୍ୱର | ନବାନୁରାଗୀ ଶ୍ରୀକୃଷ୍ଣ | ୧୫୯ |
| **ମଦନମୋହନ ସିଂହ** | | |
| ୧ । ଅମ୍ବରେ ଘନ ରଙ୍ଗିମା | ସଖୀ ପ୍ରରୋଚନା | ୨୧୦ |
| ୨ । ଶ୍ୟାମବନ୍ଧୁ ଗୁଡ଼ି ଯା | ବିରହୋତ୍କଣ୍ଠିତା | ୨୧୧ |
| **ମର୍ଦ୍ଦରାଜ—(?)** | | |
| ୧ । ସୁନ୍ଦରୀ ନେଲା ଚିତ୍ତ ମୋହି | ନବାନୁରାଗୀ ଶ୍ରୀକୃଷ୍ଣ | ୧୬୦ |
| ୨ । କହ କହ ସଖୀ ରେ | ନବାନୁରାଗିଣୀ ଶ୍ରୀରାଧା | ୧୬୧ |
| **ମଧୁ ଦାସ—(?)** | | |
| ୧ । ସଜନୀ ପଥେ ବନେ ରୋଦନ | ରୂପାନୁରାଗିଣୀ ଗୋପିକା | ୧୬୨ |
| ୨ । କେ ଦେବ ଶ୍ୟାମ ବନ୍ଧୁକୁ | ମିଳନୋତ୍କଣ୍ଠିତା | ୧୬୨ |
| **ମହେନ୍ଦ୍ର ସିଂହ (୧୭୫୮—?)** | | |
| ୧ । ନବ ଘନ କୁଂଜେ | ବିରହୀ ଶ୍ରୀକୃଷ୍ଣ | ୧୬୩ |
| **ମାଧବୀ ଦାସୀ (ଷୋଡ଼ଶ ଶତାବ୍ଦୀ)** | | |
| ୧ । ରାଧାମାଧବ ଖେଳଯାଇ | ପ୍ରେମ ବୈଚିତ୍ର୍ୟ | ୧୬୪ |
| ୨ । କଳଙ୍କ କରସ୍ଥା ଖେଳା | ଗୌରଲୀଳା | ୧୬୫ |
| **ମାନଗୋବିନ୍ଦ ହୋତା (୧୯ଶ ଶତାବ୍ଦୀ)** | | |
| ୧ । ଦେଖିଲୁ ଜଳ ଜଳ | ନବାନୁରାଗିଣୀ ଶ୍ରୀରାଧା | ୧୬୬ |
| ୨ । ଭିତରେ ଧନ | ବାତ୍ସଲ୍ୟ | ୧୬୭ |

| ଆଦ୍ୟକ୍ଷର | ପ୍ରସଙ୍ଗ | ପୃଷ୍ଠା |
|---|---|---|
| **ମୁକୁନ୍ଦଦେବ (୧୯ଶ ଶତାବ୍ଦୀ)** | | |
| ୧। ପାଶୋର ଦେଲେ କି ମନୁ | କଳହାନ୍ତରିତା | ୧୬୮ |
| **ଯଦୁମଣି ମହାପାତ୍ର (୧୭୯୧—୧୮୬୬)** | | |
| ୧। କୁଟିଳ କୁନ୍ତଳ | ଓମିରବ୍ଧଯାଣକା | ୧୬୯ |
| **ରଘୁନାଥ ନ୍ଦାଘ୍ରୀ** | | |
| ୧। ଏତେ ବେଳକୁ ଯେ | ଖଣ୍ଡିତା | ୧୭୦ |
| ୨। ଶ୍ୟାମ ସୁନ୍ଦର ହେ | ଖଣ୍ଡିତା | ୧୭୧ |
| **ରାମକୃଷ୍ଣ (୧୮ଶ ଶତାବ୍ଦୀ)** | | |
| ୧। ପ୍ରାଣ ମିତ ! ପ୍ରୀତି ଗତ | ପ୍ରୀତି ପ୍ରସ୍ତାବ | ୧୭୨ |
| ୨। ରାଧା ମନ ମନ୍ଦିରେ | ପ୍ରୀତି ପ୍ରସ୍ତାବ | ୧୭୩ |
| ୩। ଦେଖି ନବୀନ ନୂଆବାଳ | ରତ୍ୟୋଲ୍ଲାସ | ୧୭୪ |
| ୪। ଛୁଇଁ ନକର ମୋତେ | ପଥାବରୋଧ | ୧୭୫ |
| ୫। ଭୁଜ ସୁବଳଜ ଆଜ | ନବାନୁରାଗିଣୀ ରାଧା | ୧୭୬ |
| ୬। ମନ ଉନ୍ମାଦ ମାଦକ | ନବାନୁରାଗୀ ଶ୍ରୀକୃଷ୍ଣ | ୧୭୭ |
| ୭। ମୁଁ ରତି ହେଲି ମନ୍ଦିରେ | ପ୍ରେମ ବୈଚିତ୍ର୍ୟ | ୧୭୮ |
| ୮। ନନ୍ଦ ନନ୍ଦନ | କଳହାନ୍ତରିତା | ୧୭୯ |
| **ରାମଚନ୍ଦ୍ର ଦେଓ (୧୯ଶ ଶତାବ୍ଦୀ ?)** | | |
| ୧। କାହିଁକି ନଇଲେ ଶ୍ୟାମ | ବାସକସଜ୍ଜା | ୧୮୦ |
| ୨। ପ୍ରାଣ ସଂଗିଗରେ | ବଂଶୀ ବିଭବ | ୧୮୦ |
| ୩। ହଣୀ ଗୋକୁଳ ସବେ ଛିଡ଼ା | ମାଥୁର | ୧୮୧ |
| ୪। କୃଷ୍ଣଚନ୍ଦ୍ର ବନକୁ ନ ଯିବୁରେ | ବାତ୍ସଲ୍ୟ | ୧୮୨ |
| **ଗୁଣାନନ୍ଦ ବସୁ (୧୭ଶ ଶତାବ୍ଦୀ)** | | |
| ୧। ପଙ୍କଲକ୍ଷ ଦୃଗ ନୟନ | କଳହାନ୍ତରିତା | ୧୮୩ |
| **ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା (୧୭୩୮—?)** | | |
| ୧। ଅଟନ୍ତି କୃଷ୍ଣ ଚଇତନ୍ୟ | ଚୈତନ୍ୟ ବନ୍ଦନା | ୧୮୪ |
| ୨। କୁଂଜ ମନ୍ଦିରେ ଦୀପକ | ଫୁଲ୍ଲଣ ମାଧୁରୀ | ୧୮୫ |

| ଆଦ୍ୟଛତ୍ର | ସ୍ୱରାଙ୍ଗ | ପୃଷ୍ଠା |
|---|---|---|
| **ସାଲବେଗ (୧୭ଶ ଶତାବ୍ଦୀର ପ୍ରଥମାର୍ଦ୍ଧ)** | | |
| ୧ । ଶୁଣି କୁଞ୍ଜବନେ ବଂଶୀ | ବଂଶୀ ବାଦନ | ୧୮୭ |
| ୨ । ବାଟେ ସଖୀଗଣ ବେଢ଼ି ବାଜନ | ମିଳନ | ୧୮୭ |
| **ସିଂହ ଭୂପାଳ—(?)** | | |
| ୧ । ମୋର ଘନ ଘନ | ବର୍ଷା ବିରହିଣୀ | ୧୮୮ |
| **ସୋମନାଥ ସିଂହ ଜଗଦ୍ଦେବ (୧୮୧୩।୧୪—୧୮୬୩)** | | |
| ୧ । ବ୍ରଜନାରୀ କୁଞ୍ଜବନେ | ହୋରି | ୧୮୯ |
| ୨ । ନାଗର ମୋହନ ରୂପ | ପ୍ରେମ ବୈଚିତ୍ର୍ୟ | ୧୯୦ |
| ୩ । ସଖୀ ଅନାଅରେ | ପ୍ରୋଷିତ ଭର୍ତ୍ତୃକା | ୧୯୧ |
| **ଶ୍ୟାମ କିଶୋର** | | |
| ୧ । ଆରେ ବନ୍ଧୁ ଆରେ ବନ୍ଧୁ | ମାନଭଞ୍ଜନେ କୃଷ୍ଣ | ୧୯୨ |
| ୨ । ସବେଳ ଭେଟଣ ଗୋପେ | ବିରହ ଶ୍ରୀକୃଷ୍ଣ | ୧୯୩ |
| **ଧନ (ବୈଷ୍ଣବ)** | | |
| ୧ । ମୋ ପ୍ରାଣନାଥ | ବାସକ ସଜ୍ଜା | ୧୯୪ |
| ୨ । ଶ୍ୟାମ ବଂଧୁରେ | ସଖୀ ପରାମର୍ଶ | ୧୯୬ |
| **ହରିବନ୍ଧୁ ଦେବର୍ତ୍ତା ପଟ୍ଟନାୟକ** | | |
| ୧ । ହସିଲୁ ସଖି | ଗୋଷ୍ଠ ପ୍ରତ୍ୟାବୃତ୍ତ ଶ୍ରୀକୃଷ୍ଣ | ୧୯୭ |
| ୨ । ଭଜ ମାନସ | ଶ୍ରୀ ଗୌରଚନ୍ଦ୍ର ବନ୍ଦନା | ୧୯୮ |
| ୩ । କଂଜ ନେତ୍ରୀ | ନବାନୁରାଗ | ୧୯୯ |
| ୪ । ଆସ ହେ ଦେବ | ବାତ୍ସଲ୍ୟ | ୨୦୦ |
| ୫ । ହେଳନା ଶ୍ୟାମଳ ସୁନ୍ଦର | ନବାନୁରାଗ | ୨୦୧ |
| ୬ । ଆସ ବାବୁ | ବାତ୍ସଲ୍ୟ | ୨୦୨ |
| ୭ । ଶୋଭା ମଣି | ସଖୀ ପରାମର୍ଶ | ୨୦୩ |
| ୮ । ଜୟ ଗୋପାଳ ଜୟ | ଶ୍ରୀକୃଷ୍ଣ ବନ୍ଦନା | ୨୦୪ |

| ଆଦ୍ୟାକ୍ଷର | ପ୍ରସଙ୍ଗ | ପୃଷ୍ଠା |
| --- | --- | --- |
| **ପରିଶିଷ୍ଟ—** | | |
| **ରଘୁନାଥ ପରିଚ୍ଛା (କବିଚନ୍ଦ୍ର) ୧୮୦୨—୧୮୭୨** | | |
| ୧ । ଆଜ୍ଞ ନାହିଁ ଓଶାଳି | ଯଥାବସ୍ଥ | ୨୦୫ |
| ୨ । ମାଧବେଲ ହରି | ଦ୍ୱାର | ୨୦୮ |
| ୩ । ଏତେ ବେଳକୁ | ଖଣ୍ଡିତା | ୨୦୯ |
| **ଅଜ୍ଞାତ** | | |
| ୧ । ସଖୀରେ ମୁଁ କି କହିଲି | କଳହାନ୍ତରିତା | ୨୦୫ |
| **ଗୌରହରି ପରିଚ୍ଛା** | | |
| ୧ । ଖୋଳିଥାରେ ବେଶ | ଅଭିସାରିକା ବେଶ | ୨୦୬ |
| ୨ । କେତେ ମନପଣ | କଳହାନ୍ତରିତା | ୨୦୬ |
| **ମଦନମୋହନ ସିଂହ** | | |
| ୧ । ଆସରେ ସଖି ରଂଗିନି | ସଖୀଭକ୍ତ | ୨୧୦ |
| ୨ । ଶ୍ୟାମବଂଧୁ ଛାଡ଼ି ଧା ରହିଲେ | ବିରହୋତ୍କଣ୍ଠିତା ରାଧା | ୨୧୧ |
| **ଶ୍ୟାମ ସୁନ୍ଦର ଭଂଜ** | | |
| ୧ । ଜୟ ଜୟ ଭବବଂଧୁ | ଶ୍ରୀକୃଷ୍ଣ ବନ୍ଦନା | ୨୧୨ |

## ସହାୟକ ଗ୍ରନ୍ଥ ସୂଚୀ—


୧। କବିସୂର୍ଯ୍ୟ ଗ୍ରନ୍ଥାବଳୀ—ସଂ. ପଣ୍ଡିତ କୁଳମଣି ଦାସ

୨। କବିସୂର୍ଯ୍ୟ ଗୀତାବଳୀ—ସଂ. କାଳୀଚରଣ ପଟ୍ଟନାୟକ

୩। ଗୋପାଳକୃଷ୍ଣ ପଦାବଳୀ—ସଂ. ବାବାଜୀ ବୈଷ୍ଣବ ଚରଣ ଦାସ

୪। ଦୀନକୃଷ୍ଣ ପଦ୍ୟାବଳୀ—ସଂ. ,,

୫। ବନମାଳୀ ପଦ୍ୟାବଳୀ—ସଂ. ବୈଷ୍ଣବ ଚରଣ ଓ ଶ୍ରୀମନ୍ତ ଗୌରକୃଷ୍ଣ ପଟ୍ଟନାୟକ

୬। ଗୌରଚରଣ ଗୀତାବଳୀ—ସଂ. ବନ୍ଧୁ ଚରଣ ପଟ୍ଟନାୟକ

୭। ବେଣୁଧର ପଦ୍ୟାବଳୀ—ପ୍ର. ଗୌ. ମଧୁସୂଦନ ମହାପାତ୍ର, ଅରୁଣୋଦୟ ପ୍ରେସ (୧୯୩୭)

୮। ବସନ୍ତ ରାସ—ପିଣ୍ଡିକ ଶ୍ରୀଚନ୍ଦନ

୯। ଶରଦ ରାସ—ବିଶ୍ୱମ୍ଭର ରାଜେନ୍ଦ୍ର

୧୦। ଶରତ ରାସ—ବୈଷ୍ଣବ ଚରଣ ସଂଗୃହୀତ, ପ୍ର. ଜଗନ୍ନାଥ କମ୍ପାନୀ

୧୧। ରାଧା ପ୍ରେମମାଳା—ବିଶ୍ୱମ୍ଭର—ସକ. ପ୍ର. ରାଧାମୋହନ ରାଜେନ୍ଦ୍ର (୧୯୧୧)

୧୨। କୀର୍ତ୍ତନ ରସାମୃତ—ଜଗବନ୍ଧୁ ସିଂହ—ଜଗନ୍ନାଥ ପ୍ରେସ (୧୯୨୯)

୧୩। ଓଡ଼ିଆ କୀର୍ତ୍ତନ—ପାବେଗ ଚରଣ ଦାସ—ସୁର ପ୍ରତାପ ପ୍ରେସ, ଢେଙ୍କାନାଳ (୧୯୧୬)

୧୪। ଓଡ଼ିଆ ଗୀତକାବ୍ୟ ସଙ୍କଳନ—ସଂ. ଜାନକୀ ବଲ୍ଲଭ ମହାନ୍ତି

୧୫। ହରିବନ୍ଧୁ ପଦ୍ୟାବଳୀ—ସଂ. ଶ୍ୟାମ ସୁନ୍ଦର ବେବର୍ତ୍ତା, ଗଜପତି ପ୍ରେସ, ପାରଳା (୧୯୩୩)

୧୬। ସଙ୍ଗୀତ ସାଗର—ଦାମୋଦର ପଟ୍ଟନାୟକ—ଓ. ସା. ଏ. (୧୯୬୪)

୧୭। ସଂକୀର୍ତ୍ତନ ପତ୍ରିକା—ଅନନ୍ତ ବଳୀୟାର ସିଂହ—ନରେନ୍ଦ୍ର ପ୍ରେସ, ରଥପୁର (୧୯୩୯)

୧୮। ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ—ସଂ. ଆର୍ତ୍ତବଲ୍ଲଭ ମହାନ୍ତି

୧୯। ଓଡ଼ିଆ ଭଜନ—୧ମ ଖଣ୍ଡ—ସାଂସ୍କୃତିକ ବ୍ୟାପାର ବିଭାଗ ସଂ. ନୀଳମଣି ମିଶ୍ର

ବଙ୍ଗଳା

୨୦ । ବୈଷ୍ଣବ ପଦାବଳୀ (ବଙ୍ଗଳା)—ଡ. ହରେକୃଷ୍ଣ ମୁଖୋପାଧ୍ୟାୟ

୨୧ । ବିଦ୍ୟାପତି ଚଣ୍ଡୀଦାସ ଓ ଅନ୍ୟାନ୍ୟ
ବୈଷ୍ଣବ ମହାଜନ ଗୀତିକା    ଡ଼ ସୁବୁଚନ୍ଦ୍ର ବନ୍ଦୋପାଧ୍ୟାୟ    ୧୯୩୮

୨୨ । ବୈଷ୍ଣବ ପଦାବଳୀ    ଡ଼ ହରେକୃଷ୍ଣ ମୁଖୋପାଧ୍ୟାୟ    ୧୯୬୧

୨୩ । ଶ୍ରୀ ଶ୍ରୀ ପଦ କଲ୍ପତରୁ    ୧ମ, ୨ୟ, ୩ୟ ଡ଼ ସତୀଶଚନ୍ଦ୍ର ରାୟ

୨୪ । ଚୈତନ୍ୟ ଚରିତାମୃତ    କୃଷ୍ଣଦାସ କବିରାଜ
ଡ଼ ସୁକୁମାର ସେନ ସାହିତ୍ୟ ଏକାଡେମୀ

ଉପେନ୍ଦ୍ର ଭଞ୍ଜ

# ଯୁଗଳ ମିଳନ

( ରାଗ—କାମୋଦୀ, ତାଳ—ଆଡ଼ )

ଶ୍ରୀମଦ୍ ଶ୍ରୀପତି ବୃନ୍ଦାବନେ କେଳି ରଚିଲେ । ଘୋଷା ।

ବୃନ୍ଦାବନ କେଶୀଘାଟ ତରୁ, ତରୁ ତଳେ କଳ୍ପତରୁ
ତରୁଣୀ ରଞ୍ଜନ ତରୁ, ତରଳାକ୍ଷୀ ମାଣ୍ଡିଲେ । ୧ ।

ସାରଙ୍ଗ ରଦ ପଲ୍ୟଙ୍କେ ସାରଙ୍ଗ ସଂକୁଳ ପଂକଜ
ସାରଙ୍ଗ ମୁଖୀ ସାରଙ୍ଗ, ସାରଙ୍ଗରେ ମାଣ୍ଡିଲେ । ୨ ।

କମଳ ଦେବେଶ କମଳ କମଳେ କମଳ ମାଳ
କମଳ ମୁଖୀ କମଳ, କମଳରେ ମାଣ୍ଡିଲେ । ୩ ।

ହରି ପତର କଣ୍ଠ ସେଜ ହରିଣେ ମୃଗ ଲୋଚନୀ
ହରି ଶମ୍ଭୁ ଶମ୍ଭୁହର ହରସେବା ବାଞ୍ଛିଲେ । ୪ ।

ଅଶେଷ ରସରେ ରସି, ରସାଇ ରସିକା ରସି
ସ୍ୱରସରେ ରସି ରସେ ଉପେନ୍ଦ୍ର ଭାଷିଲେ । ୫ ।



ସାରଙ୍ଗ—ହସ୍ତୀ, ଚନ୍ଦନ, କର୍ପୂର, ପଦ୍ମ, କନ୍ଦର୍ପ, ରତ୍ନଦୀପ । କମଳ—ପଦ୍ମ, ଜଳ । ହରି—ସିଂହ, ବିଷ୍ଣୁ, ଇନ୍ଦ୍ର । ରଦ—ଦାନ୍ତ ।

# ଭାବୋଚ୍ଛ୍ୱାସ

( ରାଗ—କେଦାର, ତାଳ—ଏକ୍ )

ନବ୍ୟନୀଳ ଶ୍ୟାମଙ୍କୁ ଦେଖି ମନ ତୋଷିବି
ଶ୍ରୀଅଙ୍ଗ ଛୁଇଁଲେ ବାସ ଚନ୍ଦନ ମୁଁ ଲେପିବି । ଘୋଷା ।

ତା ଅଙ୍ଗରୁ ସ୍ୱେଦ ଧାର — ଯେବେ ପଡୁଥିବ ଝରି
ମୋ ଦୃଷ୍ଟି ପଡ଼ନ୍ତେ ତାହା — ପଣତରେ ପୋଛିବି ।୧।

ଯେବେ ସେ କରିବେ ମାନ — ଦ୍ରୁତି ଭୁଞ୍ଜାଇବି ପାନ
ଶାନ୍ତ ହୋଇଣ ବଦନ — ହରଷ କରାଇବି ।୨।

ତାଙ୍କୁ ଧରି ଗଳା ହାର — ସେବିବି ତାଙ୍କ ପୟର
ସେ ଯେବେ ହୋଇବେ ବର — ହରି ପୂଜା କରିବି ।୩।

ହୃଦଇନ୍ଦ୍ରୁ ଭଂଜ ବନ୍ଧ — ରମଣୀ ରତନ ସେନ୍ଧ
ତାହାଙ୍କ ଚରଣ ଛାଡ଼ି — ଶରଣାଗତ ହେବି ।୪।



ସ୍ୱେଦ—ଝାଳ ।

# ନବାନୁରାଗ

(ରାଗ—କଲ୍ୟାଣ)

## ସଖୀ ପ୍ରତି ଶ୍ରୀରାଧା

ଦେଖିଲିଟି କୃଷ୍ଣଙ୍କୁ ଗୋ, ଆଜ ମୁଁ ସଖି ! (ଘୋଷା)

ମୋହନ ବଂଶୀଧାରୀ, ବ୍ରଜ ବିହାରୀ, ରାସ ରଙ୍ଗେ ନୃତ୍ୟକାରୀ,
ଯମୁନା ପଟୁଆରୀ, ନିଟ ନିବଶୀ ବେଶୀ
ଗୋପିଙ୍କ ମନୋହାରୀ, ପୀତ ଦୁକୂଳଅଙ୍କୁ । ୧ ।

ନାସେ ସିନ୍ଧୁଫଳ ଶୋହେ, କାମକୁ ମୋହେ, ଘନ ଶୁଭ୍ର ହୃଦୟେ
ହାର ପଦକ ଦେହେ, ମଣି କଙ୍କଣ ବାହେ
ନୂପୁର ପଦ ପାହେ, ରହି ମୁକୁଟିଅଙ୍କୁ । ୨ ।

ସୁନ୍ଦରବର କାଳିଆ, ବନମାଳିଆ, କଦମ୍ବ ତଳୁ ଚଳିଆ
ମକର କୁଣ୍ଡଳିଆ, ବଙ୍କା ଗ୍ରୀବ ପାଳିଆ,
ସେବତି ଚୂଳିଅଙ୍କୁ । ୩ ।

ଗୋକୁଳ ବ୍ରଜନନ୍ଦନ, ନାଗରୀ ପ୍ରାଣ, ଗୋପୀଙ୍କ ହୃଦଚନ୍ଦନ
କାଳୀୟଦର୍ପଖଣ୍ଡନ, ବୃନ୍ଦାବନ ମଣ୍ଡନ,
ବ୍ରହ୍ମା ଗର୍ବ ଗଞ୍ଜନ, ଘନ ଶ୍ୟାମଳିଆଙ୍କୁ । ୪ ।

ଦେଖିଲବେଳୁ ନୟନ, ଚନ୍ଦ୍ରବଦନ, ଯାହା ହୋଇଛି ମନ,
ଚାହିଁ ମୋ ଛନ ଛନ, ଭୁଲେ ତାଠାକୁ ମନ,
ସୁନା ବ୍ରଜନନ୍ଦନ, ଧାଏଁ ସେହି ରୂପକୁ । ୫ ।



ନିଟ—ବସ୍ତ୍ର । ପୀତ—ହଳଦିଆ । ଦୁକୂଳ—ସୂକ୍ଷ୍ମ ବସ୍ତ୍ର । ସିନ୍ଧୁ ଫଳ—ମୁକ୍ତା । ବାହେ—ବାହୁରେ ।

# ରୂପାନୁରାଗ

(ରାଗ—ଶାରଙ୍ଗ)

## ସଖୀ ପ୍ରତି ଶ୍ରୀରାଧା

ଅହ୍ନା କେ ପଡ଼ିଛି ଭଲ
ଦେଖି ସଖୀ ଆଖି ଲାଗି ରହିଲା । ପଦ ।

ଯେତେ ଲାବଣ୍ୟ ବାସ ବଦନ
ଲଉଁଛୁଇ ଯିବ ନୂଆ ମଦନ
ଦଳିତାଞ୍ଜନ, ଚନ୍ଦ୍ର ଚନ୍ଦନ
ତଣ ନଶ୍ୱରବ ନଦେଖ ସଦନ । ୧ ।

ଏ ଲୋଚନ ଯେ ଶତପତ୍ର ଦେଖ
ଫୁଲ ଧରେ ଜଳ ଯିବାର ଦେଖ
ସେ ଦୃଷ୍ଟିପାତ ହେବାକୁ ମିଳ
ଯାଇ ଦେଲି ମୁଁ ସଖୀ ବଗଡ଼ । ୨ ।

ଆହା ସେ ଗୁରୁ ଲଲାଟର ବିନ୍ଦୁ
ବାଣ ଦେବ ଧର ଜଗତ ଧନୁ
ଦଳିତ ଇନ୍ଦୁ କୁମୁଦ ବନ୍ଧୁ
ବାଞ୍ଛ କେ ଦେଖିଛି ତ ପାଦବନ୍ଧୁ । ୩ ।

ଯୋଗି ପଲ୍ଲବ ଅଧର ଭଙ୍ଗିମା
ଦନ୍ତଦ୍ୱାର-ଦର୍ପ ପିୟୂଷ ସୀମା
ନାହିଁ ଉପମା, କାହା ଗରିମା
ଖର୍ଜି ଦେବ ଦୂର ଭାରୁ ଭଙ୍ଗିମା । ୪ ।

---

ଦଳିତାଞ୍ଜନ—ଦଳା ହୋଇଥିବା କଳା । ଶତପତ୍ର—ପଦ୍ମ । ଇନ୍ଦୁ—ଚନ୍ଦ୍ର ।

ସୁବଳଙ୍କ ଏଣୁ ରସେ ବଦନ
ସଖୀ ସମୀପେ ଝୁରନ୍ତି ଶ୍ରୀମଣି
କରି ଚେ ପ୍ରୀତ, ରଙ୍ଗି ଲଗନ
ହେଉଚନ୍ତି ଦେଖିବ ପରେ ଉଚ୍ଛନ୍ନ ଗତି । ୬ ।

କାହ୍ନୁଚରଣ

## କୃଷ୍ଣଙ୍କ ପ୍ରତି ଶ୍ରୀରାଧା

( ଶ୍ରୀ—ଖର, ତାଳ—ଆଠତାଳି )

ମୋହନ ଦେଖାଉ ଭ୍ରମର ଅପକାରତ । ପଦ ।

ନାଗ କଲା କା ମୁଖ ଶଶିଅଙ୍କ ମୟୂଖ
ଅଣ୍ଣ୍ୟ କମଳ ମୂରଛ ମୂରଛ...... । ୧ ।

ବଳି ରଘ ହିଂଗୁଳ ଖଳିକା ଭଗ୍ନ ଗାଲ
ଘଷି ସୁରଙ୍ଗେ ଝରଇ ଝରଇ...... । ୨ ।

ମାଡି ଅଶ୍ଳେଷେ ଭୁଜେ କାଢ଼ ଘନ କରନେ
ତନୁ ଦେଖାଉଛ କରଇ କରଇ...... । ୩ ।

ସ୍ୱପେ କାହ୍ନୁଚରଣ ଭଲ ଘା' ଆଚରଣ
ଅଙ୍କୁ ଘର ଫିରଇ ଫିରଇ...... । ୪ ।



ଶଶିଅଙ୍କ ମୟୂଖ—ଚନ୍ଦ୍ର କିରଣ । ଅଶ୍ଳେଷ—ଆଲିଙ୍ଗନ । କରକ – କଣ୍ଠ ।

# ଆକ୍ଷେପାନୁରାଗ

( ରାଗିଣୀ—ମୋହନା, ତାଳ—ଝୁଲା )

## ସଖୀ ପ୍ରତି ଶ୍ରୀରାଧା

ଭୁଲ୍ଲାରେ ଯାହା ମୁଁ ଶ୍ୟାମେ ହୋଇଲି ହସ୍ତାନ୍ତ ଗୋ ।
କୁସ୍ମାରେ ଧରିଲି ଭୁଲବଶତ ଘୁଞ୍ଚାଇ ନୋ । ଘୋଷା ।

ମୁଁ ଭୁଲ ପଶୁଏ ଭେକ, ଝଣୀ ଜବା ଥାଏ ଲୁଚି
ଦେଖ ଅତନ ମୋ ନେତନାକୁ ଦ ନେଲେ ଯୁଗ୍ମେଁ ଗୋ । ୧ ।

ମୁଁ ଭୁଲ ଦେଇ ଯେବା ଫୁଲ ନୋହୁବାକୁ ଚନ୍ଦ୍ରାବଳୀ
ଝଲାଇ ମୋହନ ହୃଦେ ରଖିଲୁ ଭୁଲିଲି ଗୋ । ୨ ।

ଘୁଷୁଷୁରୂପାଏ ରୋପେ, ଅଛନ୍ତି ତାଙ୍କ ସ୍ୱରୂପେ
ଯେତ ଘାଟ-ଗ୍ରାଟ ଥିବେ କୁସୁଟକୁ ଝୁଡ଼ି ଦେଗୋ । ୩ ।

ଲୁଲି ପାଳିବା ପ୍ରୀତି, ମୋର ଏନ୍ତୁ ଅପକୀର୍ତ୍ତି
କହନ୍ତି ଶାଶୁ ନଣନ୍ଦ ଜେ କେତେ ପ୍ରଶ୍ନାଇ ଗୋ । ୪ ।

ମୁଁ ଭୁଏଁ ପିଦା ଝୁଡ଼ିଲି ତୋହ୍ମ କଥାରେ ପଡ଼ିଲି
ଝଣାଁଯେ ଅପି ଝରଣେ ନଲି ଘୁଞ୍ଚି ଘୁଞ୍ଚି ଗୋ । ୫ ।

ଲୁଚିଏ ତୋ ପରି କେତେ, ଭ୍ରମଣ୍ଟା କରନ୍ତି ଯେତେ
ଶ୍ୟାମ ପ୍ରୀତି ଶୁଣି ଲଟ୍ୟେ ମୋ ଆଗେ ବଖାଣି ଗୋ । ୬ ।

ଘୁଞ୍ଚାଇବା ତାପ ମନୁ, କୁହେଁ ଝୁଲ ପିବା ବନୁ
କହଇ ଚରଣ କାନ୍ତୁ ପଦେ ଶରଣ୍ଣେ ଗୋ । ୭ ।



ଘାଟ—ଲମ୍ଫଟ । ସ୍ୱାଟ—ସ୍ୱଜା । ଶରଶ୍ରୁଇ—ବନ୍ଦନା କରି, ବନ୍ଦାପନା କରି ।

କୁଳମଣି ରାଜେନ୍ଦ୍ର

# ବିରହୋତ୍କଣ୍ଠିତା

## ସଖୀପ୍ରତି—ଶ୍ରୀରାଧା

କହ ଗୋ ଦୂତୀ ମୋତେ କାହିଁ ଗଲେ ହରି ଗୋ । ପଦ ।

ଶିଖଣ୍ଡ ଚୂଳିଆ ସେ ଶ୍ୟାମ ନବଘନ କାନ୍ତି ଗୋ,
ଚିତ୍ତକୁ ହରଣ କଲେ ମୋ ହରି ଦେଇ ଭ୍ରାନ୍ତି ଗୋ ।୧।

ଯେଣିକି ଦୃଷ୍ଟିଦେଲି ସେଣେ ତା ରୂପ ଦିଶିଲା ଗୋ
ଅସନ ଦହନ କଷ୍ଟ ସହ୍ୟ ହୋଇଲା ଗୋ ।୨।

ଯେତେ ରୂପେ ଅନୁରାଗରେ ସେ ମୁହାଁସ କଲେ ଗୋ
ଏବେ ସେ ମୂର୍ଚ୍ଛିବେ ବୋଲି ପରତେ ନ ଥିଲା ଗୋ ।୩।

ଗୋପପୁର ଜନପ୍ରିୟ ଶ୍ରୀନନ୍ଦ ନନ୍ଦନ ଗୋ
ଆସିବେ ବୋଲି ନଇଲେ କି ବନ୍ଧୁର ମନ ଗୋ ।୪।

କୁଳମଣି ରାଜଇନ୍ଦ୍ର କୃଷ୍ଣପାଦେ ଚିନ୍ତ ଗୋ
କହନ୍ତି ଏ ରସେ ରାଧା ବିରହ ଭାରତୀ ଗୋ ।୫।



ଶିଖଣ୍ଡ—ମୟୂର ପୁଚ୍ଛ । ଅସନ—ବେଦନ । ମୁହାଁସ—ମୋହ, ଅନୁରାଗ ।

ଗୁଣମଣି ସୂତ୍ର

# ଶ୍ରୀକୃଷ୍ଣଙ୍କର ସେବା ଅଭିଳାଷ

[ ୧ ]

କହନ୍ତ ଏ କେଶ ମୋ, କହି ହେଲ ପ୍ରବେଶ । ପଦ ।

ବାନ୍ଧଇ ବେଣୀ ଘନ, କେଶରୀ ଜୁଡ଼ା ଭଳ
ଉରଗେ ଧାଉଁବାକୁ ନାହିଁ ଭରଷେ,
ଗଣ୍ଡେ ଚନ୍ଦ ମଣ୍ଡଣ, କସ୍ତୁରୀର କି କଥ
ସୁଷମା ଶୁଦ୍ଧିକୁ ଅଙ୍ଗ ଦରପଣେ । ୧ ।

ଶୋଭିତ ଫୁଲ ବସ୍ତ୍ର, ଧରିବ କେତେକ ଚୋର
ଶପିଧ ନାହିଁ ଚୋର କେଳିକାଳେ,
ସଜାଡ଼ିଛ ଅଳକ, ବେଶ ମଣ୍ଡ ଝଲକ
ଦେଖି ପଲକ ନ ପଡ଼ିବ ଲାଳେ । ୨ ।

କୌସ୍ତୁଭ ଏବେ ଭୂଷ, ଚତା ଆଦ ପାଇଁକ
ଖଞ୍ଜିବ ନାନା ଅଳଙ୍କାର ମାନ,
ବଦନ ପାନ ଝଙ୍କି, ବଢ଼ାଇ ବେଦା ଭଙ୍ଗି
ଦେଖିଲେ ପଡ଼ୁ ପ୍ରଶଂସିବୁ ଧନ । ୩ ।

ତୋ ଆଞ୍ଜନା ମୂର୍ତ୍ତି, ଭରଷି ନ ପାରଇ
ନ ଗୁଣମାନ କହିବାକୁ ଭରସେ,
ତୁ ଯେବେ ଦେଖୁ ଥିଲ, ଏବେ ଦେବ ଥିଳ
କେଶ ପାଶରୁ ପାଦ ଲକ୍ଷା ଯାଏ । ୪ ।

---

ଘନ—ନିବିଡ଼ । ଲିପ୍ତ—ଲେପି । ଅଳକ—ଚୂର୍ଣ୍ଣ କେଶ । ଭୃଙ୍ଗ—ଭ୍ରମ ।
ବ୍ୟାଜ—କପଟ, ଛଳନା । ଆଦରଶ—ଦର୍ପଣ ।

ସୂକ୍ଷ୍ମ ସକଳ ବେଶ, ଧରି ମୁଁ ଅଧରଣ
ଦେଖାଇବି ଶ୍ରୀମୁଖ ନଦେଖିଲୁ,
ସେତେବେ ତୋ ବନ୍ଧକ ତଣ୍ଡି, ମୋ ସେବାରେ ଛଟକ
ପଣ୍ଡେ ପଣ୍ଡକେ ବରଜନ ଦେବୁ । ୫ ।

ଭଣିଲେ ରୁକ୍ମିଣୀ-ସୁତ ଶ୍ରୀକୃଷ୍ଣ ବାଣୀ
ଶୁଣି ରମଣୀ ଗଣ୍ଡେ ହାସ ଛୁଟି,
ଲାଜ ବ୍ୟାଜ ମିଶାଇ କହୁ କହୁ ନ କହୁ
ଅଳପ ମୁଖ ମୋଡ଼ି କଲେ ପିଠି । ୬ ।



## ବାସକସଜ୍ଜା ଶ୍ରୀରାଧା

( ରାଗ—କାମୋଦୀ )

[ ୨ ]

ଶ୍ୟାମଚନ୍ଦ୍ର ଆସିବେ ମୋହର ରେ ମଣ୍ଡିଥିବ କେଳିପୁର
ଘଷିଥିବ ପରା ଘନସାର ଅଙ୍ଗେ
କେଶ କବରୀ ଫୁଲ ଭରି ରେ । ଘୋଷା ।

ଏଥୁ କି ଆଉ ମୋ (୧) ଲାଭ ରେ ସଜନୀ,
ସେ ଯେତେବେ ହେବେ ସୁଲଭ,
ସବୁ ଅଳଙ୍କାର ମଣ୍ଡନ୍ତୁ (୨) ସିନା ମୋ
ଦେହରେ ପ୍ରାଣବଲ୍ଲଭ । ୧ ।

---

ପାଠାନ୍ତର—(୧) ଅଧିକ । (୨) ଖଣ୍ଡନ୍ତେ । ଘନସାର—କର୍ପୂର, ଚନ୍ଦନ ।

ଅନ୍ତର ପଞ୍ଜର ଶିଶୁ ରେ ସଜନୀ,
ହେବଣ ପାଖୁଡ଼ା ଛଡ଼ି,
ସନାଡ଼ି ପଲଙ୍କ ଅଙ୍କେ ବସିଥିବ
ପ୍ରିୟ ପାଇଁ ଅଧୋ ମୁଖି (୩) । ୨ ।

ଭଜନ ପାପ ଛନ୍ଦ୍ୱ ଲକେ ସଜନୀ,
ଦେଖି ମୁଖ ଚୁମ୍ବି ଦେଲେ,
ଦନ୍ତେ ଛୀନ କରି (୪) ବିମ୍ବ ଅଧର
ଭୃଙ୍ଗାଳିବ ଧରି ଟେକାଲେ । ୩ ।

ମୋ ନ ଆସିବାରୁ ଶେଯ ରେ ସଜନୀ,
ନ ଦେବୁ ଆସି ମୋ ଶେଯେ,
ନମ୍ବନ ଦେବ ଦେବ ଦରେ ଭୂଜରେ
ବୋଲିବ ବୋଲିବ ଲାଜେ । ୪ ।

ରୁକ୍ମିଣୀ-ସୁତ କହିଲେ (୫) ସଜନୀ
ମନୋରଥ ମୋର ଏହି,
ଦମ୍ପତି ରସରେ (୬) ମାତି ନ ଜାଣିଲି
ରଜନୀ ପିବାର ପାଇଁ । ୫ ।



---

ପାଠାନ୍ତର—(୩) ଦାସୀ । (୪) ଦନ୍ତ ଚନ୍ଦ୍ର କରି । (୫) ଭଣିରେ । (୬) ଆନନ୍ଦେ ।
ପଙ୍କଜ—ସୁବାସିତ ଜଳ ।

## ଗୋପାଳକୃଷ୍ଣ ପଟ୍ଟନାୟକ

### ମାନଭଂଜନେ ଶ୍ରୀକୃଷ୍ଣଙ୍କ ସ୍ତୁତି

( ରାଗ—କାଫି । ତାଳ—ଆଠତାଳୀ )

ସଙ୍ଗିନୀ ହେ ସୁଧ ରଂଗିଣୀ ହେ
ଦୋଷ କ୍ଷମାକର ଜୀବବନ୍ଧୁ ଭୂଷଣା ହେ । ଘୋଷା ।

ଧା କର ତୋ ପଦ ପଙ୍କଜ କିଙ୍କର
ରଙ୍କ ରତନ ମୃଗାଙ୍କ ଲପନା ହେ,
ଶଙ୍କର ଶତ୍ରୁ ଶରାଙ୍କରେ ପଡୁଛି
ଅଙ୍କ ପର୍ଯ୍ୟଙ୍କ ଦେମା ମଣ୍ଡ କନା ହେ । ୧ ।

ଯୋଡ଼ି ପାଣି ଜଣାଉଛୁ ସ୍ୱାମିନୀ
ଧରଣୀରେ ନଖ ଗାର ଲେଖନା ହେ !
ଶୁଣିଲୁ ଜନମୁଁ ତୋହର ଅଜନମୁଁ
ତନ୍ତୁଁ ତୋଳ ସ୍ମରୁ ବେଣୀ ଲୋଟାନା ହେ । ୨ ।

ମାନସରୁ ମାନ ଖସୁ ସୁବର୍ଣ୍ଣରୁ
ରଖ ନୃଷ୍ଟ ଧରୁ ମାଳବଦନା ହେ ।
ଜୀବନାଧରରୁ ପୀୟୂଷ ହାସରୁ
ଲବ ସ୍ତବରୁ ଖଂଜନ ନୟନା ହେ । ୩ ।

ଗୋକୁଳ କୁଳଜା ସରସଦ ରାଜା
ନ କଲେ କରୁଣା ମୁଁ କାଇଁ ତୋ ପାରେ
ସୁଧେ ସୁଧେ ବୋଲି ତୋ ସାରଥୀ
ସଲ୍ଲଳରେ ଝାସିବାର ଶୁଣ୍ଡ ପିନା ହେ । ୪ ।

---

ମୃଗାଙ୍କ—ଚନ୍ଦ୍ର । ଲପନ—ମୁଖ । ପର୍ଯ୍ୟଙ୍କ—ପଲଙ୍କ ।

ଅବନତ ହୋଇ, ଧରୁ ପଦ ଦୁଇ
ରାଧା ପ୍ରସନ୍ନତା କରି କଳନା ରେ
ଗଲେ ନିଜ ନିଜ କୁଂଜେ ଆଳୀବୃନ୍ଦ
ଗୋପାଳକୃଷ୍ଣ କହେ ଭବନା ରେ । ୬ ।

## ବିରହୋତ୍କଣ୍ଠିତା ଶ୍ରୀରାଧା

( ରାଗ—କଲ୍ୟାଣୀ । ତାଳ—ଆଡ଼ତାଳୀ )

ଆଜ କା ରହେ ରହିଲେ ବ୍ରଜେନ୍ଦ୍ର-ନନ୍ଦନ ମା
କେ ବୁଝାଁଣ ମୋହିଲା କି ମୋହନଙ୍କ ମନ ମା । ପଦ ।

କାହିଁକି ନଇଲେ ମୋର ହୃଦୟ-ରତନ-ହାର
ଭରଷା ଦେଇ ଆଶା ନାଶ କଲେ କି କାରଣ ମା ? । ୧ ।

କରି କେତେ ମନୋହର ମଣ୍ଡିଲି କେଳି ମନ୍ଦିର
ଖଣ୍ଡିଲେ ଭରସା ମୋର ଭଣ୍ଡି ଜବଧନ ମା । ୨ ।

ମଳୟଜ ସୁପନାର ମିଶାଇ ରଜନୀକର
ଗୋଳି ରଖିଥିଲି ବୋଳିଥାନ୍ତି ଅପଘନ ମା । ୩ ।

ବାସ ସୁମନସ ହାର ହେବ କଣ୍ଠେ ହାସି ମୋର
ବାସବମଣି କାନ୍ତି ତ ନ ଦେଲେ ଦର୍ଶନ ମା । ୪ ।

ସୋହାଗେ ବନ୍ଧୁଙ୍କ ଲାଗି, ପକ୍ୱ ନାଗବଲ୍ଲୀ ଗୁଣ୍ଠି
ରହୁ ସଂପୁଟକେ କରିଥିଲି ସଂପାଦନ ମା । ୫ ।

---

ଆଳୀବୃନ୍ଦ - ସଖୀସମୂହ । ମଳୟଜ—ଚନ୍ଦନ । ରଜନୀକର କର୍ପୂର, ଚନ୍ଦ୍ର
ଅପଘନ—ଦେହ । ବାସ ସୁମନସ—ସୁବାସିତ ଫୁଲ । ବାସବମଣି—ଇନ୍ଦ୍ର ନୀଳ
ମଣି । ନାଗବଲ୍ଲୀ—ପାନ । ସଂପୁଟକ—ଡବୁଆ ।

ଦେଖ ସାନ୍ଧ୍ୟ ଆସେ ଜଣି      କ ଦୋଷରୁ ରୋଷ ଶଶୀ
ଭିନ୍ନ କଲେ କ ବିଧୁର ଲୁଭାଇ ନୟନ ମାଂ ॥ ୬ ।
ଗୋପାଳକୃଷ୍ଣ ପ୍ରବୋଧ      ଶୁଣେ ଅଗୋଷ୍ପଦନଧ
ଅବଶ୍ୟ ପ୍ରାତେ କରିବେ ଶ୍ୟାମ ଆଗମନ ମା । ୭ ।

## ବିରହୋତ୍କଣ୍ଠିତା ଶ୍ରୀରାଧା

( ରାଗ—ଧନାଶ୍ରୀ । ତାଳ—ଆଠତାଳୀ )

ମୋହନ ସାଥ ଚନ୍ଦ୍ରା ପଡ଼ିଲା ମା ! ଘୋଷା ।

ଅପାର ରଜନୀ      ଚେହିଲି ରେ ସଜନୀ
ପ୍ରାଚୀ ଦିଅଲୁ ବିଧୁ ବୁଡ଼ିଲା ମା । ୧ ।

କି ଦୋଷରେ ଆଜ,      ସାଜିଥିଲି ସଜ
ଜାଣେନ ମଲ୍ଲୀ ଦଶା ଘଟିଲା ମା । ୨ ।

ତୋଳିଦେଇ ଚେଗା ତଳ୍ପ      ପୂରିଲା ସଂକଳ୍ପ
କିଙ୍କୁଂଜ ସୁରଂ ରୋଗ ଅଣ୍ଟିଲା ମା । ୩ ।

ପର ପୀରତକି      ସୁରୁଷ ଜାତକି
ଘରିତେ କଲି ଫଳ ମିଳିଲା ମା । ୪ ।

ଗୋପାଳକୃଷ୍ଣ ଚେ      ସମସ୍ତରେ ଘୃଣେ
ଲୁଚିଛନ୍ତି ଧନୁ ଖେଳିଲ ମା । ୫ ।



# ବାସକସଜ୍ଜା ଶ୍ରୀରାଧା

## ସଖୀ ଉକ୍ତି

(ରାଗ—ଭୋଗ୍ଡ଼ି ପରଜ । ତାଳ—ଝଦପଟ)

ସଖି ରେ କର ବିଳମ୍ବ ବେଶେ,
ଚଲ କୁଂଜକୁ ଯାଜାଅ ସତ୍ୱରେ । ପଦ ।

ବକୁଳ ବୃକ୍ଷରେ ତୋରଣ ଗଛ,
ଲମ୍ବାଇ ଦିଅ କରି ସମକକ୍ଷ । ୧ ।

ନବ ଅରବିନ୍ଦେ ତଳପ ରଚ,
ଦିଅ ବିଚକିଳା ପାଖୁଡ଼ା ବିଛ । ୨ ।

ଯେବଣ ନାଗ କର୍ଣ୍ଣିକାର ଫୁଲେ,
ମୁକୁଳ ବନାଅ ଚଉ ପ୍ରଫୁଲେ । ୩ ।

ତୁଜ ବାଧି ଦେବେ ଯେପଞ୍ଚ ସୁଖୀ,
ଭ୍ରମର ଏ ସାରେକଣୀଙ୍କୁ ବିକୋକ । ୪ ।

ଖଦିର ପୂଗ ଚନ୍ଦ୍ର ଚୂର୍ଣ୍ଣ ଭରି,
ତାମ୍ବୂଳ ବାଟି ରଖ ସଜ୍ଜ କରି । ୫ ।

ଆଲତ ସୁମର ସୁମନୋରମ,
ରଖ କୃଷ୍ଣ ସଙ୍ଗ ହୁଅଲେ ଶ୍ରମ । ୬ ।

ତାଙ୍କ ସୁଖେ ଯିନା ମୁଁ ସୁଖିନୀ,
ତାଙ୍କ ଦୁଃଖରେ ମୁଁ ମହା ଦୁଃଖିନୀ । ୭ ।

ତାଙ୍କ ଲାଗି ଏ ଯୌବନ ଭୂଷଣ,
ବଳଛି ତାଙ୍କୁ ଦେବ ମନ ପ୍ରାଣ । ୮ ।

---

ଅରବିନ୍ଦ—ରକ୍ତ ପଦ୍ମ । ତଳପ—ଶଯ୍ୟା । ବିଚକିଳ—ମଲ୍ଲୀ ।
କର୍ଣ୍ଣିକାର—କନିଅର । ଖଦିର—ଖଇର । ପୂଗ—ଗୁଆ । ବାଟି—ଡବା, ବଟା ।

ତନୁ ସମର୍ପି ଏ ରଜନୀ କାଳେ,
ବସ୍ୱକ ସୁବେଶେ ପ୍ରାଣେଶ୍ୱରୀ କୋଳେ । ୯ ।
ଶ୍ୟାମ ମନ ମୁଗ୍ଧ ହେଲେ ବାନ୍ଧବୀ,
ଏ ଭାଗ୍ୟକୁ କେଉଁ ଭାଗ୍ୟ ଲଭିବ । ୧୦ ।
କୌଶଳେ ସକଳ କର ରଚନା,
ହେ ଲଳିତେ ମଧୁ ପିକବଚନା । ୧୧ ।
ଶ୍ରୀ ସ୍ୱାମିନୀ କଣ୍ଠଁ ତ୍ରିପୁ ଥାଳନ୍ତି,
ଗୋପାଳକୃଷ୍ଣ ଗୁଚ୍ଛେ ଉଆଳକ । ୧୨ ।

●

## ବିପ୍ରଲବ୍ଧା ଶ୍ରୀରାଧା

### ଶ୍ରୀକୃଷ୍ଣଙ୍କ ପ୍ରତି ଦୂତୀ

( ରାଗ—ମଙ୍ଗଳ ବସନ୍ତ । ତାଳ—ଏକତାଳୀ )

ଶୁଣ ହେ ମାଧବ ତୁମ୍ଭ ଅପରାଧ ରାଜ
ଧନୀକି ଦେଖିବ ଯାଇ ନ ପାରୁଛ ବ୍ୟାଜ । ୧ ।
ନବ କିଶଳୟ ଦଳେ ଶୁତଛି ସୁନ୍ଦରୀ
ବିଷମ କୁସୁମ ଶର ବର୍ଷଣେ ଜର୍ଜରି । ୨ ।
ହିମକର ଚନ୍ଦନ ପବନ ମନ୍ଦେ ଅଗି
ଜୀବନ ଧରିଛି ତୁମ୍ଭ ଦରଶନ ଲାଗି । ୩ ।
କେତେହେଁକ ଯତ୍ନେ କହେ ଅକ୍ଷରଟି ଆଧ
କେବା ଜାଣେ ଆଜ କି ଘଟିବ ପରମାଦ । ୪ ।
ଗୋପାଳକୃଷ୍ଣ ଭଣେ ହେ ନାଗର ମୋହନ
ରସିକ ଜନା ଗୁରୁ ତ ତୁମ୍ଭେ ସବୁ ଜାଣ । ୫ ।

ଶୁତଛି—ଶୋଉଛି । ହିମକର—ଚନ୍ଦ୍ରକିରଣ । ଅଗି—ଅଗ୍ନି ।

## କଳହାନ୍ତରିତା ଶ୍ରୀରାଧା

( ରାଗ—କେଦାର । ତାଳ—ଆଡ଼ତାଳୀ )

ନନ୍ଦନନ୍ଦନ ଦ୍ରୁତ ପଦ ବନ୍ଦନକୁ
ମନ୍ଦ ବୁଦ୍ଧିରେ କେତେ ଦ୍ୱନ୍ଦ୍ୱ କଲି ମା । (ଘୋଷା)

ଜାର ପ୍ରଣୟ ଦୋଷ— ମାଗିବା ବେଳେ ରୋଷ—
କରି କରୁଣ ସ୍ୱର ଘୃଣିଦେଲି ମା । ୧ ।

ଯାର ମୁରଲୀ ଗାନ ତ୍ରିଭୁବନ ମୋହନ—
କରଇ, ଭୁଲି ତାକୁ ମୁଁ କହିଲି ମା । ୨ ।

ଭୃଙ୍ଗ ବସନ୍ତ ଗୀତ ନ ଶୁଣି କଲି ଘର
ଏବେ କପାଳେ କର କଚାଡ଼ିଲି ମା । ୩ ।

ଗୋପାଳକୃଷ୍ଣ କହ ନ ଜାଣି ଏ କରୁଣ—
କରି ଚିନ୍ତା-ସାଗରେ ବୁଡ଼ିଗଲି ମା । ୪ ।

## ଖଣ୍ଡିତା ଶ୍ରୀରାଧା

( ରାଗ—ମୁଖାରୀ । ତାଳ—ଆଦି )

ଯାଅ ଯାଅ ମୋ ପାଶରୁ ଶ୍ୟାମ ଚେତିକି ଦେଖ । ୦ ।

କି ସୁନ୍ଦର ଅଙ୍ଗ ମୋହନ, ପ୍ରଭାତୁ ମୁଖ ରୂପୁର
ଦେଖି କେ କେଉଁ ନୋହିବ ପୁଣି କ ଦେଖ । ୧ ।

କାଲି ନିଶି ଜାଗର, ରହିଲ କାହା ମନ୍ଦିର
ଶୟନ କରଇ ତେଣ ବାଣୀକି ଦେଖ । ୨ ।

ଅଧରେ କଜ୍ଜଳ ଦାଗ ବକ୍ଷୁରୁ କି ମନୋହର
କାହିଁ ଦେଖ କହୁଛନ୍ତି ମଣିକି ଦେଖ । ୩ ।

ଚନ୍ଦ୍ର ବଦନ ସମାନ          ଜାଣି ଏକ ଦେଲି ବସନ
ଧନ୍ୟ ବୋଲି ସିନା ସେ ରମଣୀ କ ହେ । ୪ ।
ଜଗନ୍ନାଥ ସୁତା ସ୍ୱପ୍ନେ          ଅନ୍ଧ ଧାଡ଼ନ କ ସୌଖ୍ୟ ସେ
ଅସିଲ କ ପଥ ଭୁଲି ଏଣିକ ହେ । ୫ ।

## ସ୍ୱାଧୀନଭର୍ତ୍ତୃକା ଶ୍ରୀରାଧା

( ରାଗ—କୈନମୁର ତୋଡ଼ି । ତାଳ—ଆଠତାଳୀ )

ହେ ଧର୍ଲିଷ୍ଟ ବଦରାଧ ରସିକରାଜ !

ଅଳ ମୋ ସଜନୀ          ସମାଜରେ ତୁମ୍ଭେ          ଦେଖାଇବ ସବୁ ଲାଜ । ପଦ ।
କ ସୁନ୍ଦର ଧନ          ସାଜି ଦେଇଥିଲେ          ଗଣୀ ମନ୍ତ୍ରଣ ମିଳତ
କ ବସ୍ତୁରେ ବନ୍ଧୁ          ସେ ସାଜ ଏବେ ତ          କରିଦେଲେ ବିଡ଼ମ୍ବିତ । ୧ ।
ସେଇପରି ଅଳ          ମୋ ବେଣୀ ଭୂଷଣ          କର ସେପରି ରଚନା
ଅସମ୍ଭବ ସିନ୍ଥି          ଦନ୍ତ ସିନ୍ଦୂର          ବାନ୍ଧୁ ଧଣୁ ସୁଘଟନା । ୨ ।
ଚୂଡ଼ା ଅବତଂଶ          ଚୂଳେ କାଣଲସ୍ତୁ          ଚମଶ୍ଚ ଦଥ ଦନାର୍ଦ୍ଧେ
ପଦଶ୍ୱାଧରେ ମୃଗ—          ମଦ ସପ ଭଙ୍ଗ          ରଚ ମାନସ ମନାର୍ଦ୍ଧେ । ୩ ।
କରଳାବ ବଳସ୍ତୁ          ବେଢ଼ କରେ          ସିନ୍ଧାଇ ଦଥ ସତନେ
ନୂପୁର ଯୋଡ଼ିକ          ପରିଷ୍କାର କରି          ଲଗାଅ ମୋର ଚରଣେ । ୪ ।
ବାନ୍ଧଦଅ ବେଣୀ          ଙ୍କ୍ତି ପୁଷ୍ପଶ୍ରେଣୀ          ଜଉଣେକ ମନସ୍ତୁର
ସେପରି ଟେକ          ପରିହାସ ନ କରିବେ          ସଖୀଏ ମୋର । ୫ ।
ସ୍ୱାଧୀନକାନ୍ତା ନାୟିକା          ଶ୍ରୀ ରାଧିକା          କହୁଁ ବ୍ରଜେନ୍ଦ୍ରଙ୍କୁ ଏବେ
ବୋଲଇ ଗୋପାଳ          କୃଷ୍ଣ ଏ ରହସ୍ୟ          ଦେଖିବି ମୁଁ ମୋଦ ଚିତ୍ତେ ।୬ ।



ଅବତଂଶ — ଶିରଭୂଷଣ । ମୃଗମଦ — କସ୍ତୁରୀ ।

# ଶୁକ୍ଲାଭିସାରିକା ଶ୍ରୀରାଧା

## ସଖୀ ଉକ୍ତି

( ରାଗ—ଶଙ୍କରାଭରଣ । ତାଳ—ଆଠତାଳି, ଝୁଲ )

ଆଜ କାହ୍ନି ପାଇଁ ହେଲା ହିଁ

ଚାଲ ଅନ୍ଧକାରେ ନବ ଜଳଦକୁନ୍ତଳା । ଘୋଷା ।

ରାଧେ ! ତୋ ତନୁ ତ ଶୁଭ୍ର ଅନନ୍ୟ ସୁନ୍ଦର
ତହିଁକୁ ଢାଳନ୍ତୁ ଆଜି ଶୋଭାର ସମ୍ଭାର । ୧ ।

ପହିରଣି ଶୁଭ୍ରବାସ ଅତି ସୁଶୋଭିତ
କୁଙ୍କୁମ ଚନ୍ଦନ ପଙ୍କେ ସର୍ବାଙ୍ଗ ଚର୍ଚ୍ଚିତ । ୨ ।

ଅରୁଣ ଅଧରେ ଶ୍ୱେତ-କର୍ପୂର ରଞ୍ଜିତ
କବରୀ ଉପରେ କୁନ୍ଦ ପୁଷ୍ପମାଳା ନ୍ୟସ୍ତ । ୩ ।

କଣ୍ଠେ ମୁକ୍ତା ହାରାବଳୀ ଝଳକ ଉଜ୍ଜ୍ୱଳେ
ପ୍ରଫୁଲ୍ଲ ଶ୍ୱେତ କୁମୁଦ ଶୋଭେଁ କରତଳେ । ୪ ।

ଚନ୍ଦ୍ରାବଳୀର କାନ୍ତି ମଳୟକେ ଲୁଚି
ଶୁକ୍ଳ ବସନ ଲୁଟଣି ଦେଖ ଦିବ୍ୟ ରୁଚି । ୫ ।

ଚନ୍ଦ୍ର ଜ୍ୟୋତ୍ସ୍ନାରେ ଅଧିକେ ବେଶ ମନୋହର
ଏ ଅନୁପମ ଶୋଭାକୁ କାଣ ପଟାନ୍ତର । ୬ ।

ଧନ୍ୟ ରେ ଧନ୍ୟାତିଧନ୍ୟା ଶୁକ୍ଲାଭିସାରିଣୀ
ଆଜି ରସିକଙ୍କ ମନ ନେଲୁ ସବୁ କିଣି । ୭ ।

ସୂଚନ୍ତ ପ୍ରେମାନୁଷ ଯାଅ କର ଧୀରେ
ଅନୁସରି ଗୋପାଳକୃଷ୍ଣ ସନ୍ନିଧିରେ । ୮ ।

---

ଜଳଦ—ମେଘ । କୁନ୍ତ— କେଶ ।

# କୃଷ୍ଣାଭିସାରିକା ଶ୍ରୀରାଧା

## ସଖୀ ଉକ୍ତି

( ରାଗ—ବଙ୍ଗଳାଶ୍ରୀ, ତୋଡ଼ି । ତାଳ—ଏକ, ଯତିମାନ )

ରେ ସଙ୍ଗିନି ! କୃଷ୍ଣ'ନୁରାଗିଣୀ ଗୋପୀ !
କୃଷ୍ଣ ଅଭିସାରେ ଚଳୁ କି ସୁଧାରେ ନିଜ ବପୁକୁ ପାଶୋରି । ଘୋଷା ।

ନୟନ ମୃଗମଦରେ ଚର୍ଚ୍ଚା କରୁଛି ଅନୁରାଗଂଜଅଙ୍କୁ ଜଳ,
ନୀଳମଣିହାର ମର୍କତ ବଳୟ ଭୁଜେ ଚଳେ କରେ ଖେଳା । ୧ ।

କନକ କେତକୀ କୋମଳ କାନ୍ତି ଢୋଇଦେଲୁ କୃଷ୍ଣବର୍ଣ୍ଣ।
କୁହୁ ଯାମିନୀରେ ଭସ୍ମ ଲୁଚିଗଲୁ କୃଷ୍ଣାଙ୍ଗ ପ୍ରଭାରେ ମିଶି । ୨ ।

ଶ୍ୟାମ ନୀଳ ଚୂର୍ଣ୍ଣ କୁନ୍ତଳଗୁଚ୍ଛ ଶ୍ରୀ ଅଳକେ ସୁଶୋଭିତ
ନୀଳ ସରୋବରେ ଯେମନ୍ତ କି ନୀଳ କମଳ ଦ୍ୱୀପ ଲସିତ । ୩ ।

ନୂପୁର ନବ ଚୂଡ଼ାମଣି ଭ୍ରୂ ଅଳକ୍ତିକେ କରୁ ରତ,
ଅଙ୍ଗ ପରିମଳେ ଲୋଭିତ ଭ୍ରମଳେ ଧାଉଁ ଚନ୍ଦ୍ରଭାଗବତୀ । ୪ ।

ନବୀନ କୁଞ୍ଜରେ ଯାଇ ଦେଖ ନାଗର ମୋହନ ମୋହନେ ଯଶ
ଗୋପାଳକୃଷ୍ଣ ରଚନା କଣ୍ଠଦେବ ସୁଖଶଯ୍ୟା କର ଭୋଗ । ୫ ।



---

ସୁଧାରେ - ସୁନ୍ଦର ସ୍ୱରରେ, ଧୀରେ । କୁହୁ ଯାମିନୀ - ଅମାବାସ୍ୟା ରାତ୍ରୀ ।
ଦ୍ୱୀପ – ସମୁଦ୍ର । ଭ୍ରମଳ – ଭ୍ରମର ।

# ବାତ୍ସଲ୍ୟ

## ଦେବକୀ ପ୍ରତି ଯଶୋଦା

( ରାଗ—ମୋହନା । ତାଳ—ଆଠତାଳୀ )

କେଡ଼େ ସୁନ୍ଦର ସ୍ୱପନ ରାତିରେ, ଦେଖିଲି ଦେବକୀ ! ଅଳ୍ପ ନିଦରେ ।
ମୋ କୃଷ୍ଣ ଚନ୍ଦ୍ରମା, ତୁମଘରକୁ ନେମା, ଦୁହିଁଙ୍କି ଦଣ୍ଡିତ ସାଥିରେ । ପଦ ।

ନୂଆ ବସନ ନୂତନ ଭୂଷଣ, ଭୂଷିତ ହୋଇ ଅଛି ମୋ ଚରଣ—
ଲଗେଇ ଓଳଗିଲା ନନ୍ଦବଧୂ ପଣ, ତୋଳି ମୁଁ ଧଇଲି ଛାତିରେ । ୧ ।

ମୋ ମୋହନର ହୃଦୟରେ ଥିଲା, ମଲ୍ଲୀମାଳୀ ମାଗିଲି କାଢ଼ିଦେଲା,
ଦୁହିଁ କୋଳେ ରାଧା କେଶେ ପିନ୍ଧାଇଲି, ଦେଖିଲି ହେଉଛି ପ୍ରଭାତରେ । ୨ ।

ଭୁଣ୍ଡି ହେଲା ପ୍ରାଣେ ସର୍ବମଙ୍ଗଳ, ଦଶୁଥିଲି ଏ ଦୁଃଖ କି ଅଜ୍ଞଳ,
ବାଳପିଲା ପଣ ପ୍ରକଟ ହେଉଥିଲା, ପରମ ଲକ୍ଷ୍ମୀ ମୂରତିରେ । ୩ ।

ଆଜି ମୋ ଶ୍ୟାମସୁନ୍ଦର ସଙ୍ଗକୁ, ଲଭିଲି ସେ ଦୁଃଖିବାର ପଛକୁ,
ସୁଖି କୋଟିଧନ ଲଭିଲି ପରନ୍ତୁ, ହେଉଥିଲି ମୋହିତ ସ୍ମୃତିରେ । ୪ ।

ପାଶେ ନ ବସୁଁ ହେରମ୍ବ ଦାଡ଼ିଦେଲା, ରକ୍ତ ରଞ୍ଜନ ଗୃହେ ସୁଝୁଁ ଥିଲା,
ଗୋବର୍ଦ୍ଧନ ଅନୋଳେ ପୁଣି ମୁଁ ଦେଖିଲୁଁ, ବସୁଛି ତା କୃଷ୍ଣ କଟିରେ । ୫ ।

ଶ୍ରୀ ଗୋପାଳକୃଷ୍ଣ ସେ ସଂଳାପ, ଚଳ ସୁନ୍ଦରୀମା ଆଶା କଳାପ,
ବସିଥିଲେ ଶ୍ରୀ ଲଳିତାଙ୍କ କନ୍ଧକ, ଆମୂଳାଗ୍ରେ ଏ ସଙ୍କଟରେ । ୬ ।

---

ପଦ୍ମ—ପୁଷ୍ପ । ଅଗନାଗ୍ରେ—ଦେଖଣ ଶେଷରେ । କୃଷ୍ଣ—ଭୂଷିତ ।

## ଶ୍ରୀ ଗୌରାଙ୍ଗ ବନ୍ଦନା

( ରାଗ—ମୋହନା, ତାଳ—ଏକତାଳୀ )

ଶ୍ରୀ ଗୌରଚନ୍ଦ୍ର ପଦ ବନ୍ଦରେ ମାନସ !
ଏ ଏକା ଶ୍ରୀରାଧା ଗୋବିନ୍ଦ ରେ । ଘୋଷା ।

ବ୍ରଜବଧୂ ଶ୍ରୀମତୀ, ହୋଇ ଗୋଟିଏ ମୂର୍ତ୍ତି,
ଜନ୍ମିଛନ୍ତି ଶ୍ରୀ ଶଚୀ-ନନ୍ଦନରେ । ୧ ।

ସ୍ୱ ସ୍ୱ କଳନାବଧି, ଦଶ୍ୱା ସଦ୍‌ଗୁଣ ନିଧି,
ସଦା ବେଷ୍ଟିତ ଭକ୍ତବୃନ୍ଦରେ । ୨ ।

ମହାଭାବ ଉଜ୍ଜ୍ୱଳ— ରସ ପୀତ ଶ୍ୟାମଳ,
ପରତତ୍ତ୍ୱ ହେଲାର ଦ୍ୱନ୍ଦରେ । ୩ ।

ଜଗନ୍ନାଥ ଦମ୍ପତି, ବଦାନ୍ୟ ଚକ୍ରବର୍ତ୍ତୀ,
ଶ୍ରୀ ନାମାମୃତ ସର୍ବ ଶବ୍ଦରେ । ୪ ।

ଏ କୃପା ପାରାବାର, ପ୍ରତ୍ୟକ୍ଷ ହୋଇବାର,
ଦେଖିଛନ୍ତି ଶ୍ରୀ ରାମାନନ୍ଦରେ । ୫ ।

ଗୋପାଳକୃଷ୍ଣ ଭଣେ, ଶ୍ରୀ ନାମ ଅନୁକ୍ଷଣେ,
କୀର୍ତ୍ତନ କରୁଥା ଆନନ୍ଦରେ । ୬ ।



ଶୁଦ୍ଧ—ଗର୍ଭ ।

# ଗୌର ବନ୍ଦନା

( ରାଗ—ବସନ୍ତ, ତାଳ—ଆଠତାଳୀ )

ସ୍ମର ମନ ! ଶଚୀ-ସୁତ-ଚୈତନ୍ୟ ମୋହନ ରେ ॥ (ଘୋଷା)

ଗୋକୁଳ ସଖାଙ୍କ ସଙ୍ଗେ, ଯେ ଖେଳୁ ବସନ୍ତ ରଙ୍ଗେ,
ନବଦ୍ୱୀପେ ଗୌରାଙ୍ଗ ସେ ବ୍ରଜେନ୍ଦ୍ର ନନ୍ଦନ ରେ । ୧ ।

ରାଧା ଭାବ ରାଧା ପ୍ରେମ, ରାଧା କାନ୍ତି ଅନୁପମ,
ଏହୁ ତିନ ଋଣ ପରିଶୋଧେ ଅବତୀର୍ଣ୍ଣ ରେ । ୨ ।

ପଣ୍ଡିତ ନବଙ୍କ ସହିତେ, ଅଙ୍ଗ ଉପାଙ୍ଗ ସହିତେ
ନୃତ୍ୟାନନ୍ଦେ ନିଜ ନାମ ସେ କଲେ କୀର୍ତ୍ତନ ରେ । ୩ ।

ପ୍ରେମୋନ୍ମାଦେ ହୋଇ ଭୋଳ, ଆଚଣ୍ଡାଳେ କଲେ କୋଳ,
ଉଦ୍ଧାରିଲେ ଉଦ୍ଧାରିତ ପାପୀ ତାପୀ ଜନରେ । ୪ ।

ଅନ୍ତ ରୂପ ଦିବ୍ୟ ବେଶ, ସଦା ମତ୍ତ ଭାବାବେଶ,
ସଚ୍ଚିଦାନନ୍ଦ ବିଗ୍ରହ କରୁଣାନିଧାନ ରେ । ୫ ।

ବିଷ୍ଣୁପ୍ରିୟା-ପ୍ରାଣବନ୍ଧୁ, ଶ୍ରୀ ପଦାବ୍ଜ ମକରନ୍ଦୁ,
ଗୋପାଳକୃଷ୍ଣ ବଞ୍ଚିତ ନୋହୁ କଦାଚନ ରେ । ୬ ।



ମକରନ୍ଦ—ପୁଷ୍ପମଧୁ ।

# ବଂଶୀବିଭବ

## ସଖୀ ପ୍ରତି ଶ୍ରୀରାଧା

( ରାଗ—କାମୋଦୀ, ତାଳ—ଏକତାଳୀ )

କଦମ୍ବ ବନେ ବଂଶୀ ବାଜିଲା ରେ ।
ରାଧା ଦମ୍ଭ-ଗିରିଶୃଙ୍ଗ ଭାଜିଲା ରେ । (ଘୋଷା)

ତୋ କଥା ପ୍ରତିକାର, ଆଜ ଦେଖ ନାହିଁ ମୋର,
ଶୁଦେବଜ-ରତନ ମୋ ଭାଜିଲା ରେ । ୧ ।

କଥା ମୋତେ ସଜଣୀ, ଆରେ ପ୍ରାଣସଙ୍ଗିଣୀ !
ଦୋହଲେ ଜୀବନ ବରଜିଲା ରେ । ୨ ।

ଦେଖି ବ୍ରଜେନ୍ଦ୍ର-ମୁଖ ଲିଖିଲବି ତର ଦୁଃଖ,
ସୁଖଜଳରେ ତନୁ ଭାଜିଲା ରେ । ୩ ।

ପଳାଇଲାନ ମନ, ବେଣୁ-ପଦ ଶୋଭନ
ପୀୟୂଷ-ବାରିଧିରେ ମଜ୍ଜିଲା ରେ । ୪ ।

ଶୁଣି ଦିବା ଲଳିତା, ବୋଲନ୍ତି କୀର୍ତ୍ତିଦାସୁତା
ମୁଖ-ସୁବର୍ଣ୍ଣାମ୍ବୁଜ ଦରସିଲା ରେ । ୫ ।

ଏକାନ୍ତ ଶ୍ରୀ ଲଳିତା, ଶ୍ରୀ ବୃଷଭାନୁ-ସୁତା,
ଗୋପାଳ-କୃଷ୍ଣ ବନ୍ଧୁ ଦେଖିଲା ରେ । ୬ ।



ଗିରିଶୃଙ୍ଗ—ପର୍ବତ । ସରଣୀ—ମାର୍ଗ । ଦେଶପତି—ଶ୍ରୀକୃଷ୍ଣ । କୀର୍ତ୍ତିଦାସୁତା—ରାଧା ।

# ବନବାହୁଡ଼ା ରୂପଶ୍ରୀ

( ରାଗ—ମଧୁଶ୍ରୀ, ତାଳ—ଆଠତାଳି )

ଦେଖିଲେ ଦେଖିଲ ସଖି ଅହେ ରସିକସଖଙ୍କୁ,
ଅଖିଳ-ବ୍ରଜବାସୀଙ୍କ ଆଖିର ପୁଣ୍ୟବୃକ୍ଷଙ୍କୁ । ଘୋଷା ।

ସୁରଭୀଗଣ ପଛରେ, ମୁରଲୀ ବଜାଇ ଧୀରେ,
ଗୋଠ ଆସିବା ବେଳରେ, ବନବାହୁଡ଼ା ସଜକୁ । ୧ ।

ବିନ୍ଦୁ ବିନ୍ଦୁ ଶ୍ରମଜଳ, ଅଳକାବୃତ କପୋଳ,
ମକର କୁଣ୍ଡଳ ଗଣ୍ଡ ଶିଖଣ୍ଡଚୂଳ ଧରକୁ । ୨ ।

ନଟବର ଶିରୋମଣି, ଚରମ ଦେଶରୁ ବେଣୀ,
ଫୁଲହାର ବଂଶୀରନ୍ଧ୍ରେ ଫୁଙ୍କୁ ଅଙ୍ଗୁଳି ବ୍ରଜକୁ । ୩ ।

ନାସିକାର ମୋତିବର, ଧୀର ଧୀର ଚଳିବାର
ଗୁଞ୍ଜାହାର ଝୁଲେ ଉର ପରମ ଧନ୍ୟ ସ୍ରଜକୁ । ୪ ।

ଝୁଣୁ ଝୁଣୁ ବାଜିବାର, ମଞ୍ଜୁଳମଣି ମଞ୍ଜୀର,
ଗୋପାଳକୃଷ୍ଣ ଚିତ୍ତେ ସେ ପଦାବରଣ କଞ୍ଜକୁ । ୫ ।



---

ସୁରଭି—ଗାଈ । ଚରମ—ପୃଷ୍ଠ । ବ୍ରଜ—ସମୂହ । ଗୁଞ୍ଜା—କାଇଞ୍ଚ ।
ସ୍ରଜ—ମାଳା । ମଞ୍ଜୀର—ନୂପୁର ।

# ନବାନୁରାଗ

## ସଖୀ ପ୍ରତି ଶ୍ରୀରାଧା

( ରାଗ—ଧନାଶ୍ରୀ, ତାଳ—ଆଠତାଳୀ )

ଦୟା ନ କରନ୍ତୁ ମୁଁ ଦାସୀ ଯିବା ରେ । ଘୋଷା ।

ଦୁଃଖ ଦେଇ ଶ୍ୟାମଙ୍କୁ, ରାଧା ସୁଖୀ ହେବାକୁ,
ବୁଝିବ କାହ୍ନୁ କି ଏ ଆଲୋଚନା ରେ ।୧।

ସେ ତାଙ୍କ ମନୋହାରୀ, ତା ନଖକଣ କରି,
ଧନ ଦେବ ପଙ୍କଜେ ଶୁମାର ନାଁ ରେ ।୨।

ଯାହାରେ ହେଲେ ସଖି ! ସେ ହୋଇଥିଲେ ସୁଖୀ,
ମିଳନ୍ତା ପରି କୋଟି ଲକ୍ଷ ସୁନା ରେ ।୩।

ଯଶୋଦାଙ୍କ ପୁଣ୍ୟରେ, ତରଙ୍ଗିଣୀ କୂଳରେ,
ହୋଇଁ ସେ ସନ୍ଧ ! ରହୁଥାନ୍ତୁ କନା ରେ ।୪।

ନିକଟରେ କି ଦୂରେ, ନନ୍ଦ ଶ୍ରୀମୁଖ ଥରେ,
ଦେଖୁଥିବ ଏତିକି ମୋ କାମନା ରେ ।୫।

ଗୋପାଳକୃଷ୍ଣ କହେ, ହସି ଶୁଣିଲେ ସଖୀ,
ତେବେ ତୋ ପଣରେ ରହୁଥିବ ଥନା ରେ ।୬।



# ଆକ୍ଷେପାନୁରାଗ

## ସଖୀ ପ୍ରତି ଶ୍ରୀରାଧା

( ରାଗ—ଭୈରବୀ, ତାଳ—ଏକତାଳୀ )

ମୋତେ କରାଗଲା ରେ ସଖି ! ବ୍ରଜବଧୂ-କଳଙ୍କ ।
କୁଳରୁ ଚ୍ୟୁତି ଘଟିଲା ଜୀବନ ସଙ୍କଟ ।ଘୋଷା।

ଅରେ ଦେଖିଲେ ସ୍ୱପ୍ନ କର, ତଦେକ ଚାହିଁ ମୁଁ ତାର,
କଳା କ ଦୋଷ ସେ ନବ-ନୀରଦ-ମୂର୍ତ୍ତି ।୧।

ଅତି ମନ୍ଦ ମୋ କପାଳ, ଲଭିଲୁଁ ଅଳପ,
ସନ୍ତୋଷ ହୋଇ ବଦନ ଚନ୍ଦ୍ରମା ଦେଖଇ ।୨।

କାଲି ଗୋଷ୍ଠ-ପ୍ରାଙ୍ଗଣରେ, ବୁଲା ଅଶ୍ରୁ ଧାରରେ,
ଚନ୍ଦ୍ରାବଳୀର ଚରଣ ବସିଥିଲା ସ୍ୱାଟ ।୩।

ଶୁଣିଲୁଁ ପାଦ ଝଣି ଝଣି, ପହୁଞ୍ଚ ନାଦ ଶୁଣି,
ଲୁଚିବାକୁ ଦେଖେ ତରକ ଦାଣ୍ଡୁଚଳି ଦାଣ୍ଡ ।୪।

କୃଷ୍ଣ ଲଭି ମାଳା ଦେଇ, ଗୋପାଳକୃଷ୍ଣ କହଇ,
ଆଜ ଦେଖଇଲି କାଳି ନ ଥାଏ କବାଟ ।୫।



ଅଳଙ୍କ—ପିଣ୍ଡା, ଚାରଣ୍ଡା । ଅନୁଷ୍ଟ—ଶବ୍ଦବୁର୍ଣ୍ଣି । ଅବସ୍ଥି—ଦ୍ୱିପଦ । ଅଙ୍କ – ଗୁଣ ।

# ବାତ୍ସଲ୍ୟ

## ଶ୍ରୀକୃଷ୍ଣଙ୍କ ପ୍ରତି ଯଶୋଦା

( ରାଗ-ମାଳବଗୌଡ଼ା । ତାଳ—ଅଠୁପକ )

ଉଠିଲୁ ଏଡ଼େ ବେଗି କାହିଁକ ରେ, ଦୁଃଖିଧନ !
ଦଧି ମନ୍ଥାଇ ଦେବୁ କାହିଁକ ରେ । ଘୋଷା ।

ଦେଖୁ ପାଶୋର ଦଣ୍ଡେ, ନିଦ ନ ଗଲୁ ଏଡ଼େ,
କଟୋଳି ହେଲୁ ମୋର ପାର୍ଶ୍ୱକ ରେ । ୧ ।
ଖେଳିବୁ ରାମ ଭୂଲେ, ପଛେ ଦୁଷ୍ଟ ପାଞ୍ଚିଲେ,
ଶୁଆଇ ଦେବି ଗୀତ ଗାଇକ ରେ । ୨ ।
ମନ୍ଥିବି ମୁଁ କେମନ୍ତ, ଶୁଆଧଣ୍ଡୁ ଛାଡ଼—
ଗୁଡ଼ ଦେଉଛ ଘର ଖୋଲିକ ରେ । ୩ ।
ଆହା ଏ କି ପ୍ରମାଦ, ଛନ୍ଦ ନା ବାବୁ ପାଦ,
ଡାକ ଯା ବଳରାମ ଆଳିକ ରେ । ୪ ।
ମଥନ-ଘଟେ ହାତ, ପୁରାଇ ନବନୀତ—
କାହିଁ ବୋଲନ୍ତି ହେଲୁ ବାଳକ ରେ । ୫ ।
ଭୁଞ୍ଜ ସାତଟା ଖାଇ, କାଢ଼ୁଛୁ କାହିଁପାଇଁ ?
ଶୁଖିଯିବୁ ନ ଖୁଆଁ ଛୁଇକ ରେ । ୬ ।
ଗୃହ-କୃତ୍ୟ ପକାଇ, ବସିଥିବ ଜୋଇ,
କହି ଧନ ତୋତେ କାଖେଇ କରେ ? । ୭ ।
ଘଣ୍ଟୁରେ ବଦନ, ଘୋଟି ଦେଲେ ଚୁମ୍ବନ,
ଗୋପାଳକୃଷ୍ଣ ଚନ୍ଦ୍ର ଦୁହିଁକି ରେ । ୮ ।

---

ନବନୀତ—ଲହୁଣୀ ।

# ବାତ୍ସଲ୍ୟ

## ଶ୍ରୀକୃଷ୍ଣଙ୍କ ପ୍ରତି ଯଶୋଦା

( ରାଗ—ଧନାଶ୍ରୀ । ତାଳ—ଅଠତାଳୀ )

ତୃଣକୁ ଦେଖୁର ଅସ୍ଥିର ହେଉଛ କେବଳ ଶୁଅ ତୁହି ବୋଲି ରେ ।
ରଙ୍କର ଧନ ମୋ ଗୋକୁଳ ଚନ୍ଦ୍ରମା ବସି ପାରୁ ନାହିଁ ରେ । ୧ ।

ଘୁଞ୍ଚି ଗୋଷ୍ଠାଗାର ମାଡ଼ିଲୁ ବାଟରେ ପଲକ ନ ପକାଇ ରେ ।
ଶ୍ୟାମ କଣବାଦ ହେଲାଣି ନ ହୋଉଣୁ ନନ୍ଦ ଅଂଶୁ ନାହିଁ ରେ । ୨ ।

ତେଣୁ ଶିଖାଇ ଦେଲୁ ତୋଳା ତାଳିବାର ତାଳ ଲୁକୁଚାଇ ରେ ।
ପାଦ ବଥାଉଛ ପରୁ ଆଁ କରୁ କି ନାହିଁ ଅର୍ଣ୍ଣି ନାହିଁ ରେ । ୩ ।

ଜନ୍ମଲୀନ ଭିତ୍ତି ହେଉଛି ପାଳ ବଣ୍ଟବାକୁ କ୍ଷୁଧା ପାଇ ରେ ।
ଆସ ଆସ ସ୍ତନ୍ୟ ପାନ କରାଇବି ବାହୁ ବାଢ଼ିଥାଇ ରେ । ୪ ।

ପଶୁପେନ୍ଦ୍ର-କୁଳ-ପ୍ରଦୀପ ତୁ ଦେଖ ଖେଳ ଛାଡ଼ିଦେଇ ରେ ।
କେତେବେଳ ହେଲା ଶୟନ କରନ୍ତି ବଳରାମ ଯାଇ ରେ । ୫ ।

ଚୁମ୍ବନ ଶିରେ ଦେଇ ନେଲେ ଯଶୋଦା ହୃଦରେ ଲଗାଇ ସେ ।
କର୍ଣ୍ଣମୂଳେ ଧୀରେ ଧୀରେ ଭଲ ମାଗି ଦେଲେ ପହୁଡ଼ାଇ ସେ । ୬ ।

ଜମ୍ବୁପର୍ଣ୍ଣ କଶପ୍ରା ତୂର୍ଣ୍ଣ ସୁପର୍ଣ୍ଣୀ ଅନଳେ ପକାଇ ସେ ।
ଗୋପାଳକୃଷ୍ଣ କହନ୍ତି ଧୂପ ଦେଲେ ଧନିଷ୍ଠିକା ନେଇ ସେ । ୭ ।

---

ଜନ୍ମଲୀନ—ଜଗତୁଳି । ସୁପର୍ଣ୍ଣୀ—ଲେଣ୍ଟୁଲି । ଧନିଷ୍ଠିକା— ଯଶୋଦାଙ୍କ କନିଷ୍ଠା ଦାସୀ ।

## ଉତ୍ସୋଚ୍ଛ୍ୱାସ

### ସଖୀ ପ୍ରତି ଶ୍ରୀରାଧା

( ରାଗ—ବସନ୍ତ । ତାଳ—ଆଠତାଳି )

ବ୍ରଜବନ୍ଧୁ ପର ମୋତେ କେ ବନ୍ଧୁ ନାହିଁ । ଘୋଷା ।

ପ୍ରଣୟ-ପରବ୍ଧାସ ମିଶା ସୁଧା ପୀୟୂଷ,
ଦୁଷିବାର ଅଳପ ଜନ୍ମ କଣ୍ଠ ।୧।

ଜାଣନ୍ତୁ ଆସିବାର, ଅଚାହିଁ ବାର ବାର,
ଲେଖୁଛି ସ୍ୱଳପଥେ ରହି ରହି ।୨।

ଫୋଟିଏ ଟୁକାଟି ମାର, ପଦ-ନଖ କୋଣେର,
ଅଂଶ ଲେଶକୁ ସମ ହେବ କାହିଁ ? ।୩।

ଥିଲେ ହେଲେ ହୃଦରେ, ମୋ ମନ ଶ୍ରୀପଦରେ,
ରହି ଥାଉଛି ସମ୍ବାଦନ ପାଇଁ ।୪।

ପଦ୍ମବନ୍ଧୁ ଜଳା- ଶ୍ରିତା ଦେଖେ କମଳା,
କମଳାଧ ପଣ୍ଡ ଭଲ ମୁହିଁ ମୁହିଁ ।୫।

ନିତ୍ୟ ନୂତନ ବପୁ ବଦନେନ୍ଦୁ ଅକ୍ରିଗନ୍ଧ,
ଦେଖିଲେ ମୂର୍ଚ୍ଛିବ କେ ଦେହ ବହି ।୬।

ଗୋପାଳକୃଷ୍ଣ ଭଣେ, ସୁଷମାରେ ସୁରସେ,
ରମାରମଣ ପା ଏ ସର କାହିଁ ? ।୭।



# ଉଷୋଲ୍ଲାସ

## ସଖୀ ପ୍ରତି ଶ୍ରୀରାଧା

ମୁହିଁମୁହିଁ ଜଣେଇ ଚନ୍ଦ୍ରମାଙ୍କର ମୋର,
ଆଜ ସମୁଦାଗରେ ଢୋଇଗଲା ମା । ଘୋଷା ।

ବେଳା ଶିଳାରେ ବସି, ଖେଳାରେ ଚନ୍ଦ୍ର ସଖି
ନେଉଥିଲା ଜଳୁଧି ଠାରଦେଇ ମା । ୧ ।

ଭୁଷ୍ଟିଁ ମୁଁ ହିଁକେଇ, ଆଳୀ ଆପଣ କରି,
ଘନ ପ୍ରତୀକ ଯାକ ଅହିଗଲା ମା । ୨ ।

କିଛି ବରୁଣେ ବେଶ, ଲେଉଟୁଥିଲା ସେ ବାଟ,
ଅବାଟରେ ଯତନରେ ନ ଥିଲା ମା । ୩ ।

ଅନ୍ଧାର ରହୁ ଦେଲା, ସେ ଜାଲେ ଭୁଲୁକଣ୍ଢି,
ଭୁଲି ଭୁଚ୍ଛିଁ ମୋ ଅଙ୍ଗ ବୁଡ଼ିଗଲା ମା । ୪ ।

ପାଥରକୁ ଆସିଁ ସେ, ପଥ ମୋତେ ନ ଦେଲେ
ପାଥରେ ଭୁଞ୍ଜି, ଆଉ ଜନ୍ମଦେଲା ମା । ୫ ।

ଭୁଞ୍ଜିଗଲା ଜଳରେ, କାଳିନ୍ଦୀ ତୀର ପାରେ,
ଗୋପାଳକୃଷ୍ଣ ବାଣ ଜଡ଼ାଇଗଲା ମା । ୬ ।



ବେଳା ଶିଳା—କୂଳରେ ପଡ଼ିଥିବା ପଥର । ପ୍ରତୀକ—ଅଙ୍ଗ । ପାଥରେ—ଜଳରେ ।

# ନୌକାବିଳାସ

## ସଖୀ ପ୍ରତି ଶ୍ରୀରାଧା

ବ୍ରଜେନ୍ଦ୍ରକୁମାର ! ରେ ସଙ୍ଗିନି !
ତରଣିତନୟା ତରଣୀରେ ଆଜ ଭଲ କେତେ ହରବର । ପଦ ।

ପାରି କରିଦେବି ବୋଲି ସେ ପାରିକ ହାତ ଧରି ଟେଣଲେ
ତଳେରେ ବସାଇ ଅଗାଧ ପାଣିରେ ସେପଣି ଭସାଇଦେଲେ ।୧।

ଶ୍ରୀ କିଶୋର ଶଶୀ କରେ ଧରି ବଂଶୀ ଅଳପ ଅଳପ ଫୁଙ୍କି ;
ସେ ସ୍ୱାନରେ ରହି ଦେଲି ମୁଁ ନୁଲାଇ ଗଲି ଗଲି ବୋଲି ଝୁଙ୍କି ।୨।

ଦ୍ୱୀପ ନିକଟରେ ଚଣ୍ଡ ପବନରେ ନଉକା ଅଟାଇ ଦେଲେ ।
ଜଣ ଜଣଙ୍କୁ ଚାହିଁଥାଇ ପହଁରି ଏ ପାରିରେ ଛାଡ଼ିଦେଲେ ।୩।

ଆଖି ମୁଦେଇ ମୁଖ ଲଗାଇ ଦଅଇ ଅଣୋଷ୍ଠୁ ଦେଖିଲେ ସବୁ !
ନିତମ୍ବରେ ହାତ ଦଅଇ ଜିଙ୍କୁ ଚେଟିକା ସଖିବେ କରି ।୪।

ଗୋପାଳକୃଷ୍ଣ କହନ୍ତି ଶୁଣ ସ୍ୱପ୍ନ ସେଠାରେ ଗଲି ସେ କଥା ;
ବ୍ରଜରାଜ ସ୍ପଷ୍ଟ ହୋଇଯିବ ଏବେ ଲାଜେ ନୁଆଁଇବ ମଥା ।୫।



ତରଣୀତନୟା—ସୂର୍ଯ୍ୟକନ୍ୟା ଯମୁନା । ସେପଣି—ଅଙ୍କୁଶ । ଚଣ୍ଡ ପବନରେ—ଚଣ୍ଡ ପର୍ଜନ୍ୟ କାଳରେ । ନିତମ୍ବ—ପିଚ୍ଛ । ସ୍ପଷ୍ଟ—ପ୍ରକାଶ ।

# ରସୋଲ୍ଲାସ

## ସଖୀ ପ୍ରତି ଶ୍ରୀରାଧା

( ରାଗ—କାଫି । ତାଳ—ଆଠତାଳୀ )

ସଖୀ ରେ ! ଏ ମୋ ଦୃଢ଼ ସ୍ମରଣା ।
ମୂର୍ଚ୍ଛି ନ ପାରବ ଶ୍ୟାମ ପୀରତ । ଘୋଷା ।

ଦେଖନ୍ତୁ ପନ୍ଥରେ ବାନ୍ଧବମାନେ ।
କନ୍ଦଳେ କହନ୍ତୁ ମୋ ଗୁରୁଜନେ । ୧ ।

ସେ ଯାହା ବୋଲିବେ ବୋଲନ୍ତୁ ମୋତେ ।
ଗଞ୍ଜଣା ଦିଅନ୍ତୁ ସେ ଅବା ଯେତେ । ୨ ।

ତଥାପି ବ୍ରଜେନ୍ଦ୍ର ଶ୍ରୀ ବନମାଳୀ ।
ବାନ୍ଧି ଦେଲା ମୋର ହୃଦୟ-ଶଙ୍ଖାଳି । ୩ ।

ପରମାନନ୍ଦ ଗୋବିନ୍ଦ ଚରଣେ ।
ଅନୁସର ଥିବ ଜାଗ୍ରତସ୍ୱପନେ । ୪ ।

ଶିଖୀଚୂଳେ ମନ ରହୁଛି ଲାଗି ।
ଗୋପାଳକୃଷ୍ଣ ତ ଏଥିକ ସାକ୍ଷୀ । ୫ ।



# ଯୁଗଳ ମିଳନ

( ରାଗ—ଶଙ୍କରାଭରଣ । ତାଳ—ଆଠତାଳୀ )

ଅହା କି ଶୋଭା ମାଧୁରୀ ।
ଯୁଗଳ-ମିଳନ-କୁଞ୍ଜେ-କିଶୋର-କିଶୋରୀ । ପଦ ।

କଳା ଗୋରା ଦେଖ ତନୁ ଅପୂର୍ବ-ସଙ୍ଗମ ।
ମର୍କତେ ଜଡ଼ିତ କି ସେ ଜାମ୍ବୁନଦ ହେମ । ୧ ।

କନକ-ଲତିକା ଯଥା ତରୁଣ-ତମାଳେ ।
ସ୍ଥିର ସୌଦାମିନୀ କିବା ନବାମ୍ବୁଦ-ମାଳେ । ୨ ।

କମଳେ ମଧୁପ ଯଥା ରଙ୍ଗୀ ଅନୁରାଗେ ।
ଦୁଇ ଅଙ୍ଗ ପୁଲକିତ ପ୍ରେମାବ୍ଧି ତରଙ୍ଗେ । ୩ ।

ଦୁହିଁଙ୍କ ଅଧରାମୃତ ଦୁହେଁ କରୁଁ ପାନ ।
ଆନନ୍ଦ-ଉଦଧି ଉଚ୍ଛୁଳିଲ ଘନଘନ । ୪ ।

ଦୁଇ ଦେହ ଏକ ମନ କରନ୍ତ୍ୟାଲିଙ୍ଗନ ।
ନାଗରେନ୍ଦ୍ର ଅଙ୍କେ ନବ ନାଗରୀ-ରତନ । ୫ ।

ବଦନେ ବଦନ ସମ୍ମିଳନ ଦିବ୍ୟ ଆଭା ।
ଏକଇ ମିଳିତ ଦୁଇ ପୂର୍ଣ୍ଣଚନ୍ଦ୍ର କିବା । ୬ ।

ସୁଷମୀ ଶ୍ରୀ ଯୁଗଳାଙ୍ଗ ଶ୍ରମ-ଜଳ-ପ୍ଲୁତ ।
ରତନସ୍ତୁ-ସୁମଙ୍ଗଳ ଅଭିଷେକ-କୃତ । ୭ ।

ଯୁଗଳ-ବିଳାସ-ଗୁଣ-ଗାନେ ମାତି ତାଳି ।
ଗୋପାଳକୃଷ୍ଣ କାନ୍ଦଇ ପ୍ରେମ-ଅଶ୍ରୁ ଢାଳି । ୮ ।

---

ଜାମ୍ବୁନଦ—ସୁବର୍ଣ୍ଣ । ସୌଦାମିନୀ—ବିଜୁଳି । ନବାମ୍ବୁଦ—ନବମେଘ ।
ପ୍ରେମାବ୍ଧି—ପ୍ରେମର ସାଗର । ଉଦଧି—ସମୁଦ୍ର ।

# ଶ୍ରୀ ରାଧାଙ୍କ ଶୈଶବ

( ରାଗ—ରଙ୍ଗମାଳିଆ, ଝମ୍ପନ )

କେଶର-କୁଞ୍ଜ ଶେଯରେ,
ବ୍ରଜେନ୍ଦ୍ର ବୃନ୍ଦାଙ୍କୁ ପୁଚ୍ଛନ୍ତି ଧୀରେ,
ସହଚରି ରେ ! ରାଧା ବୋଲି କେ ବ୍ରଜରେ ? ୧ ।

ଶୁଣିଲି କେତୁଁ ସେ ନାମ,
ସୁଧାପାନ ପରି ଲାଗୁଛି କର୍ଣ୍ଣ,
ସହଚରି ରେ ! ଚିହ୍ନାଇ କହ ମରମ ? ୨ ।

ଚନ୍ଦ୍ରଧରଙ୍କୁ ଅନାଇଁ,
ବୃନ୍ଦା ମନ୍ଦ ମନ୍ଦ ହସିଲା ଚାହାଁଇ,
ଭକ୍ତ ଅଶ୍ରୁଁ ଦେଇ, ଅଙ୍ଗେ ପୁଲକ ପୂରାଇ । ୩ ।

ସେ ଶ୍ରୀ ବୃଷଭାନୁ-ଜେମା,
କିଶୋରୀ-କୋଟି-ନକ୍ଷତ୍ର-ଚନ୍ଦ୍ରମା,
ରସରାଜ ହେ ! ରମାବନ୍ଦ୍ୟ ତା ସୁଷମା । ୪ ।

ସେ ଯେ ଦ୍ୱାତ୍ରିଂଶ ଲକ୍ଷଣା,
ଅନୁପମାମସ୍ୱୀ ସେ ବିଚକ୍ଷଣା,
ରସରାଜ ହେ ! ସୁନୀଳ-ଜଳଦେକ୍ଷଣା । ୫ ।

କଣ ଥିବାଯାକ ବନ୍ଧୁ,
ଭସ୍ମ ଦରଜ ଦିଶିଲେ ଜନ୍ତୁ,
ରସରାଜ ହେ ! ଶୋଷ୍ଠି ଶେଷ ହେବ କାହିଁ । ୬ ।

ଆଜି ମାଧୁରୀର ଧୂସ୍ୱା,
ତୁମ୍ଭ ତ ! ପାଶେ ଥିଲେ ବଂଶୀଧାରୀ !
ରସରାଜ ହେ ! ଦଶିବ ସୁକାଶା ପଣ । ୭ ।

---

ଶର୍ମ—ସୁଖ, ମଧୁର । ଗୋପ—ସମ୍ପଦ୍ଧ । ଧୂସ୍ୱ—ପ୍ରାଧାନ୍ୟ ।

ଅମ୍ବା ବଳାମ୍ବା ଭିତରେ,
ଭୋଳି ହେଉଥିଲେ ବଂଶୀ ଶବ୍ଦରେ,
ରସରାଜ ହେ ! ଅଜନ ଭଙ୍ଗ କାଳରେ ।୮।

ଶ୍ୟାମ ସୁନ୍ଦରଙ୍କୁ ମୋର,
ଏକା ରାଧିକା ଥିଲା ପଟାନ୍ତର,
ବୋଲୁଁ ଜନନୀ, ନାମ ଶୁଣିଲ ଭାଣ୍ଡାର ।୯।

କୁଞ୍ଜ ଭଜନ୍ତି ନସ୍ବର,
ସ୍ବପ୍ନ ଭେଟେ ହେଉଥିବ ଦରଶ ?
ପଦ୍ମବର ରେ ! କହୁଁ ଭୂଷା ସ୍ପର୍ଶ ।୧୦।

ହେ ନୂତନ ରଙ୍ଗ-ରସ,
ଯୌବନେ-ଲକ୍ଷ୍ମୀ ତା ପଦେ ଶରଣ,
ରସରାଜ ହେ ! ହୋଇ ଯାରଙ୍ଗୀ କାଣ ।୧୧।

ବସନ୍ତ ଏପାର ବାର,
ଲଭିବେ ପର ହେଉଛୁ ଗୋଚର,
ରସରାଜ ହେ ! ସେ ସ୍ୱାର୍ଥୀ-ଶିରୋମଣିର ।୧୨।

ରାଧାର ସ୍ବପ୍ନ ବସୁଧ,
ଶେଷେ ଅବସ୍ଥା ହୋଇଛି ଶେଷ,
ରସରାଜ ହେ ! ମଧୁକାଳ ପରଦେଶ ।୧୩।

ହେ ନବ-ନାଗର-ଗୁରୁ ,
ଲଜ୍ଜାନ୍ୱିତା ଲୁଚେଣ୍ଟ ଅଙ୍ଗ-ବାସବୁ ,
ରସରାଜ ହେ ! ନବ-କିଶୋରୀ ଉରୋଜୁ ।୧୪।

ଥିଲେ ଗୁରୁଜନ ମେଳେ,
ମଥାରେ ଓଢ଼ଣୀ ନ ଦିଏ ହେଲେ,
ରସରାଜ ହେ ! ବାଳିକାଙ୍କ ପଲେ ଖେଳେ ।୧୫।

ସୁବର୍ଣ୍ଣ-ପଞ୍ଜିକା-ତରୁଣୀ —
ବୁଲନ୍ତି ସୁନ୍ଦରୀ ଦେଖିଲକ୍ଷଣୀ,
ରସରାଜ ହେ ! ଶୁଣେ ପଣ୍ୟହାଟ-ବାଣୀ ।୧୬।

କେ କହେ ତାକୁ ଚାନ୍ଦକା,
କେ କହେ ତରୁଣୀ-ରଞ୍ଜନ ଏକା,
ରସରାଜ ହେ ! ଏମନ୍ତ ବଦନ ସ୍ୱଧିକା । ୧୭ ।
କେଳି-ଉପଯୁକ୍ତ-କଥା—
ଶୁଣି ସାନନ୍ଦିତ-ରମଣୀ ଯଥା,
ରସରାଜ ହେ ! ଶ୍ରୁତି ଦେଖାଏ ଅନ୍ୟଥା । ୧୮ ।
ଶୁଣିଲ ବୋଲେ ବାଣୀକୁ,
ଚିତ୍ତ ମୂଢ ହେବେ କାହେ ଶ୍ରୋତ୍ରିକି,
ରସରାଜ ହେ ! ସାଧା ଦେଖିବେ ଖାଣି କି । ୧୯ ।
କରନ୍ତୁ ମୁଁ ଅନୁମାନ,
ଦୁର୍ଦ୍ଦଶାଶ୍ରୀ ଯାନ୍ତ୍ରବନ-ଶ୍ରମାନ,
ରସରାଜ ହେ ! ବାଳଦଶା ତୁଟେଁ କାଣେ । ୨୦ ।
କି ଶୋଭା ବର୍ତ୍ତିବ ଅବା,
ଅଧର କହିଲ ବନ୍ଧୁଲି ଜବା,
ରସରାଜ ହେ ! ମଞ୍ଜୁଳ ଶ୍ରୀମୁଖ ଆଭା । ୨୧ ।
ବାଳର ସୁନା-କଳାକ,
ଯାମ୍ୟକୁ ଖୋଳେ ପଞ୍ଚକୁ ମନ,
ରସରାଜ ହେ ! ପଳାଇ ଯାଉଛି ସେନ । ୨୨ ।
ଛଡ଼ାଇ ତୁଳକୁ ମସୀ
ଗୋଟିଏ ହୋଇଲେ କୋଟିଏ ଶଶୀ,
ରସରାଜ ହେ ! ତୁଷ ପଣ ଦିବେ ଦଶୀ । ୨୩ ।
ଶ୍ରୀ କଟିଳାଳକାଗ୍ରା,
କଳା-ମେଘ-ତଳେ ଉଜ୍ଜ୍ୱଳ ଝଳ,
ରସରାଜ ହେ ! ଧରେ ଅଚଳ୍ୟ ଝକୁଳ । ୨୪ ।
ଦେହୁଳିରେ ଗଡ଼ିଲା ଗୁଳି,
ପଦାବ୍ଜ-ଟେକ୍ରୁ ଚୁମ୍ବୁଛି ଅଳି,
ରସରାଜ ହେ ! ଅଙ୍ଗାମୋଦ କୋହେ ଘଳି । ୨୫ ।

---

ଦେହୁଳି—ଦ୍ୱାରବନ୍ଧ ।

ନାରାୟଣ ପ୍ରିୟତମା,
ହିମାଦ୍ରି ତନୟା ଶିବଙ୍କ ବାମା,
ରସରାଜ ହେ ! ଶଚୀ ରତି କି ଉପମା । ୨୬ ।
କୋଟି-ବ୍ରହ୍ମାଣ୍ଡ-ସୁନ୍ଦରୀ,
ଏକମାତ୍ର ଯଶୋଦା-ସୁରନ୍ଦରୀ
ରସରାଜ ହେ ! ସେହୁ ଧନ୍ୟ କୃଷ୍ଣୋଦୟ ? ୨୭ ।
ବିଶ୍ୱ ସର୍ଜନାରେ ନାହିଁ,
ତୁଳନାରେ ଯୋଗ୍ୟ କେ ବସ୍ତୁ ନାହିଁ,
ରସରାଜ ହେ ! ତାହାଙ୍କୁ ଉପମା କେହୁ । ୨୮ ।
ପରମାନନ୍ଦ-ସ୍ୱରୂପିଣୀ,
ଯୋଷିତ୍ରୁ ନା ଲକ୍ଷ୍ମୀ ଜଗତ-ଶ୍ରେଣୀ,
ରସରାଜ ହେ ! ସେ ସଦ୍‌ଗୁଣ-ଗଣ ଖଣି । ୨୯ ।
ବ୍ରଜବାସୀଙ୍କ ନନ୍ଦନ—
ସମସ୍ତି ସେ ଶ୍ରୀ ଯଶୋଦା-ରତନ ;
ରସରାଜ ହେ ! ଆହା ବସ୍ତୁ ହିଁ ଶୋଭନ । ୩୦ ।
ଏମନ୍ତ ବାଣୀ ଚରିତ,
ରସିକ ଜନଙ୍କ ବୋଧ ସେ ମାତ୍ର,
ରସରାଜ ହେ ! ଅନ୍ୟ କେ ଏଥିକୁ ପାତ୍ର । ୩୧ ।
ତୁମ୍ଭେ ତ ନାଗରରାଜ,
କି ଶୁଦ୍ଧ କି ରସ ଏ ମଧ୍ୟ ଅଜ,
ରସରାଜ ହେ ! ଅନୁଧାବନରେ ହେଜ । ୩୨ ।
ହରିଶ୍ରବାସନ୍ନ ହୋଇ,
ଭଣିଲେ ଗୋପାଳକୃଷ୍ଣ କହ୍ନାଇ,
ରସରାଜ ହେ ! ଶ୍ରୀ ପଦାବ୍ଜ-ଯୁଗ ଧ୍ୟାଇ । ୩୩ ।

# ଶ୍ରୀକୃଷ୍ଣ ବନ୍ଦନା

( ରାଗ—ଝିଂଝୋଟି । ତାଳ—ରୂପକ )

ଭଜ ମାନସ ! ରାଧାରମଣ ନାମ ରସ କଥାରେ
ସେବିତ ଶୁକ ସନକ ମୁନୀଶ ଅନନ୍ତ ନତ ମଥାରେ । ଘୋଷା ।

ଭ୍ରମନା ଭବ ଖେଳ ମେଳରେ ଲଭି ଧନ ପ୍ରମଦାରେ
ଭବ ସରସିଜଭବ ଦୁର୍ଲଭ ପ୍ରେମଭକ୍ତିଦ୍ୱାରେ । ୧ ।

ଜନ୍ମ-ମରଣ-ଭ୍ରମଣୀ ତାପହାରିଣୀ ବସୁଧାରେ
ଶାତକ୍ରିଜ ବସ୍ତୁରୁ ନୂଆ ସୁରଧୁନୀ ସମ ଥାରେ । ୨ ।

ନୀରଜ-ବନ୍ଧୁ-ନନ୍ଦିନୀ-ତୀର ନିକୁଞ୍ଜବନ-ଅଗାରେ
କେଶୀ-ମଥନ-କେଳି ଚରିତ ଦେଖିଲ ଭୁଲି ଗାରେ । ୩ ।

ମୋକ୍ଷ ପଦକୁ ଲକ୍ଷ୍ୟ ନ କର ରହିଯା ଅଳକାରେ
ରାସେଶ୍ୱରୀଙ୍କ କିଂକରୀ ହୋଇ ବାସ କର ବ୍ରଜ ଗାଁରେ । ୪ ।

ଗୋପାଳକୃଷ୍ଣ କହେ ସତୃଷ୍ଣ ହୋଇ ସୁମନାସ୍ତାରେ
ଦୋଷ ରହିତ ଘୋଷ ଚରିତ ଘୋଷ ଦଳ ନଗାରେ । ୫ ।



---

ନାମ ରସ—ସନ୍ନାମ୍ନ ରସ । ମୁନୀଶ—ମୁନିଶ୍ରେଷ୍ଠ । ଭବ ଖେଳ—ସଂସାର ଖେଳ । ଭବ—ମହାଦେବ । ସରସିଜଭବ—ବ୍ରହ୍ମା । ଶାତକ୍ରିଜ—ସୁବର୍ଣ୍ଣ । ସୁରଧୁନୀ—ଗଙ୍ଗା । ନୀରଜବନ୍ଧୁ—ସୂର୍ଯ୍ୟ । ଅଗାର—ଗୃହ । କେଶୀମଥନ—କୃଷ୍ଣ । ବ୍ରଜ ଗାଁ— ବ୍ରଜ ଭୂମି । ସୁମନାସ୍ତା—ଦେବାଙ୍ଗନ । ଘୋଷ ଚରିତ—ବ୍ରଜ ଚରିତ । ରାସେଶ୍ୱରୀ—ରାଧା ।

## ଗୌରଚରଣ ଅଧିକାରୀ

### ଶ୍ରୀକୃଷ୍ଣ ବନ୍ଦନା

ଶାନ ଭବ ହର ନାମ ରସିଆ ବରଜ ଗୃହ କଲ୍ୟାସ୍ୱାରଂ
ଗୋପ ଗୁଆଳୁଣୀ ମାନସ ଲୁଟେ ମୋହନ ବେଶ ବନସ୍ୱାର । ଘୋଷା ।

ଯାର ଚରଣ ରଜ ଭଜନ କରନ୍ତେ ଶୁକ ସନକ ନାରଦ ମୁନି ଆସ୍ୱାର
ସୃଷ୍ଟି ସନାତନ ଲକ୍ଷ୍ମୀନିକେତନ ସେ ଅବ ଗୋକୁଳ ଆସ୍ୱାର । ୧ ।

ଚତୁରାନନ ଧୀରେ ଧ୍ୟାନ ଧରନ କରେ ଯା ଚରଣକୁ ନ ପାସ୍ୱାର
ସେ ଅବ ଗୋପରେ ନନ୍ଦ ମହଲ ପରେ ଖେଳେ ଗଡ଼ାଗଡ଼ି ଯାସ୍ୱାର । ୨ ।

ଯାଉଁତ ଭଲ ବ୍ରଜ ବସିନ ଚଳନ୍ତିତ ସକଲ ଦୁଃଖ ନଶ୍ୱସ୍ୱାର
ସଂସାର ଶତ୍ରୁ ଦୂରନ୍ତ କଲଉଁବେ ଯା ରୂପ ଦେଖି ନଗାସ୍ୱାର । ୩ ।

ଯମୁନାତଟେ ବେଣୀ ଯାଇ ମୁରଲୀ ବଟ ଗୋପ ଅନନ୍ତ ଯାସ୍ୱାର
ବାଲି ଗୁଜରୀ ଲଉ ବାଲି ବିଷ୍ଣୁ ଭଜ କଂକାଳି ନାଲି କଟସ୍ୱାର । ୪ ।

ମାଲି ତିଲକ ବେଶ ବେଶ ବନାଉଁଛ କୌପିନ କଟିରେ ତଦ୍ଧାସ୍ୱାର
ସାଧୁ ଚରଣ ପଦସ୍ୱାର ମୁରଲୀତଳ ଟେ ରଚେ ଅଙ୍ଗ ସଦ୍ଧାସ୍ୱାର । ୫ ।

ଧୁଣ୍ଡ ସବ ସଦନ ପିଣ୍ଡ ପ୍ରଯୋଜନ ମାଧୁକରନ ଲୁଟ ଶାସ୍ୱାର
ଗଉର ଚରନ ମନ ଭଜବଲ୍ଲୀ ଭେଳି ନନ୍ଦନନ୍ଦନ ଗୁନ ଗାସ୍ୱାର । ୬ ।



ରଜ—ଧୂଳି । ଗୋପ—କଦମ୍ବ । ଧୁଣ୍ଡ (ହିନ୍ଦୀ)—ଖୋଜିବା ।

## ଶ୍ରୀରାଧା ବନ୍ଦନା

ଢଳଢଳ ବୃଷଭାନୁନନ୍ଦିନୀ ଦେଖେ ନନ୍ଦ ଲାଲ
ରାଇ ପୁରଟ ବରଣୀ ଶ୍ୟାମ ନବଘନ ଗରବ କାଳା । ଘୋଷା ।

ଚରଣ୍ଡ ଚନ୍ଦ୍ରିକା ଚୂଳ ସୁନ୍ଦର ଫୁଲ ତୁଳସୀ ମାଳ
କର୍ଣ୍ଣ ଯୁଗଳେ ସ୍ୱର୍ଣ୍ଣ କୁଣ୍ଡଳ ଦୋହଲି କରନ୍ତି ଖେଳ । ୧ ।

ରାଇ ଲଲାଟ ପୂର୍ଣ୍ଣଚନ୍ଦ୍ର ଭ୍ରୂବକ ଭରିରେଖ ଥାଳ
ନାସାଗ୍ରେ ଝଟକ ମୋତି ଝଲକ ଝଟକ ଝାଳ । ୨ ।

ପୀତ ବସନ ଶ୍ୟାମଙ୍କେ ଶୋଭନ୍ତି ପ୍ୟାରୀ ଦୁକୂଳ ଲାଲ
ରାଇ ଗଳେ ମଣି ମାଣିକ ଡୁଲେ ଶ୍ୟାମ ଗଳେ ବନମାଳା । ୩ ।

କୁଂଜ ସଦନ ସୁମନ ଭରେଣ୍ଡ ଝୁମ୍ପିଜନ କରେ ଦୋଳା
ସେବନ୍ତି ଚଉପାଶେ ଦେବ ସୁଖ ଦୁଗୁନ ବାଳ । ୪ ।

ଦେଖ ସଖୀଗଣ ତାଳମାନ ଗାନ କରନ୍ତେ ଖେଳ
ଭେରୀ ମୃଦଙ୍ଗ ବଂଶୀ ବାଜେ ବାଜନ୍ତ କରତାଳ । ୫ ।

ସଖୀ ନାଚ୍ଚ ମନ ଦେଖ ନାଚିନ ଝଟକ ଚନ୍ଦ୍ରିକ ଝାଳ
ଦ୍ୱିଜ ଗଉରି ଚରଣ ମାଗେ ଦେଇ ବ୍ରଜ ସ୍ଥଳ ଧୂଳି । ୬ ।

---

ପୁରଟ—ସୁବର୍ଣ୍ଣ । ଡୁଲେ—ଦୋହଲେ । ସୁଖ ଦୁଗୁନ—ଆଠ ।
ଚନ୍ଦ୍ରିକା—ମୟୂର ପୁଚ୍ଛ ।

# ଶ୍ରୀକୃଷ୍ଣ ବନ୍ଦନା

ଜୟ ଜୟ ବ୍ରଜରାଜନନ୍ଦନ କୁଂଜ ବନୋଦକାରୀ
ଜୟ ନବଘନ କାନ୍ତି ସୁନ୍ଦର ମୋହନ ମୁରଲୀଧାରୀ ।୧।

ନୀଳକଣ୍ଠ ଚନ୍ଦ୍ର ଚୂଳ ଗୁଞ୍ଜ ଗୁଞ୍ଜ ଅତି ଶୋଭେ
ଗଣ୍ଡ ମଣ୍ଡଳେ କୁଣ୍ଡଳ ଯୁଗ ଝଲମଲ ମନଲୋଭେ ।୨।

ଭାଲ ପଟେ ମୃଗମଦ କସ୍ତୁରୀ ଟିପ
ବଙ୍କାର ଧନୁ ନିନ୍ଦିତ ଭ୍ରୂଯୁଗ ଶୋଭିତ ପଦ୍ମନେତ୍ର ।୩।

ବିମ୍ବାଧରେ ସ୍ଫୁରିତ ହାସ ମୋହିତ ଭୁବନ ସର୍ବ
ବଦନ କାନ୍ତି ଖର୍ବ କରଇ ପର୍ବଶଶୀର ଗର୍ବ ।୪।

ଚାରୁ ରତନ ହାର ପଦକ କଣ୍ଠ ଭୂଷଣ ମୋତି
ପୀତ ବସନ ଜିତ ବିଦ୍ୟୁତ ଝଲକ ଜ୍ୟୋତି ।୫।

କଙ୍କଣ ମଣିମଣ୍ଡିତ କର କିଙ୍କିଣୀ କଟି ମାଝେ
ଝୁଂ ଝୁଂ କୃତ ନୂପୁର ନାଦ ପାଦ ଯୁଗଳେ ବାଜେ ।୬।

ମୋହିତ ବ୍ରଜ ମଣ୍ଡଳୀ ମଧ୍ୟ ମଦନ ମୋହନ ବଂଶୀ
ଦାମ ସୁବଳ ମଧୁ ମଙ୍ଗଳ ସ୍ତୋକ କୃଷ୍ଣ ପଶୀ ।୭।

ଚତୁରାନନ ପଞ୍ଚାନନ ସହସ୍ରାନନ··· ।୮।

ପତିତ ଜନ ପାବନ ଦୀନବନ୍ଧୁ ନାମ ଯେଣୁ
ପାମର ଦ୍ୱିଜ ଗଙ୍ଗାଧର ଚରଣ ଆଶ୍ରୟ କରଇ ତେଣୁ ।୯।



ଗୁଞ୍ଜ—ସୁନ୍ଦର । ପର୍ବଶଶୀ—ପୂର୍ଣ୍ଣିମାର ଚନ୍ଦ୍ର ।

# କୃଷ୍ଣ ମାଧୁରୀ

ବୃନ୍ଦାବନମେ ଚଲତହିଁ ଧୂଲି ଖେଲତ ସଙ୍ଗ ଗ୍ୱାଲ ହୋ
ବ୍ରଜ ଭୂପ ନାନ୍ଦ ଆନନ୍ଦକ ବାଲେ ଝୁଲତ ବ୍ରଜକୁମାରୀ ହୋ । ପଦ ।

ଧୁଟି ଧୁଟି ଝାଲର, ଦର୍ପନ ସୁନ୍ଦର କୁଂଜ କୁଟିର ଚଉତାରି ହୋ
ଝଁଟ ଝଁଟେ ମଣି ଗଣ କାନ୍ତି ବିରାଜିତ ଚନ୍ଦ୍ର କିରଣେ ଜଗ ପୁର ହୋ । ୧ ।

ଗାବେ ସେ ଚେଡା ଜସୋଧ୍ୟ ସଖୀଗଣ୍ଡ ଉନ୍ମୁକ ଗାହୁଲେ ଝୁଲାବ ହୋ । ୨ ।

ବାଜତ ତାନ ତାମ ମର୍ଦଲ ମଂଜୁଳା ଝନନ ଝନନ ଝମତାରି ହୋ
ଗାଓତ ଝୁଲନ ପଦ୍ୟାବଳୀ ଗୀତ ରସେ ହିନ୍ଦୁ ଲଲିତାରି ହୋ । ୩ ।

ଝୁଲୁଁ କର ଧାରନ କୁସୁମ ଶେଖରନ ଲାଲିତ ମଧୁ ସମ୍ଭାରି ହୋ
ଝୁଲୁଁ ମୁଖ ଝୁଲୁଁ ଝେଲି ଝୁଲ୍ଲ ଝୁଲ୍ଲ ଝପଟ ଝଟେ ମଗନ ଝୁମ୍ପା ଝେଲି ହୋ । ୪ ।

ଶ୍ରୀକ କରେ ବନ୍ଦନ ବ୍ରଜେନ୍ଦ୍ର ନନ୍ଦନ ମୋହନ ଗିରିବର ଧାରି ହୋ
ବୃନ୍ଦାବନ ଯାତ୍ରୀଗଣ ଶ୍ରୀରାଧେ ପଦପାଦ ଜନର ଯାଇ ହୋ । ୫ ।

ଶ୍ରୀକ ପ୍ରିୟ କୋକିଳ ପଞ୍ଚମ ଗାନେ ନୀଳକଣ୍ଠ ନଟକାରି ହୋ
ଚନ୍ଦ୍ରାମଣି ସୁଲ କୌସ୍ତୁଭ ପେଟର ପୋଖରେ ନର୍ତ୍ତନ କାରି ହୋ । ୬ ।

ଗଣ୍ଡର ଚରଣ ଦ୍ୱିଜ ଦ୍ୱାରେ ଯନ ଯନ ମାଥେ ସ୍ଥାପ ପ୍ରଧାରି ହୋ
ଭକ୍ତି ଧନ ସ୍ୱଜନ ରାଧାମାଧବ ଚରଣ କମଳେ ଯାଉ ହାରି ହୋ । ୭ ।

# କାହ୍ନୁଁ ରଖିବି ଏ ନୟନ

କାହିଁ ରଖିବି ଏ ନୟନ ଲୋ ସଜନୀ, କାହିଁ ରଖିବି ଏ ନୟନ
ଯେବେଠୁ ଘୁଞ୍ଚିଦେଲି ଦେଖିବେ ସେ ବସନ୍ତ କାଳେ ଏ କଥ ଭଜନ

ଲୋ ସଜନୀ, କାହିଁ ରଖିବି ଏ ନୟନ । ଘୋଷା ।

ଏ ଦଣ୍ଡ ଅପୂର୍ବ ଦେଖିଲି ତୋଳି ମୁଖ
ପାର୍ଶ୍ୱକୁ ଚାହାଁନ୍ତେ ଫେର
ଯମୁନା ଯମୁନା ଦେଖାଇ ବହୁଛନ୍ତି
ନୀଳିମା ଛବି କି ଧରି, ଲୋ ସଜନୀ । ୧ ।

ଦେଖି ଏ ଲକ୍ଷଣ ପାଳିଛି ଭୀଷଣ
ଦକ୍ଷିଣେ ଭଷଣ କଲି
ସେ ଦିଗେ ସୁନ୍ଦର ସୁନ୍ଦ୍ରୀ ପୁରନ୍ଦର
ନୀଳମଣି ତା ଝଲକ, ଲୋ ସଜନୀ । ୨ ।

ପଶ୍ଚିମକୁ ଅକି ଚାହାଁନ୍ତେ ମୁଁ ଦେଖି
ଗିରି ଗୋବର୍ଦ୍ଧନ ଶୋଭା
ନବ ପଲ୍ଲବେ ତରୁଲତା ମଣ୍ଡିତ
କୋଟି ମରକତ ଆଭା, ଲୋ ସଜନୀ । ୩ ।

ଫେରାଇ ଉତ୍ତର ହେଲି ମୁଁ କାତର
ଉପରକୁ ଦେଲି ଦୃଷ୍ଟି
ସେ ଦିଗେ ତମାଳ ବନ ମାଳ ମାଳ
ସେ ଶ୍ୟାମଳ ଶୋଭା ସୃଷ୍ଟି, ଲୋ ସଜନୀ । ୪ ।

ଆକାଶକୁ ଦୃଷ୍ଟି ଦେଲି ମୋ କଟମ୍ବାକ୍ଷି
ଛିନ୍ନ ଭିନ୍ନ ଘନ ଘନ
ସେ ନନ୍ଦ ନନ୍ଦନ କାନ୍ତି ନବଘନ
ଦିଶିଗଲେ ଘନ ଘନ, ଲୋ ସଜନୀ । ୫ ।

ଦଣ୍ଡେ ପାଦତଳେ ଗଣ୍ଡେ କର ଦେଇ
ରହିଲି ବଦନ ଘୋଡି
ନବ ଦୂର୍ବାଙ୍କୁର ନଖରେ ଅଙ୍କୁରି
ସେ ଦୂର୍ବି ସେଥୁ ଆବୃତ, ଲୋ ସଜନୀ । ୬ ।

ସକଳ ସୁମନ                                    ମନ ମାନସକୁ
ନମନ ଲୁଟିଲା ଯହିଁ
ଗୌର ଦ୍ୱିଜ କହେ                                    ହୃଦୟ ମଧ୍ୟରେ
ଉଦୟ ହୋଇଲେ ତହିଁ, ଶୋ ଗଜନ । ୭ ।

## ଶ୍ରୀ ଗୌର ଚନ୍ଦ୍ରିକା

ଜୟ ଜୟ ଚୈତନ୍ୟ ଚନ୍ଦ୍ର ଜୟ ନବଦ୍ୱୀପବାସୀ,
ସୁନ୍ଦର ମୁଖ କୁନ୍ଦ-ରଦନ ମନ୍ଦ ମଧୁରହାସୀ । ଘୋଷା ।
ତ୍ରିଜଗନ୍ମୋହନ ମୂରତିସାର, କଣ୍ଠେ ଲମ୍ବିତ ତୁଳସୀ ହାର,
କୋଟି ମଦନ ଗର୍ବ ଖର୍ବ ସୁନ୍ଦର ରୂପରାଶି । ୧ ।
ପତିତ ଉଦ୍ଧାରେ ଊର୍ଦ୍ଧ୍ୱ ବାହୁ, ଦେଖିଣ କମ୍ପଇ ପଟଳ ଧୂର୍ତ୍ତ,
ଦୁଷ୍ଟ ଦଳନେ ଦୁଷ୍ଟ ଦମନ ମହିମା ପରକାଶି । ୨ ।
ଦାମ୍ଭ ଦୂରନ୍ତ ଧନ କାନ୍ତି ଚମ୍ପକ ଦେଖି କରଇ ଭ୍ରାନ୍ତି,
ଶ୍ରୀ ଅଙ୍ଗର ଅତର ଭକ୍ତ-ନୟନେ ତନୁ ଭାତି । ୩ ।
ବରୁଣ କୁବେର ଇନ୍ଦ୍ର ଚନ୍ଦ୍ର ନାମ ଭଜନ କରନ୍ତି ସାନ୍ଦ୍ର,
ଭୁବନ ମଙ୍ଗଳ ସା ଶ୍ରୀ ଚରଣେ ପଦ୍ମାଳୟା ଦାସୀ । ୪ ।
ଶରୀର ତରୁଣ ନବ କିଶୋର, ଅଶ୍ରୁ ଗଦ ଗଦ ପ୍ରେମେ ବିଭୋର
ବିମ୍ବାଧରେ ଶୁଖେ ଶୁଖେ ମଧୁର ବଚନ ଖସି । ୫ ।
ଗୌର ଶ୍ରୀ ଚରଣ ଅରୁଣ ଚେତନ, ଶରଣ ଗହ୍ୱର ଚରଣ ଦ୍ୱିଜ
ଧାରେ ଏହ ପଦ ଅଳି ସମସ୍ତ କଳିକଳ୍ମଷ ନାଶି । ୬ ।

ସୁରଟ—ସୁରଟି ।

# ଗୌରହରି ଭଜନାଷ୍ଟକ

ଭବ ଭୟ ଭଂଜନ କାରଣ ଗୋରା
ତ୍ରିଭୁବନ ମୋହନ ମାନସ ଚୋରା
କୃପା ସାଗର ନାଗର ଦଣ୍ଡଧାରୀ
ଭଜ ଭଜ ତୁରେ ମନ ଗୌରହରି ।୧।

ନବଘନେ ବିଭୂଷିତ କଳେବର
ଭାବ ବିକାରେ ନରତେ ଗରଗର
ବିଗଳିତ ପଦ୍ମନେତ୍ରୁ ଅଶ୍ରୁ ଧାର
ଭଜ ଭଜ ତୁରେ ମନ ଗୌରହରି ।୨।

ଭିକ୍ଷୁ ଷଣ୍ଡମତ ସ୍ୱଚ୍ଛ କଟିଛଟା
ଭଜ ନାମ ଗୁଣ ଭଜ ମୁଣ୍ଡେ ଜଟା
ନବ ସନ୍ନ୍ୟାସୀ ଅରୁଣାମ୍ବରଧାରୀ
ଭଜ ଭଜ ତୁରେ ମନ ଗୌରହରି ।୩।

ଧନ୍ୟ ଜମ୍ବୁଦ୍ୱୀପ ସ୍ୱର୍ଣ୍ଣକାନ୍ତି ଗୋରା
ମହାଭାବରୂପୀ ଭକ୍ତ ବେଶଧର
ଗଉଡ ମଣ୍ଡଳରେ ନୃତ୍ୟ ବିଳାସକାରୀ
ଭଜ ଭଜ ତୁରେ ମନ ଗୌରହରି ।୪।

କୋଟି ଚନ୍ଦ୍ରଜିତ ପୂର୍ଣ୍ଣ ବଦନସ୍ମିତା
ମୃଦୁ ମୃଦୁ ହସା ମୋଦ ବର୍ଦ୍ଧନସ୍ମିତା
ଗୋପୀଚନ୍ଦନୋଜ୍ଜ୍ୱଳ ତିଳକଧାରୀ
ଭଜ...............ଗୌରହରି ।୫।

ଆଜାନୁଲମ୍ବିତ ମହା-ଭୁଜ-ରେଖା
ଧୁରନ୍ଧର ହରିନାମେ ତାଳ-ଦକା
ସଂକୀର୍ତ୍ତନ ଲମ୍ପଟ କଳି ପ୍ରଚାରୀ
ଭଜ ଭଜ..... ......ଗୌରହରି ।୬।

ପାପୀ ପାବନ ମୂରତି କ୍ଷମାଧାରୀ
ନାମ ନିମାଇଁ ପଣ୍ଡିତ ମହାଜ୍ଞାନୀ
ଶ୍ରୀ ଶଚୀନନ୍ଦନ ମହା ଅବତାଂସ
ଭଜ ଭଜ ..........ଗୌରହରି । ୭ ।

ନବଦ୍ୱୀପ ସୁଧାକର ସୌମ୍ୟ ଦୀପ୍ତି
ଖଳ ପାଷାଣ୍ଡ ଦୁର୍ଜନ ଖାଣ୍ଡକାସ୍ତି
ମୋଦେ ବଦେ ହୃଦେ ଗୌରହରି
ଭଜ ଭଜ ରେ ମନ ! ଗୌରହରି । ୮ ।

## ବାଳମୁକୁନ୍ଦ

( ରାଗ—ଶଙ୍କରାଭରଣ, ତାଳ—ଆଠତାଳି )

ନନ୍ଦ କୋଳେ ଗୋବିନ୍ଦ
ବାଜେ ଶଂଖ ଭେରୀ ତୂରୀ ଭୁବନ ଆନନ୍ଦ । ୦ ।

ନୀଳ ନନ୍ଦନ ରୂପକ ଶୋଭା ସୁଖପଦ
ଗୋପୀ ଗୋପାଳଙ୍କ ସୁଖ ସୁନାଆଁର ବୃନ୍ଦ । ୧ ।

ଯଶୋଦା ଅଂଚଳ ଝଷ୍ଟ ଶ୍ରୀ ବାଳ ମୁକୁନ୍ଦ
ଲାବଣ୍ୟ ଚରଣ ତଳ ରକ୍ତ ଅରବିନ୍ଦ । ୨ ।

ବଙ୍କିମା ଚାହାଣି କରେ ହାସ ମନ୍ଦ ମନ୍ଦ
ସଂସାର ସାର ସୁଷମା ଶ୍ରୀ ପରମାନନ୍ଦ । ୩ ।

ପାନ କରିବାକୁ ସେ ପଦାବ୍ଜ ମକରନ୍ଦ
ଗୌରଚରଣ ଦ୍ୱିଜର ମାନସ ମିଳିନ୍ଦ । ୪ ।

ମିଳିନ୍ଦ—ଭ୍ରମର ।

# ପ୍ରଭାତ ଅବକାଶ

( ରାଗ—ସାଗର ତରଙ୍ଗ, ତାଳ—ଝେମ୍ପଟ )

## ଉଠ ଉଠ ବେଣୁପାଣି

ଉଠ ବାବୁ ନୀଳାମ୍ବର ଡାକେ ନନ୍ଦରାଣୀ । ପଦ ।

ରଜନୀ ହୋଇଲା ଶେଷ ଡାକନ୍ତି କୁକ୍କୁଟ
ଗମ୍ଭୁଥିଲେ ଜମ୍ବୁ ଯୋଷ ହେଲଣି ପ୍ରକଟ । ୧ ।

ପୂର୍ବ ଦିଗେ ଦିନମଣି ଉଦୟ ହେଲେଣି
କୁମୁଦ ମୁଦ୍ରିତ ହେଲେ ପଦ୍ମ ଫୁଟିଲେଣି । ୨ ।

ପୁର ଅଗଣାରେ ଗୋପେ ପୂରିଲେଣି ଆସି
ନାମ ଧରି ଡାକୁଛନ୍ତି ରାମ ଦୁର୍ଗୀକେଶୀ । ୩ ।

ଅହେ ରାମ ! ଅହେ ଶ୍ୟାମ ! ଅହେ ପଦ୍ମ ଆଖି
ଉଠ ଉଠ ଦେଖିବା ଚିତ୍ର ପରା କଲ୍ପା ରଶ୍ମି । ୪ ।

ମାତାଙ୍କ ବଚନ ଶୁଣି ଉଠି ହେଲେ ଜାଗ
ହେଲେ ଅପ୍ରସ୍ତୁତ ଜନନୀଙ୍କ ମୁଖ ଚାହିଁ । ୫ ।

ନନ୍ଦାଳୟ ମୋହନ ସୁନ୍ଦର ରୂପ ଦେଖି
ସଫଳ ହୋଇଲା ଦ୍ୱିଜ ଗଙ୍ଗାଧର ଆଖି । ୬ ।



**ଗୌରହରି ପରିଚ୍ଛା**

## ସ୍ୱପ୍ନବୋଲ୍ଲି ଯା

( ରାଗ—ଏଡ଼କଲି କାମୋଦୀ, ତାଳ—ଆଡ଼ )

ଧୂଳିକି ଯିବ ତେଜୁ ରଞ୍ଜିବ ଗୋ
ସେ ମୂରତିକି ଦାରେ ଯେ ବଳାଇବ ଗୋ
ବର୍ଷେ ନେ ଯିବ ଚାହିଁ          ଗତିକି ଦେଖି କାହିଁ
ମତି କି ଲଗେ ସ୍ଥିର ହୋଇବ ଗୋ । ଘୋଷା ।

ଜଡ଼ି ନେକ ତାମ୍ବାପାତରେ ନେଇବ ଗୋ
ଅଙ୍କାରତିକି ଶିରେ ପନ୍ଧେ ବନ୍ଧିବ ଗୋ
କାଠି ମନ୍ତ୍ରି ନେଇ          ରତି ରସରେ ମଜ୍ଜି
ସ୍ୱାତି ଦୃଢ଼େ ଚେଷ୍ଟି ଲଗାଇବ ଗୋ । ୧ ।
ଯଶ ହେଲେ ପତିକି ନେଡ଼ିବ ଗୋ
ଶ୍ୟାମ ଛୁଡ଼ି ଶୋଭାରେ ନେକ ନ ମାଡ଼ିବ ଗୋ
ଅତିଶୟଙ୍କୁ ଏଡ଼ି          ପ୍ରୀତି ମାଦକେ କଡ଼ି
କାଠି ଧରମଙ୍କୁ ଭୁଲାଇବ ଗୋ । ୨ ।
ରତିପତିକି ଭୁଲି ହୋଇବ ଗୋ
ଛିଡ଼ରେ ଉପନ୍ୟାସି ବନ୍ଧିବ ଗୋ
ଗୁଡ଼ି ଅଙ୍ଗ ଭୂଷଣ          ଗୁଡ଼ି ଅଙ୍ଗଙ୍କୁ ଦିମ
ତନ୍ତ୍ର ଏଥିକି କାହୁଁ ପାଇବ ଗୋ । ୩ ।
ଛିଡ଼ଦେବ ଗାନ୍ଧର୍ବୀ ମତି
ଦ୍ରୁକଯୁଗ ପଦଯୁଗ ତତ୍ତ୍ୱଙ୍କୁ ତଣ୍ଟି
ସ୍ମୃତି ପଥଙ୍କୁ ନେଇ          ଅତି ହରଷ ହୋଇ
ନଗରି ଜଗି ଭୁଲେ ଧାଇବ ଗୋ । ୪ ।



# ସଖୀର ଛଳୋକ୍ତି

( ରାଗ—ସାହାନା | ତାଳ—ଆଡ଼ା )

ଏତେ ଦିନେ ଜାଣିଲି ତୋହର ଚରିତ, ସଗୁଣ ମିତ
କେତେ ଯେ ମୁହିଁ ପଶୁରିଲି ଯତ୍ନ, ସେଗୁ ସହି ଅମୃତ । ୧ ।

କହୁଥିଲୁ କେତେ, ବଶୀର୍ଧିକା ମୋତେ ସଜାଇ ତା' ଶପଥ
ଅଶ୍ରୁ ପରିମାଣ ଦେଖିଲେ ତା' ବଦନ କହୁ ନ ଥିଲୁ ଯତ । ୨ ।

ତା' କଥା ପ୍ରସଙ୍ଗ ମାଣିକେ ତୋ ଅଙ୍ଗ, ହେଉଥିବ ପୁଲକିତ
ଜାଣୁଛୁ ମୁହିଁ, ଆରେ ପ୍ରାଣସଖି, ହେଉଛୁ ତାର ଆଶ୍ରିତ । ୩ ।

ମୁଁ ସଖ କାଣର ବୋଲୁ ସଖି ବନ୍ଧୁ ଏ କଥ ବ୍ୟବସ୍ଥିତ
କରିବ ଦର୍ଶନ- ଚନ୍ଦ୍ରେ ଅସାଦନ ହୋଇବାର ପୂରିତ । ୪ ।

ସେ ଏକ ଦିନରେ କେତକୀ ବନରେ ଲେଖିଥିବା ବୃକ୍ଷକତ
ଦେବାକାଳେ ପୁଣି ଦେଖିଲି ଯଂଶିନୀ ଲୁଚିଲିଲୁ ତୁରିତ । ୫ ।

ଦ୍ୱିଜ ଗୌରହରି ବୋଲେ ଆରେ ଗୋଷ୍ଠ ହେଲା କପଟୀ ଚରିତ
ସ୍ପିଷ୍ଟ ସନ୍ଦେହସି ତାରେ ଏହିପରି କରିବାର ଉଚିତ । ୬ ।



# ସଖୀ ଉକ୍ତି

## ମାନିନୀ ଶ୍ରୀରାଧାଙ୍କ ପ୍ରତି ସଖୀ

( ରାଗ—ଝିଂଝୋଟି । ତାଳ—ଝୁଲା )

ଶୁମାନ କରି ରୋଷ　　　ରଖ ପାଶକୁ କରେ
ଏକଳ ହେଲେ ହିଁ ନାଗରୀ ନାଗରବରେ । ଘୋଷା ।

ବଂଶୀ କି ଧରି　　　ତୋର ନାମ ଉଚ୍ଚାରି
ଡାକିଲେ କି ତା' ପାଶକୁ ନ ଯିବୁ ଅଥିର । ୧ ।

ସୁରଭି ମେଳେ　　　ବନକୁ ଗଲାବେଳେ
ନାଚି ବସିଥାଉ ପ୍ରାଣ ରଖି ତା'ପାଖରେ । ୨ ।

ତା' କଥା ନିତି　　　ପଶିଲେ ତୋ ଶ୍ରୁତି
ମୁରଲୀକୁ ଡେରି ରହିଥାଉ ପଦ୍ମ ଚରେ । ୩ ।

କୁଞ୍ଜ ଅନ୍ତରେ　　　ରହିବାକୁ ଶ୍ରୀହରି
ଯାହା ବୋଲାଇଲୁ ତୁ ତ ଗତ ମଧ୍ୟରେ । ୪ ।

ଗଣ୍ଡାଧର　　　ବୋଲେ ଶୁଣ କିଶୋରୀ
ପ୍ରାଣ ସଜନୀ ଦେଖ ଧରି ପାଶକୁ କରେ । ୫ ।



ଘନଶ୍ୟାମ କର

# ଖଣ୍ଡିତା

## ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀରାଧା

( ରାଗ—ମୋହନ । ତାଳ—ଝୁଲା )

( ୪ )

ଫେରିଯାଅ ମୋ ପାଖରୁ ବଂଶୀବଦନ
ଯୁକ୍ତି ଉତ୍ତର ନ ଶୁଣ ମଧୁସୂଦନ । ଘୋଷା ।

ଯାଅ ଜାଣେ ସେ ନବୀନା ଗୁଣି ପଙ୍କଜବଦନା
ତାହାର ପାଖ ଅନୁସର ନନ୍ଦନନ୍ଦନ । ୧ ।

ନୋହିଲେ କି କଣ୍ଠ ଦେଲ, କି ଅଧର ଶୁକତାମ୍ର
ପ୍ରେମ ରଜ୍ଜୁର ନାଗପାଶ କଲ ବନ୍ଧନ । ୨ ।

ବକ୍ଷବନ୍ଧିନୀ ଉଦର, ଗଣ୍ଡରେ କଜ୍ଜଳ ଗାର
ଭାଲଦେଶେ ଲାଗିଅଛି ସିନ୍ଦୁର ବିନ୍ଦୁ । ୩ ।

ଲୁଚାଇଲେ କି ଲୁଚଇ, ଫୁଟ ଫୁଟ ତ ଦିଶଇ
ଦେଖିଲେ ଦଗ୍ଧ ହୁଏ ମନ ନୟନ । ୪ ।

ମୋ ବେଶଭୂଷା ମଳିନ, କ୍ଷମା କର ଜନାର୍ଦ୍ଦନ
ଶୀଘ୍ର ପ୍ରସ୍ଥାନ ଏବେ କର ଧାରଣ । ୫ ।

ଶୁଣ ହେ ପୀତ କୁଣ୍ଡଳ, ମୋ ଦୁଃଖ ଦେଖିଣ ଜଳ
ଶ୍ରେଷ୍ଠ ଘନଶ୍ୟାମ ଗୀତେ କଲା ରଚନ । ୬ ।



# ଯୁଗଳ-ମିଳନ

ଆହା କି ଶୋଭା ଗୋ ରାଧା ମିଳନ ଛବି
ଦେଖିଲେ ମନ ନୟନ ଉଲ୍ଲାସି ହୁଏ ବାନ୍ଧବୀ । ଘୋଷା ।

ଶ୍ୟାମଳ ଗଉର ଅଙ୍ଗ
ହୋଇବାକୁ ଏକ ସଙ୍ଗ
ଧନୁ ଭ୍ରୂଭଙ୍ଗ ଅନଙ୍ଗ
ଲୁଚିଲାଣି ଲଜ୍ଜ ଲଜ୍ଜ ।୧।

ଘଟକ ସୌଦାମିନୀ ଘନ
ନବ କିଶୋର କିଶୋରୀ
ଶ୍ରୀ ବୃନ୍ଦାରଣ୍ୟେ ବିହାରି
କାନ୍ଧି କାନ୍ଧି ଯସୁ ଲଭ ।୨।

କୋଟି କୋଟି କାମ ରତି
ହୋଇଲେ ଏକ ମୂରତି
ପଦ୍ମ ନୋହିବେ ପଦ୍ମପାଦ
ତଳକୁ ବଳିବା ।୩।

କହେ ଦ୍ୱିଜ ଘନଶ୍ୟାମ
ଶ୍ରୀରାଧା ଗୋବିନ୍ଦ ନାମ
ଏକ ନିତ୍ୟ ସୁଖ ଧାମ
ଭଜ ଗୋ ପ୍ରାଣବଲ୍ଲଭ ।୪।



ଯିଷ୍ଣୁ ଭୂବ—ଓନ ଛୁଦନ ।

ଚନ୍ଦ୍ରମଣି ଦାସ

# ଅକ୍ଷେପାନୁରାଗ

( ରାଗ—ଢିପା । ତାଳ—ଝୁଲ )

## ଶ୍ରୀରାଧାଙ୍କ ଉକ୍ତି

ଏଥୁ ଥିଲି ଭରମରେ
ପଶିଗଲି ଶ୍ୟାମ ଫାନ୍ଦରେ, ମୁଁ ଭରମରେ । ଘୋଷା ।

ଶାଶୁ ନଣନ୍ଦ ମିଳି, କଳାନ୍ତି କଲେ,
ବାଧୁଛି ତାଙ୍କ ଗାଳି ମୋ ମରମରେ । ୧ ।

ପଡ଼ିଗଲିଣି ବାଟ, ଛୁଟେ ବଜାର ଘାଟ,
ଘୁଞ୍ଚି ନ ପାରେ ବାଟ ମୁଁ ସରମରେ । ୨ ।

ଝୁରି ଝୁରି ଦିବା ରାତ୍ରି, କରନ୍ତି ପଞ୍ଚାଏ ଗୁଣ,
ସାକ୍ଷୀ ଦେଉଥାଏଁ ଜଳ ମୁଁ ଧରମରେ । ୩ ।

ଦେଶେ ରଟିଲେ ଅପବାଦ, ବାଟେ କାଳିଆ ଶବ୍ଦ,
ଚନ୍ଦ୍ର କହେ ଭଲି ଭଳି ନରମରେ । ୪ ।



ଚଂପକ ବନ୍ଧୁ,

## ଦୁର୍ଲଙ୍ଘ୍ୟ ମାନ

( ରାଗ—କାମୋଦ )

ସଖି ଦେଖ କାହ୍ନେ କହୁଛି କଟୁଭାଷା,

ଯୌବନ ବହୁ ଗୁଣ ଏକ ଦୋଷେ ନାଶଇ
ଏକ ଗୁଣ ବହୁ ଦୋଷ ନାଶ । ଧ୍ରୁ ।

କି କରିବ ଜପ ତପ ଦାନବ୍ରତ ନୈଷ୍ଠିକ
ଯଦି କରୁଣା ନାହୁ ମନେ ।

ସୁନ୍ଦର କୁଳଶୀଳ ଧନ ଜନ ଯୌବନ
କି କରିବ କେତକ ଘନେ ।

ଜଳଜ ସହୋଦର ଗୁରୁପତ୍ନୀହର
ସ୍ୱୟ ଦମନ, ତନୁଭାଗ୍ୟ

ବାରଣ କୁମ୍ଭାଶନ ବାଳକ ନାଶନ
ଏକ ଦୁନ ଶଶୀ କଳଙ୍କ ଯାଏ ।

ପରସୁତବନ୍ଧିତ ଯତନ ନାହିଁ ନିଜ ସୁତେ
କାକ ଦୃଷ୍ଟିସ୍ଥ ରସପାନ

ସେହ ସବୁ ଅବଗୁଣ ସଗୁଣ ଏକ ଠିକ
ବୋଲ ତ ମଧୁରିମ ବାଣୀ ।

କାନ୍ତକ ପୀରତ କି କହିବ ରେ ସଖି
ସବୁ ଗୁଣ ମୂଳ ଅମୂଳେ

ବଂଶୀ ପରିହି ଶପଥ କରେ ଶତ ଶତ
ତବ ହୁଁ ପ୍ରତୀତି ନାହିଁ ବୋଲେ ।

ପର ପରିରଂଭନ ଚୁମ୍ବନ ଆଲିଙ୍ଗନ
ପରେକିତ କାହିଁ ବସୋଇ ସେ

ଆନ ରମଣୀ ସଙ୍ଗେ ସୋ ନହିଁ ଚଂଚଲ
ମୋହେ କହଲ ନୈଦୁଣେ ।

---

ଯୌବନ—ଏପରି । ଜଳଜ—ସହୋଦର । ଗୁରୁପତ୍ନୀହର—ଚନ୍ଦ୍ର ।

ସୁନ୍ଦର ସିନ୍ଦୂର — ନୟନକ ଅଞ୍ଜନ
ସଂତରୁ ଦଶ ନଖ ରେଖା
କୁଙ୍କୁମ ଚନ୍ଦନ — ଅଙ୍ଗେ ବିଲେପନ
ପ୍ରୀତି ସମସ୍ତେ ଭଲ ଦେଖା ।
ଦଶ ଗୁଣ ଅଧିକ — ଅକଲେ ଚନ୍ଦ୍ର ଉଦିଲି
ଭଗ ଚନ୍ଦ୍ର ଦେଖି ପ୍ରୀତ ଅଙ୍ଗେ
ଚଂପକ ପେଣ୍ଡି — କର୍ପୂର ଯଦ ନା ମିଳଇ
ତବ ମିଳଇ ହରି ସଂଗେ ।

## ଶ୍ରୀରାଧା ବରଣ
( ରାଗ—ମଠା )

ଶରଦ ଶୁଭ୍ର କୁନ୍ଦ କାନ୍ତି କେତକୀ କାନ୍ତି ଶୋଭିତୁଅ
ମଲ୍ଲି କାକୁଳ ମାଧବୀ ଫୁଲ ମଦରଞ୍ଜ ଗୁମଣ୍ଡୁଅ ।
ସୁରଭି ସମଏ — ଶଶୀ ବସମଏ
ବହୁଛ ମଳୟ ପବନୁଅ
କସର କେକଲ — ଭୃଙ୍ଗ ଧ୍ୱନି
ଜାମୁଡାଙ୍କ ଦନ୍ତୁରୁଅ ।
ଅବଧି ପୂର୍ଣ୍ଣି — ନ ଭରି ସିନ
ଯୁଗ ଶଶିପ୍ରାୟେ ଯାନୁଅ
ଗଣତ ସବୁ — ସ୍ୱାମୀ ଭରନ୍ତେ
ନଷ୍ଟମେ ଜୀବନ ନରନ୍ତେଅ ।



ପେଣ୍ଡି—ପରୁଡ଼ ।

ଗୋପବନ୍ଧୁ

## ଶ୍ରୀ କୃଷ୍ଣ ବନ୍ଦନା

ମୁରଲୀଧର ଧର–ଶକଟ ଭଙ୍ଗ ଦନୁଜ ଭୁଜ ଉପାଡ଼ିଲେ
ଯାମଳାର୍ଜୁନ ଅଧ ପତିତ କୁଳ ଅବହେଳେ ତାରିଲେ ।
ଗୋପ ରକ୍ଷଣେ ଗିରି ଧରିଲେ ସୁରପତି ଗର୍ବ ଇଚ୍ଛିତେ ଗଞ୍ଜିଲେ
ଶୋଭେ ଗୋପୀମନ ରଞ୍ଜିଲେ ।

ବସିଲେ ଭୋଜନ ବନୋପେ ତନୁରୁହନ ଭ୍ରମ ଭଞ୍ଜିଲେ
ମୋକ୍ଷ ଉଦ୍ଧରେଣ ଶରଣ ଜନର ତନୁପଣରେ
ଷୁର ପଣେ ଛନ୍ଦମତ ଷୁନ ଭଣିଲେ ।

●

ଜଗବନ୍ଧୁ ସିଂହ

## ବାତ୍ସଲ୍ୟ

( ୧ )

ଦଧିମନ୍ଥା ଧ୍ୱନି ଶୁଣି ଧୀରେ ଆସେ ନୀଳମଣି
ସଙ୍ଗେ ଆସେ ଭାଇ ବଳରାମ
ଯଶୋମତୀ ଦେଖି ମୁଖ ମରମେ ପାଇଣ ସୁଖ
ଚୁମ୍ବଇ ଶ୍ରୀ ଚନ୍ଦ୍ରମା ବଦନ । ୧ ।
ବୋଇଲେ ଶୁଣ ଯଦୁମଣି ଦେବି ମୁଁ ସର ଲବଣୀ
ଖାଇ ନାଚ ବାବୁ ମୋର ଆଗେ ।
ଶୁଣି ଜନନୀ ବଚନ ହେଲେ ବୋଲନ୍ତି ବଚନ
କର ପାତ ନବନୀତ ମାଗେ । ୨ ।
ଦେଏ ମା ଦେଏ ମା ବୋଲି ଅଳି କରେ ବନମାଳୀ
ଆଗେ ଦେବୁ ପଛେ ମୁଁ ନାଚିବି
ନ ଦେଲେ ନାଚିବି ନାହିଁ ଯାଉଛି ଛିଣ୍ଡି ପଳାଇ
ଆଜି ତୋ ଘରକୁ ନ ଆସିବି । ୩ ।

---

ସୁରପତି—ଇନ୍ଦ୍ର । ଇଚ୍ଛିତେ—ଅନାୟାସରେ ।

ଏମନ୍ତ ଅପୂର୍ବ ବାଣୀ  ଶୁଣି ମୋଦେ ନନ୍ଦରାଣୀ
କର ଭରି ଦେଲେ ନବନୀତ ।
ମୁଖେ ନବନୀତ ଭରି  ନାଚେ ନାନା ରଙ୍ଗେ ହରି
ତାଳି ଦେଇ ଗାଏ ରଙ୍ଗେ ଗୀତ ।୪।

କଟିରେ ବାଜେ କିଙ୍କିଣୀ  ଶ୍ରୀପଦେ ନୂପୁର ଧ୍ୱନି
ରଣି ଝଣି ବାଜିଲା ସଘନ ।
ଝଣିକେଲା ସୁଦୀମନ  ଦ୍ୱନ୍ଦ୍ୱ ବଜ୍ର ଶୃଙ୍ଗର
କରତାଳି ଦିଏ ଘନ ଘନ ।୫।

ନାଚ ଦେଖି ନନ୍ଦରାଣୀ  ବୋଲେ ଦେଖ ଲୋ ରୋହିଣୀ
ଆନନ୍ଦରେ ହେଲେ ଗଦ ଗଦ ।
ଧନ ଜଗବନ୍ଧୁ ବୋଲେ  ମହା ପୁଣ୍ୟ କରିଥିଲେ
ମିଳେ ସିନା ଏ ଶିଶୁ ସମ୍ପଦ ।୬।

●

## ବାତ୍ସଲ୍ୟ

( ୧ )

ଆସ ମୋ ଗୋପନଧନ  ଦଶରୁ କାହ୍ନୁରତନ
ଆସ ମୋ କୋଳକୁ ପ୍ରାଣଧନ ।
ଆସ ଆସ କଳା ଶଶୀ  ଆସ ମୋ କୋଳରେ ବସି
କର ଧନ କର କ୍ଷୀର ପାନ ।୧।

ପୂଜି କେତେ ଦେବଦେବୀ  କେତେ କାଳ ସେବା ସେବି
ପାଇଛି ମୁଁ ରତ୍ନଣୀ ରତନ
ଜନ୍ମ ମନ ପୂରିଲା  ଆସ ମୁଁ ଧରେ ଦେଖାଇ
କେତେଦେବକୁଁ ଧରି ନାହିଁ ଧନ ।୨।

ମରକତ ଜିଣି ତନୁ     ଇନ୍ଦ୍ର ନୀଳମଣି ଭାନୁ
ପଦ୍ମୋତ୍ପଳ ବଦନ ସୁଷମା
ଅମିୟ ମିଶା ବଚନ     ତୋତ୍ଲିଆ କଥାମାନ
ନାହିଁ ତାର ଭୂତଳେ ଉପମା ।୩।

କଣ୍ଠରେ ଶୋଭଇ ଲକ୍ଷ୍ମୀ     ଖାଉଥାଏ ନୀଳମଣି
ମା'ଙ୍କ କୋଳେ ଶୋଇଲେ ଦୋହଲଇ
ନନ୍ଦଏ ଦେଖି ପ୍ରଚୁର     ବାଳକୃଷ୍ଣଦେବେ ଘୁଞ୍ଚୁ ଘୁ
ସୁଧାସ୍ରୋତ ଧାଉଛି କି ବକ୍ଷ ।୪।

ପଦ୍ମାଧରେ ଯୋଡି ମୁଖ     ଅପାର ମନେ ସୁଖ
କ୍ଷୀର ପିଇ ପିଇ ପଡ଼ନ୍ତି ଶୋଇ
ଆହା ମରିଁ ମୋ ଧନ     କଣଥିଲୁ କେତେ ସୁଖୀ
ମୋ ଉଦରେ ଜନମିଲୁ ବୃଦ୍ଧ ।୫।

ଏକଇର ବଳା ମୋର     ମା ମଙ୍ଗଳା ରକ୍ଷାକର
ତୁ ମୋ ଦୁଃଖପାଶୋରା ରତନ
ଗୋପାଳ ବାଳକ ମେଳେ     ଖେଳନ୍ତୁ ତୁ ସଦାବେଳେ
ଧୂଳି ପଙ୍କ ଶ୍ରୀଅଙ୍ଗ ମଳିନ ।୬।

ଦୋଳି ପରେ ଦେଲେ ଥୋଇ     ଦେଲେ ଦୋଳି ପହ୍ଲାଇ
ଆନନ୍ଦେ ଶୋଇଲେ ବନମାଳୀ
ଦୀନ ଜଗବନ୍ଧୁ କହେ     ଯଶୋଦା ଅତି ହରଷେ
ବୋଲେ ବେ ତ ମୋ ଦୁଃଖସଞ୍ଜୀଳ ।୭।



ପଦ୍ମାଧର—ସ୍ତନ ।

# ଯୁଗଳ ବନ୍ଦନା

ଜୟ ରାଧାକୃଷ୍ଣ ଜୟ ଶ୍ରୀରାସ-ରମଣ ହେ ।୧।
ଜୟ କିଶୋରୀ କିଶୋର ଜୟ ରାଧାଶ୍ୟାମ ହେ ।୨।
ଜୟ ରାଧା ଦାମୋଦର ଶ୍ରୀରାଧା ମୋହନ ହେ ।୩।
ଜୟ ଶ୍ରୀରାଧା ଗୋବିନ୍ଦ ଯୁଗଳ ଚରଣ ହେ ।୪।
ଜୟ ଶ୍ରୀରାଧାମାଧବ ଯୁଗଳ ମିଳନ ହେ ।୫।
ଜୟ ରାଧା ମନୋହାରୀ ରାଧା ପ୍ରାଣଧନ ହେ ।୬।
ଜୟ ରାଧା ପ୍ରେମଧନ ମୋ ବ୍ରଜ-ଜୀବନ ହେ ।୭।
ଜୟ ରାଧା ଗୋପୀନାଥ ମଦନମୋହନ ହେ ।୮।
ଜୟ ବିନୋଦବିହାରୀ ଶ୍ରୀବଂଶୀ-ବଦନ ହେ ।୯।
ଜୟ ରାଧାକାନ୍ତ ଜୟ ରାଧା କଣ୍ଠରତ୍ନ ହେ ।୧୦।
ଜୟ ରାଧାନାଥ ଜୟ ଶ୍ରୀରାଧା ଜୀବନ ହେ ।୧୧।
ଜୟ ରାଧା କଣ୍ଠହାର ଶ୍ରୀନନ୍ଦ ନନ୍ଦନ ହେ ।୧୨।
ଜୟ କୁଞ୍ଜବିହାରୀ ରାଧା ପ୍ରେମଧନ ହେ ।୧୩।
ଜୟ ରାଧାକୃଷ୍ଣ ଜୟ ମଙ୍ଗଳ ନିଦାନ ହେ ।୧୪।
ଦୀନ ଜଗବନ୍ଧୁ ମାଗେ ଚରଣେ ଶରଣ ହେ ।୧୫।



# ଚୈତନ୍ୟ ବନ୍ଦନା

ଭଜଦାଣ୍ଡେ ମହାନନ୍ଦ ସିନ୍ଧୁ ଯାଏ ବହି ହେ । ଧ୍ରୁବ ।

ନନ୍ଦଘୋଷ ରଥେ ବସି, ଅଛେ ନୀଳାଚଳଶଶୀ
ଭକତ ସୁଷମା ଶିରେ ନେଇ । ୧ ।

ନଗାଙ୍କ ଶଶୀ ଆଗରେ, ନାଚେ ହୃଦଶ୍ରୀ ସ୍ୱପରେ
ପ୍ରେମ ଅଶ୍ରୁଧାର ଯାଏ ବହି ।
ନାଚେ ସପ୍ରେମେ ହୋଇ ଭୋଳ, ସଂକୀର୍ତ୍ତନ ଘୋରରୋଳ
ଅଙ୍ଗୁ ଘର୍ମଜଳ ଯାଏ ବହି । ୨ ।

ବାଜେ ଘୋର କରତାଳ, ଘୁଚେ ଶୁଣେ ହରିବୋଲ
ସଙ୍ଗେ କୃଷ୍ଣ ଶରୀର ନଚାଇ ।
ହରିବୋଲ ହୁଳହୁଳି, ଶବଦ ପଡ଼େ ଉଛୁଳି
ମହାସିନ୍ଧୁ ଶୁଣେ ସ୍ଥିର ହୋଇ । ୩ ।

ଗଗନ ବନ ପବନ ଭୁବନ ପ୍ରତିଧ୍ୱନିତ
ହରିବୋଲ ହରିବୋଲ ଗାଇ ।
ତରଳ ଯାଏ ପାଷାଣ ଶୁଣି ନାମ ସଂକୀର୍ତ୍ତନ
ମହାପ୍ରେମସିନ୍ଧୁ ଉଚ୍ଛୁଳାଇ । ୪ ।

କେବେ ନାଚେ ହସେ କାନ୍ଦେ କେବେ ଲୁଟେ ଭୂମି ଛନ୍ଦେ
କେବେ ହୁଙ୍କାର ଶବଦେ ମତ୍ତ ।
କେବେ ବା ପ୍ରେମ ପୁଲକ, ରୋମାଞ୍ଚ ଶରୀରବ୍ୟାପକ
ହୁଏ କେବେ ଦେହ ଜ୍ଞାନହତ । ୫ ।

ବହିଗଲା କେତେ କାଳ, ନ ଶୁଣେ କୀର୍ତ୍ତନ ରୋଳ
ଏଥି ବନ୍ଧୁ ପ୍ରେମେ ଭୋଳ ହୋଇ ।
ବଢ଼ିଲାଣି ତମୋରାଶି, ଦେଲା ସଂସାର ଗରାସି
ପାପ ତାପ ଦୁଃଖ ବାଢ଼େ ଧାଇଁ । ୬ ।

ଅଗ୍ନି ସମ୍ଭବ କଡାଇ,                    ଯାଉଁ ଯାଉଁ ସଙ୍ଗେ ନେଇ
ଆସ ପ୍ରଭୁ ଅଗତିର ଗତି ।
ସ୍ୱଦେଶ ଦୀନ ଜଗବନ୍ଧୁ                    କୃପାକର ଦୀନବନ୍ଧୁ
ପ୍ରେମଭାବେ ଯାଉ ଜନ୍ମ ମାତି । ୭ ।

ବନମାଳି ଦାସ

## ପଲ୍ଲୀ

( ରାଗ—କଳହଂସ )

## ଗୋପୀମାନଙ୍କ ପ୍ରତି ଗୋପୀଭର୍ତ୍ତା

ଗୋପାଳମାନେ ଯେ ଅଛ ଓଗାଳଣ ଶବ୍ଦନ୍ତୁ ଶୁଣିଛି ମୋତ
ହସିଦେଲୁ କଣା କରମୁଖୀମାନେ ଗୋ ବାଣ୍ଟିର ହେଲ କଂପିଲେ ? ୧ ।
କୁଳବତୀ ହୋଇ କୁଳକୁ ନ ଗୁଣି କାମରେ ହେଲ ଅବଶ
ବାମ ହେଲା ଦେଖି ବିଧାତା ତୁମ୍ଭକୁ ଭଲ ମରଣକୁ ଆଶ । ୨ ।
ଦେଖ ଅବା ମୋହନ-ବେଣୁ ଧ୍ୱନି ଦେଇ ବଳ କି ତୁମ୍ଭଙ୍କୁ ବାଇ
ବାଇ ପ୍ରାୟେ ହୋଇ ଧାଇଁଲ କିପାଇଁ କୁଳକୁ କଳଙ୍କ ଲଗାଇ । ୩ ।
କାମିନୀ ହୋଇ କାମରେ ମୋହିତ ହେଲ ଲଜ ନାହିଁ ତୁମ୍ଭ ମୁଖ
ଶୁଣିଲେ ସ୍ୱଜନ ବନ୍ଧୁବେଦ ଧନ ପାଇବ ବହୁତ ଦୁଃଖ । ୪ ।
ଲାଜ ନ ମାନଇ ତୁମ୍ଭ ବଦନକୁ ଚିହ୍ନିବେ କି ଗୋପାଙ୍ଗନୀ
କାମେ ବାଇ ହୋଇ ଧାଇଁଲ ବନକୁ ଏ କି ଅପଯଶ ପୁଣି । ୫ ।
କହଇ ବନମାଳି ଦାସ ଗୋପୀ ଭାଣ୍ଡି ମାଇବେ ଗୋପାଳ କଥା
କୃଷ୍ଣର ମୁରଲୀ ବାଇ କଲୁ ବୋଲି ପଡଙ୍କ ଦୈନ୍ୟ ଅବସ୍ଥା । ୬ ।



## ଦଶପଲ୍ଲା ଯୁବରାଜ

# ବାସକସଜ୍ଜା

### ସଖୀ ପ୍ରତି ଶ୍ରୀରାଧା

( ରାଗ—ମୁଖାରୀ, ତାଳ—ଝମ୍ପଟ )

ଆରେ ସଙ୍ଗ ରେ, ଶ୍ୟାମ ନ ଆସି ରହିଲେ କାହିଁ ରେ,
ଯିବି ବୋଲି ତୋତେକ ଚେପି ମୋହ ପାଶେ ନାଃ ସଙ୍କେ ରହିଲେ ପାର୍ଶ୍ୱ ରେ । ପଦ ।

ରତନ ମନ୍ଦିରେ ଧୂପ ମଣ୍ଡିଅଛି, ଅତର ସିଞ୍ଚିଛି ଦେଖ ରେ
ଜାଇ ପାଙ୍କୁଡ଼ାରେ ଶେଯ ସଜାଇଛି ଚନ୍ଦ୍ର ଚୂର୍ଣ୍ଣ ସିଞ୍ଚି ତହିଁ ରେ । ୧ ।

ପଦ୍ମ ନାଗବଲ୍ଲୀ ଗୁଣ୍ଡି ରଖିଅଛି ମୁକ୍ତା ଚୂନ ମିଶାଇ ରେ
କୁସୁମ ମାଳା ଗୁନ୍ଥି ଅଛି ହାତରେ ମୁଁ ତ ଅତି ରଙ୍ଗ ହୋଇ ରେ । ୨ ।

ଶୟନ କରି ବସିଛି ଏକାକେ ତାଙ୍କ ଆସିବାକୁ ଖୋଜି ରେ
କେଉଁ ହେତୁରୁ ନ ଆଇଲେ ପ୍ରିୟ ଅଙ୍ଗ ଦେଖ ଥରି ରହିଲା ମୋହ ରେ । ୩ ।

ମୋହ ମନୋରଥ ନୋହିଲା ତ ସାର୍ଥ ଜାଣି ଗଲା ଏବେ ପାହି ରେ
ନ ଆସିଲେ ସ୍ୱାମୀ ଅତନୁ ଉଠିଲା ଫଳ ଲଭିଲି ନଷ୍ଟ ସଙ୍ଗ ରେ । ୪ ।

ଦଶପଲ୍ଲା ଯୁବରାଜ ଏହି ରସ ଅତି ସ୍ନେହରେ ଲେଖି ରେ
ବାସକସଜ୍ଜା ନାୟିକା ଏ ରୂପରେ ସଜନୀ ଆଗରେ ଭାଷି ରେ । ୫ ।



ନାୟିକା—ଚନ୍ଦ୍ରାବତୀ, ସ୍ୱକୀୟା । ଅବସ୍ଥା— ମଧ୍ୟା । ଲକ୍ଷଣ - ଚେଷ୍ଟା ।

# ପ୍ରୋଷିତଭର୍ତ୍ତୃକା

( ରାଗ—ମୁଖାରୀ, ତାଳ—ପଢ଼ତାଳ )

ମୋ କାନ୍ତ ମୋହର କଲେ ଦୂର, ଦୂର ଦେଶେ ଯାଇଁ ରହିଲେ । ପଦ ।

ଏହା ଲଭିଥିଲି ଲଲାଟେ ଅଙ୍କ, କୁସୁମକାଳ ମୋତେ ଦେବ ଦଣ୍ଡ
ପରିଣତ ତାଳ ଦୁଲାଇ ଷଣ୍ଢ, ଅଙ୍କୁର ହୃଦୟ ବହିଲେ ତୋ ।୧।

ମାଧବୀ ମୁକୁଳେ ମଧୁପ ଯେସନ୍ତି, କହଇ ତରଙ୍ଗିଣୀ ଗଲି ଭ୍ରମି
ତା ଶୁଣି ସେ ବାୟୁ ଦକ୍ଷିଣ ନୋହିଲେ, ମୋ ଦଶା ନ ଯତେ ପଚାରିଲେ ।୨।

କାଦମ୍ବିନୀ କଳ ଭୃଙ୍ଗର ଯତ୍ର, ହୃଦୟରେ ବାଜେ ତଲ୍ଲ ବାଣରେ
ପଦ ଚନ୍ଦ୍ର ନାହିଁ ଅଙ୍ଗୁଳି ଗଣନା, କେତେ ସହିବ ତା କହିଲେ ।୩।

ଅଶିବଣ ମୃଦୁ ଚଳ ମରୁତ, ମୋ ଅଂଗକୁ ଦହେ ବହ୍ନି ସମତ
କଳେବର ସମସ୍ତ ମୂର-ବହ୍ନି ମିଶି ମୋ ପ୍ରାଣନାଥଙ୍କ ଖୋଜିଲେ ।୪।

ଯଉଥିବା ପ୍ରାଣେ ମଧୁ ସମସ୍ତ କଣ ନାହିଁ କି ତୋହର ହୃଦୟ
ସୁମନେ ମଣୁଛି ମୋ ଜବ ନେବାକୁ ପ୍ରଥମୁ ଏ ଏଥେ ଅଇଲେ ।୫।

ଭବାନନ୍ଦ ପ୍ରୋଷିତଭର୍ତ୍ତୃକା ଚନ୍ଦ୍ରୀ କର ସଞ୍ଚିଗଲ୍ଲ ନାସ୍ତିକା
ଅଳି ଶାନ୍ତ କଲେ ଦଣ୍ଡପଲ୍ଲୀ ସୁବରାଜ, ଏ ନିୟମ ବୋଲିଲେ ।୬।



କୁସୁମକାଳ—ବସନ୍ତ ସମୟ । ଅଶିବଣ—ଶରତ ।

କଳହାନ୍ତରିତା

# ସଖୀ ପ୍ରତି ଶ୍ରୀରାଧା

( ରାଗ—ବସନ୍ତ ମାଳୁଆ, ତାଳ—ତ୍ରିପୁଟା )

ଶୁଣ ସଖି ଲୋ, ଅଜ ରଜନୀରେ ଶ୍ୟାମ ଆଇଲେ । ପଦ ।

ନ କହି କିଛି ସମ୍ଭାଷ, ସେଜଣି ମୁଁ କଲି ରୋଷ,
ଅନାଇ ମୁଖ ମୋର କି ହସିଲେ । ୧ ।

କେତେ ସପ୍ରେମ ବଚନ, କହିଣ ବନ୍ଧୁ ରତନ,
ବଳିଆର ପାଦ ମୋର ଧଇଲେ । ୨ ।

ସେ ପ୍ରଣୟ କଲେ ଯେତେ, ନ ଘେନିଲି ମୁଁ କିଛିତେ,
ତିରସ୍କାର କଲି କେତେ ସହିଲେ । ୩ ।

ଯେତେ ପର କଲେ ବିନୟ, ନ ଦ୍ରବିଲା ମୋ ହୃଦୟ,
ନେତ୍ରକୋଣେ ନ ଚାହିଁଲି ପଳଟିଲେ । ୪ ।

ଜଗିଣ ଯାମ ଚାରିର, କେତେ ଦୁଃଖେ ଗଲେ ପୁରି,
ଏବେ ନେତ୍ରେ ଦେଖିବାକୁ ନୋହିଲେ । ୫ ।

କୃଷ୍ଣବନମଣି ଛାନ୍ଦେ, କଣ୍ଠୋଶ୍ୱ ଅନ୍ତ ବରଷେ,
ସଜନୀ ପୁରତେ ଏତେ କହିଲେ । ୬ ।



# ଶ୍ରୀକୃଷ୍ଣଙ୍କ ବିରହ

( ରାଗ—ଚନ୍ଦ୍ରାବୃଷ୍ଟି, ତାଳ—ତ୍ରିପୁଟା )

ଶ୍ୟାମ ବଂଶୀ ଶୁଣି ଯାଇ ଯୌବନ ବେଳ ଝବନ । ପଦ ।

ଆହା ଯେ ଲଳିତ ଅଙ୍ଗ, ହୋଇଛି କେତେ ବିଭଙ୍ଗ,
କି ମଳିନ ବେଶ କଷ୍ଟ ଲଗନ ରେ । ୧ ।

ପଞ୍ଚ ଶରଘାତ ତଟନ୍ତ, ତୋ ନାମ ନିରତେ ଜଟଳ
ଘଟେଣ୍ଟ ଅଳଙ୍କାର ଏକା ତପନ ରେ । ୨ ।

ଚଉଦିଗେ ଶ୍ୟାମ ସ୍ୱପ୍ନେ, ନେଇ ପଲକେ ସେ ସ୍ୱପ୍ନେ,
ଅଧର ଗମ୍ଭୁ ଭଜୁଛି ଲୟାନ ରେ । ୩ ।

ଫୁଲିଶଯ୍ୟା ଶର ବାଜି, ସୁଷମା ଚନ୍ଦନ ସଜି,
ଅଶନ ପାନ ହୋଇଛି ସ୍ୱପନ ରେ । ୪ ।

ଭଣେ କୃଷ୍ଣଚନ୍ଦ୍ରେଶ୍ୱର, ସଖି ବିଳମ୍ବ ନ କର,
ଝିପୁକୁ ଯେ ଦୁଃଖ ହର ମୋଚନ ରେ । ୫ ।



ଶତପଦି ଜାଳ—ପଦ୍ମଧର ଶର୍ମା ।

ଦାମୋଦର ଧ୍ୱଜ

## ବିରହୋତ୍କଣ୍ଠିତା ଶ୍ରୀରାଧା

( ରାଗ—ସାରଙ୍ଗ, ତାଳ—ଖେମଟା )

ଗତ ନିଶି ଦେଖୁ ଥିଲି ସଜେଲି  କାହ୍ନା ମୁରଲୀ
ଗରଳ କଣ୍ଠ  ଅରି  ଦଗ୍ଧୁଛି  ମୋ  ହୃଦକୁ । ଘୋଷା ।

ସଜେଲି ଯନ୍ତ୍ର ନାନା ଭଙ୍ଗି, ଗୋଲାପି ମୋ ହୃଦଦେଶ
ଚନ୍ଦନ ଲାଗିଲେ ନେଇ ଯୋଗାଇ କୁସୁମକୁ । ୧ ।

ଗୁରୁଜନଙ୍କ ଗଞ୍ଜଣା ତରିବ କରିଲି ଚୂନା
ଠିକଟେଲା ଚାଲି ଯାହ୍ନା ନନ୍ଦର ମୁଁ ଡାକ୍ତାକୁ । ୨ ।

ଚୋରୁଛି ଉପ୍ପ ଘୁମର, ଗୁହାଳ କୁଞ୍ଜ ଭୁବନ
ଚକାଦେନ୍ତେ ପଲଙ୍କ ମୁଁ ଲଗ୍ନରଣ ଚନ୍ଦ୍ରକୁ । ୩ ।

ସମ୍ନନ ନଗରେ ବୋଲି ରହିଲେ ମୁଁ ଥିଲି ଖାଲି
ଗତ ହେଲା ନିଶା ଦାମ ଖୁଲା ଦେଖି ଚରଣକୁ । ୪ ।

●

## ବିପ୍ରଲବ୍ଧା

( ରାଗ—ଟୋଡ଼ି, ତାଳ—ଏକତାଳୀ )

### ଶ୍ରୀକୃଷ୍ଣଙ୍କ ପ୍ରତି ସଖୀ

ଯଦି  ବଚନ  ଏ  କରି  ଗଲ  ହେ
କୃଷ୍ଣଚନ୍ଦ୍ର  ଯୋଗୁଁ କାହିଁ କି ତବ ପ୍ରୀତ ହେ । ଘୋଷା ।

ପଲ୍ଲବ ଶଯ୍ୟା ରଚି ବସି, ସବୁ ଦ୍ରବ୍ୟ ଆଣି
ତବ ଦରଶନେ ରହି  ନାଥ  ହେ । ୧ ।

ଯଦୁସାର ସୁନ୍ଦର, ମଣ୍ଡୁଛି ବସି ପ୍ରମାଦ
ବାଟେ ଅନଳରେ ଭସ୍ମ ହେବ ମନ ହେ । ୨ ।

ଯାଉଛ କମ୍ପନ ବୁଲି, ଜାଣି ଭୁଜାନ୍ତର ରୋହି
ଭୁଲି କାହିଁକି ଚେତୁଥାଇ ଚିତ୍ତ ହେ । ୩ ।

---

ଗରଳ କଣ୍ଠ ଅରି—ଶିବଙ୍କ ଶତ୍ରୁ = କନ୍ଦର୍ପ । ଚନ୍ଦ୍ର—କର୍ପୂର ।

ଯାଣୁଛୁ ପୁଷ୍ପସାୟକ, ଜଳେ ଯେସନେ ପାବକ
ମନ ମନ୍ଦିର ଦହୁଛୁ ଗୁଢ଼ ହେ । ୪ ।
ଯେଣାଇ ଭଣିଲେ ଯେତେ, ନ ବୁଝଇ କଦାପିତେ
ଦାସ ବୋଲେ ଚଳ ତାଙ୍କ କତି ହେ । ୫ ।

●

## ବସୁ ଦାମୋଦର ଦାସ (ଦାମୋଦର ଚଂପାଟିବସୁ)

## ବରବର୍ଣ୍ଣୀ ଶ୍ରୀରାଧା

(୧)

( ରାଗ—ଆଶା )

ଘନ ଘନ ଗର୍ଜନ ଅମ୍ବର ଘୋର
ଚଉଦିଗେ ଚମକଇ ବିଜୁରୀ ଜୋର ।
ଅବନୀଁଗି ବରିଷଇ ମନ୍ଦ ମୟୂର
ଧୁନ ଶୁଣି ଦୁଃଖରୁ କମ୍ପଇ ମୋର ।
ଅବଧୁ ବସର ଗଏ କାହାର ଶେଖର

(୨)

( ରାଗ—ଆଶ୍ରିଗୁ )

ଶୁଣ ସଖି ଚରଣ ଧରୁଛଣି ତୋର
କଉଛଣି ମିଳବେ ନନ୍ଦକିଶୋର ।
ସେ ମୁଖ ଶଶୀସୁଧା ମୋ ନେତ୍ର ଚକୋର
ପାନ କରେ ସଖି କର ଚନ୍ଦ୍ର ଜୋର ।
ଦାମୋଦର ଦାସ କହେ ଦୁଃଖ ନାହିଁ ଓର
ଅବଶ୍ୟ ମିଳିବେ ସଖି ନନ୍ଦକିଶୋର ।

●

---

ପୁଷ୍ପସାୟକ—କନ୍ଦର୍ପ । ବିଜୁରୀ—ବିଜୁଳି । ମୟୂର—ମୟୂର । ଧୁନ—ଧ୍ୱନି ।
ବସର—ବାସର । ଶେଖର—ଶେଖର । ଜୋର—ଜୋଲ ।

# ବରଷ୍ମଣୀ ଶ୍ରୀରାଧା

( ତାଳ—ଝିଅଡ଼ା )

ଧବଳ ତାପର ତପନ ଖରତର
ରଜନୀ ତାପର ଝଟଇଛ ।

ଚନ୍ଦନ ରଜ କୁଙ୍କୁମ ମନ୍ଦର
କଞ୍ଚୁ ବାନ୍ଧି ସଖି ଝୁଖଇଛ ।

ପବନ ଭାରତି ଘରମ ଦା'ଙ୍କୁ
ମନେ ମନମଥ ଉଷ୍ମଣା ।

ଘନ୍ତୁ ଢେଙ୍କର ଢେଙ୍କର ବକଳ ଲୋଚନ
କମଳଲୋଚନ କମ୍ପିଲେଣି ।

ଶ୍ୟାମ ଭାଲେ ସ୍ୱପନେ ଭାଙ୍ଗିଲେ
ଦନ୍ତୁ ଦେଖି ମୁରାରେ ।

ଶ୍ରୀ ଦାମୋଦର ଦାସ ଭକ୍ତି ରୁ
ମୁକ୍ତି ତା ପରକାଶରେ ।

ଦିବ୍ୟସିଂହଦେବ

# ଶ୍ରୀରାଧାଙ୍କ ନବାନୁରାଗ

ପ୍ରାଣସଜନୀ, ଘଟଣ ହେଲା ଦେଖ ମୋହର ରେ
ଦେଖି ଶ୍ୟାମତନୁ ପୀଡ଼ିଲା ଅତନୁ
ତୋ ବିନୁ କେ ମୋ ପ୍ରତିକାରରେ । ୦ ।

ବଲ୍ଲୁକପାଳିତ ନୀଳମଣି ଜମୂତ—
କାନ୍ତି ବିଧୁନିତ ତମାଳ ଧାଡ଼ି ମିଳ
ରୁଚି ଜିତ ପ୍ରସୂନ ଗୁଞ୍ଜିତ ମଧୁ ବ୍ରତ
ବିକଚ ଇନ୍ଦୀବର ଜିଣି ଆକାରରେ । ୧ ।

ଶ୍ରବଣରେ କୁଣ୍ଡଳ ଚନ୍ଦ୍ରାକାର ନିର୍ମଳ
ଗଳ ଦିଶଇ ଶଙ୍ଖ କଣ୍ଠ ରତନ ହାର
ନାସେ ଗଜ ମୁକୁତା ଅଧରସ୍ଥ ଚଞ୍ଚଳ
ଶିଖି ପୁଚ୍ଛ ଚୂଡ଼ାରେ କେତକ ନିର୍ମଳ ରେ । ୨ ।

ସ୍ୱୟଂ କାମଦେବ ବୈଭବଜିତ ବାସବ
ସୁବ୍ୟ ବନ୍ଧନ ଘଡ଼ ଜିତ ଘଡ଼ଙ୍ଗ
ପୂର୍ଣ୍ଣୋ ନନ୍ଦର ଘଞ୍ଚର ବାହୁଲମ୍ବ ହେରମ୍ବ
ଅନଙ୍ଗ ଢାଲ ଘରସ୍ଥର ରେ ସଜନୀ । ୩ ।

ମୋ ତନୁ ତାମରସ କେଉଁଠାଥ ହେଲା ଅଦେଖଣ
ନୋହିଲେ ବାଧି ନାଶ ସଜନୀ ହେବ ଦୋଷ
ଜନ୍ମ ବାମେ ଘନାଦ ବଂଶରେ ଅପଦ୍ରଣ
ଶ୍ରୀ ଦିବ୍ୟସିଂହ ଦେବ ଭଣେତରେ ସଜନୀ । ୪ ।



ବଲ୍ଲୁକପାଳିତ—ଚୋକାଳ ।

ଦୀନକୃଷ୍ଣ ଦାସ

# ଶ୍ରୀରାଧା ପ୍ରଶସ୍ତି

( ରାଗ—ବଙ୍ଗଳାଶ୍ରୀ, ତାଳ—ଏକତାଳି )

ଶ୍ରୀମତୀ ଅରୁଣ ଚରଣ ଅନୁସରଣ
ଛନ୍ଦ କେଳି ମନକୁ ମନ୍ଥା ରେ । ଘୋଷା ।

ଛତ୍ରାର ଧ୍ୱଜବଲ୍ଲୀ ପୁଷ୍ପ ପଦ୍ମ,
ବଳୟ ରଥାଙ୍କୁଶ ଯେ ପାଦେ ଶୋଭେ ।
ଯେ ପାଦତଳେ ରଙ୍ଗ, ପାତାଳମଣି ସ୍ତୁଥ,
ପାତକ ଅତେଳ ଗୁ ଫୁଟାଏ । ୧ ।

ଯେ ପଦରଜ ,ବ୍ରଜମଣ୍ଡଳେ ମଣ୍ଡନ,
ଅଭସ୍ମ କରେ ଭସ୍ମ ଦାର୍ ବିଖଣ୍ଡନ ।
ଚଣ୍ଡୀକରମ୍ଭୁତ ହୃଦରେ ଦଣ୍ଡୁଛି,
କସ୍ତୁ ତଣ୍ଡିମ ଦାଳାରେ । ୨ ।

ଶ୍ରୀ ସୁବେଶ୍ୱରୀ ଭବନସ୍ଥ ସାରସୀ,
ତଥି ହ୍ଲାଦକ ମାଦକ ଅରୁଷ୍ଟ ।
ଯେ ସେବାରେ ଲବଣ ନାହିଁ ଦେବସ
ରେ ମନ ବୃନ୍ଦା ବିପିନକୁ ଯାଏ । ୩ ।

ମାୟା କଣ୍ଟକୁଟ କପଟ ପଟଳ ଦେଖି
ଜାୟା ସୁତ ବିଧି ଦାୟା ସ୍ନେହ ।
ଏଥେ ନ ରହ ଗୁ ବ୍ରଜପୁର ଯାଏ । ୪ ।

ଦୀନକୃଷ୍ଣ ଦାସ ଗଙ୍ଗାଙ୍କ ସ୍ୱଗତ,
କେବେ ପଦରେ ଶ୍ରୀଗୁରୁ ପଦ ଆଶ୍ରିତ ।
ସାଧ ବୃନ୍ଦ ସିଦ୍ଧ ତନୁ ନବତ ନିଷ୍ଠବନ୍ଧେ ମନା ରେ । ୫ ।

---

ଚଣ୍ଡୀକରମ୍ଭୁତ— ସୁପିଙ୍କ ସୂଚି — ଧମ ।

# ରୂପାନୁରାଗ

( ରାଗ—ଧନାଶ୍ରୀ, ତାଳ—ଆଠତାଳ )

## ସଖୀ, ଶୁଣିଁ ଏ ସବୁ

ବ୍ରଜ ଯୁବତୀମାନଙ୍କ ଏ ଉଦ୍‌ବେଗ । ଘୋଷା ।

ମୁରଲୀ କରେ ଧରି ମାରେ ନେଏ କହାଁରି
ଘନ ବରଣ ହରି କହଇ ଦୂର ଭରି
ତା ପାଶକୁ ଭ୍ରମିଣ ଅଛି କେ କୁଳନାରୀ···ନ ପଡ଼ି ଧରି । ୧ ।
କଟି ତଟେ କିଙ୍କିଣୀ ବାଜଇ କିଣି କିଣି
ଶୁଣି କେଉଁ ରମଣୀ କଣି ନୋହିବ ପୁଣି
ଅଙ୍ଗରେ ଭଙ୍ଗୀ ଠାଣି ବାଙ୍କ ବାଙ୍କ ଚାହାଣି···କେଉଁ ପରାଣୀ । ୨ ।
ତ୍ରିଭଙ୍ଗୀ ଛନ୍ଦେ ରହି ଦେଖାଇ ଦଶନ୍ତି ଦେହ
ଅଧର ଜିଣି ଜବା ଜାତି କୁସୁମ ଗନ୍ଧ
ପୀତ ବସନ ବେଶୀଙ୍କ ମାଳମଣି ପ୍ରତିମା···କି ଦିଶେ ଚୋର । ୩ ।
କାଳିଣୀ ମୁଁ ନାଗର ପୂଜଣ ଯିବାକୁର
ପାଇବି ସେ ନାଗର ତାଠାରୁ ସୁଆଦର
ଘନକୃଷ୍ଣର ଧୀର ସ୍ୱପନ୍ତି ବାରମ୍ବାର···ମୋ ଭଣ୍ଡାରେ । ୪ ।

●

# ଅକ୍ଷେପାନୁରାଗ

## ସଖୀ ପ୍ରତି ଶ୍ରୀରାଧା

( ରାଗ—କେଦାର, ତାଳ—ଝୁଲା )

ଶ୍ୟାମ ପ୍ରୀତିରେ ସଖୀ ମୁଁ ପଶିଗଲି
ଲୋକଲଜାରେ ଏବେ ପଡ଼ିଲେ ମଲି । ଘୋଷା ।
କାଳ ହୋଇଲା ଜଗତେ ତାଂ ମୁରଲୀ
କୁଳେ ଦାଣ୍ଡରେ ପାଦେ ନ ପାରେ ଚଳି । ୧ ।

ଜାଣି ଜାଣି ଏ ଅଙ୍କୁରି ଅରକିଲ
ପାଳା ସ୍ୱନା ଅନାଶ୍ରିତା ପରି ହେଲି ॥ ୨ ॥

ଭଲି ସରସ ଯେ ନନ୍ଦସୁତ ଭଲି
କାଳେ ନାଗସ୍ୱ ମୋ ନାମେ ବ୍ରଜପତ୍ନୀ ॥ ୩ ॥

ପ୍ରେମ ଜଞ୍ଜିର ପାଶ୍ୱା ମୁଁ ଭୋଳିଦେଲି
ପାନକୃଷ୍ଣ ଭଣେ ହୃଦ ହୃଏ ପାଲି ॥ ୪ ॥

## ଘୃଦବୋଛ ।ଘ

( ରାଗ—ତୋଡ଼ି ଚରଜ, ତାଳ—ଆଠତାଳୀ )

ରେ ପଙ୍ଗାଚ, ଅନୁଭବି ଥିଲେ କହ
ତନୁ ଶ୍ୟାମଳ ରୂଷି ଯେବେ ନ ଜାଣୁ
ତେବେ ନୁହ ପ୍ରେମି ରଷ୍ଟ ।
ଧେନୁ ପଛେ ବନୁ ନାଚ ଆସିବାର ଟ୍ଟ୍କିଲା ତୁଳ ବରହ ।
ଦେଖିଚୁ ଯା ଆଖି ପାରେ ସେ କି ମୂର୍ତ୍ତି—
ଟ୍ଟ୍ରି ନୋଷ୍ଟ ଅସ୍ତରସ୍ଥ ରେ ॥ ୧ ॥

ନେ ନୂତନା ବରବରନା ଯେ ବର ନାଗରେ ନ ଭରେ ଦୈର୍ଘ୍ୟ ।
ଏମନ୍ତରେ ଜଣେ ଅଛୁ କ ଗୋପରେ
ନ ଭକାଇ ମନ ଦେହରେ ॥ ୨ ॥

କନ୍ଦର୍ପ ସୁନ୍ଦର ମୋହନ ଖଲେଳ, ନ ଲଭିଅଛୁ ନେ ମୋହ ।
ସୁଣୁ ମୃଗମଦ ଚନ୍ଦନ ଆମୋଦ
ଯେ ଶ୍ରୀ ଅଙ୍ଗେ ମନ୍ଦମନ୍ଦରେ ॥ ୩ ॥

ତା ଅପ୍ରଖରେ ଶରସ୍ଥ ତାଡରେ ମୋର ଯୁଅ ଉସ୍ଥ ଉସ୍ଥ ।
ଗେଲ ପଣ୍ଡୁପେ ଛଳ କଥା କହେ
ନ ପୃଣି ଆର ନ ବସ୍ଥ ରେ ॥ ୪ ॥

ଘନକୃଷ୍ଣ ଭଣି ଅଟେ କେମାମଣି
ମନେ ଥିଲା ଯା ସନ୍ଦେହ ।
ସବୁ ଘଟା ଦେଖି ଅନ୍ତଲେଣି ହେଉଛି
ତବ ଚନ୍ଦ୍ରା-ବାଣିବାସ୍ଥ ।୫।

## ପ୍ରୀତି ପ୍ରସ୍ତାବ

### ସଖୀ ପ୍ରତି ଶ୍ରୀରାଧା

( ରାଗ—ଝିଞ୍ଜୋଟି ଖମାଜ । ତାଳ—ଆଡ଼ତାଳୀ )

( ହେ ସଙ୍ଗାତ ! ) କେ ବୋଲେ ପୀରତି ଭଲ
କଠ ଶ୍ୟାମ ଭୁଲେ, ପୀରତି ଅଚଳ, କଥା କେତେକ ଘଉଁ ଭଲ

ଝୁରି ଝୁରି ଦୁଃଖ, କଲି ଯା ପୀରତି, କାନ୍ଦିବାର ହେଲା ସାର
ସୁଖୀ ହେବ ବୋଲି ମନେ ପାଉଥିଲି ଚିନ୍ତିବାକୁ ଦୁଃଖ-ଭାର ।୧।

ପୀରତି-ପାବକେ ଜଳିପୋଡ଼ି ମନ ସୁଟକୁ ଜଳିଲା ଦୁଃଖ
ତଥାଏ ମତାଏ ନ ରହୁ ପଣ୍ଡିତ, ଯଥା ଶାଳି ସ୍ୱର୍ଣ୍ଣ ଭୁଷ ।୨।

ପୀରତି ବୋଲି ଗୋ ଏ ତନ ଅକ୍ଷର କେ ଆଣିଥିଲା ଏ ଦେଶେ
ପ୍ରଥମେ ଅପୂର୍ବ ଅନନ୍ତ ଲାଗଇ ଦଗ୍ଧ କରଇ ଶେଷେ ।୩।

ପୀରତି ବନ୍ଧନ ବଡ଼ ପରମାଦ ଏକ୍ଥା ମୁଁ ନ ଥିଲି ଜାଣି
ବୋଲେ ଘନକୃଷ୍ଣ କୃଷ୍ଣର ପୀରତି ପରାଣ କରଇ ପାଣି ।୪।



ବାସ୍ଥବାସ୍ଥ—ମେଘ । ଗାୟକ—ଅଗ୍ନି ।

# ପଥାବରୋଧ

## ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀରାଧା

ରାଗ—ଭୈରବୀ । ତାଳ—ଝପଟ)

ଛୁଟ ନାଗର ହେ ଶଠ ଲମ୍ପଟ
ଅଟ ଏଡ଼େ ଢଙ୍ଗ ଜାଣ କେତେ କପଟ । ଘୋଷା ।

ନାହିଁ ଲଜ୍ଜା ନାହିଁ ଭୟ ଧୃଷ୍ଟ ଝପଟ
ଯାଉଛ କହୁଛ ମାଗ ଦାନ, ପୀତପଟ । ୧ ।

ଯାଉଛ କୁଳରେ ପଶୁ ଅଛ ଅକଟ
ରବିସୁତ (ଲୋକ) କରୁଅଛ ନାନା ସଙ୍କଟ । ୨ ।

କଳ୍ପିଟରେ ନାହାନ୍ତି ମୋ ପାଣିଆଡ
ତାହା ନ କର ଏଥି ଏ କି ମୁକୁଟ । ୩ ।

ଯାଅ କୁଞ୍ଜର ନନ୍ଦର ଅଛ ନ ନଟ
ଘଟ ଭାଙ୍ଗି ଯାଦବକୃଷ୍ଣ ବୋଲେ ହେ ବାଟ । ୪ ।

●

# ଘାଟ ବାଧା

## ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀରାଧା

( ରାଗ—କେଦାର । ତାଳ—ଝୁଲ )

ଛାଡ଼ ମୋତେ ବାଟ ନଟ ନାଗର ଲମ୍ପଟ ହେ । ଘୋଷା ।

ଯିବି ଯମୁନା ପାଣିକି, ନ ଧର ମୋର ପାଣିକୁ,
କହୁଛି ମୃଦୁ ବାଣୀକି, ଯେବେ ନନ୍ଦସୁତ ହେ । ୧ ।

ଏ ଗୋପପୁରରେ ନାହିଁ, ଅଛୁ ତେଜ ଜଣେ ମୋ ପରି
ଯେତେ ଶତେ ଅପାର ଦୁଃଖ ପ୍ରକଟ ହେ । ୨ ।

---

ରବିସୁତ—ଯମପୁର । ପାଣି—ଜଳ, ହସ୍ତ ।

ଭୁଲି ନ ସ୍ମରଣ ଧନ, ହୋଇଛି ମୁଁ ଅତି ହୀନ

ନଶ୍ୱର ଅର୍ଥ ଧନ ସହ ଭୁଲିଅଛି ବାଟ ହେ । ୩ ।

ଭକ୍ତ ଗୋପାଳକୃଷ୍ଣ କହୁ, ତୁମ୍ଭରେ ମୋ ଲୁଚେ ସ୍ନେହ

ଏ କଳଙ୍କବାଦ ଲେଖା ଥିଲା ମୋ କପାଳେ ହେ । ୪ ।

●

## ବଂଶୀ ଶବ୍ଦ

### ସଖ୍ୟୁକ୍ତି

( ରାଗ ମୋହନା । ତାଳ—ଖେମଟା )

ବାଜେ ମୋହନ ବାଂଶୀ ଗୋ, ଶୁଣ ସଖି—

ଶ୍ରୀରାଧେ ରାଧେ ବାଜେ । ଘୋଷା ।

ରସିକ କ ଅଦ୍ଭୁତ, ପୁଣି ଛନ୍ଦା ଦେଇ ନିଭୃତ

କାଡ଼ ହୋଇଅଛୁ ନୂତନ ନାମ ବଂଶୀଧାରୀ ଗୋ । ୧ ।

ପାଣ୍ଡବଙ୍କ ସେ ଅଧର, ବ୍ରଜନାରୀମାନଙ୍କର

ଜୀବନ୍ତ କର ଏବେ ସେ କୃଷ୍ଣବଲ୍ଲଭୀ ଗୋ । ୨ ।

ବଂଶୀନାଦ ଶୁଣି ତନ୍ମୁ, ଧଇବା ଜନେ ଆସନ୍ତୁ

ତନ୍ମ-ଜନ୍ମ ଛେଦିବାକୁ ସେ ନାଦ କହାଣ୍ଡ ଗୋ । ୩ ।

ସେ ମୋହନ ପଦଯୁଗ, ଭେଟିବାକୁ ଶୁଦ୍ଧ ଭାବ

ଥିଲେ କହନ୍ତି ଗୋପାଳକୃଷ୍ଣ ଶ୍ରୀପଦ ସୁମରି ଗୋ । ୪ ।

# ସଖ୍ୟୁକ୍ତି

## ଶ୍ରୀକୃଷ୍ଣ ବିରହ

( ରାଗ—ତୋଷ ଖରଜ । ତାଳ—ଆଡ଼ତାଳି )

ରାଧିକେ ! ଅକଳଙ୍କ ଚନ୍ଦ୍ରମୁହିଁ,
ତୋ ବିରହେ ହରି, ହେଲେଣି ଯେପରି
କି କହିବି ତାହା ମୁହିଁ ଗୋ । ଘୋଷା ।
ସଦା ରାଧା ରାଧା, ରଟି ଅତି ବାଧା, ପାଇଲେଣି ନନ୍ଦବଂଶୀ
କୃଷ୍ଣପକ୍ଷ କଳାକର କଳା ପରି, ଶରୀର କ୍ଷୀଣ ହୋଇଛି ଗୋ । ୧ ।
ମଦନମୋହନ ମଦନଦର୍ପହନ—ହୁଅଇ ବେଳକୁ ବେଳ
ଆଜି ସମାଜରେ ମଦନକୁ ମଣେ ଅନ୍ତକିଙ୍କ ସେ କେବଳ ଗୋ । ୨ ।
କେଳି କଦମ୍ବକ ବ୍ରଜଜନଅଙ୍ଗନା ପାସୋରି ଦେଲେଣି ସବୁ
ଦାରୁଣ ମଦନାନଳେ ଦଗ୍ଧିତ ହୁଅନ୍ତି ଦୁଃଖପାଶୋଷ ଗୋ । ୩ ।
ତା' ଦୁଃସହ ଦୁଃଖ ଦେଖିଲେ ନୟନେ ଧଇର୍ଯ୍ୟ ଧରିବ କେବା ।
ଜଳ ତଳପ ଉପରେ ଗଡ଼ୁଅଛି ନବ ନାଗର ମସଣା ଗୋ । ୪ ।
ଭ୍ରାନ୍ତଚିତ୍ତ ହୋଇ ସର୍ବଙ୍କୁ ଚାହିଁ ଅନୁଛନ୍ତି ମଞ୍ଜୁବେଶ
ପିକ କୁହୁବାଣୀ ଶ୍ରୁତିପୁଟେ ଶୁଣି ଚମକି ପଡ଼ନ୍ତି ସେ ତ ଗୋ । ୫ ।
କାନରେ କହିଛି ତୋହର ନାମ ଜପି ଅଶ୍ରୁ ଭରି ହୁଅନ୍ତି ଝରି
କୁଣ୍ଡଳୀ ପଣ୍ଡରେ ଦ୍ରବର କାଶ୍ୟପ ତେଜନ୍ତି ମୁରଲୀଧାରୀ ଗୋ । ୬ ।
ଆହା ଶାହା ବାହା ତୁଣ୍ଡ ବୋଲୁ ଦାହା ମାହାର ହେଉଛି ହାନ
ଶୁହା ବନ୍ଧୁ ନାହିଁ ଆହାକୁ ତୋ ବିନୁ ଦାହା ନନଦବହଣୀ ଗୋ । ୭ ।
ଦୂତୀର ଶୁଣି ଶ୍ରୀ କନକାମଣି ମୁରଲେ ଦୁର୍ବିଷ ମାନ
କାନ୍ତ ଭେଟିକୁ ସଞ୍ଚରଣୀ ହୋଇଲେ ଘନକୃଷ୍ଣ ବିରଚନ ଗୋ । ୮ ।



# ସଖୀପ୍ରତି

( ରାଗ—କୁସୁମ କେଦାର । ତାଳ—ଝୁଲା )

ରାଧେ ! ଦେଖାଇଥା ବେଶ
ଯେମନ୍ତ ଦେଖୁଛନ୍ତି ଶୁଭ ସନ୍ଦେଶ । ଘୋଷା ।

ଖଞ୍ଜନ ନୟନରେ ରଞ୍ଜିଥା ଭଲା
ଅଞ୍ଜନ ନାଲୁଙ୍କର ବାନ୍ଧି ସଫଳା । ୧ ।

କୁଞ୍ଚିତ-ଘନକେଶ ଖୋଳିଥା ଜୁଡ଼ା
ଯେସ ଚମ୍ପଲୁଙ୍କି ଥାଙ୍କ ବେଢ଼ିକରୁଡ଼ା । ୨ ।

ଯେଣିଥା ଯଶାବଳୀ ଭୂତଳ କୁଟେ
ଯେ ମଧୁଭଳିଆଙ୍କ ଦେଖିବା ଯଲ୍ଲେ । ୩ ।

ମାଣ୍ଡିଥା ଚନ୍ଦ୍ରାପେନ ଲୁଗାକ ଅଙ୍ଗେ
ସୁଶ୍ରୀ ଦେଖାଇବେ ଶ୍ୟାମ ନେଳ ତରଙ୍ଗେ । ୪ ।

ନାସ୍ତେ ଗିରିଥା ଭୂଷି ସୁଦିନ ବାସ
ବାତ୍ତ ରଙ୍ଗ ନାଖଣ୍ଡ ଉପରେ ପ୍ରକାଶ । ୫ ।

ହୃଦୁନା ସୁନ୍ଦର ପାଙ୍କ ଓଢ଼ଣୀ ଧାଇ
ସୂନା ଦର୍ପଣ ଗଣ୍ଡ ରଖିଥା ମାଜି । ୬ ।

ସିନ୍ଦୂର ମୃଗମଦେ ତଳକ ଯେକ
ବନ୍ଧୁ ବନ୍ଦନପାଟି ମକର ରେଖ । ୭ ।

ସ୍ୱପନ୍ନ ଗୋପକୃଷ୍ଣ ଦାସ ଏ ଭଣେ
ସ୍ୱପ୍ନ ରସିକ ଲୋଖ ଦେଖିବା ଲାଳସେ । ୮ ।



## ଶ୍ରୀକୃଷ୍ଣଙ୍କ ବିରହ

( ରାଗ—ଚୋଢ଼ି । ତାଳ—ଏକତାଳି )

ଏ କାଳେ ମୋ ନନ୍ଦୁ ଗହ୍ଲିଲା ରେ
ସମସ୍ତ ଜାଣି ମଦନ ଦହ୍ଲିଲା ରେ
ତା ବିନୁ ନମିଷ ଲେଶ, ମଣଇ କୋଟି ବରଷ
ଏବେ ଏ ଅନ୍ତର ଦେଖ ସହ୍ଲିଲା ରେ ।୧।
କୋକିଳ କଳ ଡିଣ୍ଡିମ ବାଜିଲା ରେ
ଅସ୍ତ୍ର କାମ ଗଜବ ସାଜିଲା ରେ
ବିରହ ମାରଣେ ଯନ୍ତ୍ର, କେତକୀ ଧନୁ ବସନ୍ତ
ପରବାସୀ ଜନଙ୍କୁ ତରଜିଲା ରେ ।୨।
ମାଧବୀ ମଲ୍ଲୀ କଅଁଳା ଫୁଟିଲା ରେ
ମାନିନୀ ଯୁବତୀମାନ ଛୁଟିଲା ରେ
କିଂଶୁକ କଣ୍ଟକାଗ୍ର, କି ଏ କାମ ନଖଯନ୍ତ୍ର
କରେଣି ବିରହୀ ହୃଦ ଫାଟିଲା ରେ ।୩।
ମନ୍ଦ ବସନ୍ତ ସମୀର ବହିଲା ରେ
ରସାଳ-ମୁକୁଳବୃନ୍ଦ ଝୋଟାଇଲା ରେ
ଦେଖି ଏ କାଳ ଚାତୁରୀ, ଜୀବନ କି ଥିବ ଧରି
ଅହ୍ନା ଏତେ ଦୁଃଖ ବିଧି ବିହିଲା ରେ ।୪।
ଆହା କେତେ ନିନ୍ଦା ବୁଦ୍ଧି କଲି ତ ରେ,
ବନ୍ଧୁଙ୍କୁ ମୋ ଯାହା ସ୍ପୃହା ଅଗଲି ରେ
ଶୁଣି ଶୁଣି ମୋର ସ୍ୱର, ଆଉ ଜନ କିବ ଥିବ,
ଅହ୍ନା ଭ୍ରାତେ ଶ୍ରୁ ମନ ମଲି ତ ରେ ।୫।
ଆହା ରେ ଜୀବନ କୁନ୍ଦରଦନା ରେ
ଶରଦ ସମ୍ପୂର୍ଣ୍ଣ ଚନ୍ଦ୍ରବଦନା ରେ
ସ୍ମିତୋଷ୍ଠ କୋମଳ ଅଙ୍ଗୀ, ଅହ୍ନା ମୋ ଜୀବନସଙ୍ଗୀ,
ଏବେ କେଉଁ ପ୍ରକାରୁ ଏ ବେଦନା ରେ ।୬।

ମୋ ବନ୍ଧୁ ନିମିଷ କୋଟି ବରଷ ରେ,
ମଣି ତେଜଅଛନ୍ତୁ ସବୁ ହରଷ ରେ
ଗୋପବନ୍ଧୁ ଭଜ ଭଣି, ଏଥନେ ରମଣୀମଣି
ଶୁଣି ଶ୍ରୀହରି ବସ୍ତ୍ରାଇଲେ ସାରସରେ । ୭ ।

●

## ହୋରି

( ରାଗ—ମୋହନ କେଦାର )

ମଧୁ ଋତୁ ସଙ୍ଗରେ ବନେ ରାଜ ରାଜ ଅନଙ୍ଗ
ମଲ୍ଲୀ-ଜୋରକ ଶଙ୍ଖ ଧରି କରେ ବାଦ୍ୟ ମାଳକ ଭୃଙ୍ଗ । ୦ ।

ମନ୍ଦ ପବନ ଦୋଳୁରେ ପ୍ରେରିତ କୁସୁମ ଭୂଷଣ ଘନେ ଭୂଷିତ
ବଲ୍ଲୀ କାମିନୀ ନାଚେ ଅବିରତ ହୋଇ ପୁଲକିତ ଅଙ୍ଗ । ୧ ।

ମଞ୍ଜୁ କୋକିଳ ଧ୍ୱନି ଡିଣ୍ଡିମ ପକ୍ଷୀକୁଳ ରବ ବାଦ୍ୟ ମନୋରମ
ନାଗ କେଶର ପଲ୍ଲବ ଧ୍ୱଜ ବୃନ୍ଦ ଶୋଭଇ ଶୃଙ୍ଗ । ୨ ।

ଫୁଲ୍ଲ କେତକୀ କୁନ୍ତ ମଧୁକର- ପଙ୍କ୍ତି ମଞ୍ଜୁଳ କାନ୍ତି ଅସିବର
କୁସୁମେ ମଣ୍ଡିତ ଅଶୋକ ତରୁକୁଳ ଫୁଲ୍ଲ ଚର୍ମ ସଜାଙ୍ଗ । ୩ ।

ମାଧବୀ ପୁଷ୍ପଥାଳ ଘେନିଣ କୁନ୍ଦ ଚମ୍ପକ ନୈବେଦ୍ୟ ଧଳଧଣ
ନବ ଚୂତ ତମାଳ ତରୁବର ବାର ମତ୍ତ ମାତଙ୍ଗ । ୪ ।

ବର୍ଣ୍ଣିଲ ଗୋପବନ୍ଧୁ ପ୍ରିୟତମ ଧନ୍ୟ ଏଥି ଋତୁରାଜ ଶୋଭନ
ରଚିଲେ ସଖି ବ୍ରଜ କାମିନୀ ଯେଉଁ ହୋରି ତରଙ୍ଗ । ୫ ।



# ଶ୍ରୀକୃଷ୍ଣଙ୍କ ବିରହାନୁଚିନ୍ତା

( ରାଗ—କଳହଂସ କେଦାର । ତାଳ—ଏକତାଳି )

ଝର ଝର ଝର ଧାର ବରଷିବା ଦେଖି
ଝିମିଟିକ ରୋଟି ଯୁଗ ମଣ୍ଡିତ ସୁମୁଖୀ ରେ
ଝଙ୍କଳ ଚଞ୍ଚଳା
ଝଟିତ ଦେଖି ଜଗତେ ଥିବ ଜନ ବାଳା । ୧ ।

ଝାମ ଯାଉଥିବ ଘନ ଘନ ଧ୍ୱନି ଶୁଣି
ଝୁରୁଥିବ ଶୁଣି ସେ ତାଙ୍କର ଭେକ ବାଣୀ ରେ
ଝିଙ୍କ ଝାଂସ ଝର
ଝଗ ନୟନକୁ ଝର ଝରୁଥିବ ତାର । ୨ ।

ଝାଉଁଥିବ ତନୁ ବୁଝି ଶୋକ-ସାଗରରେ
ଝଗଡ଼ା ମଣ୍ଡିତ ସଙ୍ଗୀ ପ୍ରବୋଧ ଶୀଘ୍ରରେ
ଝଲ ସୁକୁନ୍ତଳା
ଝାଡ଼ ପଥ ମଣୁଥିବ ସଦନକୁ ବାଳା ରେ । ୩ ।

ଝଳିଯାଉଛୁ ତା ସଙ୍ଗ ସୁଖ ମୋ ତନୁରେ
ଝୁରୁଅଛୁ ଏବେ ତାହା ଶବ୍ଦୋକ୍ତି ମନରେ
ଝଷକେତନୀ ବନ୍ଧୁ
ଝାଡ଼ପଥମଧ୍ୟା ଅଙ୍ଗା ରେ ଲୁବଣାସିନ୍ଧୁ ରେ । ୪ ।

ଝଡ଼ଯାଉଥିବ ତନୁ ମୋର ମଞ୍ଜୁ ଭଳା
ଝଷକେତୁ ଶରେ ସରସିଜ ନୟନା ରେ
ଝଲ ସୁବଦନା
ଝୁରୁ ଥିଲି ହେଲେ ପାଦପଦ୍ମୁ ସ୍ମର ଭଣି ରେ । ୫ ।

---

ଝାମ—ମୂର୍ଚ୍ଛା । ଝାଡ଼—ଅରଣ୍ୟ । ଝାଡ଼ପଥ—ସିଂହ । ଝଷକେତୁ—କନ୍ଦର୍ପ ।

# ଅକ୍ଷେପାନୁରାଗ

ହେ ସଖୀ, ମୁଁ ଭୁଲିଲି,
ନନ୍ଦସୁତ ସଙ୍ଗେ ପ୍ରୀତି କରିବାକୁ ହେତା ବୋଲେ ଯାହା ପଡ଼ିଲି ରେ । ଘୋଷା ।

କୀର ହେଲି ଏହି ଜଗତେ ନଳିନୀ ଲୋଭକଧାର ଝଁଶିଲି
ଯେତେକ ଥିଲି କୁଳବତୀ ଲଜ୍ଜାଧନ ପେଣ୍ଡ ବାଣ୍ଡରେ ପାଶୋରି ରେ । ୧ ।

ସାଧୁ ପଢ଼ଣୀ ଲଳିତ ଶ୍ରୁତି ବାଣ୍ଡ ଦେବଗାନ ତ ମାଡ଼ିଲି
ତଣ୍ଡିରେ ଶାଣ୍ଣ ନଣନ ଚିର ବୃନ୍ଦାବନକୁ ଚିର ଥାଉଁଲି ରେ । ୨ ।

ଶ୍ୟାମ ସଙ୍ଗ କଲା ହେବ-ଲତିକାକୁ ପ୍ରାଣ-ଫଳକୁ ଏଡ଼ିଲି
ରଜନୀ ଦିବସ ଚିନ୍ତୁଛି ମନରେ ଏହି ଘଟରେ ଜଳିଲି ରେ । ୩ ।

ପର ପୀରତି କହୁ ନୋହେ ସଜନୀ, ଏବେ ସିନା ମୁଁ ଜାଣିଲି
ଭ୍ରମର ପିଣ୍ଡାରେ ବାଳ ପାର୍ଶ୍ୱ ତା ଯୋଗନରେ ତନୁକୁ ଦେଖାଇଲି ରେ । ୪ ।

କି କରିବ କାହିଁ ଯିବି ଏହି ଜନ୍ମ! ଫଳରେ ବଡ଼ତ୍ୟ ପଡ଼ିଲି
ବୋଲେ ଦୀନବନ୍ଧୁ ଅବଧ ଇଚ୍ଛାଏଁ ଗରଳ ଖାଇ ଲେଢ଼ିଲି ରେ । ୫ ।



## ଶ୍ରୀକୃଷ୍ଣଙ୍କ ଶରଣାନୁଚିନ୍ତା

( ରାଗ—ବସନ୍ତ )

ବଂଶୀରତନ ମୋ ଯଶୋଧନ ଧରଣୀମଣ୍ଡଣ ନବୀନ
ବସି ଏକାନ୍ତରେ କି ବସ୍ତୁ ଚିନ୍ତୁଥିବ ଆହାଃ ରେ ସୁନ୍ଦରୀ ରମଣୀ
ବନ୍ଧୁ ରେ, ବସନ୍ତ ଋତୁରେ କି କଷ୍ଟ
ବଞ୍ଚିଥିବ ଦବାନଳୀ ମୋର ବନ୍ଧୁ ରମଣୀ-ରତନ କଶୋଷ । ୧ ।

ବକୁଳ ମୁକୁଳ ଦେଖିଣ ଅକୁଳ ହେଉଛି ମୋ କୋଳ ସୁମଧୁର
ବସନ୍ତ ବସନା ସନ୍ତତ କୋକିଳ ବାଣୀ ଶୁଣି କି କହିବ ଥିବ
ବନ୍ଧୁ ରେ, ବଚନରେ କହିଛୁ ମୋତେ
ବନ୍ଧୁ ବର୍ଣ୍ଣ କର ଆରେ ହେମ ଗୋପୀ ଅଙ୍ଗ କି ଦେଖିବ ମୁଁ ତୋତେ । ୨ ।

ବାସନ୍ତୀ ସେବତୀ ଜାତିଯୂଥି ଗୁଣ୍ଡି ହେବନ ମଧୁ ଅତି ଚୋର
ବସୁଥିବ ବେଣୁ ଜାତିଧାରା ଛାର ଛାଉଣି ଶାନ୍ତୁ ହିରେ ପଦ୍ମ
ବନ୍ଧୁ ରେ, ବଦନ ନଳିନୀକାନ୍ତ ଖର୍ଣ୍ଣି
ବସନ୍ତ ସମୀର ତନୁକୁ ଲାଗିଲେ ତମକୁଥିବୁ ଜାଣୁନାହିଁ । ୩ ।

କଦମ୍ବ ଖଣ୍ଡାବତଂସ ଚାରିପାଖ ଦେଖି ଦୁଃଖୀ ହେଉଛି ସଦାରେ
ବରଷା ଅଳକେ ସଞ୍ଜ କାମଶରେ ଭଞ୍ଜି ପଞ୍ଜୁଥିବୁ ମନ୍ଦରେ
ବନ୍ଧୁ ରେ, ବନ୍ଧୁ ନ ଥିବେ ସଖୀମାନେ
ବର ସୁଧାକରମୁଖୀ କ୍ଷୀଣ ଦେଖି ଛାଡ଼ିଯିବ ତୋଳି ପବନେ । ୪ ।

ବନ୍ଧୁକ ଅଧର ବନ୍ଧୁ ରସିକ୍କୁ କୁରଙ୍ଗ ତରଳ ଲୋଚନା
ବ୍ରଜରାଜସୁନ୍ଦର ଚନ୍ଦ୍ର କୃଷ୍ଣଚନ୍ଦ୍ର ନନ୍ଦନ ରସିକମଣି ଧନ
ବନ୍ଧୁ ରେ, ବିରହରେ ହେଲେ ମଗନ
ବୋଲେ ପାନବନ୍ଧୁ ଖଣ୍ଡ ଚନ୍ଦନ ସେ ଶାରଦ୍ୱନ୍ଦଳ ହେଲେ କ୍ଷୀଣ । ୫ ।

# ଶ୍ରୀକୃଷ୍ଣ ବନ୍ଦନା

( ରାଗ—ମାଳବ । ତାଳ—ତ୍ରିପୁଟା ସଶ୍ରମାଦ )

ପାହି ପାହିମା ।

ପାହି ବ୍ରଜପୁର ଯୁବ ପୁରନ୍ଦର ପାହି କରଧୃତ ମନ୍ଦରଂ
ପାହି କୃତ ଅନ୍ଧସାର କନ୍ଦର ପାହି ନବସନ ସୁନ୍ଦରଂ ।୧।

ମତ୍ତ ବାରଣ ଗର୍ବ ନାଶନ (୧) ଗମନ (୨) ଜନ ମନ ରଂଜନଂ
ମୀନ କେତନ ରୂପ ନିକେତନ ଯାମଳାର୍ଜ୍ଜୁନ ଭଂଜନଂ ।୨।

ନନ୍ଦନନ୍ଦନ ଜଗତ ବନ୍ଦନ ମୁରଲୀଧର ବ୍ରଜ ନାଗରଂ
କମଳଲୋଚନ ଶୋକନାଶନ (୩) ସକଳ ଗୁଣଗଣସାଗରଂ ।୩।

କୋଟି ଶାରଦ ଚନ୍ଦ୍ରମା ମଦ ଦଳନ ରୁଚ ମୁଖ ଶ୍ୟାମଳଂ (୪)
ଗଣ୍ଡ ସୁଶୋଭିତ ରତନ ସୁଜଡ଼ିତ ମକର ସୁରୁଚିର କୁଣ୍ଡଳଂ ।୪।

ନାଗରୀଜନ (୫) ମନମୋହନ ବସନ ଭୂଷଣ ସୁନ୍ଦରଂ
ଭୃତ୍ୟ ନିର୍ତ୍ତନ ଶରଣ ତବ ଦୀନବନ୍ଧୁ ପ୍ରଭୁ ହରିଚନ୍ଦନଂ ।୫।



(୧) ମଦ ହସ୍ତୀ, (୨) ବାରଣ ଗମନ, (୩) ମୋଚନ, (୪) କୋଟି ଶାରଦ ଚନ୍ଦ୍ରମା ମଦ ଦଳନ ରୁଚିମୁଖ ମଣ୍ଡଳଂ, (୫) ବନ ।



# ଚୈତନ୍ୟ ଭଜନ

( ନାଟ—ସୁଗ । ତାଳ—ଝମ୍ପି )

ବନ୍ଦେ ଶ୍ରୀ ଶଚୀସୁତ ପଦାରବିନ୍ଦେ
ସଦାନନ୍ଦେ କନକ ସୁନ୍ଦର ସୁରୁଚିରୂପେ । ପଦ ।

ଭଗତଗଣ ସୁଖଦାୟକ ମଣିନୂପୁର ଭୂଷିତ
ରାଧିକା ପ୍ରିୟ ରୂପା ଚୂଡ଼ ବଳନୋଦେ ।
ଘଟଚପାବନ କଣ୍ଠ ମୁକୁଟ ମଣି ମଣ୍ଡନେ
କଟକ ହିଲୋର କର ଶ୍ରୀହରି ନାଦେ । ୧ ।

ଅରୁଣ ଭୂପ ବରଣ ଭୂଚ ବସନ ବର ଧାରଣେ
କୁଣ୍ଡ୍ରେ ରେଖାନ୍ତ ଜଳଦ ଗତ ବଳାଶେ ।
ପୁଲକପୂରିତ ତନୁ ପ୍ରେମ ସଜଳ ଲୋଚନେ
ଆଜାନୁଲମ୍ବିତ ଭୁଜ ଟେକ ପ୍ରକାଶେ । ୨ ।

କୀର୍ତ୍ତନ ରସ ଅତି ଅବଶ ରସ ନାଚି ମାଦବେ
ଅଶ୍ରୁ ଦେବର୍ଷିଙ୍କ ପାଦ ଶୋଭନ୍ତେ ।
ଦାନବନ୍ଧୁ ସ୍ୱନ ଭଣି ନିଜ ସ୍ୱାଦ ମନେ ଗୁଣି
ମଧୁର ହ୍ରାସେ ସକଳ ମାନସ ଶୋଭେ । ୩ ।



# ଶ୍ରୀକୃଷ୍ଣଙ୍କ ବିରହାନୁଚିନ୍ତା

( ରାଗ—କାଫି )

ଆହା ରେ ଗଜଗମନୀ ଦ୍ୱିଜରାଜଗମନୀ ଧନ
ମୋ ପ୍ରାଣ ଧନୀ, କେଉଁ ନଦୀରା ବନ୍ଧୁରେ ଥିବ ଧନ ।
ଦୁରନ୍ତ ମୁଖେ, ନ ଥିବ ନଖେ, କେଉଁ ଯେ ଥିବ ମନ୍ତ୍ରୀ
ସୁବଶ ଆହା କହିବେ ଏହା କେଉଁ ଯେ ଥିବ ବନ୍ଧୁ । ୧ ।
ଏଣୁ ବରଷା, ଦେଖି ଭରସା, ବାଳା ମୋ ଥିବ ଶୁଣି
ଶୋକଜଳରେ, ଅନ୍ତଃପୁରେ, ନିର୍ଦ୍ଦୟ ସଖୀ ଭୁଞ୍ଜି ।
ନ ଥିବ ତାର, ଅଙ୍ଗେ ଭୂଷର, ବେଣୀଭୂଷଣମାନ
ଥିବ ଯେ ମଣି, ରମଣୀମଣି, ଧ୍ୟାନ ମୋର ବନ । ୨ ।
ଅବଧି ଦିନ, ସୁମରି ଗୀତ, କହ୍ନାଇ ଯେ ଥିବ ତୋଷି
ସୁଟୁଳି ହଳ, ସୁଦୃଶ ପଥ, ଭୂଜ ବେଢ଼ି ଜ ଭଣ ।
କୁନ୍ଦଦଶନା, ନୀଳବସନା, ଶିଖଣ୍ଡ ସୁକୁମାରୀ
ଚିନ୍ତୁଛି ଥିବ, କରୁଛି ଗଣ୍ଡ, ନାଦ ଦେଖାଇ ରାହି । ୩ ।
ଶୁଣି ଏ ଘନ, ଗର୍ଜନ ଘନ, ବେଣୀ ଦନ୍ଧନ ବାନ୍ଧି
ବିରହେ ଶଣ୍ଡ, ନସ୍ତରେ ଘଣ୍ଡ, ଥିବ ଧାରଣୀ ଛଳ ।
ଦେଖି ମାଳତୀ, ବନ୍ଧୁ ମୋ ହିତ ବାନ୍ଧି ଯେ ହୃଦେଥିବ
ହୃଦେ ମିଶି, ଦେଖି ମୋ ଧନ, କାତରେ ଜଳ ଥିବ । ୪ ।
ଜାନୁଭ ବାଣୀ, ଶୁଣି ମୋ ବାଣୀ, ବୀଣା-ବଚନୀ ସ୍ୱମା
ଭାବେ ଅଧିକ, କ୍ଷେପନ ଶର, ଗମନୀ ତ୍ରିଭୁବନା ।
ମସ୍ତମଣ୍ଡନା, ଦୁଃଖଖଣ୍ଡନା, ଅହ୍ନା ମୋ ସୁବଦନା
ସହିବ କେତେ, ମଦନ ଯେତେ, ଦେଉଥିବ ବେଦନା । ୫ ।
ନବ ବୟସୀ, ମଧୁରହାସୀ, ଶ୍ୟାମ କୁଟିଳକେଶୀ
ତୋ ବିନୁ ବନ୍ଧୁ, ମଦନ ସିନ୍ଧୁ, ମଧ୍ୟରେ ଗଲି ଭାସି ।
ନୃପନନ୍ଦନା, ଚାରୁବଦନା, କାହିଁ ତୋ ବିନୁ ଆନ
ତୋହରେ ସୁମରି, ଜୀବନ ଧରି, ଅଛି ମୁଁ ଗଦଗଦ । ୬ ।

ସତେ କି ମୋତେ, କରୁଣା ତେଜି, କରିବ ଉପେକ୍ଷା
ତୋ ସଙ୍ଗ ସୁଖ, ଲଭିବ ଦୁଃଖ, ତେଜିବ ଆରେ ପ୍ରିୟା ।
ଏସନେ ଦାସ, ମଣି ସୁମଣି, କରିସ ପୀତବାସ
ହେଲେ ମହନ, କହିଲ ଧନ, ବନ୍ଧୁ ସ୍ୱଜନ ଏ ଭବ । ୭ ।

## କଳହାନ୍ତରିତା

ମୁଁ କି କରିବି, ସଖୀ, ଜାଣୁ ଜାଣୁ ମନ୍ଦପଣ କଲି । ଘୋଷା ।

ମଦନ ଅଧିକେ ସେ ଶ୍ୟାମସୁନ୍ଦର          ପଦାନତେ ଧରି ପ୍ରବେଶି ସତ୍ବର
ଭବନବାସରେ ସଅନ୍ତ୍ରେ ସେ ମୋର ବଦନକୁ ଚେହିଲି । ୧ ।

ମାନ ମୋର ଜାଣି ସେ ବ୍ରଜମୋହନ          ଚାଟୁ କଲେ ଯେତେ ବିନୟ ବଚନ
ତା ନ ଶୁଣି ଜନ୍ମ ହୋଇଲି ମଉନ ଆନ ଭାଙ୍ଗର ଲଗିଲି । ୨ ।

କର ନେବାକୁ ମୋ ଧଇଲେ ନାଗର          କର କର କାହିଁ ଛଡ଼ିଲେ ସୁଧୀର
ପର ପର ମଣି ଚୁମ୍ବାଳିଙ୍ଗ କର ଦ୍ୱାରସର ହେଲେ କଲି । ୩ ।

ସେଣୁ ଅପ୍ରାଧ ମୋ ଅନ୍ତରେ ବିଚାରି          କହିଲେ ନାହିଁ କରୁ ଥୁଁ ଗଲେ ହରି
ରହିଲେ ଏବେ ମୋତେ ସେ ଦୂର କରି ମୁହିଁ ଏଭଳି ହେଲି । ୪ ।

ଶୁଣ ମୋର ତୋତେ ରେ ପ୍ରାଣସଖୀ,          ଆଣ ଯାଅ ଶୀଘ୍ରେ ସେ ମୁରଲୀପାଣି
ଜାଣ ତାର ବନା ନ ଦସ୍ତୁ ପୁଣି ତାଏ ମୁଁ ଜାଣି ଗ୍ରାଣିଲି । ୫ ।

ନ କର ତୁ ହେଳା ଅଟେ ସଙ୍କଟ,          ଶଙ୍କର ସର ପାତରେ ଜଳି ଯିବି
ରଙ୍କ ପ୍ରାପ୍ତ ନିଧି ହରାଇଲା ପରି ପଙ୍କଜ ମୁଖେ ମୁଁ ହେଲି । ୬ ।



ଭବନ ବାସ—ଓଷ୍ଠ । ଅଙ୍କ—ସ୍ତନ । ଶଙ୍କର ସର—ଶିବ ଶତ୍ରୁ_କନ୍ଦର୍ପ ।

# ଖଣ୍ଡିତା

## ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀରାଧା

( ତାଳ—ଝୁଲ )

ହେ ମୋହନ, ଯା ଯା ମୋ ପାଶୁଁ ଚନ୍ଦନ ! ଘୋଷା ।

ଜାଣିଲି ତୋର ମତ      ଛଳା ଦେବାର ଶଠ
ଆଉ ନ ଶୁଣ ବଚନ । ୧ ।

ଗତ କାଲି ରଜନୀ      ହୋଇଲି ମୁଁ ଏକାକିନୀ
ରହିଲୁ କାହା ସଦନ । ୨ ।

କହୁଥାଉ ତୁ ସଖୀ      ଅଟେ ମହତପସ୍ୱୀ
ନ ଭଜୁ ସୁଦତୀ ଆନ । ୩ ।

ଏବେ କାର ବସନ      କରିଛ ପରିଧାନ
ଶ୍ରୀଅଙ୍ଗେ ଦିଶେ କି ଚିହ୍ନ । ୪ ।

ସେ ବିମ୍ବାଧରୁ ମଧୁ      ପିଇଥିବୁ ହେ ବନ୍ଧୁ
ଶୁଖିଛୁ ଚନ୍ଦ୍ରବଦନ । ୫ ।

ଘୃଣି ସେ ଗଣ୍ଡଦେଶ      ଲଗି ତାମ୍ବୁଳ ରସ
ହୋଇଛୁ କେଡ଼େ ଶୋଭନ । ୬ ।

ଛି ଛି ଏଡ଼େ ଲମ୍ପଟୀ      ଦେଖି ନାହିଁ ମୁଁ ସୃଷ୍ଟି
ଲଜ୍ଜା ନାହିଁ ତୋ ଲପନ । ୭ ।

ଏପରି ତୁ କପଟୀ      ଜାଣିଥିଲେ ମୁଁ ପ୍ରୀତି
ଲଗିଥାନ୍ତା କି ମୋ ମନ । ୮ ।

ଆଜଠାରୁ ଶ୍ରୀପଦ      ତେଜିଲି ତୋ ପୀରତି
ପଙ୍କଜ କରିବ ଧ୍ୟାନ । ୯ ।



# ରୂପାନୁରାଗ

## ସଖୀ ପ୍ରତି ଶ୍ରୀରାଧା

ନାଗରବରଣେ ଯାହା ଏହୁ ପାଇ ସମ କରଣେ ଅନ ନାହିଁ । ଘୋଷା ।

ସଖୀଙ୍କ ସଙ୍ଗରେ, ଯାଏ କି ରଙ୍ଗରେ, ଦେଖ ଦେଖ ପ୍ରିୟ ସଖି ଗୋ
ଝୁଲେ ରତ୍ନ ହାର, ଦୋଳାକୁ ଦୋଳାଇ, କି ଭଙ୍ଗୀରେ ଧାଏ ଯାଉଁ । ୧ ।

କର୍ଣ୍ଣରେ କୁଣ୍ଡଳ, ଲୁଚେ ଗଣ୍ଡସ୍ଥଳ, ସ୍ୱର୍ଣ୍ଣ କି ଶୋଭା ବଦନ ଗୋ
କଟାକ୍ଷ ସୁହାଣି, ଛଟା ମିଳ ପୁଣି, ଚାହିଁବୁ ନେଉଛୁ ମୋହି । ୨ ।

ନବଘନ ବର୍ଣ୍ଣ, ତାର ଅପଘନ, ଶିରେ ଶିଖିଚୂଳ ଦ୍ରୁମାନ୍ତ ଗୋ
ପୀତପଟ କଟିତଟରେ ପିନ୍ଧଣ ଧୃତକୁ ଧାଏ କଣ୍ଠାଳ ଗୋ । ୩ ।

ମାନୁଅଛୁ ବାଳସ୍ୱରୁ ପ୍ରାସ୍ତୁ ଓଷ୍ଠ ଏହା ଦେଖିଛୁ କେ କାହିଁ ଗୋ
ଗୋରୋଚନା କଲ୍ ଝୁଲେ ଅନା ରସବଲ୍ଲୀ ଭୁଲିଯିବୁ ଶୁଣୁ । ୪ ।

ବସି କେତେ କାଳ, ଏ ରୂପସୃଷ୍ଟିକୁ, ଭଲ କରିଛନ୍ତି ବିଧି ଗୋ
ସଦ୍ଭୁତା ହେଲେ, ଏ ମୂର୍ତ୍ତି ଦେଖିଲେ, ମାର ଶରେ ହେବ ଦଗ୍ଧ । ୫ ।

ଦୂଷ ଶ୍ୟାମ ରୂପ, ଦେଖି ନେତ୍ର ଲୋଲୁପ, ହେଉ ରାଧା ସୁନ୍ଦରୀ
ବରଣ କରଣ, ଶରଣ ପଶିଲେ, ପଙ୍କଜ ଚରଣ କନ୍ଥ । ୬ ।



# ଆକ୍ଷେପାନୁରାଗ

## ସଖୀ ପ୍ରତି ଶ୍ରୀରାଧା

ନ ଜାଣି ମୁଁ କଲି ପୀରତି — ସେ ଜାଣି ଥିଲା ଗୋ ଏହା
ଭଜିଲି ତ ହେଲି କପଟୀ — ତେଜିଲେ ତ ନାହିଁ ମୋ ସାହା ।
ସରଜି ନଦେଖ ଶିର — ଢଳକିଲି ସଖୀ ମୋର
ବରଜି ବୋଲି ତାଙ୍କର — ଅଭିଜିଲି ଏଣୁ ଅହା । ୧ ।

ରସିକ ବୋଲି ମୋ ଚିତ୍ତ — ହଜିଲି ସନ୍ତାପରତ
ଖସିଲା ଧୈରଜ ଜଗତ — ଜାଣିଲି ମୋତେ ଉପାୟ । ୨ ।

ଜଗିବାକୁ ପର ପ୍ରୀତି — ମରିବାର ଭଲ ଗତି
ସହିବା ନୋହୁ କପଟି — ତରିବାକୁ ନାହିଁ ପନ୍ଥା । ୩ ।

ନରମେ ହୃଦୟ ନଟି — ସରମେ ମୁଁ ଥିଲି ରହି
ଭରମେ ପଡ଼ିଲି ଆସି — କରମେ ମୋ ଥିଲା ସାହା । ୪ ।

ସ୍ୱପ୍ନରେ ଏ ପ୍ରୀତି ଭାବ — ଦେଖିବାର ଆଉ ନୋହିବ
ବସନ୍ତରେ ମୋ ଦୁଃଖ ଜଳ — ଜନ୍ମରେ ସଜନୀ ତାହା । ୫ ।

ଭୁଲିଲି ତ ଗଲା ମୋ ମତି — ମଲି ତ ଏବେ ମୁଁ ନିତି
ହେଲି ତ ଦୁଃଖୀ ପୀରତି — କଲି ତ ମୁଁ କଥା ଭୁଲା । ୬ ।

ଏ ସମ ଏ ସଖୀ କହୁ — ଚୋଖ ମନେ ବଡ଼ ସହୁ
କ୍ଲେଶ ମଧୁର ତା ନାହିଁ — ଚପଳ ପୀରତି ଦୁଃଖ । ୭ ।

ଯାଦବକୁ ଗୁଣ ଅଣି — ମାଧବଙ୍କ ଦେଖି ଶୁଣି
ଜନ ବହିଲେ ସେ ଶୁଣି — ନୃପବଂଶବଂଶୀ ଦେଖା । ୮ ।



# ବଇଷ୍ଣୀ ଶ୍ରୀକୃଷ୍ଣଙ୍କ ଚଷ୍ଟାଉ

( ରାଗ—ଘଣ୍ଟାରବ । ତାଳି—ଏକତାଳ )

କଂସ କଣ୍ଟକରେ ଦୁଃଖ ରେ ରମଣୀମଣି !
ଚିନ୍ତାକୁ ନେଲେଣ୍ଡ ପ୍ରିୟ ବାଣୀ ରେ ଚନ୍ଦ୍ରବଦନା
ଗଣ୍ଡି ଥିଲେ ମୁଁ ତୋହର ପିନ୍ଧା ରେ । ୧ ।

ମୁଁ ତୋହର କଣା କଳ ରେ ରମଣୀମଣି !
ନ ଚେଇଣ ମୁଁ ମନେ ଧନ ଆନ ରେ । ୨ ।

ଦେଳ ଦ୍ୱନ୍ଦ୍ୱ ଦମ୍ଭ ଆଧି ରେ ରମଣୀମଣି !
ତୋତେ ପ୍ରଭୁ ହେଲି ସବୁବାସୀ । ୩ ।

ଶିବ ସେବନ୍ତି ଜେତେ ରେ ରମଣୀମଣି !
ଚନ୍ଦନାଶି ଲଭିଥିଲି ତୋତେ । ୪ ।

କୁ ମୋର ନେଉପିଲୁଣ ରେ ରମଣୀମଣି !
ବନ୍ଧୁ ମୋତେ ନ କଣ୍ଠୁ ହେଲା । ୫ ।

ଶୁଣି ରାଧା ହେଷୁପାଣିରେ ରମଣୀମଣି !
ଦନିବନ୍ଧୁ ରାଜ ରସ ଭଣି । ୬ ।



## ଦୁଃଖୀଶ୍ୟାମ ଦାସ

### ବଂଶୀ ରଭସ

ମୋହନ ମନମୋହନ ମୁରଲୀ ନାଦ ଧ୍ୱନି କି ଗୋ । ୦ ।

ମାଦକ ନାନାଦ ଜିଣି ମନକୁ ନାଶଇ ପୁଣି
ମୀନ କଳ୍ପି ଦୋଷ ଜାଣି ସେ ନେ ନଥଇ କଣିକ ଗୋ । ୧ ।

ମଳୁତ ବନ୍ଧୁର ମନ ସେମଦନ ସୁରେ ସୁମୁଦ
ମାନବ ଛୁର ତେ ତଣ୍ଡ ଧାରାବ ଶୁଣିକ ଗୋ । ୨ ।

ମନକୁ ଭୁଲାଇ ଜଣ ମୋହେ ତା ଶୁଣେ ସୁମନ
ମନ୍ଦତ ମର୍ଯ୍ୟାଦା ଏଣ୍ଡି ତଣ୍ଡ ଶବ୍ଦ ନେଜିକ ଗୋ । ୩ ।

ମୋହନ ମୁରଲୀ ବେଣ ମୋହିତ ଦେଖି ତ୍ରିଦଶ
ମଜିଲି ଚଳି ମୋ ଦାସ ଭଜନ ନାମ ଏଣିକ ଗୋ । ୪ ।

ମୋହନ ପାଦେ ଶ୍ରୀମଣ୍ଡ ମନ ତନୁ ସମର୍ପିତ
ଭଣେ ଦୁଃଖୀଶ୍ୟାମ ଦାସ ମୋହନ ପାଦ ସେବକ ଗୋ । ୫ ।

●

### ବନ-ବିହାର

ତୋଳି ତୋଳି ଏତୁ ଫୁଲ ଯତନେ ଗୁନ୍ଥିବା
ମାଳ କରି ଶ୍ରୀକୃଷ୍ଣର ଗଳେ ଲମ୍ବାଇବା । ଘୋଷା ।

କୁନ୍ଦ ବନ୍ଧକ ମୋହେ ଯୋ ଦରଶେ ବେଳେ ଶୋଭା
ନାଗେଶ୍ୱର କଣ୍ଠଧର ଦେଖି ମନଲୋଭା । ୧ ।

ଦେଖି ମଧୁକାଳେ କୁଞ୍ଜେ ମାଳତୀ ଫୁଟିବା
ଆଉ ସଖୀ ବୋଲେ ନେଇ ଶ୍ରୀକୃଷ୍ଣେ ଭେଟିବା । ୨ ।

ସୁରଫୁଲ ନେଇ ଦେବା ସୁର କରେ ସୁବା
ମାଧବେରେ ମାଧବର ମନକୁ ତୋଷିବା । ୩ ।

ଚମ୍ପା ଚମତ୍କାରି ଦେଖ କି ହସମା ଦେବା
କଣ୍ଠରେଁ ଝୁଲେ କରଙ୍ଗର ତେଜୁ ଅବା ! ୪ ।

ଦୁଃଖୀଶ୍ୟାମ ବୋଲେ ଆଉ ଗୋପକୁ ନ ଯିବା
ଏଥୁ ଛାଡେ ଉଦ୍ଧ କୃଷ୍ଣ ପାଶକୁ ନ ଯିବା ! ୫ ।

●

**ନାରାୟଣ ପଟ୍ଟନାୟକ**

## ଖଣ୍ଡିତା

( ରାଗ—କେଦାର । ତାଳ—ଏକତାଳି )

ଥିଲ କାହିଁ ଗୋ ଶ୍ୟାମ ଥିଲ କାହିଁ ?
ତୁମ ପରି ଆଉ ଜଣେ ଦେଖା ନାହିଁ । ଘୋଷା ।

କାଳିଆ ନାଗର      ହୋଇ ଉଜାଗର
ବସି ରହି ଝୁଣ୍ଡି ଆସି ଗଲ ପାଖ । ୧ ।

କହ ହେ ମୋହନ      ଏ କାହା ବସନ
ପିନ୍ଧିଅଛ ତୁମ୍ଭ ମୁଖେ ଲାଜ ନାହିଁ । ୨ ।

ହେ ଲବଣୀ ଚୋର      ଏଥୁ ମୁଖେ ପର
କହୁଥିଲ ମୁଁ ଆସିବି ଦେଖୁ ତୁହିଁ । ୩ ।

ନ ରହ ଇଠିରେ      ଯାଅ ତାର ପାଶେ
ନାରାୟଣ ଭଣେ ପଦ୍ମପାଦ ଧ୍ୟାଇଁ । ୪ ।



# କୃଷ୍ଣ ରୂପାନୁରାଗ

## ସଖୀ ପ୍ରତି ଶ୍ରୀରାଧା

ସଖୀ ଗୋ ! ଦେଖ କେଡ଼େ ସୁଷମା
କୃଷ୍ଣ ଅଙ୍ଗକୁ ପାଇଛି ଉପମା । ଘୋଷା ।

ଇନ୍ଦୁ କୁନ୍ଦେ ଏ ରକ୍ତ ପଦ୍ମ ପୁଞ୍ଜ — କର ଚରଣ ସୁବର୍ଣ୍ଣ ବଳୟ ।୧।
ନୀଳ ଇନ୍ଦୀବର ଦ୍ୟୁତି ବରଣ — ଦେଖିଛି କେବେ ସମ୍ଭାବନା ପାଇ ।୨।
ଭଲି କୋଣ୍ଡୁରୁ ଚମ୍ପାକଳି ଦ୍ୟୁତି — ସାଜିଛି ଦଶ ପଦାଙ୍ଗୁଳି ଭଳି ।୩।
କୁନ୍ଦ ତୁଲ ଦେଖ ପଞ୍ଚଦଶ ଦଶନ — ଗୋଲାପ ଚନ୍ଦ୍ରମଣ୍ଡି ଅଧରୀ ଅଧରେ ।୪।
ନୀଳ ଶ୍ୱେତ ରକ୍ତ ପଦ୍ମ ଏ ତିନି — ଶ୍ରୀମୁଖ ଶୋଭୁଅଛି କଞ୍ଜ ନୟନ ।୫।
ସ୍ୱର୍ଣ୍ଣ ନାରାୟଣ ବନ୍ଧୁ ଏ ରୂପ — ବକୁଳ ଦେଖନ୍ତି ଅଙ୍ଗସୁବାସ ।୬।

●

## ହୋରି

ସୁନ୍ଦର ଅନଙ୍ଗ ରଙ୍ଗେ ଅନ୍ତର — ଖେଳେ ଶ୍ରୀରଙ୍ଗ ସ୍ୱାମୀ । ଘୋଷା ।

କନ୍ଦର୍ପ ମନ୍ଦ ମଧୁର ଭୁତ — ପୁଲକିତ କେଶ ମଧୁର ସ୍ମିତ
ମନ୍ମଥ ମନ ମନ୍ଥନ କୃତ — କେଳିତନ ସୁଖଦାୟୀ ।୧।
ଇଙ୍ଗିତ ଭଙ୍ଗୀ ସଙ୍ଗୀ ତରଙ୍ଗୀ — ରଙ୍ଗ କୁରଙ୍ଗୀ ଲୋଚନଭଙ୍ଗୀ
ସଙ୍ଗୀତଚତୁର ଗାନ ସୁଶ୍ରଙ୍ଗୀ — ହୋରିରେ ପଦ ଗାଉ ।୨।
ଚନ୍ଦ୍ର ଚନ୍ଦନ ରଜ ବର୍ଷିତ — ଧଳିତ କୁଙ୍କୁମ ଢୋଳକ ବାଦ୍ୟ
ଚିତ୍ତ ହରଣ ବର୍ଣ୍ଣ କୃତ — ନନ୍ଦକ ରଜ ନାଇ ।୩।
ବାଜଇ ମଣିନୂପୁର ମନ୍ଦ — ଶୁଣଇ ବନଭୂମି ଅନ୍ତର
ବୁଲିଲ ବୃଜରାଜ ବୃନ୍ଦ — ମୋହନ ମୁରଲୀ ବାଇ ।୪।
ଚନ୍ଦ୍ର ମୁକୁଳ ବକୁଳ ମଲ୍ଲୀ — ନାଚି ଧୂଳି ଅଙ୍ଗ କୁସୁମ ଧୂଳି
ଆଣ୍ଡ ଝଳର ମାଳତୀ — ନାରାୟଣ ପଦ ଧାଇଁ ।୫।

●

---

ଋତୁ—ଶରତ । ପଦ—ଶୀତ ।

ପଙ୍କଜଚରଣ ଦାସ

## ଅଭିସାର-ପ୍ରବୋଚନା

### ଶ୍ରୀରାଧାଙ୍କ ପ୍ରତି ସଖୀ

କୁଞ୍ଜକୁ ତ୍ୟଜ ତୁଚ୍ଛ ଲଜ୍ଜା ଗୋ
ସଜ୍ଜ ବଳୟ ନୂପୁର ରଚନା ଗୋ
ପଞ୍ଚର ସନ୍ନିଧିରେ କୁଞ୍ଜର ଗନ୍ଧ ଭୋର
ନଗର ରଞ୍ଜି ସେ ବର୍ଷିବଣି ଗୋ । ଘୋଷା ।

ଅବଣୀଭୂଷା ତୋର ସୁରଣୀକ ନଗର
ଚରଣି ଅସ୍ତ୍ର ଅନାଇବଣି ଗୋ
ବରଣୀ ଜଗ ଧ୍ୱଜ ଧରଣୀକୁ ଗୋ ଆଜ
ଧରଣୀଧର ମନାଇବନି ଗୋ । ୧ ।

ମଠ ନ କର କୃଷ୍ଣ ପାଳକ ପୀତପଟ
ତାଙ୍କୁ ମନ୍ମଥ ଦଣ୍ଡ ଦେଉଣି ଗୋ
କଟ ସ୍ତନ ଦେଖ ନବ-ସ୍ତନ ହୋଇଣ ଦ୍ରୁଷ୍ଟ
ଘଟେ ଫୁଲକୁ ସଜାଇବଣି ଗୋ । ୨ ।

ଦକ୍ଷିଣନେତ୍ରୀ ହଠ ଉତ୍ତର କର ନଷ୍ଟ—
ବର ମଟକୁ ଚନ୍ଦ୍ରବଦନା ଗୋ
ବର୍ଜି ମନସ୍କୁ ବ୍ରୀଡା ସର୍ଜ ସୁରତ କ୍ରୀଡା
ଭଞ୍ଜନ କର ପୀଡ଼ା ରୁ ଧନ ଗୋ । ୩ ।

ସାରଥକୁ ଦେଖ କରି କନକ ବାସ
ପାଳିନ୍ଦ୍ରମଧ୍ୟା ତୁଚ୍ଛ ପିଧାନ ଗୋ
ବନ ନିକୁଞ୍ଜରେ ଭଜକୁ ସୁନ୍ଦରୀ ହେ
ସଦାସୋହାଗିନୀ କୁସୁମଧାମା ଗୋ । ୪ ।

---

ଭୈରବି ସ୍ମୃତି । ବ୍ରୀଡ଼ା ନିଦ୍ରା । ପାଶନ୍ତ୍ରମଧ୍ୟା—ସିଂହକଟିବଶିଷ୍ଟା ।

ନାଭର୍ଷ୍ଣା ଶିରୋମଣି ବାକ୍ୟ ଦୂତୀର ଶୁଣି
ତା' କର ଧରି ହେଲେ ଗାମିନୀ ଗୋ
ବାଙ୍କଚୂଳିଆ କଡ଼ ତାଙ୍କର ଉପସ୍ଥିତ
ପଙ୍କଜ ଦେଖି କରେ ଦଲନ ଗୋ । ୫ ।

## ଉତ୍କଣ୍ଠିତା

### ସଖୀ ପ୍ରତି ଶ୍ରୀରାଧା

( ରାଗ—ଆଠତାଳି )

ମିତ କହୁ ସତ ମୋ କାନ୍ତ ଆସିବେ କି ?
ଦୁରନ୍ତ ମନ୍ମଥ ଦୁଃଖ ନାଶିବେ କି । ଘୋଷା ।

ମାନ ତେଜିଣ ମୋର      ଗଣ୍ଡେ ଦନ୍ତୁଣ ଚୁମ୍ବନ
ଦୀନଙ୍କର ତୁ ଶୃଙ୍ଗାର ଖଣ୍ଡିବେ କି । ୧ ।

ଦନ୍ତେ ହୃଷ୍ଟେ ମର୍ଦ୍ଦନ      ଗଣ୍ଡେ କନ୍ତୁଣ ଚୁମ୍ବନ
ସ୍କନ୍ଧେ ନେଇ କୋଳେ ଦେଖ ବସିବେ କି । ୨ ।

ଲଜ୍ଜି ମଦନ ଭାବରେ      ପୀଡ଼ି ଅଧର ଦନ୍ତରେ
ଏଣ୍ଡି ନେଇ ନେତ୍ର ରତେ ରସିବେ କି ? । ୩ ।

ପଙ୍କଜ କହେ ଗୋ ସଖି      ନ କର କପଟ ବୁଦ୍ଧି
ରଙ୍କ ମୁଁ ସତ ମୋ ମନ ତୋଷିବେ କି । ୪ ।



ନାର ଶ୍ରୀ – ସ୍ୱର୍ଗ ନାସା, ଦିବ୍ୟ ରମଣୀ ।

ପଲ୍ଲବ

## ମାନଭଞ୍ଜନରେ

### ଶ୍ରୀକୃଷ୍ଣଙ୍କ ଉକ୍ତି

ସୁନାବରଣୀ ମୋର ମାନ କାହିଁକି ।
ମୋତେ ନ ଚାହିଁ ରହୁଁ କମ୍ପି ମସ୍ତକ । ପଦ ।
କାନ୍ଦୁ କାନ୍ଦୁ ଶ୍ୱସୁ ଶ୍ୱସୁ ହେଉଛୁ ଦାରୁଣ
ଦାସ ଦୋଷ କଲେ ଲୁଣ୍ଠାମଣି କାହିଁ କି
ଅଟେ ମୃଗଲୋଚନା, ମନେ କମ୍ପା ଶୋଚନା, ସୁରମୁନେଶ ବନ୍ଦନା
ଟେକ ମୁଖ, କଳକଣ୍ଠବଚନା, ଭାସ କେଳି ରଚନା
କେଣେ ମୁଁ ହୋଇବି କାନ୍ଦୁ କାହିଁ କି । ୧ ।
ଚନ୍ଦ୍ରମୁଖୀ ଚନ୍ଦ୍ରକାନ୍ତ ଶୁଣି ଏଣିକି
ପ୍ରୀତିଠାରୁ ପାର ଅଙ୍କ ଅନ୍ଧ ମସ୍ତକ
ଲୁ ତ ନାଗସାଗର, ଚକ୍ଷୁ ସ୍ୱଚ୍ଛ ନର, ଦେଖେଭ ଦୂରେ ଅନ୍ତର
ଚନ୍ଦ୍ରମାଙ୍କୁ ସୁନ୍ଦର, ସେହୁ ଥାଟେ ସାନ୍ଧାର
ଯାଉ କେ କଲ୍ପ ପର, ସଂସାର ମଧ୍ୟେ ଦେଖୁ ଧରୁ କି । ୨ ।
ପ୍ରେମଦାନେ କୃପଣ ହେଉଛୁ କାହିଁକି
ଜଳକୁ ଚାହିଁ ବସିଲେ ତୃଷା ଯାଇ କି
ବେଣୀ, ଶୋଭା, କଣ୍ଠପ ଷଡ଼ଗୁଣେ ପ୍ରକାଶ
ମନୁ ତେଜ କାରଣ ଆସି ମୋ ଅଙ୍ଗେ ବାସ
ହୋଇଣ ସୁପ୍ରକାଶ, ତୁମ୍ଭ ଦେଇଣ ତୋଷ
ଭଞ୍ଜି ତୋର ବଂଶୀ ବାହୁକି । ୩ ।
କହୁଛ ପଲ୍ଲବ ପଦ୍ମ ପାଦେ ଝାଡ଼ିକି
ଅଳକୁ ବଶିତ୍ର କୋଟିନିଧି ପାଇ କି
ଫୁଲ୍ଲଇ ଚଳି ବାହା, ଟେଳଇ କଣ୍ଠେ ଶ୍ରଦ୍ଧା
ଅଙ୍ଗରେ ଅଙ୍ଗ ମିଶା କାନକାଳାଙ୍କୁ ସୁଖ—
ରତି ରସରେ ରଥା ସୁଦର୍ଶନରେ ଭଣ୍ଡ
ଶ୍ୟାମ ନାଗର କହେ ଶୁଣକି । ୪ ।

●

ପରମାନନ୍ଦ ଦ୍ୱିଜ

## ଆକ୍ଷେପାନୁରାଗ

ଅହ୍ନା ମୋହନା, ହୃଦୟ ମୋର ଦହନା
ଏ ତନୁତଳେ ସହନା, ତରଙ୍ଗ ରଙ୍ଗେ ସୃହିନା । ୦ ।

ଗୋପ ନଗରେ ନାଗ ନାହାନ୍ତି କେତେ,
ରାଧିକା ବୋଲି ମୁଁ କେ ଭଲ୍ଲ ତୋତେ,
କାମିନୀ ପଦ୍ମେ ତ ଲଗୁଛି ମୋତେ,
ଦେଖ ଦେଖ ମୋର ଅଙ୍ଗୀ ଦହନା । ୧ ।

ମୁରଲୀର ନାଦେ ମୋର ତନୁ ଜରଜର,
ଅନଙ୍ଗ ବାଣେ ଅଙ୍ଗ ହୋଏ ଅଥିର,
ନ ରହଇ ଶରୀର ନ ଛୁଟଇ ଘର,
ଉଛନ୍ନ ହୋଇଲି ମୁଁ ଶୁଣିଲେ ତୋ ବଂଶୀ । ୨ ।

ଯମୁନା ନ ଯାଏ ମୁଁ ତୋହର ଦୋଷ,
ସୁବେଶ ଲୁହଇ ମୁଁ ଯୁବା କାମିନୀ,
ଅପବାଦ ବହୁଇ ଦିବା ରଜନୀ,
ଧରିଲି ପ୍ରାଣ ଧରିଲେ ମୋ ବିଁ । ୩ ।

ନନ୍ଦ ଯଶୋମତୀ ନନ୍ଦନନ୍ଦନ ତୋତେ,
ମନ୍ଦରଧରଙ୍କୁ ମୁଁ ମାଗୁଛି ଏତେ,
ପରମାନନ୍ଦ ଦ୍ୱିଜ ଭଣଇ ଗୀତେ,
ରାଧା କୃଷ୍ଣ ପୀରତି ବେଳୁଡ଼ ନୁହନା । ୪ ।



**ପାର୍ବତୀଚରଣ ଦାସ**

## ସ୍ୱାଧୀନଭର୍ତ୍ତୃକା

( ରାଗ—ଶ୍ରୀ । ତାଳ—ତେଲ୍‌ଫା ଏକତାଳ )

ସଖୀ ! କି କହିବି ବନ୍ଧୁଗୁଣ
ଶୁଣ ତାରି କଥା ହୃଦୟ ଉଲ୍ଲାସ
ନ ସରେ ମୁଖୁଁ ବଚନ !
କେତେକ ଯତନରେ କୋଳରେ ବସାଇ
ଖୋସାଇ ବାନ୍ଧିଲେ ବେଣୀ
ମାଙ୍ଗ ମୁଣ୍ଡ ମୋର ରଞ୍ଜିଲେ ସିନ୍ଦୂର
ସୁନ୍ଦ ମୁଖ ଚୁମ୍ବି ଚୁମ୍ବି !
ଘରେ ମୃଗ ମଦ ପତ୍ରାବଳୀ ଲେଖି
ନୟନେ ଦେଲେ ଅଞ୍ଜନ
ପଦ ଅଳକ୍ତରି ଯାବକ ରଞ୍ଜିଲେ
କରି ନଖ ମାର୍ଜନ ।
ରତ୍ନ ଆଭରଣ ପ୍ରତି ଅଙ୍ଗେ ଖଞ୍ଜି
ଯତନେ ପିନ୍ଧାଇ ବାସ
କୋଳରେ ବସାଇ ଘନ ଚୁମ୍ବ ଦେଇ
ଦର୍ପଣ ଧରିଲେ ପାଶେ ।
ବେଶ ଶୋଭା ଦେଖି ଗର୍ବ ଜାଗେ ହୃଦ
ପଚାରନ୍ତେ ମୁଁ ମୋତେଁ ହସି
ଝୁଲିଲି ଗାଢ଼େ ଭିଡ଼ି ଗୁଞ୍ଜି ସେ ନ ଦେଲେ
ତନୁ, ମୋର ଆକର୍ଷି ।
ମୁଦନ୍ତେ ନୟନ ସ୍ୱପ୍ନେଁ ସ୍ୱପ୍ନେଁ କହି
କେତେ ସୁଖ ଦେଖାଇଲେ
ମିଳାନ୍ତେ ନୟନ ଜାଗେ ଗର୍ବ ଯଶ
ଏ କି ଲାଜ ସଜ ବୋଲିଲେ ।

---

ଶ୍ରାବଣ ଅଳକା ।

# କୁଞ୍ଜ ଭଙ୍ଗ

( ରାଗ—ଭୈରବୀ । ତାଳ—ଦଣ୍ଡକାଣୀ )

ଘନ ଘନ ଶୁକ ବଚନ ଶୁଣି
ଅଙ୍ଗ ମୋଡ଼ି ଉଠିଲେ ଶଯ୍ୟା ପରେ ବସିଲେ
ଅଳସରେ ରାଧିକା ନୀଳମଣି ।
ମଣ୍ଡପ ଖୋଲି ଦ୍ୱାର ଭିତରେ ପ୍ରବେଶିଲେ
ଲଜେ ଲୁଆଁଇଲେ ବଦନ ରାଜ
ଦେଖି ସଖେ ଲଳିତାଙ୍କ, ଅହେ ଶ୍ୟାମ ନାଗର
ଏହା କୁମୁଦ ବା ଉତ୍ପଳ ଅଟଇ ?
କେତେ ରଜନୀ ଜାଗି ବାନ୍ଧିଥିଲୁ ଉତ୍ସବ
ତହିଁ ଲେଖିଥିଲୁ ମୃଗମଦରେ
ଫିଟାଇ ବେଶପାଶ ଲିଭିଲା ଚନ୍ଦନବେଶ
ଖଣ୍ଡିଛି ଭୁଜ ଦେଶ ନଖ ଘାତରେ ।
ଛିଣ୍ଡାଇ ହାରାବଳୀ ଝରୁଛି ସ୍ୱେଦବିନ୍ଦୁ
ଦଶନରେ ଖଣ୍ଡିଛି ଗଣ୍ଡମଣ୍ଡଳ
ଆମ୍ଭର ସଜନୀ ତ ବଡ଼ ସୁକୁମାରୀ
ତୁମ୍ଭେ ବଡ଼ ଦାରୁଣ ଅଟ ଗୋପାଳ !
ଜାଣିଲୁ ମାଧବ, ନ ବୁଝି କହୁଅଛୁ
ଦେଖୁ ନାହିଁ ମୋ ଅଙ୍ଗ ଖଣ୍ଡିଲା କିଏ
ପଦ୍ମ ବୋଲେ ନାଗର ଲାଜ ନାହିଁ ତାହାର
ସବୁ ଜଣା ସେ ସୁତେ ଭକ୍ତାଗତଏ ।



# ଗୋଷ୍ଠ

( ଶ୍ରୀ ରାଗ । ଦଶକୋଶୀ )

ମୋ ପୁଣହି ରେ କହ୍ନାଇ,  କଳି ନ କରିବୁ ଝୁଝି
ଗୋପାଳ ବାଳକଗଣ ସଙ୍ଗେ
ଦୂର ବନକୁ ନ ଯିବୁ  ନିକଟେ ଧେନୁ ରଖିବୁ
କଣ୍ଟା ଖୁଣ୍ଟ ନ ଲାଗିବ ଅଙ୍ଗେ ।
ଗୋପ ଶିଶୁ ଚଉପାଶେ  ତୁ ରହିବୁ ମଧ୍ୟଦେଶେ
ସଙ୍ଗାଙ୍କ ବଚନ ନ ଶୁଣିବୁ
ଭୁଲିବା କାଳରେ ପଥ  ଡାକିବୁ ବୃନ୍ଦି ନମ୍ରତ
ଭୁଲିଲେ ତୁ ଫୁଣ୍ଟି ନ ପଡ଼ିବୁ ।
ପଠାଉଛୁ ପିଠାମାନ  ତୋ ସଙ୍ଗେ ପଷ୍ଟୁଣଧନ
ଭୋକ କଲେ ଖାଇବୁ ତୁ ମାଗି
ତରୁତଳେ ଠିଆ ହେବୁ  ଅତି ଝରକୁ ନ ଯିବୁ
ମଥା ଧରିବତ ଖରା ଲାଗି ।
ଯଦୁ ବୋଇଲେ ତୋ ଜନନୀ !  ଚଞ୍ଚଳ ତୋ ଗାଲମଣି
ସେ ତ କାହା ବଚନ ନ ମାନେ
ଯେତେ ତୁ ଦେଲେ ପ୍ରବୋଧ  ସେ ତ ସ୍ୱଭାବ ଅବୋଧ
ବୁଝାଇବୁ ସଂସାର ଜନ କେଣେ ।



## ମାଥୁର-ପ୍ରୋଷିତଭର୍ତ୍ତୃକା

( ରାଗ—ତୋଡ଼ୀ । ତାଳ—ଝମ୍ପା ଏକତାଳି )

କାହାନ୍ତି ମୋ ପ୍ରାଣେଶ ମୁରଲୀ ବଦନ
କାହାନ୍ତି ମୋ ଗୁଣନିଧି ଏ ଜଗଜୀବନ । ୧ ।
କାହାନ୍ତି ମୋ କେଳିତାପ୍ତ କୋଟି କାମ ମୂର୍ତ୍ତି
କାହାନ୍ତି ମୋ ରସିକ ନାଗର ଚକ୍ରବର୍ତ୍ତୀ । ୨ ।
କାହାନ୍ତି ମୋ ଶ୍ୟାମଚନ୍ଦ୍ର କୋଟୀନ୍ଦୁ ଶୀତଳ
କାହାନ୍ତି ମୋ ନୀଳୋତ୍ପଳ ବାସ ପରିମଳ ? ୩ ।
କହୁ କହୁ ଏମନ୍ତ ରାଧା ବିନୋଦିନୀ
ପଡ଼ିଲେ ମୂର୍ଚ୍ଛି ପ୍ରମଦା ପଲ୍ଲବ ଅବନୀ । ୪ ।
ଆତୁରେ ଭାବଇ ପଦ୍ମ କି ହେଲା କି ହେଲା
ନୃପର ଯାଇ ସଂପତ୍ତି ଥାଇ କି ଗଲା ? । ୫ ।

●

ପିଣ୍ଡିକ ଶୀତଧନ

## ବିପ୍ରଲବ୍ଧା ଶ୍ରୀରାଧା

### ଶ୍ରୀକୃଷ୍ଣଙ୍କ ପ୍ରତି ସଖୀ

ଓହେ ମାଧବ ତବ ବିରହେ ଦୁଃଖୀ ରାଇ
ପ୍ରଖର ମନସିଜ ବିଶିଖ ଜର୍ଜରି
ଦୁଃଖୀ ସହେ ପ୍ରାଣ ହୋଇ ହେ । ୧ ।
ଦେଖକ ଚେତ ଅଧୀର ଭଇ କନକ
ଚନ୍ଦନ ଭୂଷ ଛବିଅସି
ବଂଶଧର ପୁର ଗରଲ ଦହି ଅଓତ
ମାନତ ମଲୟ ସମୀର ହେ । ୧ ।

× × ×

---

ବିଶିଖ—ଶର । ଭଇ—ହୋଇ ।

ବ୍ରଜେନନ୍ଦନ ଅଗ୍ରଜ ଜଳଦ ସୁନ୍ଦରତ
ଧ୍ୟାନ ଲଗାଏ ସବ ପ୍ୟାସ
ମୋଦ ଖେଦ ବିଷାଦ ଭରୁ ସ୍ରୋତନେ
ବହୁତ ଭାପ ବହୁଗ୍ରୁଣି । ୨ ।
ଜିଓଣ ଦୁଃଖ ପ୍ରକୃତିସ୍ଥ ଅଗାଧନ
ହାଲି ଜିଉନେ ମୁଖ ହେରୁ
ଯାଁଶି କବୁନା ପାନ ଧୀସ୍ଥତନନ୍ଦ
ମାଗଡ ସ୍ୱାଥ ପଥାର । ୩ ।

ପ୍ର ଭୂଷୋରନ

## ଶ୍ରୀକୃଷ୍ଣଙ୍କ ରୂପାନୁରାଗ

ଭଲ ତା ମୁଖଛବି ଭାବି ଭାବି ରେ
ବହୁ ଯାଉଛିଗଲ ଝୁରି ଝୁରି ରେ । ପଦ ।
କାନ୍ତି ଜଳଦୁ ଭଳି କନକ ଅଭରଣିକ
ମୋତି ଦେଖନ୍ତି ମଧୁହାସ ବଦନରେ । ୧ ।
ଜଙ୍ଗମ ହେମଲତା ଘରେ ରତ୍ନଦେବତା
ଫଳ ଫଳୁଛି ଜେଳୁଛି ମସ୍ତରେ । ୨ ।
ଭ୍ରୂଲତା ଭଙ୍ଗୀ ଭାବ ଇନ୍ଦ୍ରଧନୁ ଆକାର
ଶର ବର୍ଷୁଛି ମୋ ହୃଦୟ ଝୁରି ରେ । ୩ ।
ଭଣେ ପୁରୁଷୋତ୍ତମ ହେଲାନ୍ତି ଘନଶ୍ୟାମ
ଭଲ ଯତନେ ଗଢ଼ିଅଛି ବନ୍ଧୁ ରେ । ୪ ।



ଫକୀର ଭକ୍ତ

## ଉତ୍କଣ୍ଠିତା ରାଧା

( ରାଗ—କାମୋଦ । ତାଳ—ତ୍ରିପୁଟା )

କାନ୍ହୁ ଆସିବେ ରେ
ମୁରଲେ ଦେନେଇ ବାଣୀ ଶୁଣିବେ ରେ । ପଦ ।

କରରେ ଧର ଚେ କର
ବନସ୍ତରେ ମନ ମୋର, ଭୋଳିବେ ରେ । ୧ ।

ସୁନ୍ଦରାରେ ଚନ୍ଦ୍ରକରେ
ବସାଇ ଧୀରେ ଅଙ୍କରେ, ବସିବେ ରେ । ୨ ।

ଗଣ୍ଡରେ ଦେଇ ଚୁମ୍ବନ,
ଭୁଜେ କରି ଆଲିଙ୍ଗନ, ରସିବେ ରେ । ୩ ।

ଖୁଆଇ ଅଙ୍କୁ ବଦନ
ମିଶାଇ ମନକୁ ମନ, ମିଶିବେ ରେ । ୪ ।

ଉତ୍କଣ୍ଠିତା ଭାବଧାର
ଜଣାଇ ଭକ୍ତ ଫକୀର, ନାଚିବେ ରେ । ୫ ।



# ଖଣ୍ଡିତା-ରାଧା

(ରାଗ—ମୁଖାରୀ)

କହୁଛି ରାଧା କାହ୍ନୁ ଏ ଅଟେ ଶଠ,
କେମା ବଳୁ ଆସିଲ ତୁମ୍ଭ ନ ରହେ ଲଟ୍ । ପଦ ।

ଅଧରରେ ଅଞ୍ଜନ ଦଶନ ଅଙ୍କ ରଞ୍ଜନ
ଜଣା ଚୁମ୍ବନେ କି ଏ ଭ୍ରମର ଛବି ତ । ୧ ।

ବକ୍ଷସ୍ଥରେ ସିନ୍ଦୁର ଲାଗି ଦଶନ ସୁନ୍ଦର
ମର୍ଦ୍ଦିତ ସ୍ତନେ ଶୋଭୁ' ମାଳିକ ହାର । ୨ ।

ଲଲାଟରେ ଅଳକା ହୋଇଅଛି ଶୋଭିତା
ଅଙ୍କିତ ନଖେ ପଞ୍ଚଶର ସୂଚୀତ । ୩ ।

ଲକ୍ଷ୍ମେ ଚନ୍ଦନ ଦେଶ ଦଶନ ଅଙ୍କ ରତ୍ନଶ୍ରୀ
ଶ୍ରମଜଳ ପବନ କି ଦୂରିତ ଉଡ଼ିଲ । ୪ ।

ସେ ଦେଖି ଏତେ ଚିହ୍ନ ଶୀଘ୍ରେ ଯାଅ ତା' ସ୍ଥାନ
କହୁ ନ ଭଲ ମୋ ଭ୍ରମର ମୁଁ ତ । ୫ ।

ଦୀନର ଭକ୍ତ ଭଣି ଖଣ୍ଡିତା ବାଣୀ ଶୁଣି
ଲଜ୍ଜିତ ଦେବ ଚକ୍ରପାଣି ହେଲେ ଅନନ୍ତ । ୬ ।



ଅର୍ପିତ—ଭଲା ।

# ସ୍ୱାଧୀନଭର୍ତ୍ତୃକା-ରାଧା

( ରାଗ—ସିନ୍ଧୁଡ଼ା । ତାଳ—ଏକତାଳି )

ଅରେ ସଜନୀ କୃଷ୍ଣର କି ପ୍ରେମ ମୋରେ
ସେ ଯେତେ କହୁଲେ ତନେ ଥାଉ ସଙ୍ଗ
ବାଞ୍ଛନ୍ତି ନାହିଁ ମନରେ । ପଦ ।

ମୋହନ ମନ୍ତ୍ର କହୁ ନ ଜାଣନ୍ତି ବସିଥାନ୍ତି ଚାହିଁ ମୁଖ
ଅଙ୍ଗ ସ୍ପର୍ଶ ଧର ସଙ୍ଗ ନ ଛାଡ଼ନ୍ତି ତ୍ରିଭୁବନ ମୋର ପାଖ । ୧ ।

କହୁଛି ଶୁଣ ତ ମୋର ଚିହ୍ନ ନାହିଁ ଦେଖନ୍ତୁ ଏବେ କଲ
ଖୋଜିଲେ ଚଉ କଳଙ୍କେ ଲଖିବାକୁ କେହୁ ଥିବେ କି ଏପରି ରେ । ୨ ।

ଗୋପ ନଗରେ କେତେ ନାରୀ ନାହାନ୍ତି ମୁଁ ତାଙ୍କୁ କେତେ ସୁନ୍ଦର
ଏମନ୍ତ ହେଲେ ହେଁ ଅନ୍ତରଗତରୁ ନ କରନ୍ତି ମୋ ଅନ୍ତର । ୩ ।

ଅଙ୍ଗ ଦେଖଣା ଯେବେ ନ ଥାଇ ମଣ୍ଡନ କରନ୍ତି ଆପେ ମଣ୍ଡନ
ଭର ଧର ତୁ ମୁ ଦେବି ବୋଲୁଥାନ୍ତି ତୁ ମୋର ଜୀବ ଜୀବନ । ୪ ।

ଫକୀର ଭଣେ ଏ ଲକ୍ଷଣ ଗଢ଼ନା କଠିନ ଭସ୍ତ୍ରଣ ତନୁ
ସ୍ୱାଧୀନଭର୍ତ୍ତୃକା ନାୟିକା କହନ୍ତି ଏରୂପେ ସଖୀ ସୁରତେ । ୫ ।



## ସଖୀ ପ୍ରବୋଧ

ସଜନୀ ନ ଗୁଣ ମନେ, ଶୁଣି ଯିବା ବୃନ୍ଦାବନେ । ଘୋଷା ।

ଯାକୁ ଦେଖିଲୁ ସ୍ୱପ୍ନରେ ସେ ଏବେ କୁଞ୍ଜ ଭିତରେ
ଆସ ସଖୀ ମୋ ସଙ୍ଗରେ ଦେଖିବ ବେନି ନୟନେ । ୧ ।

ସେ ଯେଉଁ ନଗର ଘଟ ଜାଣଇ କେତେ କପଟ
କରଇ ନାନା ଛଳାଇ ତୋ ତନୁ ଦଣ୍ଡ ମଦନେ । ୨ ।

ଦେଖିବାକୁ ଯେବେ ତୋର ଚିତ୍ତରେ ଅଛି ଆତୁର
ସୁଧୀରେ ଗମନ କର ଭେଟାଇବି ସନ୍ନିଧାନେ । ୩ ।

ଶୁଣି ଦୂତୀ କର ଧରି ସନ୍ତୋଷ ହେଲେ କିଶୋରୀ
ଚଳିଲ ଧର୍ମକୁ ସୁମରି ନିକୁଞ୍ଜ ବନ ସଦନେ । ୪ ।

ଜଳଦ ଜଙ୍ଗର ଖଳ ମଣି ଶ୍ୟାମ ପାଶେ ମିଳି
ଦେଖିଣ ସେ ବନମାଳୀ ଶ୍ରୀରାଧା ଲଜ୍ଜା ବଦନେ । ୫ ।

●

**ବନମାଳୀ ଦାସ**

## ବାତ୍ସଲ୍ୟ

ଦୁଃଖୀ ସଞ୍ଚାଳି ଅନ୍ଧର ଲଉଡ଼ି ନେଇ ଶିଖିଲ
ବନକୁ ନ ଯାଅ ବନମାଳୀ । ଘୋଷା ।

ଯାଇଥିଲୁ ତୋତେ ଝୁଣ୍ଟି ବଳଦ ପାଳି
ବରଜ ରମଣୀଙ୍କର ଅଙ୍କୁ ଦୁଦୁସ୍ୱର ଢାଳ
ତାର ଯଶ ଦେଖେ ନତାର ନଟିବ ଚୋଥିଲି । ୧ ।

ବୋଧୁ ମୁଁ କହୁଛି ଆରେ ଶ୍ରୀବନମାଳୀ
ତତେ ବାନ୍ଧି ଦଶାଇବ ଏଥିରେ କି ଯୋଡ଼ିହେବ
ଦେଖି ବୋଧ ବୋଲିଲେ ମୋତେ ବାଆ ଗାଳି । ୨ ।

ଅଳ କର ବୁଧ ଦଣ୍ଡ ନୁହେଁ ସମ୍ଭାଳି
ଖାଇ ଚୋଷ୍ୟ ବଣିକରେ ଖଣାବଳା କଣ୍ଠବାରେ
ଅଧିକ ସରସ ଅଧେ ପଡ଼େ ଉଛୁଳି ।୩।
କଣ୍ଠେ ବନମାଳୀ ଦାସ ଭଣି ଅଞ୍ଜଳି
ଲକ୍ଷ୍ମୀପତି ପଦ ଧରେନ ଭରସା ନାହିଁ ମୋ ଆନେ
ଦିଅ ଭୃତ୍ୟ ଭୃତ୍ୟ ପଦ ପଙ୍କଜ ମାଳି ।୪।

## ଶ୍ରୀରାଧାଙ୍କ ନବାନୁରାଗ

ହେ ଶ୍ୟାମ ନାଗରକୁ ମୁଁ ଶୁଣିଦେଲି କର୍ଣ୍ଣତରେ ବାରେ । ଘୋଷା ।

ବୁଡ଼ିଗଲି ବଂଶୀ ଆନନ୍ଦ ସାଗରେ
କଳଂକ ଭୟ ସବୁ ପକାଇ ପଛରେ
ଗୁରୁଜନ ଭୟମାନ ଦୂର କଲି
ରଖିଲି ସ୍ଥାପି ପିଠାରେ ।୧।
ନବସ୍ମୃତ ସ୍ୱପ୍ନେ ଯାହାର ପୀରତି
ଦେଖି ମୋ ହୃଦୟ ହେଉଛି କରତ
ଯାଉଛନ୍ତି ସବୁ ବନେ ଖଡ଼ ଖଡ଼
ଲେଖାଇ ଚମ୍ପା ପଟାରେ ।୨।
ନ ବୁଝି କହିବ କଣ୍ଠ ଗୋ ସଙ୍ଗାତ
କଣ୍ଟ ଭର୍ତ୍ସନା କରଇ ସେତେକ
ବନ୍ଧୁଙ୍କ ପସ୍ତେ ଲାଗୁଛି ମୋ ଚିତ୍ତ
ତା ଦେଖି ଅଠା—କାଠିରେ ।୩।
ବନମାଳୀ ଦାସ ବୋଲେ ଏହୁ ରସ
ଶ୍ରୀକୃଷ୍ଣ ଚରଣେ ରହୁ ମୋର ଆଶ
ଗାଇଲେ ସେ ନାମ ନ ହୋଇ ବଣସ
ଶ୍ରୀକୃଷ୍ଣ ଚରଣଠାରେ ।୪।

# ପୂର୍ବରାଗ

## ସଖୀ ପ୍ରତି ଶ୍ରୀରାଧା

( ରାଗ—ପରଜ । ତାଳ – ଝୁଲା )

କି ଦେଖିଲି କେଉଁ ଲୋ ସଜନୀ
କି ଦେଖିଲି ଆଜ କେଉଁ
ଲଳିତ ମୂରତ ଲଳିତ ନୋହିଲି ଦଳିତ ଅଞ୍ଜନ ରାଶି ଲୋ । ଘୋଷା ।

ଅଳକା ଝରୋକେ ଚପଳା କି ଖେଳେ କେଶପୁଞ୍ଜ ଚନ୍ଦ୍ରଚୂଳ
ଲୋଚନେ ଜଡ଼ିତ ଗଡ଼ନେ କୁଣ୍ଡଳ ଝଳକେ ଗଣ୍ଡମଣ୍ଡଳ ଲୋ । ୧ ।

ଦୃଗରେ ସଦୟ କରଇ ମାଦକ ବାଦ କରେ ଖଞ୍ଜନରେ
ଯାମିନୀ ଚନ୍ଦ୍ର-କୁମୁଦ ପ୍ରଫୁଲ୍ଲିତ କରୁଅଛି ଲୋକନରେ ଲୋ । ୨ ।

କରେ ତା କଙ୍କଣ ମୁରଲୀ ବାଦନ ପଦୁରେ ନୂପୁର ଶୋଭେ
ସୁବାସ କୁସୁମ ମାଳ ମାଳ ମାଳ ବାରବେଳପୁର ମୋହେ ଲୋ । ୩ ।

ବାହୁ ସିନ୍ଧୁବାର ଜାନୁ ପୀତାମ୍ବର ଅଧର କର୍ପୂର ଯୁକ୍ତ
ବାରିବାକୁ ଆଖି ଅଛି କି ଦେଖେ ଶ୍ୟାମ ସୁନ୍ଦର ପଦକୁ କାହୁ ଲୋ । ୪ ।

ବୋଲେ ବନମାଳୀ ସେ ପଟନାୟକ ଶ୍ରୀପତ୍ନୀ କଣ୍ଠୋଲ୍ଲସମଣି
ନଟ ଲଗାଇବା ମୁଁ ବଡ଼ ଭାର ନଟବର ବେଶ ପାଶି ଲୋ । ୫ ।



# ପଥାବରୋଧ

## ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀରାଧା

( ରାଗ—ଭୈରବୀ । ତାଳ—ଝୁଲା )

ଯାଉ ଛୁଡ଼ି ଛୁଡ଼ି ନାଗର, ଯମୁନାକୁ ଯିବ ନାରୀ ଆଣିକ ?
ଯାଉ ପାଣି ନେବେ ଲଟ ଲଗାଇବ
ପ୍ରତି ବଂଧା ଦେଇ ମଥାମଣିକ ॥ ଘୋଷା ॥
ଘରେ ମୋ ନଣନ୍ଦ ଅଟେ ବଡ଼ ମନ୍ଦ
ଶାଶୁ ମୋ ଅଟଇ ପାପଡ଼ଣୀକ ?
ଅହେଁ ଗିରିବଟେଶ ନ କର ଲୁ ଡକା
ଲୁଣ୍ଠ ଲଗି ନ ଅଷିବ ଏଣିକ । ୧ ।
ମୁହିଁ ବୃଷଭାନୁ ନୃପତିଙ୍କ ଜେମା
ଆନ ପ୍ରାଣେଶ୍ୱ ମୋତେ ଅଛି ମଣିକ ।
ଧର ମୋ ଅଞ୍ଚଳ କରୁଛ କସ୍ତାଳ
ଡର ନାହିଁ ପର ଲୋଅସୂର୍ଣ୍ଣିକ । ୨ ।
ନନ୍ଦ ମହାଶୂର ପୁଅ ଏତେ ବଢ଼
ଦେଖିଥାଅ ଶାଳୀ ରାହୁଡ଼ୁଣୀକ ।
ଷୀର ଦେଲା ବେଳେ ପୁତନା ମାଇଲ
ସ୍ତ୍ରୀହତ୍ୟା ଦୋଷ ନ ଲଗିଲା କି ? । ୩ ।
ମୁଁ ଯେବେ ଏଥର ଅଶିବ ପାଣିକ
ସଙ୍ଗେ ଆଣିଥିବ ସଖୀଶ୍ରେଣୀଙ୍କି ।
ବୋଲେ ବନମାଳୀ ଶୁଣ ଠାକୁରାଣୀ
ନଗଣ ନ କର ବେନୁପାଣିଙ୍କି । ୪ ।



# ବନ୍ଦନା

( ରାଗ—ମଙ୍ଗଳ । ତାଳ—ତ୍ରିପଟା )

ଜୟ ଦେବ ଜୟ ବ୍ରଜରାଜନନ୍ଦନ ମୋହନ ନଟବର ଭଙ୍ଗିଆ । ଘୋଷା ।

ଲଳିତ-କମଳ-କାନ୍ତି ମଂଜୁଳ  କୁଂଚିତ-ଘନ-କାଳ-କୁନ୍ତଳ
ପୁଷ୍ପବେଷ୍ଟିତ ଚଳ ପକ୍ଷମଳ  ବରହ ଚନ୍ଦ୍ରକ-ଚୂଳିଆ । ୧ ।
ଭାଳେ ଚନ୍ଦନ-ବିନ୍ଦୁ ଉଜ୍ଜ୍ୱଳ  ଶଶଧର ମୂର୍ତ୍ତି ମଣ୍ଡଳ
କର୍ଣ୍ଣେ ଶୋଭିତ ମକର କୁଣ୍ଡଳ  ତରଳତର ଭ୍ରୂଭଙ୍ଗିଆ । ୨ ।
ବିକଚ ସରସିଜ ବଦନ ଶୋଭିତ  ମନ୍ଦ ମୃଦୁତର ହାସ-ସସ୍ମିତ
କନକ-କଙ୍କଣ ବହୁଭୂଷିତ  ମୁରଲୀଧର ନଟବରଙ୍ଗିଆ । ୩ ।
ହୃଦୟ ମଣ୍ଡଳେ ମଣି ବିରାଜିତ  କୋଟି ସ୍ମରର କାନ୍ତି ବଞ୍ଚିତ
କୁସୁମଦସ୍ତ ବନମାଳ ରଂଜିତ  ଲୋଳ ଲୋଚନ ଶାରଙ୍ଗିଆ । ୪ ।
ଶାରଦ ପ୍ରଫୁଲ୍ଲ ବଦନ ବିକଶିତ  ମନ୍ଦ ମଧୁର ମୃଦୁ ହାସ ସିକ୍ତ
କଟୀରେ ହେମ କିଙ୍କିଣୀ ରଂଜିତ  ନବ ସୁବେଶ ମାଳଭଂଗିଆ । ୫ ।
ମଂଜୁ ମଂଜୀର ନାଦ ଝଣ ଝଣ  କ୍ଷୁଦ୍ର କିଙ୍କିଣୀ କ୍ୱଣିତ ରୁଣ ଝୁଣ
ସଂଗୀତ ଗମକ ସମ ତାଳକ  ରାସ ନୃତ୍ୟକ ସଂଗିଆ । ୬ ।
କଟିତଟେ ପୀତ ପଟ ଭୂଷଣ  ତଡ଼ିତ ଜଳଦ କାନ୍ତି ଜିଣନ
ଗୋପ ତରୁମୂଳ ଧେନୁଚାରଣ  ଧରଣ ବାଳକ ସଂଗିଆ । ୭ ।
ଚରଣ ପଂକଜ ଅରୁଣ ସୁନ୍ଦର  ଭକ୍ତ ମାନସ-ବନ୍ଦୀ ମନ୍ଦିର
ସନ୍ତତେ ବନମାଳୀ ଧୀଷଣ  ଭକ୍ତବତ୍ସଳ ସଂଗିଆ । ୮ ।



---

ବରହ—ବର୍ହ—ମୟୂର । ବିକଚ—ଫୁଟିଥିବା । ସରସିଜ—ପଦ୍ମ । ଲୋଳ-ଚପଳ ।
ଧୀଷଣ—ବୁଦ୍ଧି ।

# ନବାନୁରାଗ

## ଶ୍ରୀରାଧାଙ୍କ ପ୍ରତି ସଖୀ

( ରାଗ—ବସନ୍ତ । ତାଳ—ଝୋମ୍ପତା )

ଦିନୁ ଦିନୁ ନବ ଉଦୟୁ ଲୋ
ନବ ନବ ପରି ମୋ ମିତ ।
ନିତ ଦେଖୁଥିଲେ    ପ୍ରୀତି ବଢୁଥାଇ
ତୃପତି ନୁହଇ ଚିତ୍ତ ଲୋ ମିତ ।ଘୋଷା।

ବାଗରେ ପଶୀ ଲତାରେ ଚାହି    ଶ୍ରୀକୃଷ୍ଣ ଦେଖ ଥାଇ ଦୂରି
ଛୁତରେ ପଶି    ଦୃଷ୍ଟି ନାଗରୁ
ବୁଲି ବେଢଇ ନାଗ୍ଭ ଲୋ ମିତ । ୧ ।

ଚଂଚଳ ମୀନ ଖଂଜନ ମୃଗ    ଲାଂଜ ନୟନ ତାର
ଲୁଚିରେ ଯାଇ    ଭାଟି ମାଗଲି
କାଢି ମଦନ ଶର ଲୋ ମିତ । ୨ ।

ଛୁଟି ପଡ଼ୁ ଯଜାଡ଼ିକି ଚଳୁ    କେତେ ଭାଳ ଦୃଷ୍ଟି ଦୂର
ଭାମ ଢୋଳିଲେ    ଧ୍ୟାନ ଢୋଳଇ
ଶ୍ୟାମ ମୂରତି ସ୍ମୃତି ଲୋ ମିତ । ୩ ।

ବନମାଳି ବୋଲେ    ମନ ମିଳାଇଲେ
ଦୁଃଖ ନ ପାରେ ଅଖି
ଯେତେ ଯେତେ ଦେଖୁ    ଥିଲେ ତେତେ ତୃପ୍ତି
ନୂଆ ନୂଆ ଦିଶେ ଠିକ ଲୋ ମିତ । ୪ ।



# ଘାଟଲୀଳା

## ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀରାଧା

( ରାଗ—ଖାଡେବଶ୍ରୀ । ତାଳ—ଝୁଲ )

ତୋ ଲାଗି ଗୋପ ଦାଣ୍ଡ ମନା ରେ କାଳିଆ ସୁନା
ତୋ ଲାଗି ନ ଶୀତ ଯମୁନା ରେ କାଳିଆ ସୁନା । ଘୋଷା ।

ନିତି ଏଥି ବାଟେ ଯାଉ ରେ କାଳିଆ
ନିତି ଏଥି ବାଟେ ଯାଉ
ଦୃଷ୍ଟେରେ କଟାକ୍ଷ ମାରିଲେ କାଳିଆ
ମୁରଲୀ ବଜାଉ ଥାଉ ରେ । ୧ ।
ତୁହି ଗୋପପୁରେ ରଜା ରେ କାଳିଆ
ତୁହି ଗୋପପୁରେ ରଜା
କେମନ୍ତ ଶବଦରେ ମୁରଲୀ ବଜାଉ
ଅଦ୍ଭୁତ ଶିକଏ ବଜା ରେ । ୨ ।
ତୁହି ବଡ଼ ଘର ପୁଅ ରେ କାଳିଆ
ମୁହିଁ ବଡ଼ ଘର ବୋହୂ
ସରମ ତୋ ମୁହେଁ ନାହିଁ ରେ କାଳିଆ
ମରମ କଥା ତୁ କହୁ ରେ । ୩ ।
ତୁହି ଅଟୁ ନନ୍ଦ ସୁତ ରେ କାଳିଆ
ତୁହି ଅଟୁ ନନ୍ଦ ସୁତ
ମଥୁରା ହାଟକୁ ଦଧି ବିକାଗଲେ
ନିତି ମାଗୁଅଛୁ ଘାଟ ରେ । ୪ ।
କହିଲ ବନ୍ଧୁଜନ ଏ ରସରେ
ଶୁଣ ଅଗୋ ସଖୀବୃନ୍ଦ
ଯମୁନାକୂଳରେ ମୁରଲୀ ବଜାଏ
ତୁମ୍ଭ ଗୋପ କୃଷ୍ଣଚନ୍ଦ୍ର ରେ । ୫ ।

# ଝୁଲଣ ଗୀତ

( ରାଗ—କେଦାର | ତାଳ—ଝୁଲା )

ଝୁଲନ୍ତି ରଙ୍ଗେ ରାଇ ଶ୍ୟାମସୁନ୍ଦର
ରାଗରେ ଅନୁରାଗରେ ଭରନ୍ତି ବଂଶୀ କୁହର । ପଦ ।

ଝୁଲେ ମରକତ କାଳେନ୍ଦୁମଣି ନବଘନ ପ୍ରତିମା ତ୍ରିଭଙ୍ଗୀ ଠାଣି
ମୃଦୁ ମୃଦୁ ହାସ ନୟନ ବିଳାସ ଚେଷ୍ଟେ ମଧୁର । ୧ ।

ମାଳତୀ କୁସୁମେ ରଚିତ ଦୋଳି ଝୁଲାଇ ଧରନ୍ତି ବରଜବାଳା
ଗାଇ ଗୀତମାନ କରନ୍ତି ନର୍ତ୍ତନ ବାଜି ନୂପୁର । ୨ ।

କେ ବଜାଏ ବୀଣା ଅବା ଝାଞ୍ଜାଳ କେ ବାଏ ମର୍ଦ୍ଦଳ ଖଞ୍ଜୁଟ ଖୋଳ
କେବଣ ସୁଧୀର ବଜାଏ ମଧୁର ପ୍ରେମେ ଆତୁର । ୩ ।

ଝପ ଝପ ଝର ଝର ବରଷା ଶୀତଳ ପବନ ତନ୍ମୟା ଦଶା
ଯାଏ ଭୃଙ୍ଗ ଶାଖୀ-ମଣ୍ଡୂକ ମୟୂର ଆନନ୍ଦେ ବିଭୋର । ୪ ।

ଝୁଲଣ ଉତ୍ସବ କୁଞ୍ଜ ପଟଳେ ଦେବୀ ଗୁଣୀ ହୋଇ ଅମରମାନେ
ଦେଲେ ବନମାଳୀ ଦେବଲେ ପୁଷ୍ପାଞ୍ଜଳି ଭକ୍ତି ଶୃଙ୍ଖର । ୫ ।



## ନବାନୁରାଗ

### ସଖୀ ପ୍ରତି ଶ୍ରୀରାଧା

( ରାଗ—ସିନ୍ଧୁ କାମୋଦୀ । ତାଳ—ଝୁଲା )

ନ ଶୁଣିବ ମୁରଲୀ-ଧ୍ୱନି
ତାକୁ ପଛେ ଅପବାଦ ଦାରୁଣ । ଘୋଷା ।

ବାଂଶୀ ମୋ ଚରିତ ଗାଇ — ସ୍ୱଚ୍ଛନ୍ଦ ବା ତାଳି ବଜାଇ
ସେ ନନ୍ଦର ପିଲା ମନ ଭୁଲାଇ — ନିଏ ସେତ ଶ୍ୟାମ ପ୍ରୀତି ଲଗାଇ ।୧।

ନିଶ୍ଚୟ ମୋ ପ୍ରେମ ଜାଣିକି — ଭଂଗୀ ସଂଗୀ ହେବାକୁ ମିତ
ଅବସ୍ଥିତକୁ ମୁଁ ମରଣେ ବରିବ — ନ ଡରିବ ପରଲୋକ ଜନ୍ମ ତ ।୨।

ଶାଶୁ ଶାଶୁଙ୍କ ଗଂଜଣା — ଦେଖିଲେ ଦେବେ ଗଳେକେ ପିନା
ଏକା ଶ୍ୟାମବଂଧୁ ସଂଗ କାମନା — ହେଲେ ହେବ କାଣ୍ଡ ପାତକେ ମନା ।୩।

ବନମାଳୀ ଭଳକ୍ଷେ ଏ ତିନ ମୋହନ ମୋ ହୃଦସ୍ଥ ହାର
ଏ ସମ୍ପର୍କ ମନ କଣା ଯାହାର — ତା ସ୍ନେହକୁ କି ମୁଁ ଦେବି ବାହାର ।୪।

## ସୁଦୂର ପ୍ରବାସ

### ସଖୀ ପ୍ରତି ଶ୍ରୀରାଧା

( ରାଗ—କେଦାର । ତାଳ—ଏକତାଳି )

ବନ୍ଧୁ ନାଶ୍ୱ କର ମୋତେ ତାଙ୍କୁ ପାଇଁ ପଡ଼ିଲା ରେ । ଘୋଷା ।

ବଧୂ ଦଶୀ ମଧୁକାଳ — ବନ୍ଧୁର ମଳୟାନିଳ
ଏକାକିନୀ କାଳେକୁଳ ଦଶା ଆସି ପଡ଼ିଲା ରେ ।୧।

ଏ ବସନ୍ତ ଅକାରଣ — ଗଲା ରେ ପଥିକ ଜାଣ
ବନର ମାଳତୀ ଫୁଲ ଦେଖି ଫୁଟି ଝଡ଼ିଲା ରେ ।୨।

ତା ସ୍ନେହକୁ ଭାବ ଭାବ ପୁଷ୍ପ-ଶରେ ଜଳି ତନୁ
ମନ ତାକୁ ଧନ ଘରି ଜନ ନାହିଁ ଦେଖିଲି ରେ । ୩ ।

ମଧୁକର ଭଲ ହେଲେ ମଧୁପୁରେ ସେ ରହିଲେ
କି ଦୋଷ ମୁଁ ଜାଣି ହେଲି ପ୍ରୀତି-ରଜ୍ଜୁ ଛିଣ୍ଡିଲା ରେ । ୪ ।

ସେଲି ମୁଁ ଅତି ଅସ୍ତ୍ରଶ ମଦନ ଜଳି ବମୁଣ
ବନମାଳୀ ବୋଲି ଶୁଣି ଏ ଶରୀର ବଢ଼ିଲା ରେ । ୫ ।

●

## ଉତ୍କଣ୍ଠିତା ରାଧାଙ୍କ ଉକ୍ତି

( ରାଗ—ମଙ୍ଗଳ । ତାଳ—ଝୁଲ )

ଶ୍ୟାମ ସୁଜନ ସଜନୀ, ଆସିବ କିଂବାବ ବା । ଘୋଷା ।

ମୁଁ ତ କର ନାହିଁ ଦୋଷ କାହିଁକି ମୋରେ ଅସ୍ୱଣ
ଭାବିଥିଲି ଭେଟିବି ଆଶ ଦେଇଥିଲେ ବା । ୧ ।

ସେ ଦେଖି-ପୁଷ୍ପ ଛିଡ଼ାଇଥା ନବୀନ ଗଜ ମାଳଥା
କଲାପ ଗୁଞ୍ଜମାଳିକା ଦେଇଲେ ବା । ୨ ।

ସେଥାଇ ମୁଁ ଶଯ୍ୟା ଶେଜ ଝୋଇଥିଲି ଦେଖିବ ବଜ
କୁଞ୍ଜଗୃହ ଯାଆ ସଂସେ ରଖିଲେ ବା । ୩ ।

ଏ ଶାବକ ପ୍ରିୟ, ଜଳ- ଧରଙ୍କୁ ନେଇ ଲେଖାଇବ
ଶ୍ରୀ ବୀରକିଶୋର ଦେବ ଭଣୁଛନ୍ତି ବା । ୪ ।



# ରୂପାନୁରାଗ

## ସଖୀ ପ୍ରତି ଶ୍ରୀରାଧା

( ରାଗ—ପୁନ୍ନାଗ । ତାଳ—ଏକତାଳି )

ଶ୍ୟାମ ଶ୍ରୀଅଙ୍ଗରେ ନେତ୍ର ପଡ଼ିଲା ରେ ।
ପକ୍ଷ୍ମ ଭେଦେକ ଜ୍ଞାନ ବୁଡ଼ିଲା ରେ । ଘୋଷା ।

କି ଶୋଭା ସେ ମୋହନ ମୂରତି ନବଘନ
ମନ ତା ସଙ୍ଗ-ପ୍ରୀତି ଲୋଡ଼ିଲା ରେ ।
ଚନ୍ଦ୍ରିକା ମୁକୁଟିଆ ମୁହଁ ନଟ କୁଟିଆ
ଛବକ ଦେଇ ବନାଣୀ ଗଢ଼ିଲା ରେ । ୧ ।
ଖଞ୍ଜନ ଗଞ୍ଜନ ଜାତ ଧୃତ ଗୁମାନ
ପଦ୍ମ ତା ପାଦତଳେ ପଡ଼ିଲା ରେ ।
କି ଘନ ବକ ଚୁର କଚା ବଂଧୁ ଗୋଧାର
ପଣ୍ଡ ବରଭମ୍ଳ ତାଡ଼ିଲା ରେ । ୨ ।

ସ୍ୱରୁ ସୁରୁଜନଙ୍କ କୁଳଧରମ ଯାକ
ସ୍ୱରୁ ମୁରଲୀ ନେଇ ଏଡ଼ିଲା ରେ ।
ସବୁ କରି ପୁରାଣି ଖାଙ୍କ ଖାଙ୍କ ସୁହାଁଣି
ଶାସ୍ତ୍ର-ମୂଳ ଦୁରେ ବୁଡ଼ିଲା ରେ । ୩ ।
ବୃନ୍ଦାବନ-ମଦନ ସୁଖାନନ୍ଦ ସଦନ
ରୂପ କାନ୍ତିରେ ମନ କାଢ଼ିଲା ରେ ।
ବଂଶୀଧର ବନମାଳୀ ଏ ଭବେ ସ୍ୱଳ ଖଳ
ଗୋପୀଙ୍କ ପ୍ରେମନଦୀ ବୁଡ଼ିଲା ରେ । ୪ ।



# ଅଭିସାରିକା-ରାଧାରାଣୀ

( ରାଗ—ସାରଙ୍ଗ । ତାଳ—ଏକତାଳ )

ସଂଗିନୀ ରେ, କଉଣ କେତୁ ମୋର ସଂଗେ ଆସ ଆସ
ଶୈଳମନ୍ଦରକୁ ଯିବ ବା ବଳେ ମନେ ସାହସ । ଘୋଷା ।

ମୋ ଲାଗି କୁଞ୍ଜବଦ୍ୱାରେ ବସିଥିବେ ଅନୁସଣ
ଘରୁ ବାଧାକୁ ଲଙ୍ଘି ଭେଟିବଇଁ ଯାଇ । ୧ ।

ବାସକସଜ୍ଜା ସମ୍ଭାର ସାଜତ ନା ଉପସ୍କର
ସେକାଳିଁ ତୁଅ ବାହାର ହୋଇ ବେଗ ଛଳିସ । ୨ ।

ସୁବାସ ସୁମନମାଳା ମଣ୍ଡିବ ବଂଧୁଙ୍କ ଗଳା
ଖଣ୍ଡିବ ଅନ୍ତରୁ ମୋର ଏ ବିଚ୍ଛେଦ ତାପ । ୩ ।

ସେ ବୃନ୍ଦାବନ ମଦନ ଶୁଣିବ କଣ୍ଠ ଆଳାପନ
ଖୁସିବେ ପ୍ରୀତି ବଚନ ବଳାଇ ଆଶ୍ୱାସ । ୪ ।

ବନମାଳୀ ଦାସ ଭଣେ ନବ ପଦଯୁଗ୍ମ ଶରଣେ
ଅନୁସରିବ ଗଭୀରେ ମିଳୁ ଅବକାଶ । ୫ ।



# ବଂଶୀବିଭବ

## ସଖୀ ପ୍ରତି ଶ୍ରୀରାଧା

( ରାଗ—ଶଙ୍କରାଭରଣ । ତାଳ—ଝୁଲା )

ସଖି ନନ୍ଦନନ୍ଦନେ ବଂଶୀ କେ ବଜାଏ ଗୋ !
ଶ୍ରୁତି ଯୋଗେ ସୁଧା ବରଷାଏ ଗୋ ! ଘୋଷା ।

କେ ବନ ଦେବତା କି ମନ୍ତ୍ର ଗାଏ
ସଞ୍ଜୀବନ କରେ ଭୃ ମଳଭାଏ!
ଖଗ ମୃଗେ ଶିହରଣ ଲଗାଏ ଗୋ ! ୧ ।

ପତିବ୍ରତା ସତୀ-ମନ ଭୁଲାଏ
ମନମଥ-ଶରେ ତନୁ କମ୍ପାଏ
ଲଜ୍ଜା ଉର୍ମି କି ସତେ ମିଟାଏ ଗୋ ! ୨ ।

କୋକିଳ କୁହୁମ କଣ୍ଠୁ ଶିଖାଏ
ଅସମ୍ଭବକୁ ସମ୍ଭବ କରାଏ
ଶୁଷ୍କା ତ ନ ଶୁଖି ଅଙ୍କୁରାଏ ଗୋ ! ୩ ।

ବନମାଳୀ ଏଡୁ ରସରେ ଗାଏ
କେତ କଣ୍ଠୁ ମୁରଲୀ ଅନ କେ ପାଏ ?
ସଖି, ସେହି ନାଗର କହ୍ନାଏ ଗୋ ! ୪ ।



# ଶାରଦ-ମିଳନ

ବନମାଳୀ—(ଷୋଡ଼ଶ ଶତାବ୍ଦୀ)

ଗୋପୀ ସଙ୍ଗେ ବନମାଳୀ ଦେଖ ସୁଜନେ, ଗୋପୀ ସଙ୍ଗେ ବନମାଳୀ
ଶରଦ ଜହ୍ନରେ, ଶ୍ରୀ ବୃନ୍ଦାବନରେ ରଙ୍ଗେ କଲେ ରସ ଖେଳ ଦେଖ । ପଦ ।

କେଉଁ ବରାଙ୍ଗନା, କରରେ ଧରି ବୀଣା, ଗାଏ ତାନମାନ ଯୁକ୍ତ
କେ ବାଏ ମାଦଳ, ମହୁରି ଟଂକାଳ, କେହୁ ନାଚେ ଢଳ ଢଳ । ୧ ।

ଗାଏ କେ ସୁସ୍ୱରେ, ସ୍ୱର ଆଳାପରେ, କେହୁ ଦିଏ କରତାଳି
କେଉଁ ଗୋପବାଳୀ, ଦିଏ ଫୁଲ ଝୁଲି, କେ ବୋଳେ ଚନ୍ଦନ ଗୋଳି । ୨ ।

କେଉଁ ଗୋପବାଳା, ଘେନ ଫୁଲମାଳା, ମଣ୍ଡେ କୃଷ୍ଣ ହୃଦସ୍ଥଳୀ
ହୋଇ କୁତୂହଳ, କେ ଦିଏ ତାମ୍ବୁଳ, ପାଦେ କେହୁ କରଞ୍ଜଳି । ୩ ।

ମଧୁର ଶରତେ, ଚନ୍ଦ୍ରମା ଗଗନେ, ପୀୟୂଷ ବରଷି ଢାଳି
ମଳୟ ପବନ, ବହେ ଘନ ଘନ, କୁସୁମ ସୌରଭେ ମିଳି । ୪ ।

ମୁରଜ ମୁଖ ଛନ୍ଦେ ମୃଦଙ୍ଗ ଆନନ୍ଦେ ଲଗାଇ ନାଚନ୍ତି ବାଳୀ
ଗୋପୀଙ୍କ ଦେଖନ୍ତ, ଅଜା ନ ପଶନ୍ତ, ବଂଶୀବଟ ରସସ୍ଥଳୀ । ୫ ।

ଲୀଳେ ଲୀଳେ ଗୋପୀ, କୃଷ୍ଣଙ୍କୁ ଅର୍ପି, ଦୀନ ଦାସ ବନମାଳୀ
ଶ୍ରୀ ଗୁରୁ କୃପାଙ୍କ, ସିଦ୍ଧ ଅଜ୍ଞା ବାକ୍ୟ, ଶିରେ ବନ୍ଦେ ପ୍ରତିପାଳି । ୬ ।



କବିସୂର୍ଯ୍ୟ ବଳଦେବ ରଥ

# ରସୋଲ୍ଲାସ

## ସଖୀପ୍ରତି ଶ୍ରୀରାଧା

କାହିଁରେ ମନ ସଖି    ପସନ୍ନ ହେଉ ନାହିଁ
ଏଥିକି ଔଷୁ କେଉଁ ପଥକରେ
କି କରୁ ଅଭିଜ୍ଞ    କି କହୁ ବହୁଜ୍ଞ
ଏହି ନବଘନ ଶ୍ୟାମ ପ୍ରୀତିକରେ । ୦ ।

ସୁରଠାରୁ ଅଧିକ    ହୋଇଲଣି ଧନ
କେମନ୍ତେ ସମ୍ଭାଳିବି ଧୃତକରେ
ତ୍ରିଭୁବନ ମୋହନ,    ଶ୍ୟାମ ବଂଶୀ ସ୍ୱନ
କାହିଁ ଶୁଣିଲି ମୋର ଶ୍ରୁତିକରେ । ୧ ।

କନ୍ଧୁ ଜଳ-କପାଟ    ଘଟ ଭୂତ ସେ ଘଟ—
ବସ ମୁକୁଟମଣି ଦ୍ୱାରାକରେ
ମାନସେ ଶୁଣି ସ୍ୱନ,    ଏମେ କି ଛାଡ଼ି ଦେବ
ଶୁଣି ବସନ୍ତ କାଳେ ଗାଥକରେ । ୨ ।

ଗରଳ ଭିଲ ଥବା,    ରବି ନନ୍ଦନ ସେବା—
କଣ୍ଠେରେ ଲଗାଇବି ମତକରେ
ଅବା ଶ୍ୟାମ ସଂଗତି    ଲଭି ସୁଖଗାଂବଗ—
ମଣ୍ଡଳେ ଚେତାଇବି ଗ୍ରନ୍ଥ କରେ । ୩ ।

କଳୁଷିକ ଯତେ ବେଳେ,    ଯେଜ ବସିବି କୋଳେ
ସେ ନବ-କିଶୋର ମୂରତି କରେ
ଯତନେ କାହ୍ନ ମୋର,    :କରତେ.ମଦନର
ଦଶି ପାରିବ କି ବରଣ କରେ, । ୪ ।

କହେ ଶ୍ରୀ କଲ୍ପତରୁ,    ନୃପତି କୁବଳୟ—
ଦେଖେ ଲପନ ନିଶାପତି କରେ
ଦେଖାଇ ଦେବି ଅରେ,    ଏବେ ସ୍ୱର୍ଗୀୟ ପଥରେ
ଯକାଇ ଦେବେ ଅଗ୍ନିରଥ କରେ । ୫ ।

●

ରବ ନନ୍ଦନ ସେବା = ଯମ ସେବା ବା ମୃତ୍ୟୁ ।

# ମିଳନ ଶୁଭଦା

## ଶ୍ରୀରାଧା ପ୍ରତି ସଖୀ

( ରାଗ—କାମୋଦୀ । ତାଳ—ଏକତାଳୀ )

ସଜ ହୋଇଥାରେ, ଗଜଗମନରତ ଆଜି
ରଜନୀ ଆସିବେ ଘନ କନ୍ଦର୍ପ ଶ୍ୟାମ ବ୍ରଜ ସୁନ୍ଦର । ଘୋଷା ।

ସ୍ମିତା ଲଲାଟରେ ମୀନାଙ୍କ ଉଜ୍ଜଳ ଚନ୍ଦ୍ରୀନ ଶାଢ଼ୀ ପିନ୍ଧ
ବନ୍ଧାପଦ୍ମ ମଣି ମାଳ କୁନ୍ତଳରେ କଳାପ କମର ବାନ୍ଧ । ୧ ।

ସୁଷମାର ଦର ସୁରଗ ଇନ୍ଦୀବର ସୁରଭୀ ଲଗାଇବାକୁ
ମର୍ଦ୍ଦିତା ଲକ୍ଷ୍ମୀନ ତାପିଞ୍ଛେ ଜନକ ସଂଶୟ ମିଳାଇବାକୁ । ୨ ।

ମସାରମଣି ହେମ ଶାର ସମନ୍ତ ମିଶିବାର ସୁବିଧାକୁ
ବରଣୁଲ ପୟୋଧରେ ଉଡବର ରୁଚକ ଅବେ ଯୁଡ଼ିବାକୁ । ୩ ।

କୁଂକାଳକୁ ଝଷଧ୍ୱଜ କେଳରଥ ଲୁଣ୍ଠାଇ କୁଂକାକୁ ପର
କଂକାସ୍ତୁଭାଷୀରେ ଶଂକାରି ନିକଳ ତା'ପରେ ସୁନ୍ଦର ଝର । ୪ ।

ଦେଖି ବେଶ ଜ୍ଞସବ ନେଡ଼େ ଅନ୍ନେମାନେ ପୁଞ୍ଜୀ ହୋଇ ଜାଇବାକୁ
ତୁହେଁ ତ ଦୁହିଁଙ୍କ ଜାବ, ଜାବଜ୍ଞ ସିବ ମଧୁ ପିଇବାକୁ । ୫ ।

ଶୁଣି ଲଲିତାକୁ କଲା ଭାମରଥ ଭୂଷାଇଲେ ଦେଖା ହେବ
ସେ ସମୟେ କର ବନ୍ଦନକୁ ଜଗନ୍ନାଥ ଭୂଜାଅ କରେ । ୬ ।



---

ତାପିଞ୍ଛ—ତମାଳ ବୃକ୍ଷ । ମରକତ ମଣି—ନୀଳ ମାଣିକ୍ୟ । ହେମ—ସୁବର୍ଣ୍ଣ । ଝଷଧ୍ୱଜ—ମୀନ କେତନ, ବା କନ୍ଦର୍ପ । କଞ୍ଜାସ୍ତ୍ରାଙ୍ଗୀ—ପଦ୍ମନୟନା । କଙ୍କଣ—ହିରକ୍ଲୁପ୍ତ । ଭାମରଥ—ପଦ୍ମ ।

# ଶ୍ରୀକୃଷ୍ଣ ବନ୍ଦନା

( ରାଗ—ଧନାଶ୍ରୀ । ତାଳ—ଏକତାଳୀ )

ନୂତନ ନୂତନ ନବ ଘନ
ସମ ଶ୍ୟାମଳିଆଙ୍କୁ
ଝଲକି ବିଜୁ ସୁତନା
ପ୍ରାଣ ରଞ୍ଜନିଆଙ୍କୁ । ପଦ ।

ବରନ୍ତୁ ଗୋପୀଙ୍କର
ମକର କୁଣ୍ଡଳିଆଙ୍କୁ
ଅଖଣ୍ଡ ଚନ୍ଦ୍ର ସୁନ୍ଦର
ମୁଖ ମଣ୍ଡଳିଆଙ୍କୁ । ୧ ।

ମଦଗଜ ଗମନଙ୍କୁ
କଦମ୍ବ ମୂଳିଆଙ୍କୁ
ମଣ୍ଡଶାଳା ଭୂଷଣଙ୍କୁ
ଶିଖଣ୍ଡ ଚୂଳିଆଙ୍କୁ । ୨ ।

ସମୁଦ୍ରକୁ କରୁଣାର
ଯମୁନା କୂଳିଆଙ୍କୁ
ଶୀତ ନଈ ଲଗାଇଙ୍କୁ
ପୀତ ଦୁକୂଳିଆଙ୍କୁ । ୩ ।

ବଲ୍ଲବେନ୍ଦ୍ର ନନ୍ଦନଙ୍କୁ
ପଞ୍ଚବନମାଳିଆଙ୍କୁ
ଭଜେ ଜଗବନ୍ଧୁ
ତାଙ୍କର ପାତଳିଆଙ୍କୁ । ୪ ।



---

ରଞ୍ଜନିଆ - ଶ୍ୱେତକନକ'ଣ୍ଡ, ନାଶକଙ୍କ । ବିଜୁ—ଦାମିନୀ । ଅଖଣ୍ଡଚନ୍ଦ୍ର -ପୂର୍ଣ୍ଣଚନ୍ଦ୍ର । ମଣ୍ଡଶାଳା - ଯଜ୍ଞଶାଳା । ବଲ୍ଲବେନ୍ଦ୍ର —ଗୋପାଳମାନଙ୍କ ରାଜା । ପାତଳିଆ — ପାଦ ତଳକୁ ଅଣ୍ଟା କରିଥିବା ।

# ଖଣ୍ଡିତା

( ରାଗ—ଚନ୍ଦ୍ରାଭୈରବ । ତାଳ—ତ୍ରିପଟା )

## ସଖୀ ପ୍ରତି ଶ୍ରୀରାଧା

ସଜନି, ଆଜ ରଜନୀରେ ନଆଇଲେ ବ୍ରଜମୋହନ
ନବକେଉଁ ମୋହିଲରେ । ଘୋଷା ।

ମୋ ଦେହେ ଦେଇ କର- କମଳ ବାରମ୍ବାର
ଶପଥ କରି କେତେ କହିଲରେ,
କପଟ ମତି କରି ସାହସେ ସେ କପଟି
ଧରମ ଭାବୁ ସହୁ ! ସହିଲରେ । ୧ ।

ଲଗାଇ ପ୍ରେମ ରସ ମଧୁ ଜଗାଇ ରସ
ନୟନୁ ଅଶ୍ରୁ ଦରଶାଇଲରେ,
ଇଛି ମୁଁ ନଶା ଦଶା କି ଅପରାଧୁଁ ଅବା
ମୋଠାରେ ଅବଧାନ ନୋହିଲରେ । ୨ ।

ଦୁର୍ଜି ରଚିଛି ପାନ କର୍ପୂର ଶ୍ରୀଚନ୍ଦନ
ଏବେ ତ ବେଶ ବାଧି ହୋଇଲା ରେ
ଭାଗ୍ୟ ସୁରତେ ମାତି ଆସି ହେଲ ପାହାନ୍ତ
କୁଚ କୁଙ୍କୁମ ଦୋଷବେ ରହିଲରେ । ୩ ।

ଏ ପାପ କାମ ମୋତେ ଦଣ୍ଡ ଦେଲଣି ଯେତେ
ସରଣ ଭୁଲେ ମିଶ୍ର ଦହିଲରେ,
କହ ମିହିର ଚନ୍ଦ୍ର ଆଣ ଭ୍ରଜ ବନିତା
କପାଳେ ବହି ଏହା ଲହିଲରେ । ୪ ।



# ଗୋଧନ ଚାରୁଥା ମୁରାରି

( ରାଗ—ଶଙ୍କରାଭରଣ ବା ମୋହନ )

ଷଟ୍‌ପଦକୁଳ ଦେଖ ଅହେ ଗୁଞ୍ଜି ଗୁଞ୍ଜି,
ପଦ୍ମସଦ୍ମାରେ ଖେଳୁଛି ନବ ବାରିବାହ,
ସମୀପରେ ତାର ରଥ,
ଶରଚ୍ଚନ୍ଦ୍ର ନର୍ତ୍ତନ ଉଦେଜ ବରଷି ।୧।
ଘନ ଘୋଷ ଶୁଣ ସରଦାର ଅବା ଅଟେ,
ପ୍ରକସ୍ତ ଫଣନ ଦେଖ ଅଛୁ ତଳପାଶେ,
ଶାଖି ଦେବ ଘଗ୍ ଅଳ,
ସବେଜ ସୁଛର ଦେଖା ଜନମନ ଲଜ ।୨।
ସୁରେଶ୍ୱର ରତନ କି ହେଦାରୁ ଜଙ୍ଗମ,
ସବୁ ମଣିମାନଙ୍କୁ ମିଳାଇ ସେଇ ଜମ,
ସ୍ୱର୍ଣ୍ଣବର୍ଣ୍ଣା ଏ ଏଣିକ,
ସମ୍ପାଦବେ ମୂର୍ତ୍ତିମନ୍ତ ରତନ ଶ୍ରେଣୀ କ ।୩।
ଘଣ୍ଟଲଣ ଶୀଳ ନବ ତମାଳ ଭୂରୁହ,
ସଙ୍ଗେ ଯେନ ଅସୂଛନ୍ତି ଶଖା-ଶାଖିବୂହ,
ଶୁକ ଶାସ୍ତ୍ର ପରଭୃତ,
ଶାଖାମାନଙ୍କରେ ଗାଉଅଛନ୍ତି ସଂଗୀତ ।୪।
ସୁରଧୁନୀତଟେର ବହିଥିବା ଯେବେ ତପ,
ସଞ୍ଚାଳି କରି ଏ ତାପିଷ୍ଟୁର ଅନାତପ,
ସୁଖେ ବଢ଼ିବା ବସନ୍ତେ,
ସାନନ୍ଦ ସୁଧାଂଶୁ ଜଗଦେବ ହୋଇଲେ ଗୀତେ ।୫।

---

ଷଟ୍‌ପଦ—ଭ୍ରମର । ପଦ୍ମସଦ୍ମା—ପୃଥ୍ୱୀ । ବାରିବାହ—ମେଘ । ସୁରେଶ୍ୱର—ଇନ୍ଦ୍ର । ଜଙ୍ଗମ ଗତିଶୀଳ । ଭୂରୁହ ବୃକ୍ଷ । ଶାଖି—ଡାଳ । ପରଭୃତ—କୋକିଳ । ସୁରଧୁନୀ—ଗଂଗା । ସୁଧାଂଶୁ—ଚନ୍ଦ୍ର ।

# ରସୋଲ୍ଲାସ

## ସଖୀ ପ୍ରତି ଶ୍ରୀରାଧା

( ରାଗ—ଭୈରବୀ । ତାଳ—ଆଠତାଳି )

ଶ୍ୟାମ ଘନ କମନୀୟ କାନ୍ତି ଯାହ୍ନ,
ତା ବାହୁଭିଡ଼ାରେ ମୋର ଧନ ଯାଉ । ଘୋଷା ।

ଯେ ସୁନ୍ଦର ପୀତପଟ୍ଟ ତ୍ରିଭଙ୍ଗ ମୁରଲୀ ନଟ,
ତା ଶିର ମୁକୁଟ ଦେଖେ ଚାହୁଁ ଚାହୁଁ । ୧ ।

ଯାର ମଙ୍ଗଳାକ୍ତି କଣ୍ଠ, ଶୁଣିଲେ ନ ଶୁଣିଲି କଳ୍ପଣା,
ନୟନ ସଂମିତ୍ରି ମୋର ଜଳଯାଉ । ୨ ।

ଯନ୍ତ୍ରପଡ଼ିଲ ତା ନଜରେ, ମଦନ ମାଦକ ଶରେ,
କାଣ୍ଡ ହୃଦୟକୁ ଖଣ୍ଡିପଡ଼େ ଯାଉ । ୩ ।

ଜଗତେ ଅଦାଲୁ ଜଟେନ, ତା ସଙ୍ଗେ ମୁଁ ବନେ ବନେ,
ଶିରେ ଦେଖ ବୁଲୁଥିବ ତା ଜଠାରୁ । ୪ ।

ଉତ୍ତରଣ ସ୍ୱପ୍ନେ ଭରେ, ମନମଥ ରଙ୍ଗଧାରେ,
ତା ପ୍ରେମ ସାଗରେ ଦେହ ବୁଡ଼ିଯାଉ । ୫ ।



# ରସୋଲ୍ଲାସ

( ରାଗ—ପୂରବୀ । ତାଳ—ଆଦିତାଳ )

**ସଖୀ ପ୍ରତି ଶ୍ରୀରାଧା**

ହେ ସଙ୍ଗାତ ! ଭୁଲି ମୁଁ ବସିଲି ଶେଷେ,
ମନ-ମନସିଜ-ଚକ୍ଷୁ-ମୃଗ-ଧ୍ୱଜ, ଏମାନେ ମୋ ଶତ୍ରୁ ହେଲେରେ । ଘୋଷା ।

ଦେଖିଲି ସେ ଶ୍ୟାମେ   କାଳି କୂଳେ ଚଞ୍ଚଳ   କୁଞ୍ଜ ମନ ବୋଲି କଞ୍ଜ,
କେବେ କି ଭୁଲିବି   ସେ ଭୁଜ ଛଇଲା   ଶୋଭା ସମ୍ମୁଖିରେ ରଙ୍ଗରେ । ୧ ।

ରଣ ଧୂତ ମୋର   ଚୋରିଲି ସେ ଚିତ୍ତ   ମାରିଲୁ ପାଣି ପ୍ରମାଣ,
ବଣ କୋଟି କୋଟି   ବାଣ ଦେଲା ଦେଇ ଦେଲା   ମୋ ଅଙ୍ଗର ଶରୀରେ । ୨ ।

ଚଳ କଲି ମଥା   କାଳି ନଗନଗା-   ଦର୍ପଣ ବୋଲି ମୋ ଝୋଲା,
ନ ପଡ଼ି ଧରଣେ   ମୁରଳୀ ଧ୍ୱନିରେ   ରସି ରସି ଗଲା ଦୋଳାରେ । ୩ ।

ଏ ପାପ ଲପନ   ବନ୍ଧୁଆଏ ଅନ   ଦେଖିଲେ ପାଣିମାନ ପର,
କାଣି ସେକ୍ଷ ଭାଳ   ରହିଲି କେବଳ   ଲ୍ଲାସ ଲଜ୍ଜାପରେ ଭୁଲିରେ । ୪ ।

ଭଙ୍ଗି ସେ ରସିକ   ଦେଖେ ଭ୍ରୂଜବଳ୍ଲୀ   ତାହାର ଅଦେଖେ ଶୀକ,
କେଳି ସେ ଦେଖାଇଲି   କାଳେ ନ ରହିଲି   ଘ୍ରାଣ ମୂଳଚେଳ ବାଣରେ । ୫ ।

ବୋଲେ ଶ୍ରୀ ମୁକୁନ୍ଦ   ଦେବ ଅଧ ସଙ୍କେ   ଭୁଞ୍ଜିଲି ନନ୍ଦନ ପୁଣି,
କାଣେ କି ମନ୍ମଥ   ଦେହିଲି ମୋ ଅଙ୍ଗର   ସତ ଦେହ ନୀଳମଣି । ୬ ।



ଅଙ୍ଗର—ଅମୃତ, ଗୌରବ । ଲପନ—ମୁଖ । ଚେଳ—ବସ୍ତ୍ର ।

# ଉଷୋଲ୍ଲାସ

( ରାଗ—ତୋଡ଼ି ଗରଜ । ତାଳ - ଏକତାଳି )

## ସଖୀ ପ୍ରତି ଶ୍ରୀରାଧା

ହେ ସଙ୍ଗାତ, କହିଲେ କହିବେ ଲୋକେ,
ମୁଁ ଆ ବାସିବାକୁ    ଗାଳିଦେବେ ଦେଉ    ବରଜିବ ନା ପଲକେ । ଘୋଷା ।

କହ୍ନୁ ସଙ୍ଗ:ସୁଖ    ବଡ଼ାଇ ସୁନାର    ସେ ସେତେ ମୋତେ କହିବାକୁ,
ମନକୁ ଦେଇ ମନ ।    ଧରିବ ଯମୁନା ।    ତଟକୁ ଯିବ ପିବାକୁ । ୧ ।

ମୋର ଏଣୁ ମନ    ସ୍ମରୁଅଛି ଧନ    ଗୁଣଗୁଣ ଶୁଣି ଶୁଣି,
କାଣେଶର ରତନ    କର କଟକଟନ    —ବଂଶୀ ଗୀତ ଶୁଣି ଶୁଣି । ୨ ।

ବଢ଼ି ଅଙ୍କାରତ    କୁଳବଣା ସ୍ଥଳ    ଭୁଜଲେ ପଡ଼େ ଭାଜନ,
ବାଜବାକୁ ନଦ    ମୁରଲୀ ସମନ    ଜ୍ୱଂଶୀର ନୃତ୍ୟସ୍ୱନ । ୩ ।

ମୋତେ ପଢେ ତୃଷ୍ଣା    କଟେକ ବ୍ଲେଷେ ଘଞ୍ଚ    ସଦ୍ୟୁଣ୍ଡ ବୃନ୍ଦା ଚେଳି,
ଘାଇ ନବୁଷ୍ଟକୁ    ଖାଇ କା ଅମଳ    ବାଧି କ୍ୱୋଇଶଙ୍କ ବୋଲି । ୪ ।

ଅସ୍ମୁଖିବ ଛଳ    ଭରି ନଢ ଜଳ    ଦେବାକୁ ଚଉ ପୂତ.କୁ,
ନଟ ବେଶଧର    ଅଧରୁ ମଧୁର    ମଧୁ ପିଇଲ୍ଲ ସ୍ୱପ୍ନିକୁ । ୫ ।

ଜଗଦେବ ସ୍ମରେ    ଥଳଭ ନ ହରେ    ମୋର ଏ ଭାପ ଭଙ୍ଗିକୁ
ଜଣ୍ଣୁ ଶରଣ    ଏଣୁ ସେ ତସ୍ମୃତ    ମନୀ ଶ୍ରୀଅଙ୍ଗ ଶାଙ୍ଗକୁ । ୬ ।

---

ସ୍ନେହ—ପ୍ରେମ । ଅମଳ—ମାଦକ ଦ୍ରବ୍ୟ । ଛଳ—କପଟ ।

# ସ୍ତୁତି

( ରାଗ—ମୁଖାରୀ )

ଯୋଗୀବରବର, ଯଥାର୍ଥରେ ଜାଣ ମୁଁ ତୋହର ରେ,
ଶ୍ୟାମଳ ଭୂଧର ଜଗପଟେସ୍ୱାଧର ମରଦନଅ ସୁନ୍ଦର ରେ । ପଦ ।

ଶ୍ୟାମଳ ତୋ ପଦକଞ୍ଜର ସମଦରଜଗତ ମୋ ଶରଣ ରେ,
ସଙ୍କଟ ସମାଧିଖଣ୍ଡନ ଭୁ ଜନ୍ମ ମୁଁ ରଙ୍କମାନଙ୍କ ବନ୍ଧୁ ରେ । ୧ ।

ଶ୍ୟାମଳ କ ଭୁବ ପୂର୍ଣ୍ଣଚନ୍ଦ୍ର ମୂର୍ତ୍ତି ମୋ ମନ୍ତ୍ରାଶୁଦ୍ଧଦଶୀର ରେ,
ସନ୍ତେ ସମାଦର ରୁକ୍ମିଣୀ ଅବା ମୋ ଜଠର ଦେଲୁ ସୁଖାର ରେ । ୨ ।

ସୁନ୍ଦର କଦମ୍ବ ଶାଖା ଅବଲମ୍ବ ହୋଇଲୁ ଯେତେ ଜନର ରେ,
ସୁବିଳୁ ସନ୍ଦେହ ହେବ ଅତ କୁଞ୍ଜ ହୋଇ ପଡ଼ନ୍ତ ପଞ୍ଚଶର ରେ । ୩ ।

ସମୂହ ବାହୁଜଗଣ ବୃକ୍ଷ ବନ ଅବଶ ଅଧାଲିବାର ରେ,
ଘଣ ରବି ଜଗାପଞ୍ଚଲୀଲୁ ବୃନ୍ଦା ବଣରାଳ ତ ଜବାରରେ । ୪ ।

ଯଶୋଦା କୁମର ଶିରେ ଶୁଖା ଶିର ନୁଆଁଇଲେ ଲଜ୍ଜାଭରରେ,
ସୁରଳ ଭକ୍ତ ଜନ ଅକୁଶଳ ଅନ୍ତର୍ଦୂର୍ଣ୍ଣ-ପୂରଣହରରେ । ୫ ।



---

ଶବ୍ଦ ଅର୍ଥ ; ଶ୍ୟାମଳ—ସୁନ୍ଦରମୂର୍ତ୍ତି । କଦମ୍ବ—ସମୂହ । ସନ୍ଦେହ—ସୁସଜ୍ଜିତ । ବାହୁଜ—ଜଗା ; ବନ—ବଣ ।

# ଆତ୍ମ ସମର୍ପଣ

( ରାଗ—ବସନ୍ତ । ତାଳ—ଆଦିତାଳ )

ଦାହିଁ ଭବ ଦାହିଁ ତ ମୁଁ ଦାହିଁବ ଟେଗା ସ୍ୱଣ । ଟୋଭା ।

ତାଙ୍କ ମୁଖ ଚାହିଁ ଥିବା      ଜେଙ୍କରଙ୍କ ରୂପାସୁଧା
ଏ ଦେହ, ଏ କ୍ଷେତ୍ର, ଏ ପରାଣ । ୧ ।

ଶ୍ୟାମ ମୋର ହୃଦ୍‌ଧନ      ଶ୍ୟାମ ମୋ ଗଳାଭରଣ
ଶ୍ୟାମ ତ ମୋ ଦୁଦ-ପରିତ୍ରାଣ । ୨ ।

ଭୁଜବନ୍ଧ ମୋ ରତନ      ମୋ ସେବାର ଦରଶନ
ସେହୁ ତ ମୋ ଦରଶ ଦଯାଣ । ୩ ।

ମନ ଭାଳି ଅଛୁ ଭଳ      ଭାଳି ଭାଳି ମୋ ମରଣ
ଧନ ମୋର ସେଦେହ ଅସ୍ମୁର୍ଦ୍ଧାଣ । ୪ ।

ଦୁଃଖ ଥିବ ପଛ ମନେ      ତାଙ୍କ ପଦ ଭକ୍ତି ସୁନେ—
ଲଗାଇ ତନ୍ମୁଇ ଦଥ ଅଣ । ୫ ।

କୃପ ଭଗଦେବ ସ୍ୱଦେଶ      ମୋ ଦେଶ ଦେଖ, ମୋ ଦେଶୀଗ୍ ଦେଖ
ତା ପାଦ୍ୱାରେ ସେବା ପରିଚାଣ । ୬ ।



# ଶ୍ରୀକୃଷ୍ଣଙ୍କ ଚୂଡ଼

( ରାଗ—ପୂରବର । ତାଳ—ଆଠତାଳି )

ଚୂଡ଼ ସଖୀ, ମୋ ହୃଦୟ ମଣିମୟ ହାରରେ । ଘୋଷା ।
ଯେହୁ ତୁ ମୋହର ସକଳ ସଂପଦ
ମଦନ-ଫଣୀ ଉଦାର ବିଷ ଗଦ
ଏଡ଼ିଲି ଭବର ଅଖଣ୍ଡଳ ପଦ—
ଅଭେଦ୍ୟ ପରଂପରାରେ । ୧ ।
ରସିକ ରାଜ ମସ୍ତକ ଅଳଂକାର
କଳ୍ପଦ୍ରୁମ ନବ ପଲ୍ଲବ ଗର୍ବହର
ତୋ ପଦ୍ମର ଲକ୍ଷା ରଂଜକ ଦାସ ମୁଁ
ବିରହ-ଦୁଃଖ ପାଶୋରାରେ । ୨ ।
କହିଥିବେ ସର୍ବ ଜାଣି ବା ନଜାଣି
ମଣିଲୁକି ସତ ଶୁଣି ତାଙ୍କ ବାଣୀ
ଧରିଛୁ ବିରସ ବିବେକୀଙ୍କ ଶ୍ରେଣୀ—
ମସ୍ତକ ମଣ୍ଡନ ଛଳରେ । ୩ ।
ନ ମଣ୍ଡି ତୁ ଯିବା ମୋର ବକ୍ଷ ସ୍ଥଳ
ହୃଦୟକୁ ଯିବୁ କଣ କେଉଁ ଛଳ
ମୋ ମନ ରଞ୍ଜନ ତଟ ସମୁଜ୍ଜ୍ୱଳ
ହୃଦୟ ନିର୍ମଳ ଭାବରେ । ୪ ।
ସଜନୀ ଗୋ, ନବ ସୁରଭି ଅଭବ,
ପାଶୋର ଯିବ କି ମନୁ, ଥିଲେ ଜୀବ
ଘନ କବି ରବି ସୁତକର ନବ
ଘନ ରସ ଜଳ ଧାରାରେ । ୫ ।

●

---

ଫଣୀ—ସର୍ପ । ପରମ୍ପରା—ପାହାଚ, ସିଡ଼ି । କଳ୍ପଦ୍ରୁମ—ପୋହଳା । ଲକ୍ଷା—ଅଳତା ।

# ଅପେକ୍ଷାନୁରାଗ

( ରାଗ—ନଳହଂସ କେଦାର । ତାଳ—ଏକତାଳୀ )

## ସଖୀ ପ୍ରତି ଶ୍ରୀରାଧା

ତାର ଶିରେ କି ବିଶ୍ୱାସ, ତାର ହୃଦେ କି ବିଶ୍ୱାସ
ତା'ର ପରେ କି ଆଶ୍ୱାସ, ଯା'ର କି ଉ ବିଳାସ ଗୋ । ଘୋଷା ।

ବୋଲେ ଶତ ଅର୍ଥ ଶପଥରେ ମୋ'ର ଅଛେ ନାହିଁ ଅଭିଳାଷ
ହୋଇଥାଏ ବୋଲି ଚନ୍ଦ୍ରାବଳୀ ଭେଟି ନିକୁଞ୍ଜ ଭୁବନ ବାସ ଗୋ । ୧ ।

ଦଣ୍ଡବାଟେ ଏଣ୍ଟ ସୁବଳଙ୍କ କାଠ ନେବା ଲକ୍ଷୀ ମିଶା ହ୍ରାସ
ବଥାଲୁ ଶାଶୁଙ୍କ ମଥାଲୁ ଲୁଚଲିଁ ଏପରି ଯାହା ସାହସ ଗୋ । ୨ ।

ଶ୍ରୁତି ରାତ ନାଗନଣୀର ଜନେଶେତରେ ବଳାଏ ନୃହିଁସ
ପାଦେବଣ ଦେଖିଂବା ଅପକୁ ଶା ପଦ କଳକ ତଳ ପରଶ । ୩ ।

ଭୁଏ ନେକେଶ ଟ୍ରିସ୍କ ଶିରେ ଗଢିନସ୍ତ ପ୍ରକାଶି ମୋହନ ରାସ
ମୁରଲ୍ଲୀ ବଜାଇ ଡାକେ ସଖି ଆଜି ଆଟଳେ ବନ୍ଧୁ ନସଣ ଗୋ । ୪ ।

ମୁଁ ନଗର ସୁବଳ ବୋଲି ଝବକେଶପରେ ବନ୍ଧୁ ଭୁଲାସ
ସେ ସୁଣି କପଟେ ଲୁଚି ନଦୀ ତଟେ ଲୁଟଇ ପାଳିଛା ବାସ ଗୋ । ୫ ।

ଛଡେଛ ଦେଖିଲେ ଏକ ରାଣି ଧିକ ତାର ଧନ ଜୀବନ ନବାସ
ଅସ୍ତବୁର୍ଗ ଦ୍ୱାରକର ବୋଲେ ଯାର ଶଠ ନୁହେଁ ସୀତବାସ । ୬ ।



---

ଶାର - ସ୍ୱପ, ଲଣ୍ଟ । ଦଣ୍ଡବାଦ ଓଷ୍ଠ । ମୁହିଁସ—ମୋହ, ଅନୁରାଗ ।
ଜଳଜ—ପଦ୍ମ ]

## ଷଷ୍ଠୀ ପରିଚ୍ଛେଦ

( ରାଗ—ଘାଟବେଶ )

ବସନ୍ତ ବେଶ ମଞ୍ଜୁଳାବେ ବାଳା, ଚନ୍ଦ୍ରମୁଖ ସୁରୂପ ଶୀଳା,
କମ୍ପବନ୍ତ କର୍ଣ୍ଣେ ଏକାକୀ ଏକାକୀ ବୋଲଇବକ୍ ଫୁଲ ତୋଳାରେ,
ବିଳାପ କୁଞ୍ଜଳତାରେ, ବଂଶୀନିଳୟ ବଚ୍ଛାର ଚେଳା । ୧ ।

ବାଳକାନ୍ତି ବାସ ପଣ୍ଡ ରେ ବାଳା, କଣ୍ଠ ଥିଲୁଁ ଅନୁସର
କଳକଣ୍ଠ ବନବଦ୍ଧାର ଭୁଲବ ଦେବେଳ ସା ଦେଲୁ ପାଦୋର ରେ
କଣ୍ଟୁର ତ ବୋଷରେ, କର୍ଣ୍ଣେ କାନ୍ଦିକ ପୀରିତ ଅଖଣ୍ଡ । ୨ ।

ବାସ୍ତ୍ର ବୋଲଇ ଏଣ ମାଳୁରେ ବାଳା, ଚୂର୍ଣ ଖଣ୍ଡ ତ ବଶ୍ଚ
କମ୍ପାଧରୁ ନବ ପଲ୍ଲବ ମାନଙ୍କୁ ବାଣ୍ଟିଲୁ କି କାନ୍ତ କାନ୍ତ ରେ
କଣ୍ଠଅ ବୋଲଇ ରେ, ବାସ ପିଲ୍ଲଥାଇ ପରୀ କାନ୍ତ । ୩ ।

ବଲ୍ଲୀ କି ଅବାଲ ଦୂରୁରେ ବାଳା, ବାସରେ ତ ଭସ୍ମ ଲଭୁ
ଭୃଙ୍ଗ ଅଙ୍ଗ ଶ୍ରୁଣି ଅଟିଲୁ ଭ୍ରୂ ଦୃଶି ସ୍ତନଘାତ ଅଶି ପଲ୍ଲବେ
ଭଙ୍ଗନେ ଶଙ୍କୁଳୁ ରେ, ବଙ୍କ ବନ୍ଧନ ଏ ସା ନ ତଲୁ । ୪ ।

ବନସ୍ଥ କଣ୍ଠୁ ବସନ୍ତରେ ବାଳା, ବଦେମୋହନ ଭଲାବନ୍ତ
ବଲ୍ଲୁପାଶ ଦେବ ଶ୍ରୀପଦ୍ମକୁ କିଣି ଘଟଣ ମଣ୍ଡିଲୁ କି ଶଠ ରେ
ବଲ୍ଲବ ସୁଦତୀ ରେ, ବଦେ ଅଷ୍ଟଦର୍ପ ଧସ୍ତପଣ । ୫ ।

---

ବଂଶୀନିଳୟ—ଲତା ବେଷ୍ଟିତ କୁଞ୍ଜ । ଚେଳା—ଅନୁରକ୍ତା । ବାସ୍ତ୍ର—ଅସ୍ତ୍ରବାସ୍ତ୍ର, ଶୃଙ୍ଖଳା । ଶ୍ଲଥ—ଶିଥିଳ । ବାସ—ବସ୍ତ୍ର । ବାସ—ବୃକ୍ଷ । ବାସରେ—ବନରେ । ବଲ୍ଲୁପାଶ—ଶିବ । କଣ୍ଠୁ—କଣ୍ଠ । ବଲ୍ଲୁପାଶ ଶ୍ରୀପଦ୍ମ—କନ୍ଦର୍ପ । ବଲ୍ଲବ ସୁଦତୀ—ଗୋପାଙ୍ଗନା ।

ବ୍ରଜବନ୍ଧୁ ସିଂହ

## ଶ୍ରୀକୃଷ୍ଣ ବନ୍ଦନା

ଜୟ ଶ୍ରୀ ନନ୍ଦ ନନ୍ଦନ ବସୁଧା ଦୂତ ଭଞ୍ଜନ
ଯଶୋଦାଙ୍କ ସ୍ତନ୍ୟପାନ ହେ ।୧।

ଜୟ କାଳୀ ଦମର୍ଦ୍ଦନ ଗୋକୁଳ ପ୍ରାଣ କାରଣ
ଯମୁନା ପୁଳିନ ନିକେତନ ହେ ।୨।

ମୋହନ ବଂଶୀ ବାଦନ ଦାନବାଦ୍ରି ନିପାତନ
କାଳିନ୍ଦୀ ଜଳ ବିକାଶନ ହେ ।୩।

କୋଟି ମଦନ ସୁନ୍ଦର ନବ ପୀତାମ୍ବର ଧର
ବନମାଳା ବିଭୂଷିତ ଶିର ହେ ।୪।

ପାଦେ ମଞ୍ଜୁଳ ନୂପୁର କଟି କାଞ୍ଚି ସୁମଧୁର
କୌସ୍ତୁଭ ଶୋଭିତ ବକ୍ଷ ସ୍ଥଳ ହେ ।୫।

କର୍ଣ୍ଣେ ମକର କୁଣ୍ଡଳ ନବଘନ କଳେବର
ମୟୂର ଚନ୍ଦ୍ରିକା ଚୂଡ଼ ଶିର ହେ ।୬।

ନମଇ ଚରଣ ଦେଶ କର ଯୋଡ଼ି ବେଣୁ ପାଣି
ବ୍ରଜ ବନ୍ଧୁ ସିଂହ ଗୀତେ ଭଣି ହେ ।୭।



ଛନ୍ଦ—ବସ ଛଳ ।

## ବାତ୍ସଲ୍ୟ

ପ୍ରବେଶି ପୂର୍ଣ୍ଣମାସୀ, ନନ୍ଦଗୃହେ ଆସି, ଦେଖି ଯଶୋଦା ଓଳଗିଲ
କୃଷ୍ଣ ଶୟନ ସ୍ଥାନେ, ପ୍ରବେଶି ଦେନ ଜନେ, ମୃଦୁରେ ବଚନ ଭାଷିଲ ସେ । ୧ ।
ଘଟରେ ଘଟ ମୋର ସିନ୍ଦୁର ଯତ୍ନେ ବେଲି ହେ'ଇଲ ଏକ ଦଣ୍ଡରେ
× × × × ପଲଙ୍କେ ଆସି ବେଢ଼ିଲ ଭୂଷଣରେ । ୨ ।
ନନ୍ଦର ପଞ୍ଚ ପ୍ରାଣ, ମୋହର ଦୁଇ ନୟନ ଗୋକୁଳ ପୂର୍ଣ୍ଣନାମ ଓଇରେ
ବଳଭଦ୍ର ଜନ ମୂର୍ତ୍ତି, ପ୍ରାପତ ଅଶ୍ୱ ଭୃତ୍ୟ, ଦୋଷମୁଖ ଦେଖିଲୁଛୁ ଶାଇରେ । ୩ ।
ତୋମାର ସଙ୍ଗ ବାଲି ଗୋ'ଦୁଗ୍ଧାନ୍ତେ ଶଜଲ ଭରସ୍ୱରେ ଆମାରେ ଜନ୍ତାଳ ହେ
ଯଶୋଦା ମୃଦୁ ବାଣୀ, ଶ୍ରବଣ୍ଣା ବେନୁପାଣି ଭରେ ନୟନ ଯୋଡ଼ ସ୍ୱପ୍ନେରେ
ବ୍ରଜବନ୍ଧୁ କହନ୍ତି ଯଶୋଦାଙ୍କ୍ରୀ ବୋଲନ୍ତି ଆସ ମୋ × × ×

●

ବନାମ୍ବୁଜ ସିଂହ

## ଚୈତନ୍ୟ ବନ୍ଦନା

ନବଘନ ବରନ ଶୋଭା ହେଉଛୁ । ୦ ।

ଧୂଳୁବ ପଦ୍ମ ଗୋପରେ — ଏ ନନ୍ଦ ନୃପର ପୁରେ
ଥିଲ ପଦ୍ମ ମୋତେ ପ୍ରତେ ହେଉଛୁ । ୧ ।
ଚନ୍ଦ୍ରବାଳୁ ଏ ସନ୍ତତ — ଚକ୍ଷୁରେ ଭୁଜ ଦୁଖନ୍ତ
ପ୍ରେମାବେଶେ ଶୁଧା ରୂପ ବହୁଛୁ । ୨ ।
ଲୁହୁ ନତ୍ତିନ ରସିଛୁ — ତ୍ରିଭଙ୍ଗିମା ଲୁପୁଅଛୁ
ନସ୍ତନ ବଙ୍କିମା କାହୁ ରଖିଛୁ । ୩ ।
ପୀତ ଭାଷରେ ନ ରସି — ଏତ ଜଳାମ୍ବରେ ରସି
ନଦୀଆ ନାଗରୀ ମନ ମୋହୁଛୁ । ୪ ।
ଶଶୀ ଏହାଙ୍କ ପାଣରେ — ଥିବା ସେ କଣି ବାସରେ
ନବ ଦୂର୍ବାଦଳ ଏହା କହୁଛୁ । ୫ ।

# ସ୍ୱପ୍ନ-ମିଳନ

ମୁରଲୀ ପାଣି, କି କଲେ ମୋ ଗତି ରସ୍ତୁଣି

ଶୁଣ ଗୋ ପ୍ରାଣ ସିଙ୍ଗଣୀ    ଭାଙ୍ଗି ଥିଲେ ତା ନ ଜାଣି
ନଟବର ନାଗର ମଣି । ପଦ ।
ସ୍ୱପ୍ନେ ମୁଁ ଦେଖିଲି କାଲି    ଘୁରି ଦେହଳୀ
ପାଶରେ ସେ ଗଲେ ଗୋ ମିଳି
କି କହିବି ତନୁ ଛଳି    ଫୋଟି ଚନ୍ଦ୍ରକଳୁ ବଳି
ଉଜ୍ଜ୍ୱଳରେ ପ୍ରଭାଙ୍କ ବଳି । ୧ ।
ଆସିଲେ ବସିଲେ ପାଶେ    ଲାବଣ୍ୟ ବେଶେ
ମନେ ଖୁସି ମନ ଉଲ୍ଲାସେ
ପୀତାମ୍ବର କଟିଦେଶେ    ନବ ଘନେ ବିଦ୍ୟୁ ଜସେ
ଜସ୍ଥଳଗେ ନସ୍ତୁନେ ମିଶେ । ୨ ।
ଭାଷିଲେ ସେ ମଧୁ ଭାଷ    ସେ ପୀତବାସ
ସଙ୍ଗୀତ ସୁଛନ୍ଦ ରସ
ଶୁଣି ମୁଁ ହେଲି ବିବଶ    କରାଇଲେ ମୋତେ ତୋଷ
ଲଗାଇଣ ଦୃଢ଼ ଦେଶ । ୩ ।
ସତ୍ତ୍ୱ ଶତଗୁଣ ସବ    ବେଶ୍ମ ଅତସ
ମୋ ତଥିକୁ ଦେଲେ ସେ ଥିର
କେତେବେଳେ ଉଦ୍ଧ ଥିର    ସତେ ଗୋ ଗଲା ବାହାର
ଖଣ୍ଡୀ ସ୍ୱପେ ଯେତ ଚୋର । ୪ ।
ବଦନ୍ତି ଏ ସପନ ରସ    କବି ଦୁର୍ଜେଶ
ବାନାସ୍ତୁଳ ସିଂହ ନରେଶ
ଠାକୁରାଣୀଙ୍କ ଆଦେଶ    ଜାଣି ଦୁଃଖ ହୁଏ ହ୍ରାସ
ବୃନ୍ଦାବନେ ହେଲେ ପ୍ରବେଶ । ୫ ।

---

ରସ୍ତୁଣି —ଉଜଣା, ସ୍ୱଣୀ । ଦେହଳୀ —ଦ୍ୱାରବନ୍ଧ ।

ବଷ୍ଣୁମୂର ଷଡେଜନ୍ତ୍ର

## କୃଷ୍ଣ ରୂପଶ୍ରୀ

ରେ ସଂସାର, ବୃନ୍ଦାଏ ନନ୍ଦ ନନ୍ଦନ
ଏ ଗୋପ ନଗରୀ ଥିବାର ନାଗରୀ ସ୍ତନ କର୍ପୂର ଚନ୍ଦନ । ପଦ ।

ସଜଳ ଘନକୁ ମସାର ବର୍ତ୍ତିକୁ
ଧିକ୍କାରୁଛି ଅପଘନ,
ଉଦିତ ବଦନରେ ବାଞ୍ଛିତ ଦାନରେ
ଶ୍ରୀଧର ହସ ଚନ୍ଦନ ରେ । ୧ ।

ଶଙ୍ଖ ସମୁଦିତ କଣ୍ଠକୁ ମୁଦିତ
ନ କରୁ ଅଛୁ ବଦନ,
ନେତ୍ର ମନୋହର ଇନ୍ଦୀବର ଶର
ଶୋଭିଛି କିବା ମଦନ ରେ । ୨ ।

ଅଧରେ ଜୀବବନ୍ଧୁ ବନ୍ଧୁଜର ବନ୍ଧୁ
ଶୋଭାଇଛି ରଦବସନ,
ଘନରେ ଚଞ୍ଚଳ ପଦ୍ମରେ ଜଡ଼ିତ
କଟିରେ ପୀତବସନରେ । ୩ ।

ସୁନ୍ଦରଙ୍କ ମନ— ଚନ୍ଦ୍ରିକାରେ ଧନ
ଏ ବାସ୍ତୁ ଇଚ୍ଛେ ଅଳକ,
ଛିଟି ପିନ୍ଧୁ ଶୋଭେ ଶିରେ ଦୋଳି ଲେଖ
ହରୁଛି ମନ ନୟନ । ୪ ।

ରେ ନନ୍ଦ କିଶୋର ଏହାର ସୁନ୍ଦର
କରିଥାନ୍ତା ପଦ୍ମାସନ,
ସୁଜ ଇନ୍ଦ୍ର ଦେବ ନାହିଁ ପାପଲବ
ପାପଲିବ ଜଣ ଧ୍ୟାନ । ୫ ।

●

---

ଅପଘନ—ଦେହ । ରଦ ବସନ—ଓଷ୍ଠ । ବନ୍ଧୁଜ—ବଧୁଲି ଫୁଲ ।
ମସାର—ଇନ୍ଦ୍ର ନୀଳ ମଣି । ଅଳକ—ଘୁଞ୍ଚି ବଙ୍କା କେଶ ।

# ବାତ୍ସଲ୍ୟ

ମାଲମଣି ଏତେ ମୁଁ ମାଗୁଛିଁରେ, ନନ୍ଦୁଲ ଆହେ ଏ ବନେ
ଏଥି ସୁଂଦରତା   ଦେଖା ଯାଉନେବା
ପଣ ଦେଖିଲି ତୁପଦେ । ପଢ଼ ।

ଦୂର ତମାଳକୁ   ଯାଇଥୁ ଖେଳକୁ
ଉଚଟିଲୁ କି ପରଭୁଷ
ଥିଲେ ବୁ ବାହରେ   ରହିତେ ପାଖରେ
ଖୁବ୍ ଥିଲେ ମୋ ସନ୍ତୋଷ । ୧ ।

ଆହା ମୁଁ ଜାଣି   ଦିନେ ସେବେ ଶୁଣି
ଯାହା କୁଶୋଧନ ତୋତେ
ଜାଣା ନ ଭରନ୍ତେ   ଜାଣିକ ଯୁବନ୍ତେ
ସୁଖ ନ ମିଳନ୍ତା ମୋତେ । ୨ ।

ପାଣିକୁ କଳସୁ   ଗ୍ରହିଲୁ ପର ମୁଁ
ଅଛୁ ତୋତେ ପ୍ରତିପାଳି
ବାଣୀକୁ ଅଗ୍ରର   ନୋହୁ ଜାଣି ମୋର
ଭୋକୁ ଜଣା ବନମାଳୀ । ୩ ।

ଜଣା ପଢ଼େ ଘର   ସୁଖ ସମ ସର
ସୁଖା ପଡ଼ଇ ଦେଖୁ ଯାତ
ଶ୍ୟାମ ରୂଚୁ ତୋତେ   ଦେଖିଲା ନଇତେ
ପଲ୍ଲବର ସବ ଯାତେଲ । ୪ ।

ସିତାଙ୍କୁ ମଞ୍ଜାଭ   ଭରିତନ ଆଭ
ଲଗାଇବ ନବୀକର
ଏଣିକ ଏ ଗାଭ   ବାଳୁଣି ଜଗାଭ—
ବାର ନମନ୍ତେ ଅନ୍ତର । ୫ ।

ହୃଦରୁ ଯେବେ ତୋ ଖାଡ଼ି ଏ ଯମୁନା
ଛାଡ଼ିବୁ ନ ଯିବୁ ସ୍ୱର୍ଗ
ହାଟକ ଭୂତଳେ ଥାଉ ସେହା ପିଣ୍ଡ
ନାହିଁ ଲୋଡ଼ୁଥା ମୋ ଅନ୍ତର ।୬।

ଅଛା ବାଞ୍ଛୁ ଏହା ନ କରିବୁ ସାହା
ମାଗିବୁ ମୁଁ ତାହା ଦେବ
ଧର୍ମସୁତ ସଙ୍ଗ ଇନ୍ଦ୍ରଦେବ ସଙ୍ଗ
କରିଥ ଯେ କୃଷ୍ଣଙ୍କୁ ସେବ ।୭।

●

## ଶ୍ରୀକୃଷ୍ଣ ବନ୍ଦନା

କୃଷ୍ଣ ହେ ତବ କୃପା ବରଷି,
କଂସ ନିସୂଦନ ହେ କୁଞ୍ଜ ବିଳାସୀ । ଘୋଷା ।

ବ୍ରଜ କାମିନୀଙ୍କ କେଳି କଳା ରଙ୍ଗି
ସୁଧାଧର ମଧୁ ରସ ପିପାସୀ
ଯମୁନା ନିକଟ ବନ ତଟ ବଟ
ଥାଅ ହେ ନସ୍ତଳ ଶ୍ୟାମଳ ଶଶୀ ।
ମୋହନ ବଂଶୀ ସ୍ୱରେ ଉଲ୍ଲାସି
ମୋହିଲ କୁଳନା ରମଣୀ ରାଶି ।୧।

ଅତି ପାପଶୀଳ ଦ୍ୱିଜ ଅଜାମିଳ
କୃଷ୍ଣ ନାମ ଥରେ ଦେବାକୁ ଶୁଣି
ଯମ କିଙ୍କରଙ୍କୁ ଦହୁଡ଼ାଇ ତାଙ୍କୁ
କରିଥିଲ ପ୍ରଭୁ ସ୍ୱର୍ଗ ବାସୀ ।
ଅସୁର ନାଶି ସୁରଙ୍କୁ ତୋଷି
ଭବେ ଉଦ୍ଧାରିଲ ଭାରତ ଭୂମି ।୨।

ଗୋବର୍ଦ୍ଧନଗିରି ଆତପତ୍ର ପରି
ଶ୍ରୀହସ୍ତେ ବହିଲ ହୋଇ ଅପ୍ରାଶୀ
ମଦ ତେଜି ଦର ଭଜି ପୁରନ୍ଦର
ବନ୍ଦିଲା ଚରଣେ ଶରଣ ପଶି
ଦବଗ୍ନି ନଶି ସେ ଗୁଣ ଘୋଷି
ଜନେ କାଟନ୍ତି ଏ ଭବ ପାଶି । ୩ ।

ପୂର୍ବେ ପାଳନ୍ତି ଥିବା ଲୁଟି ଶାଢ଼ୀ
ହରିନେଲ କାହ୍ନୁ ଗୁପତେ ଆସି
ଜଳେ ବୁଡ଼ିଥିଲେ ଲାଜେ ସଙ୍ଗ ଗଲେ
ସେ କାଳେ ସକଳ ଗୋପ ସୁକେଶୀ ।
ମାଗ ପଲଟି ଯୁଗପରେ ଧରି
କେତେ ସ୍ତୁତି କଲ ଦେଖୁ ଦୟା ଧ୍ୱଂସୀ । ୪ ।

ତେବେ ରାଧାଙ୍କର ପ୍ରେମ ଲୀଳା ସାର
ଗୀତେ ବର୍ଣ୍ଣିବାକୁ ହୋଇ ଲାଳସୀ
ସୁରେନ୍ଦ୍ର ତନୁଜ ଶ୍ରୀ କିଶୋର ଚନ୍ଦ୍ର
ବନ୍ଦୁଛି ଅମନ୍ଦ ଶୁଭ ମନାସି ।
ରମା ବିଳାସୀ ଶ୍ରୀକୃଷ୍ଣେ ହୃଦି
ଦେବେ ଯେବେ ସିଦ୍ଧ କୃପାରେ ଭାସି । ୫ ।



ଆତପତ୍ର—ଛତା । ଦର—ଭୟ । ପୁରନ୍ଦର—ଇନ୍ଦ୍ର । ପାଣି—ହାତ ।

# ନବାନୁରାଗ

## ସଖୀପ୍ରତି ଶ୍ରୀରାଧା

ଶରତଲୁ ଗୋ, ଶୁଣ ସବୁ କାରଣି
ଆଜ ମୋତେ ଯାହା କଲା ଭ୍ରମଣି । ପଦ ।

ମିଛ ନୁହେଁ ମୋ ଗଣ ସତେ        ଗନ୍ଧପୁଷ୍ପା ଦେଇ ମୁଁ ଦେଖେ
ଅଟକୁ ଅଟକୁ ନୀପ କନକଟକୁ
ମାରି ଦେଲା ଧନ୍ଦ ଦେଖୁଣି ଯାଇ । ୧ ।

କି ଗୋ କାହ୍ନି ଅସିଲୁ ବୋଲି        କହୁଣୁ ମୁଁ ଅନାଇଁ ଦେଲି
ଘଞ୍ଚ ତରୁତଳେ କଣ୍ଠ ବସିଥଲେ
ମଥିତଳ ପଞ୍ଚବାଣ ମାଧୁରୀ । ୨ ।

କିଶୋରର କି ଭଙ୍ଗି ଛଟା        ଚୂଳବନ୍ଧ ମରମ କଟା
ଶୋଭୁଥିଲା ଇନ୍ଦ୍ର—ନୀଳ ଯଶ ଚନ୍ଦ୍ର
ମୁଖ ମଣ୍ଡଳର କାନ୍ତି ଲହରୀ । ୩ ।

ମୋତେ ଦେଖି ସେ ଯେତେବେଳେ        ସ୍ୱେଦେ ସ୍ୱେଦେ ପାଶେ ମଣ୍ଡିଲେ
ଅସମ୍ଭାଳେ ଧାଇଁ ଆସିଲିରେ ଘର
ଜଳୁଥା ପ୍ରାଣଙ୍କ ନୁହେଁ ଅନ୍ତର । ୪ ।

ରାଧାଙ୍କର ଏ ଭଙ୍ଗି ବାଣୀ        କଳପିଲେ ଲଳିତା ଶୁଣି
ବୋଲେ ରାଜ ଭକ୍ତ ତନୁଜ କିଶୋର—
କଳାନିଧି ନନ୍ଦ କୃଷ୍ଣଙ୍କ ପୁର । ୫ ।



କଳାନିଧି—ଚନ୍ଦ୍ର ।

# ଅଭିସାର ପ୍ରରୋଚନା

## ଶ୍ରୀରାଧାଙ୍କ ପ୍ରତି ସଖୀ

ଝୁଲ ଝୁଲ ରେ, ବନ୍ଧୁ ମଧୁରାଧର
ରତରସେ ମଣ୍ଡ ନିକୁଂଜ ଧର
ଏ ଚନ୍ଦ୍ର ରଜନୀ ପାହୁରଲେ ଧନୀ
ହେବ ବହୁ ଖେଦ ଯାଉ ଅଧୁରା । ପଦ ।

ମଣି ପରସ୍ଥିତ ବଚନା। ଖେଳ ଖଂଜନ୍ଷ୍ଟ ଲୋଚନା।
ଝୁହୁଁ ଝୁହୁଁ ମଲ୍ଲୀ, କୁସୁମରେ ଅଳି
ଝୁମ୍ପି ବାଗେ ଏତେ କପଟ ଛଡ଼ାଅ । ୧ ।

ମନ ମଥ ହେଲା ଉଲସୀ ଫୁଲ ପଲଙ୍କରେ ଢଳସି
ହେ ଲାବଣ୍ୟ ବନ— ଅଧ ମୋର ଧନ
ଏ ଲୀଳା ଦେଖାଇ ଚଂପକଗୁର । ୨ ।

ଅବେଳା ରସମଣ୍ଡ ମୂରତି ମହତନ ନୃତ୍ୟ ବେଳତି
ଲଭେଜ ଯାଉ ଏଣ ଚଳାଚର ଶୀଘ୍ର
ବଗ୍ରଦଖ ଝୁଲ ଫ୍ରଚନ ସ୍ୱର । ୩ ।

ଶ୍ରୀ କଶୋର ଚନ୍ଦ୍ର ଭାଷିଲେ ଚନ୍ଦ୍ରମୁଖୀ ରାଧା ଚେଏ ବାଲେ
ମନ ମନ ହୋଇ ବଳେ କଲେ ଦର୍ଶ
ଅନ୍ତରେ ଶ୍ୟାମ ଦୁଃଖ ପାଶୋର । ୪ ।



# ମିଳନ ମଧୁରୀ

( ଓଡ଼ି ନାର୍ଣ୍ଣି କାଟିଶ ଏର ତରୁଣୀ ହରଣ୍ଣୁ ପ୍ରତି )

କୃଷ୍ଣ— ନୂଆ ଛଇଳରେ ଗ୍ରାମ୍ଭୁରେ ମେଳଣି ଦେଲ
ମୋ ପ୍ରାଣ ମିତରେ, ଥିବଟି ତଥିରେ
ସଖୀରଣେ ଜଣେ ହୋଇ । ପଦ ।

ବନ୍ଧୁ ନାହିଁ ମନ ରେ ବାଳା ରତନ
ଭୋଜ୍ଞ ତେଜିବାକୁ ତତେ
ଏଥି ଅନୁକଂପା ଥିବାକୁରେ ଚଂପା-
ବରନା ମାଗୁଛୁ ଏତେ । ୧ ।

ରାଧା— ନୂଆ ଛଇଳ ହେ ଗ୍ରାମ୍ଭୁ ମେଳଣି ଦେଲ
ବନ୍ଧୁହେ କରତେ ଯେଉଁଥିବ ମତେ
'ପଦ ତଳ ଦାସୀ ହୋଇ । ପଦ ।

ଶ୍ୟାମ ହେ ତୁମର ଗ୍ରାମ୍ଭୁ ଅନ୍ତର
ହେବାକୁ ମନ ନ ବଳେ
କୃପା କରି କର ଏ ଦେବ ଭକ୍ତର
ଖେଳ୍ଳୁ ଆଜ୍ଞ ଶଭୁବେଳେ । ୨ ।

କୃଷ୍ଣ— ବଞ୍ଚିବାକୁ ଧନ ହେବୁଟିରେ ଧନ
କୁନ୍ତଳା ନ କରି ହେଲା
ବଦନ ମଂଜୁଳ ତଥୁ ପାଜଶିଲ
ଚନ୍ଦନ ସୁମନ ମାଳା । ନୂଆ ଛଇଳରେ । ୩ ।

ରାଧା— ରଙ୍କରତନ ! ତମା ପଙ୍କଜ ମୁର୍ତ୍ତିନେତ୍ର
ଜଳାଦଶ ନେନଷ ଭାଗ୍ୟ
ଭାଲୁଛି କ ମନେ ଦେଖାଇବ ଘରେ
ସୁନ୍ଦର ଚନ୍ଦ୍ରକ ଝିଗ, ନୂଆ ଛଇଳ ବେଶ ।୪।

କୃଷ୍ଣ— ଅଧର ଦ୍ୱଃଶ ପାଶୋରିବର ଅନ୍ଧା ତୋ
ରସମଧୁ ଚନ୍ଦ୍ର ବନ୍ଧୀ
ମୋ ଦୋଷ ନଧର ଧାମର ଭାମର
ଜୁରେ ସନ୍ଧ୍ୟାପିତା ଭଲ ।୫।

ରାଧା— ମୋ ଘଣ ଅଛୁଛି ପେନବ ନାନ୍ଧିଛି
ଭଲ ହେଲା ଅଭିମାନ
ମୁଁ ଫୁଲ ବାସନା ଶ୍ୟାମ ବନ୍ଧୁ ଝିଣା
ମୁଁ ଘଣ୍ଟ ଭ୍ରମେ ଜୀବନ ।୬।

ଶ୍ରୀ କିଶୋର ଚନ୍ଦ୍ର ତାଙ୍କୁ ଝାଣ୍ଡି ଦେ'ଲେ
ଭଲ ଦୁହିଁଙ୍କର ପ୍ରୀତି
ଲୁହୁଳ ଝିବାକୁ ପ୍ରଭୃ ବେ ଭାଷାକୁ
ଗାହିରଲ୍ଲ ଆସି ସ୍ମତି



# ମାଥୁର

## ଯଶୀ ସ୍ତୁତ ଶୀରାଧା

କହ ଗୋ ଶ୍ୟାମ ବନ୍ଧୁ ଗଲେ କାହିଁ । ପଦ ।

ମଣିମନ୍ଦ୍ର ରଥେ        ମଣ୍ଡି ଏଡ଼ ପଥେ
ଦେଖିବା ପାଇଁ ମନେ ଥିଲେ ପଶୁ ସୃଷ୍ଟି । ୧ ।

ବେ ଘନ ବରଣ        ଯିବାବେଳେ ବନ
ଯାହା ହୁଏ ମୋ ମନ ନ ଜାଣୁ କି ରୁହି । ୨ ।

ଚମ୍ପକ ଚୂଳ ଚିଳା        ଭଷଳ ବେଶ ଖେଳା
ନ ଦେଖିଲେ ଏ ପ୍ରାଣ ମୁଁ ରଖିବ କାହିଁ । ୩ ।

ବଣିକ୍ଷୀ ଅକାର        ବାଜନ ବେହଲ ସ୍ୱର
ସେ ଗୁଣ ରସିକ ତନା ରାଧାକ ବଂଚଇ । ୪ ।

ଲଳିତା କଲପିଲେ        କଶୋର ଚନ୍ଦ୍ର ବୋଲେ
ବନ୍ଧୁ ତ ସଙ୍ଗେ ଗଲେ ମଥୁରା କ ଲହୁ । ୫ ।



## ନାୟକ ସଜ୍ଜା

### ସଖୀ ପ୍ରତି ଶ୍ରୀରାଧା

ଶ୍ୟାମବନ୍ଧୁ ସଜନି ଅନେ ବଞ୍ଚିବ ନା । ଘୋଷା ।

ମୁଁ ତ ଭଲ ନାହିଁ ଦୋଷ,
ମୋରେ କାହିଁକି ରୋଷଣ,
ନଇଁଥିଲି ଦେଢ଼େ ଥର, ଅପିଦେଲା ।୧।

ଦେଖାଇବ ଚୂଳିଆ,
ମଦରଙ୍ଗ ଭାଲିଆ,
ନକାର ଗୁଞ୍ଜମାଳିଆ ନଇଲେକି ।୨।

ଶୋଇଲି ମୁଁ ଶଯ୍ୟା ଶେଷ,
ଖୋଇଥିଲି ବେନି ଭୁଜ,
ତୁଳସୀଜ ନାସ୍ତାପରେ ମାରିଲେ କି ।୩।

ଏ ନବଘନ ଶରତ ଭାବ–
ଧରଣୀ ଜେ ଖେଳାଇବ,
ଶ୍ରୀବୀର କିଶୋର ଦେବ ଭଣିଲେ କି ।୪।



# ଗୌର ଜଣାଣ ପଞ୍ଚକ

( ରାଗ—ଭୂପାଳ ଚଣ୍ଡକ । ତାଳ—ଆଠତାଳୀ )

ଅହେ ଶ୍ରୀକୃଷ୍ଣ ଚୈତନ୍ୟ ବିଶ୍ୱମ୍ଭର
ଅହେ ଶଚୀ ସୁତ ଲକ୍ଷ୍ମୀ ପ୍ରାଣେଶ୍ୱର ।
ଅହେ ବିଷ୍ଣୁପ୍ରିୟା ନାଥ ଶ୍ରୀ ଗଉର
ଅହେ ଜଗନ୍ନାଥ ମିଶ୍ରଙ୍କ କୁମର ।୧।

ଅହେ ତପତ-କାଞ୍ଚନ କାନ୍ତି ଗୋର
ଅହେ ନଦିଆ ନାଗରୀ ଚିତ୍ତ ଚୋର ।
ଅହେ ଭବ ରୋଗ ମୁକ୍ତି ପାପହର
ଅହେ ବଲ୍ଲ ଦଣ୍ଡ କମଣ୍ଡଳ ଧର ।୨।

ଅହେ ରାଧା ଭାବ ଆସ୍ୱାଦନକାରୀ
ଅହେ ସର୍ବ ଅବତାର ଅବତାରୀ ।
ଅହେ ଗୋପୀ ପ୍ରେମ-ଭକତ ପ୍ରଚାରୀ
ଅହେ ନାଥ ତୋରି କଉପୀନ ଧାରୀ ।୩।

ଅହେ ନିମାଇ ସୁନ୍ଦର ଜଗଦ୍ଗୁରୁ
ଅହେ ଭକ୍ତଜନ ବାଞ୍ଛା କଳ୍ପତରୁ
ଅହେ ଶଠ ଦାମ୍ଭିକ, ମଦମା ମେରୁ
ଅହେ ନବ ନଟବର ବେଶ ସୁରୁ ।୪।

ଅହେ ଗଙ୍ଗାତଟ ବାସୀ ଗୌରହରି
ଅହେ କୃପା ସୁଧାଧାର ପାତକରି ।
ମହା ପାତକ ମୂଢ଼ାରି ମସ୍ତକରେ
ଦୁଃଖୀ ବଂଶୀଧର ଦୁଃଖ ନାଶ କରେ ।୫।

# ପ୍ରେମ ବୈଚିତ୍ର୍ୟ

( ରାଗ—ବେହାଗଡ଼ା । ତାଳ—ଆଠତାଳ )

ଦେଖିଲେ କାହିଁକି ଲଜ ମାଡେ ସଖୀ
ନ ଦେଖିଲେ ଝୁରି ମରୁଥାଇ
କି ମନ୍ତ୍ର ଜାଣଛି କି ଯନ୍ତ୍ର କରିଛି
ସେ କାଳିଆ ନନ୍ଦର କହ୍ନାଇ । ଘୋଷା ।
ଯମୁନା ପାଣିକି ମନା ହେଲି ମୋତେ
କିପରି ତାଙ୍କୁ ଦେଖିବୁ ସଖି
ଫାଟା କପାଳରେ ଏହା ଲେଖାଥିଲା
କେ ଭେଟେ ଯମୁନା ଯାଇ କାହିଁ । ୧ ।
ପାଟକ କୂଳରେ ହାଟ ବସିଅଛି
କଳଙ୍କିନୀ ହେଲି ବୋଲି ଘୁଷ୍ଟି
କୁଳବଧୂ ହୋଇ କେ ଘରେ ବସିବି
ବଂଶୀ ସ୍ୱରେ କେ ନୋହିବି ବାଇ । ୨ ।
ସଖୀ ସଙ୍ଗ ଛାଡି ପଥରେ କଳଣି
କନ୍ଦିଲେ କେ ଦୁଃଖ ଦେବ ସଖି ?
ରହିଅଛି ଜିବା କରମ ଆଦରି
ଅଧୁ ଗରଳ ଦେଇଛନ୍ତି ଖାଇ । ୩ ।
ସଂସାର ସାଗରେ ଖୋଜିଲେ ସଜନୀ
ମୋ ପରି ଦୁଃଖୀ କେ ଅଛି କାହିଁ ?
ସେବକ ବନମାଳୀ— ପାଦ ପଦ୍ମ ଭାଳ
ଦେଖୁଧର କାଳ ଯାଉ ନାହିଁ । ୪ ।



# ଗୌରାଙ୍ଗ ସନ୍ନ୍ୟାସ

( ରାଗ—ବଙ୍ଗଳାଶ୍ରୀ । ତାଳ—ଝୁଲା )

ଜୟ ଦେବ ନିମାଇଁ ବିଷ୍ଣୁପ୍ରିୟା ସାଇଁ
ଏ କି ବିପରୀତ ଆଜ
ନ କରି ଏ ଆଶା କାହୁଁ କଲ ଶିକ୍ଷା
କେ ଦେଲା ଭିକାରୀ ସାଜ । ୧ ।

କାହିଁ ଗଲ ଚୂଡ଼ ଜଳଦ ଅଳକା
କାହିଁ ଗଲ ଚୂଡ଼ ବେଶ
କାହିଁ ଗଲ ଚୂଡ଼ ପାଟ ପୀତାମ୍ବର
ରତ୍ନ ଅଳଙ୍କାର ବେଶ । ୨ ।

ତୋର ଭକ୍ତଗଣ କହିବେ ବଚନ
ଅନୁଚିତ ବନ୍ଧୁବାଦ
ନ ମନ୍ତ୍ର କା'ଠାରୁ ପାଇ କଲ ଗୁରୁ
କର ଏବେ ତା' ପ୍ରକାଶ । ୩ ।

ଶୋକେ ଭସାଇଲ ନଦିଆ ନଗରୀ
ଲୋକେ କରନ୍ତି ହାହାକାର
ଶଚୀ ମାତାଙ୍କର ଦଶା ଦୁଃଖତର
ଅଙ୍ଗନରେ ପିଟି ଶିର । ୪ ।

ଶରଦେ ଚବିଶ ବରଷ ବୟସ
ତୁମ୍ଭେ ତ ସନ୍ନ୍ୟାସ ନେଲ
କାହା ବୋଲ ମାନି କାହିଁକି ନ ଦେଖ
ତେଜିଲ ସଂସାର ଖେଳା । ୫ ।

ଦୁଃଖେ କି ନାହିଁ ବିଷ୍ଣୁପ୍ରିୟା ଦେଇ
ରମଣୀ ବିରହ ଜ୍ୱରେ
ଅଶନ ବସନ ରତନ ଭୂଷଣ
ଶରଧା ନାହିଁ କାହିଁରେ । ୬ ।



ହୋଇ ଯାଏ ମତ ମସ୍ତକେ ଗଡନ୍ତି
ହା'ହା ନାଥ ନାଥ ବୋଲି
ଜାଗି ଜାଗି ଯେଣୁ ମୁଣ୍ଡ କୋଳେ ହୋଇ
କପାଳ ଉଲୁଣି ଫୁଲି । ୭ ।
ଝରିଲି ନ ସୁଖ ଦେଇ ଏତେ ଦୁଃଖ
ଥାଏ ଗୌର ଦିଗମ୍ବର
ଅଶ୍ରୁ ନୀରେ ଭିଜି ପଦତଳେ ପଡ଼ି
ଯାଚେ ଦୁଃଖୀ ବେଣୁଧର । ୮ ।

●

## ନବାନୁରାଗ

### ସଖୀ ପ୍ରତି ଶ୍ରୀକୃଷ୍ଣ

( ରାଗ—ରସ କେଦାର । ତାଳ—ଏକତାଳୀ )

କଏ ସେ ସଜନୀ ଆଜ ନୂଆ ଦେଖା ଦେଲାରେ
ଚନ୍ଦ୍ର ପ୍ରତିମା ପରାୟେ ହୃଦେ ଲାଗି ଗଲାରେ । ଘୋଷା ।
ଅଖିଳ ସଂସାର ସାର— ସୁଷମା ଛବି ତାହାର
ଦେଖିଲି ଦେଉଁ ତ ମୋର ନୟନେ ନାଚିଲା ରେ । ୧ ।
ଅକଳଙ୍କ କଳାକର— ଲପନ ହାସ ମଧୁର
କଟାକ୍ଷ ଭଙ୍ଗିରେ ଧନ ମନ କାଢ଼ି ନେଲା ରେ । ୨ ।
ମଞ୍ଜୁ ଗଜ ରାଜ ଗତି ଢଳି ଢଳି ଯାଇ ଗତି
ବୀଣା ଜିଣା ମୃଦୁ ବାଣୀ ଚିତ୍ତକୁ ମୋହିଲା ରେ । ୩ ।
ସ୍ୱପ୍ନେ ଲଳିତା ସଜନୀ ଶୁଣ ହେ ମୁରଲୀ ପାଣି
ସେହୁ କି ଶ୍ରୀମତୀ ବେଣୁଧର ବଖାଣିଲା ରେ । ୪ ।



# ପ୍ରୋଷିତ ଭର୍ତ୍ତୃକା (ମାଥୁର)

( ରାଗ—କାମୋଦୀ । ତାଳ—ଆଠ ତାଳୀ )

କେବେ କାଳିନ୍ଦୀ ତଟ— ବଜ ମୁରଲୀ ନଟ
ପ୍ରବେଶିବ ବୃନ୍ଦାବନ ସୀମାରେ ଗୋ । ଘୋଷା ।

ତେଜି ମଧୁ ନଗର ବ୍ରଜ ନାଗର ବର
ଆସିବେ ବ୍ରଜେ ମୋଦ ମନରେ ଗୋ । ୧ ।

କହିବେ ଗୋ ସ୍ମରଣ ରାମ ଛନ୍ଦା ଚରଣ
ଦେଖାଇ ସଙ୍ଗେ ବ୍ରଜ କୁମାରେ ଗୋ । ୨ ।

କୋଟି ମଦନ ଶ୍ରୀ ମୋହନ ଶିଖିଧାରୀ
ମଣ୍ଡିବେ ନିକୁଞ୍ଜ ସୁଷମାରେ ଗୋ । ୩ ।

କହୁଛ ବେଣୁଧର ହେ ଗୋ ପ୍ରେମ ସାଗର
ଭଣୀ ଶରତ ଗୋପ ରାମାରେ ଗୋ । ୪ ।



# କୁଞ୍ଜ-ଅଭିସାର

( ରାଗ—ଆନନ୍ଦ କୌମୁଦୀ । ତାଳ—ଝୁଲା )

ରସମୟୀ ଶ୍ରୀ କିଶୋରୀ

କୁଞ୍ଜ ଅଭିସାର ଛବି ଅଦ୍ଭୁତ କି ମାଧୁରୀ । ଘୋଷା ।

ଚଳ ଚଳ ମନ୍ଥର ଗମନେ ସୁକୁମାରୀ
ଧୀରେ ବାଣୀ ଗମିବାର ଲାଗି ଡର ଭୂରି ।୧।

ଲଳିତା ସଜନୀ କରେ ତାମ୍ବୁଳ ବଟିକା
ସାଦରେ ଗନ୍ଧ ଚନ୍ଦନ ଧରେ ବିଶାଖିକା ।୨।

ଚତୁରା ଚମ୍ପକଲତା ଢାଳନ୍ତି ଚାମର
ଚିତ୍ରା ପଦ୍ମଚର୍ଣ୍ଣ ଜଳ ବାସ ଘଟିବାର ।୩।

ତୁଙ୍ଗବିଦ୍ୟା ବୀଣା ବାଦ୍ୟ ବାଜନେ ଉଲ୍ଲାସ
ଇନ୍ଦୁରେଖା ନୃତ୍ୟ କରେ ହୋଇ ଖୁସି ଖୁସି ।୪।

ରାଗ ଆଳାପନ୍ତି ରଙ୍ଗେ ସଙ୍ଗେ ରଙ୍ଗଦେବୀ
ବାସ ଜଳ ଦେଇ ଧାଇଁ ଚଳନ୍ତି ସୁଦେବୀ ।୫।

ମଞ୍ଜରୀ ନିକରେ ସେ ଯାହାର ସେବା ସଜେ
ସଖୀ ଅନୁଗତା ସବେ ଗଚ୍ଛନ୍ତି ସହଜେ ।୬।

ଶ୍ରୀ ଗୁରୁରୂପା ସଙ୍ଗିନୀ ଆଜ୍ଞା ଶିରେ ଘେନି
ଦୁଃଖୀ ଦେଖୁଥିବ ତଳେ ଧରି ପିକଦାନୀ ।୭।



ଝରି—ଜଳ ପାତ୍ର ।

ବ୍ରଜବିହାରୀ ଶ୍ରୀଚନ୍ଦନ

# ମୁରଲୀ କୃଷ୍ଣ

## ଶ୍ରୀରାଧାଙ୍କ ପ୍ରେମ ପକ୍ଷୀ

ଶ୍ୟାମ ନଷ୍ଟ ଦୁଃଖୀ, କାମରେ ପକ୍ଷୀ । ପଦ ।

ପୀଉଛୁ କୁସୁମ ରେଣୁ     ଝୁଲୁଛୁରେ     ଦ୍ୱାରଦ୍ୱାର  ଦ୍ୱାରଦ୍ୱାର ।୧।
ଭୁଲୁଛୁ ଘନ ଘଟଣ     ଲୁଚୁଛୁରେ     ଅଦଳରେ  ଅଦଳରେ ।୨।
କମ୍ପୁଛୁ କାତର ଅଙ୍ଗ     ଜପୁଛୁରେ     ତୋର ନାମ ତୋର ନାମ ।୩।
ଭଜୁଛୁ କୃଷ୍ଣଙ୍କୁ ଶୋଭେ     ମଜିଛୁରେ     ତେ ବିରହେ ତୋବିରହେ ।୪।
ଖୁଣ୍ଟୁଛୁ ହୃଦ୍ୟେ ନିଶ୍ୱାସେ     ଡାକୁଛୁରେ     ଦୁଃଖେ ଭର ଦୁଃଖେ ଭର ।୫।
ଶୋଭନ୍ତୁ ପଲ୍ଲବ ପତ୍ରେ     ଧ୍ୟାଉଛୁରେ     ତୋର ଧ୍ୟାନ ତୋର ଧ୍ୟାନ ।୬।
କହଇ ଶ୍ରୀଶ ଚନ୍ଦନ     କହୁଇରେ     କେଶ୍ରୁ ମାର କେଶ୍ରୁ ମାର ।୭।



ବ୍ରଜନାଥ ବଡ଼ଜେନା

## ଅପେକ୍ଷାନୁରାଗ

### ସଖୀ ପ୍ରତି ଶ୍ରୀରାଧା

( ରାଗ—ଧନାଶ୍ରୀ )

ଆଲି ! ବନମାଳୀ ଗୁଣ ଜପାମାଳ ହୋଇଲା
ଅଳି ବେଢନ୍ତେ ପଦ୍ମ ଯା ମୋତେ ସେ ନ ଭୁଞ୍ଜିଲା ରେ । ପଦ ।

ଖଳକୁଳେ ନ ଦେଖିବ ସେ ଯା ଅର୍ଜିଲା ତା ପାଇଲା
ନଳିଆଇ ତୁ ଯା କଲୁ ସେତ ମତେ ଭୁଲିଲା । ୧ ।

ଓଳିକ ଓଳି ଲଗିଲୁ ତୋତେ ଜାଣି ବୋଲିଲି
ଓଳି ପଦାରେ ମଧୁରେ ତା ଗୁଣ ନ ଯାଇଲା । ୨ ।

ଗାଳି ଦେଲି ତାକୁ ସେବେ ମୋ ପାଶକୁ ଆସିଲା
ହାଲି ଦେଲିକୁ ତୁ ଧିରା ବଳିଷ୍ଠ ସେ ପାଇଲା । ୩ ।

ମିଳେଲେକ ଦେଖାଇ ତା ଭଲି ସେତେ ଛାଡ଼ିଲା
ଭଲପା ଛଳେ ତ ରୋଗ ଭୂମି ପଣ ପୋଛିଲା । ୪ ।

କୁଳୀନ ଯୁବତୀ ମୋତେ ମିଳି କାନ୍ଦି ଥିଲା
ତାଳି ଧରିବାକୁ ଏବେ କଳୀକ-କ ବନ୍ଧିଲା । ୫ ।

କାଳୀ ଦଳ ନଥିଁ ଗିଳି ତୋଳି ଗିରି ଧରିଲା
ବଳି ଗଲା ସେ କହୁଛି ବ୍ରଜନାଥ ବୋଇଲା । ୬ ।



# ନବାନୁରାଗ

## ସଖୀ ପ୍ରତି ଶ୍ରୀରାଧା

ସଖୀ ଦେଖିଲି ଆଜ ମୁଁ ବ୍ରଜପତଙ୍କି ଗୋ
ମନ ଅଭିରାମ ନବ ଯୁବ କାନ୍ତିକ ଗୋ ।

ସଜଳ ଜଳଦ ଦଳ		ମଞ୍ଜୁଳ ତମାଳ ଦଳ
ଦଳିତ କଜ୍ଜ୍ୱଳ ଶ୍ୟାମ ଦ୍ୟୁତିକ ଗୋ । ୧ ।

କଟି ତଟେ ପୀତ ପଟ		ଘନେ ଚପଳା ଛଟ
ନଟବର ମନୋହର ମୂରତିକ ଗୋ । ୨ ।

ଶିଖୀ ପିଞ୍ଛକ ଚୂଳ		ସୁଷମ କୁସୁମ ମାଳ
ଲମ୍ବୁଅଛି କଣ୍ଠୁ ପାଦ କମଳକ ଗୋ । ୩ ।

ମୃଦୁ ମନ୍ଦ ମନ୍ଦ ହାସ		ମୁଖରୁ ଓଷ୍ଠ ପ୍ରକାଶ-
ଦ୍ୟୋତ ନାଶେ ଅକାଶ୍ପାଦେ ଧୃତ କ ଗୋ । ୪ ।

ତ୍ରିଭଙ୍ଗୀ ଛନ୍ଦେ ଥିଲା		ଶ୍ରୀକରେ ମୁରଲୀ ଶୋଭା
ଯାହିଁ ବାଜିଲେ କୁଳବତୀଙ୍କି ଗୋ । ୫ ।

ଦୀନ ବ୍ରଜନାଥ ଗତ —		ଧନ ଏ କେଶୀ ଅରାତି—
ରୂପ ରାହୁଅଛି ଉର ଧୃତ କ ଗୋ । ୬ ।



ଲମ୍ବୁଅଛି—ଝୁଲୁଅଛି । କେଶୀ ଅରାତି—କୃଷ୍ଣ ।

ଭଜନ

# କ୍ରୀଡ଼ା—ମାଧୁରୀ

ମାଧବ ସଙ୍ଗେ ଖେଳିବା ପଣା
କାଲି ସାଧିଥିଲି ଗୋ ଦୂତୀ କି ଶୁଭ ଦଶା । ପଦ ।

ରଙ୍ଗ ଶାଳି ରଚିଥି ସ୍ୱ'ଦେ
ରଙ୍ଗେ ପଣା ମେଳିଲି ଯେତେ,
ମୁଁ ଜିଣୁଥ ଯେତେ, ରଙ୍ଗରେ ସାର          ଖେଳି ଅପାର
ଖେଳି ଖେଳି ନୋହିଲି କଷା । ୧ ।

ପଞ୍ଚ ଅଧ ପଡ଼ିଲି ଦାନ
ଶୁରି ବାଜି ଶ୍ୟାମ ମୋହନ
ଦାଉ ଅଭିମାନ, ଶ୍ୟାମଲେ ମୋହନ          ଦାଉ ଅଭିମାନ
ଜାଣି କିବା ବାଜି ପୂରିଲ ଜଣା । ୨ ।

ଦେଖୁ ନଟବର ନାଗର
ନବଗୁଣେ କାଣେ ତୁମର
ସେ ମଦନ ଧର, ଭଳତ ବଜାଇ          କରେ ସଦାଶିବ
ପଦ୍ମ ପାଦତଳେ ରହୁ ମୋ ଦଶା । ୩ ।



## ମୁରଲି ବାଦନ

ଚନ୍ଦ୍ରମୁଖି କୋଣ ମଧ୍ୟରେ
ରାଧାରାଣୀ ଗୋବିନ୍ଦ ରଜା ବୃନ୍ଦାବନରେ । ପଦ ।

କୋକିଳ ଯେ ହୁକିଲ ହୋଇ
ଆଗେ ଦରଖାସ୍ତ କରାଇ, ସେ ହଜୁରେ ରଖି
ଭୃଙ୍ଗ ମହୀବର, ପବନ ଉପର
ଫରଜା ଖବର କହେ ହଜୁରେ । ୧ ।

ଦୂତୀ ହେଲେ ଅଙ୍କାଙ୍କେକ
ଭଲ ମନ୍ଦ କଥା ଯେତେକ
କହନ୍ତି ଶ୍ରୀମୁଖ, କରଣ କୁଞ୍ଜକ ମନ୍ତ୍ରୀ ହେଲେ ଭେକ
ଗୁଣଗାଏ ଯାଇ ବନ୍ଧୁ ବନାରେ । ୨ ।

ଜମାଦାର ହେଲେ ମୟୂର
ଶୁକ ହେଲେ ଦରବନ୍ଦାର
ସେ ଅଟେଗ ଖବର, ଲକ୍ଷ୍ମୀ ବଣାଙ୍ଗୀ    ଛନ୍ଦ ତରେଖା
ଫଳାବନ୍ତି ପଶୀ ଝୁରି ଗାଣରେ । ୩ ।

ସୁବଳ ସେ ସୁଦାମ ଦୁହେଁ
'କସ୍ତୁରଧା' ରଧା ହୋଇ ଦଅନ୍ତି ଦ୍ୱାର
କହନ୍ତି ଭରତ    ହୁଣ୍ଡପରେ ଛନ୍ଦ
ପାତାଳୁ ବାସୁକ ଆର୍ପିଣ ଧରେ । ୪ ।



ଭ୍ରମରବର ନରେନ୍ଦ୍ର

## ଶ୍ରୀକୃଷ୍ଣଙ୍କ ନବାନୁରାଗ

ଅଳି ଭଣୀ ଥିଲ ସାନ୍ଦ୍ର ବଙ୍କ ସୁଯୋଗେ ସେ
ଚକ୍ରଧର ଅଇଣ୍ଠର୍ଥୀଙ୍କୁ ଲଭିଲ ବନକାଣ୍ଠି ଶୋଖି ସୃଷ୍ଟି । ପଦ ।

ତ୍ରିଭୁବନମୋହ ଜୀବନ ପ୍ରବେଶ
ଦେବକ ପଟ୍ଟ ଥିଲ ଖୋଲି,
ଯମୁନା ତୀରରେ ଏକ୍କ ଶମଶ୍ଚରେ
ପ୍ରବେଶ ମୁଁ ହେଲି ଯାଇଁ । ୧ ।
ଦେଖ ଭରେ କୃଷ୍ଣ ତୋଳିଦା ଅରସ୍ମ
ଉଲ୍ଲୁଁ ଉଲକରଦନା ।
ବୃଷଧ୍ୱଜ ଶିର ମଣ୍ଡନେ ଉଦ୍ଦୂର
ବଶ୍ଚାସ୍ୱଦେକ ଚନ୍ଦ୍ରମା । ୨ ।
ସେ କାଳରେ ଦୃଶ୍ୟ ହେଲା ଏକ ପାର୍ଶ୍ୱେ
ବଶୋକ ଜଷ ଶ୍ରେମାଳି
ରହି ପାନ୍ଥ ଦନ୍ତି— ଭଟ୍ଟେ ନବଘନ
ହୃଦସ୍ତୁ ପଶ୍ଚିଏ ସ୍ନେଳି । ୩ ।
ଭଲପକ୍ଷୁ ରଖି ଶିରେ ପ୍ରିୟସଖୀ
ଲଗ୍ନଙ୍କାଶେଷ୍ୟ ଭୃଙ୍ଗୁଁ ମୋତେ
ଗଣିଲି ପ୍ରବାଲି ସମ୍ପୁଟଙ୍କୁ ଷଷ
ସ୍ୱଚ୍ଛଳ ଆସିଲା ଶତେ । ୪ ।
ଶ୍ୟାମ ରମ୍ୟ ବାଣୀ ସୁଧାସମ ମଣି
ଆନନ୍ଦିତ ସଙ୍ଗ ବୃନ୍ଦ
ମୋହନ ବେଷର ଚକ୍ଷୁ ସୁଖୁ ବନ୍ଦେ
ଭ୍ରମରବର ନରେନ୍ଦ୍ର । ୫ ।

---

ଜୀବନ—ଜଳ । ବଶୋକ—ଭ୍ରମ । ସମ୍ପୁଟ—ଓଷ୍ଠ ।

ମର୍ଦ୍ଦରାଜ

## ଶ୍ରୀକୃଷ୍ଣଙ୍କ ନବାନୁରାଗ

( ରାଗ—ଚୋଖି )

ସୁନ୍ଦରୀ ନେଲା ଚିତ୍ତ ମୋହରେ
ସଜନି କରେ ଭରୁ—   ଦେଖ ରମଣୀ ବର
ମଣ୍ଡି ସେ ଆସୁଥିଲା ମନ୍ଥରେ

ମନ୍ଦ ମନ୍ଦରେ ହସି   ମୋ ଦେଶ ଗଲା ଚୋପିରେ
ଚଞ୍ଚଳାପାଙ୍ଗ କୋଣେ ଦୃଷ୍ଟିରେ । ପଦ ।

ଅଙ୍ଗା ସେ ରୂପ ଶୋଭା   ଦର୍ଶନ ମନ ଲୋଭା
ବଚନେ କେ ପାରିବ କହିରେ । ୧ ।

ଦେଖିଲି ଦେହୁଁ ତାର   ଲାବଣ୍ୟ କଳେବର
ରହିଲି ମୁଁ ତାର କଣା ଦେଖିରେ । ୨ ।

କହିବା ଭଙ୍ଗି ରଙ୍ଗ—   ଆସିବା ଭଙ୍ଗି ଚାହିଁ
ନାହିଁ ନୋହିବ ଥିବ ଯାହିଁରେ । ୩ ।

କହଇ ମର୍ଦ୍ଦରାଜ   ଶୁଣ ନାଗର ତୁମ—
ରମଣୀ ଶିରୋମଣି· ସେହୁରେ । ୪ ।



# ନବାନୁରାଗିଣୀ ରାଧା

## ସଖୀ ପ୍ରତି ଶ୍ରୀରାଧା

( ରାଗ—କାମୋଦୀ )

କହ କହ ସଖୀ ସେ କାହା ନନ୍ଦନ ଗୋ
କୋଟି କୋଟି କାମ କନ୍ଦର୍ପ ସମାନ ଗୋ
ଦେଖିଲି ଯେବେଠୁଁ ମୋହର          ମନକୁ ପଶି ସେ ଶର
ପ୍ରାଣେ ସ୍ମର ବଞ୍ଚୁରଇ ମନ ଗୋ ।୦।

ଈଷଦ ହେଲେ ତ୍ରିଭଙ୍ଗିରେ          ବଜାଇ ବଂଶୀ ରଙ୍ଗରେ
ଘୂର୍ଣ୍ଣାଇ ଅପାଙ୍ଗେ ହୃଦପରେ ଗୋ
ତନୁ ଜଳଦ ଇନ୍ଦୀବର          କଟିତଟେ ପୀତାମ୍ବର
ଦେଖିଲି କଦମ୍ବ ପାଦମୂଳର ଗୋ ।୧।

ବେନି ଶ୍ରବଣେ ମକର—          କୁଣ୍ଡଳ ସୁଶୋଭା କର
ନିନ୍ଦଇ ସୁଧାକର ଶ୍ରୀମୁଖ ଗୋ
ନାଶାରେ ମୋତି ସୁଠାମ          କାହିଁ ତ୍ରିଭୁବନେ ସମ
କାଏ ନବ ବସନ୍ତ ବରିଷ ରେ ।୨।

ମନ୍ଦହାସେ ବିମ୍ବାଧରେ          ହାର ଶୋଭଇ କଣ୍ଠରେ
ଚନ୍ଦ୍ରକୁ ଧରଇ ତା ସୁଷମା ଗୋ
ସେ ଭାଷା ମୁଦେ କଷ୍ଟଦ          ନୟନେ ସେବେ ସ୍ମୃତିବ
କାହିଁ ବଣ ଦେଖାଇବ କେ ଧାମା ଗୋ ।୩।

ଏବେ କହୁଅଛୁ ଜାଣ          ସଖୀ ସେ ମୁଖ ରାଜନ
ଦେଖାଇ ମୋର ଜୀବନ ରଖ ଗୋ
ଭଣେ ମଧୁରାଜ ରସେ          ଜଣେ ଶଳାନୀ ବାରଶେ
ଦେଖାଇବ ଭ୍ରମର ସେହୁ ସୁଖ ଗୋ ।୪।

●

ଅପାଙ୍ଗ—ଚକ୍ଷୁକୋଣ ।

ମଧୁ ଦାସ

## ରୂପାନୁରାଗିଣୀ ଗୋପିକା

ସଜନୀ ଘଟେ ଦେଖେ ଗୋବିନ୍ଦ
  ଗୋପାଙ୍ଗନା ନେତ୍ର-ଚକୋର ଚନ୍ଦ୍ର । ୧ ।
କୁଞ୍ଚା ଭୂରପାଶେ ଶୋଭନ୍ତି ନେତ୍ର
  ନାଶ ମନ ମୀନ ବନ୍ଧଣୀ ଯନ୍ତ୍ର । ୨ ।
ଝଲକ ଭୃଙ୍ଗ ମୋହନ ବେଶ
  ଯୁବା ଭୁଜଙ୍ଗ ଅନଙ୍ଗ ପାଶ । ୨ ।
ଇନ୍ଦ୍ର ନୀଳମଣି ଜିଣି ତା ତନୁ
  ସୁନ୍ଦର ଶ୍ରୀମୁଖ କୋମଳ ଜାନୁ । ୩ ।
ହାସ ମନ୍ଦ ମନ୍ଦ ବଚ ସୁହାଣୀ
  ପ୍ରେମ ଧନେ ଦାସ ମଧୁକୁ କିଣି । ୪ ।

## ରାଧା ମିଳନୋତ୍କଣ୍ଠିତା

ଜେ ଦେବ ଶ୍ୟାମ ବନ୍ଧୁକୁ ଆଣି
  ଲକ୍ଷ ଦେବି ତାକୁ ନାସା ବେଶଣୀ ଗୋ । ୧ ।
ନିରେଖି ତାହାର ବଦନ ଠାଣି
  ଓଷ୍ଠ ସୁଧା ଦେବି ରଖିବୁ କିଣି । ୨ ।
ମୋ ଉର ଶେଯରେ ଶୁଆନ୍ତୁ ଆଣି
  ଶେଷ କ୍ଷୋଭମିଶି ଯାଉ ରଜନୀ । ୨ ।
ସେତେବେଳେ ମୋ ପ୍ରାଣକୁ ମେଳି
  ଦଶନ୍ତ ଘଟେଣ ତନୁ ହାଣି ଗୋ । ୩ ।
ଏ ବଚନ ପ୍ରିୟଙ୍କୁ ସର୍ବାର ଶୁଣି
  ଭୋଗେ ଦାସ ମଧୁ ଏରୀତେ ଭଣି । ୪ ।

ମହେନ୍ଦ୍ର ସିଂହ

# ବହୁରୂପୀ କୃଷ୍ଣ

## ଶ୍ରୀରାଧାଙ୍କ ପ୍ରତି ସଖୀ

( ରାଗ—ଭୈରବୀ । ଆଡ଼ତାଳ )

ନବ ନୀପ କୁଞ୍ଜେ, କଳେବର ବହେକରେ, ନାଗ ସଙ୍ଗେ । ପଦ ।

ହସିଲ ଦେଖ ଦେଖା ମୁରଲେ ରସନ୍ତ
ଜଳଜ ନୟନୁ ନୀର ବହନ୍ତ
ନୀରସ ବଦନ ଦେଖେ ନ ହସନ୍ତ,
ନାହାନ୍ତି ସଖୀ ସମାଜେରେ । ୧ ।

ନାଗ ଗମନେ ଗମନେ ଅବଲମ୍ବ
ନିତମ୍ବ ମାନସେ ନବ ଅବଲମ୍ବ
ଲଜ୍ଜା ଏବେ ଦେଖିଲ ଦେଖିଲା ଦୋଷ ଲାଗ,
ନିର୍ମଳ ସରଣୀ ସାଜେରେ । ୨ ।

ନୀଳମଣି ଜଣି ଫୁଲ ଶଙ୍ଖ ତନୁ
ନିଶାକର ରଙ୍ଗେ ମଣ୍ଡି ଅଛୁ ଭାନୁ
କମ୍ପିତ ନାସିକ ପ୍ରଦ୍ୟାରେ ଅତନୁ
ନବୀନ ପୁଲକ ପୁଞ୍ଜେରେ । ୩ ।

ନୀପ୍ରକର ଦୋଷେ ମସ୍ତକେ ମଣ୍ଡିଲ
ନିର୍ମଳ କଦମ୍ବ ଦୁକୂଳ ବନ୍ଧା କି
ଜଗ ଅଙ୍ଗେ ଶୋଭ ସ୍ୱରୂପ ସ୍ୱଳକ
କୃଷ୍ଣ ପ୍ରୀତ ଶୋଭେ ଭଜେରେ । ୪ ।



---

ନୀପ—କଦମ୍ବ । ଜଳଜ—ପଦ୍ମ । ନାଗ—ହସ୍ତୀ । ସରଣୀ—ମାର୍ଗ ।
ଅତନୁ - କନ୍ଦର୍ପ ।

# ମାଧବୀ ଦାସୀ

## ଶ୍ରୀକୃଷ୍ଣଙ୍କ ପ୍ରେମ ବୈଚିତ୍ର୍ୟ

( ବଙ୍ଗଳା )

ରାଧା ମାଧବ ବଲସଇ କୁଞ୍ଜକ ମାଝ ।
ତନୁ ତନୁ ପରଶ ପରଶ-ରସ ପୀବଇ
କମଲକ ମଧୁକର-ରାଜ ॥ ଧ୍ରୁ ॥

ସଚକିତେ ନାଗର ଚାଁପଇ ଥର ଥର
ଶିଥିଲ ହୋୟିଲ ସବ ଅଙ୍ଗ ।
ଗଦ ଗଦ କହୟେ ରାଇ ମେଲି ଅଦରଣି
କବେ ହୋୟବ ତନୁ ସଙ୍ଗ ।
ସୋ ଧନ-ସୁଁଦ-ବଦନ କଏେ ହେରବ
ଶୁନବ ଅମିୟାମୟ ବୋଲି !
ଇଥି ମଝୁ ହୃଦୟେ ତାପ କଏେ ମେଟବ
ଯୋଇ କରବ କଏେ କୋଲି ।
ଐଛନ କତହୁଁ ବିଲପଇ ମାଧବ
ସହଚରୀ ଦୂରହି ହାସ ।
ଅପରୂପ ପ୍ରେମ ବିଚାରତ ଅନ୍ତର
କହତହି ମାଧବୀ ଦାସ ॥ ୧ ॥

---

ପୀବଇ—ପିଏ । ହୋୟିଲ—ହୋଇଗଲା । ସବ—ସବୁ । ମେଲି—ମେଲି ।
ତନୁ—ତାହାର । ହୋୟବ—ହେବ । ସୋ—ସେ । ବଦନ—ବଦନ ।
ହେରବ—ଦେଖିବ । ଶୁନବ—ଶୁଣିବ । ବୋଲି—କଥା । ଇଥି—ଏଥି ।
ମଝୁ—ମୋର । କଏେ—କିଏ । ଯୋଇ—ସେ । ଐଛନ—ଏପରି ।
କତହୁଁ—କେତେ । କହତହି—କହେ ।

# ନୀଳାଚଳେ ଶ୍ରୀ ଗୌରାଙ୍ଗ

( ରାଗ—ବରାଡ଼ୀ )

କଳଙ୍କ କରିଯା ଛଳ          ଅଗେ ପହୁଁ ଚଲି ଗେଲ
ଦେଖିବାରେ ନୀଳାଚଳ ରାୟ ।

ସଂଗେର ଭକତ ଗଣ          ଚହିଁୟା ସକରୁଣ ମନ
ପଦ-ଚିହ୍ନ-ଅନୁସାରେ ଧାୟ ।

ଜଡାଇ ବିରହ-ଅନଲେ ଭେଲ ଧନ୍ଦ ।

ସେ ଅଠାରନାଳା ହେରିତେ          ଆନନ୍ଦେ ଆନନ୍ଦେ ପଥେ
ଥାସୁ ନଡାଇ ଅବଧୌତ ଚନ୍ଦ ।

ସିଂହ ଦୁଆରେ ଗିୟା          ମରମ ବେଦନା ପାଇୟା
ଫୁଁକାରିଲ ଜଗ୍ୟାନନ୍ଦ ରାୟ ।

ଆରେ ଲୁଣ୍ଠି ଆର କରେ          ଦେଖିଯାଛ ସନ୍ୟାସିରେ
ଗୋଲଚଲି ଦାସୀରେ ସୋଧାୟ ।

ଜାମ୍ବୁନଦ-ହେମ ଜିନି          ଗୌର ବରନ-ଖାନି
ଅରୁଣ ବସନ ଶୋଭେ ଗାୟ ।

ପ୍ରେମ ଭରେ ଗର ଗର          ଆଁଖି ଯୁଗ ଝର ଝର
ହରି ହରି ବୋଲି ଚଲି ଧାୟ ।

ଛାଡ଼ି ନାଗରାଲି-ବେଶେ          ଭ୍ରମେ ପହୁ ଦେଶେ ଦେଶେ
ଏବେ ଭେଲ ସନ୍ୟାସୀର ବେଶ ।

ମାଧବୀ ଦାସେରେ କହ          ଅପରୂପ ଗୋରା ରାୟ
ଭାଣ୍ଡ ଦେହେ କରିଲ ପ୍ରବେଶ । ୧ ।

●

---

ପହୁଁ—ପ୍ରଭୁ । ସୋଧାୟ—ପ୍ରଶ୍ନ କରେ । ଗାୟ—ଦେହରେ ।

ମାନଗୋବିନ୍ଦ ଦ୍ୱାରା

## ନବାନୁରାଗିଣୀ ଶ୍ରୀରାଧା

ଦେଖିଲୁ ଜଳ ଜଳ ନୀଳ ରତନ ତନୁ
ନୟନେ ଗଲା ମୋର ମିଶି । ପଦ ।

ଲଳିତ ଚୂଡ଼ା ବେଢ଼ା ଚରଣ ଭଙ୍ଗିରେ
ବନ୍ଧାଇଲା ମୋର ନେତ୍ର କୁରଙ୍ଗୀରେ
ପଞ୍ଚବେଣ ଶର ଭ୍ରୂ ଧନୁ ଭଙ୍ଗିରେ
ବଧ ପ୍ରାଣନେଲା ଭୂଷି । ୧ ।

ସଖି ଗୁଞ୍ଜାଳକ ଅଧାର ବେଶର
ଲକ୍ଷଣ ଭୁଜଙ୍ଗ ପରି ଗଳାହାର
କହିବି ଏ ଦୁଃଖ ଆଗରେ କାହାର
ସନ୍ତାପରେ ଗଲି ଖସି । ୨ ।

କି ଶୀତଳ ଲଗୁଥିଲା ଦେଖାବେଳେ
ଲଳିତ ମାଧବେ ଦେଖୁ ପୂର୍ଣ୍ଣି ଜଳେ
ରସିକ ଗଲା ମୋ ଚିତ୍ତ ପ୍ରେମ ସ୍ରୋତେ
ନ ଜାଣିଲୁ ଦିବାନିଶି । ୩ ।

କହେ ଦ୍ୱିଜମାନ ଗୋବିନ୍ଦ ଶ୍ରୀମନ୍ତ
ରହେ କାହା ଧୃତି ଦେଖିଲେ ସେ ମୂର୍ତ୍ତି
କେହେ ତୋପେ ସେତୁ ମୋହନ ମୁରଲୀ
ନାଶିବ ଏ ବ୍ରଜ ବାସୀ । ୪ ।



## ବାତ୍ସଲ୍ୟ

ଛଠରେ ଧନ ଖେଳୁଣି ବନ
ନଠ ଜଙ୍ଗଲ ବନମାଳୀରେ । ୦ ।

ବୋଲ ନ ମାନି ଲୁଚିଲୁ ଘନ ବନ ଗଳରେ
ଶ୍ରୀ ଅଙ୍ଗରେ ଗାଈଖୁର ଦଣ୍ଡା ଗଳରେ । ୧ ।

ଧୂଳି ଭରଷାକୁ ଗୋପପୁତ୍ର ଖେଳେ ମେଳରେ
ଚମ୍ପକ ଲବଙ୍ଗଲତା ଯୋଜନକୁ ଖେଳରେ । ୨ ।

ବଳରାମ ବସ୍ତ୍ର କଷା ପିନ୍ଧୁଛୁ ବଦଳରେ
ଖାଲି କାଛା ସଙ୍ଗେ ଧନ କରୁଥିଲୁ ଜଳରେ । ୩ ।

ଏଥା ଶୁଣି ଶ୍ରୀମୁଖକୁ ଉଠେ କନ୍ଦାବଳି ରେ
ଭଣିଲେ ମାନଗୋବିନ୍ଦ ଲୁଟି ଯାଇ ମଧୁରେ । ୪ ।



କୁମ୍ଭୀ—ସ୍ୱର ।

ମୁକୁନ୍ଦଦେବ

## କଳହାନ୍ତରିତା

( ରାଗ—ଗୌରୀସ୍ତୁ । ତାଳ—ଝମ୍ପା )

ପାଶୋରି ଦେଲେ କି ମନୁ ସେ ନନ୍ଦ କାହ୍ନୁ । ଘୋଷା ।

ଯେବେ ଅନ୍ତରଙ୍ଗ ବହିରଙ୍ଗ
ମେଳେ ପରସ୍ପରି ରଙ୍ଗ
କରୁଣ ଏ ଅନୁଚିତ,
ବୋଲି ଭାଷିଲେ ସେ ଧନୁ ।୧।
ଯେବେ ଯମୁନା ସ୍ନାହ୍ନାନ କାଳେ
ବସନ କଦମ୍ବ ଡାଳେ
ଲୁଚିବାର ସଖି ମେଳେ
ସେତେବେ ଭାଷିଲି ସେଦିନୁ ।୨।
ଯେବେ ସାଜି ଜଳପରେ ବେଶ
ଗୁମ୍ଫି ଦଶି ବେଣୀ ଶେଷ
ସୁଦେଶରେ ପୀତବାସ
ଯା ଯା ଭାଷିଲୁ, ସେଦିନୁ ।୩।
ଶ୍ରୀ ମୁକୁନ୍ଦ ଦେବ, ଚିତ୍ତ—
ଯତ ଭାଷିଲେ. ସ୍ୱରୂପ
କାହିଁଲେ ଗୁପତ ପ୍ରୀତ
ଦୁଃଖେ ଭାଷିଲୁ, ସେଦିନୁ ।୪।



ସତୂନଣୀ ମହାପାତ୍ର

## ତିମିରାଭିସାରିକା—ରାଧା

କୁଟିଳ କୁନ୍ତଳ ନୀଳ ଜଡ଼ଣ
          ସାଜ ଶ୍ରୀଅଙ୍ଗେ ଘେନନ୍ତି କସ୍ତୁଣ
ଅସିତ ରତ୍ନ ମଣ୍ଡନେ ଭୂଷିତ
          ଦେଖାଉନ୍ତି ସ୍ୱରୂପ ନବ କଶୋଷ
ପିନ୍ଧନ୍ତି ନୀଳ ଶାଢ଼ି ଏ ଅଙ୍ଗ
          ସଙ୍କେତ ଜଣ୍ଣ ଜଗାଗତ ଜଣ । ୧ ।

ଜରନ୍ତେ ନୀରଦ ନିରନ୍ତେ ନୀର
          ପଙ୍କିଳ ପନ୍ଥେ ଜରଇ ସଞ୍ଚାର
ଜସନ୍ତ୍ରୁ ଚରଣ ଗ୍ରାମାମଣୀର
          ବଦ୍ଧେ ଜଳଧାର୍ ତ୍ରୁଏ ଜାଭର
ଜରନ୍ତ ସ୍ତ୍ରପ ମାନ ଶସ୍ୟର । ୨ ।

ଘୋଟିଛି ଘନ ଘୋର ଅନ୍ଧକାର
          ଦେଖନ୍ତୁ ଜନ୍ତୁ ଜୋତୁଛି ଘୋତର
ଫଣୀ ମଣିରେ ଜ୍ୟୋତ୍ସ୍ନା ଶ୍ରୀକର
          ଜରନ୍ତ ଭାଙ୍କ ଅନ୍ତନ୍ତ୍ରୀ ନବାର
          ମନ୍ଦନେ ମନ ସ୍ତୁନ ଏ ଭାର । ୩ ।

ଅନ୍ତେ ମାନସନ୍ତୁ ସନ୍ତୃପ୍ତି ଦେଇ
          ଅନଙ୍ଗ ମନ୍ତ୍ରୀ ବଳରେ ଚଳଇ
ସ୍ୱଚ୍ଛନ୍ଦାଭସ୍ତ ଭୂପରେ ଆରୋହି
          ପନ୍ଥ ସେ ପ୍ରେମ ଜଡ଼ତ ନିରାଇ
          ସୁରତ ରଙ୍ଗେ ଜଣ୍ଣ ନ ପାଇ । ୪ ।

କାଳନ୍ଦୀ କୂଳେ କଦମ୍ବ ମୂଳରେ
କୃଷ୍ଣ ବସିଛନ୍ତି ବେଣୁ ଖେଳରେ
ଚନ୍ଦ୍ର ସଖା ରୂପ ଦୃଶ୍ୟ ସ୍ଥଳରେ
ମିଳିଲେ ଯେ ଯାଇ ସେହି କାଳରେ
ଭସିଲେ ମାନଧାରା ଖେଳରେ । ୫ ।

ରଘୁନାଥ ମହାପାତ୍ର

## ଖଣ୍ଡିତା ଶ୍ରୀରାଧା

### ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀରାଧା

( ରାଗ—ଲଳିତ । ତାଳ—ଏକତାଳୀ )

ଏବେ ଦେଖଇ ଯେ ମୁଖ ଦର୍ଶିଲ ଆଜ
ସଅବଶୀ ଖେଳିଲକ ବ୍ରଜ ଯୁବରାଜ । ଘୋଷା ।
କୃଷ୍ଣ ଆସିବା ସମୟ ଜାଗିହୋଇ ରୋହମୟ
ଜଗି ବସିଥିଲି କୁଂଜେ ସାଜି ଫୁଲ ଶେଯ ।
ସନ୍ଧ୍ୟାରୁ ନବ ପ୍ରୀତ ଅନ ରମଣୀରେ ମାତ
ମୋ ପାଶକୁ ଆସିବାକୁ ପାଇଲନି ଲାଜ । ୨ ।
ଯା ଭୁଲେ ମାତିଲ ନଶା ସେ'ବା କେମନ୍ତ ପୁରୁଷା
ଭୁଲିବାକୁ ଲେଖିଥିଲେ ମୋ ସଖୀ ସମାଜ । ୩ ।
ମିଳିବାକୁ ଓଷ୍ଠ ସୁଧା ପିବାକୁ ଅଧର ବାଧା
ଚେତେଇ ଏବେ ଶ୍ରୀଅଙ୍ଗ ଦର୍ଶେ ଲଗ୍ନ ତେଜ । ୪ ।
ଶୁଣି ସଖୀ ଭଣୀ ଗୀର ମଥା ଯୋଡ଼ିଲେ କଣୋର
ଭକ୍ତ କହେ ରଘୁନାଥ କରି ଦ୍ୱିଜରାଜ । ୫ ।



# ଖଣ୍ଡିତା

## ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀରାଧା

ଶ୍ୟାମ ସୁନ୍ଦର ହେ କଣାଗଲା ତୁମ୍ଭ ଗତି
କେଉଁ ବାଳା ପ୍ରୀତିକୁ ଭୋଳିଲ ଏତେ ରାତି । ଘୋଷା ।
ଅଙ୍ଗେ ଅଳସ ଅନଙ୍ଗ ରତି ପରଶଙ୍କ ମୋଦକ ବେଶରୁ
ରଙ୍ଗ ଅଧର ଭୃଙ୍ଗ ଦେଶ ତରଙ୍ଗ ଉଚ୍ଛୃତ ହୃଦୟରୁ
ଅଙ୍ଗନାଙ୍କ ଦୃଷ୍ଟି ଶୁଭ ଦରଶଙ୍କ ରସ ସମ୍ଭୋଗରୁ
କର ଶୋଷ୍ଟ ଚନ୍ଦନ କସ୍ତୁରୀ ସଂଯୋଗରୁ । ୧ ।
ଜାଣ ନଗର ନାଗ୍ରୀର ଗଣକୁ ପ୍ରୀତିର କଣ୍ଟକ ଅପାର ହେ
ସାର ଏଥକୁ ଲୁଣ୍ଠାର କର ଗଳଗାର ଲୋପ ଚତୁର ହେ
ସାର ସଙ୍ଗତ ସୁନ୍ଦର ଜନୁ ସୁକୁମାର ନନ୍ଦକୁମର ହେ
କୁସୁମକେଳି ଲୁଚଇ କି କପଟ ଦେଖାଇ ହେ । ୨ ।
ବାରମ୍ବାର ବନ୍ଦନ କର ଏବେ ଉଚ୍ଚାର କର କୃଷ୍ଣ ଶ୍ରୀହରି ଶୀରମାନରେ
ମାର ମୁରୁର ମୁଦାଙ୍କୁର ସୁଖ ଦୂତୀଙ୍କର କହୁ କି ବଦନ ରେ
କାରମଣି ଯା ରମଣୀ ମନକୁ ମନା ରମଣ ରସ ଦାନରେ
କଥା କହୁ ମଧୁ ଭ ନ ଦୋଷ ବଚନରେ । ୩ ।
କପଟ ପଟୁତର ରଚିଲେ ବୃଦ୍ଧି କଳ ପାଣି ହେ
ମଣ୍ଡପଟ କଣ ବୁଝୁ ଉଭୁଞ୍ଚ ସିନ୍ଧୁ ଥରିଛ କି ତାଣି ହେ
କାଦମ୍ବ ରୁଚି ରୁଚିକ ସୁଖକୁଞ୍ଜି ମୁଦିବଳି ବସ୍ତ୍ର ହେ
ଦ୍ୱାଟକୁ ପାଣି କପଟ ଦିଟ ଭଟ ଜାଣ । ୪ ।
ବାଳ ଅର୍କ ପ୍ରଭାକ ଛଳ ସୁରସାଳ ଅର୍ଦ୍ଧ ଦ୍ୱାଳରେ
ହାଳ ପଙ୍କଜ ମୃଣାଳ ତନୁକୁ ଶମ୍ଭାଳ ନମଣି ଖାଲରେ
ତା ଲଲାଟରେ ଲାଲ ସିନ୍ଦୁର ସ୍ୱଳରେ ଅଛୁ ଖାଳରେ
କହେ କବି ରଘୁନାଥ ପଡ଼ିଲ ପାଳରେ । ୫ ।

ରାମକୃଷ୍ଣ

## ପ୍ରୀତି ପ୍ରସ୍ତାବ

( ରାଗ—ପୂରବୀ । ତାଳ—ମାଠ )

ପ୍ରାଣ ମିତ ! ପ୍ରୀତି ସ୍ୱାଦ ଅକଥନ ଅଲୌକିକ ଯହା
କେଉଁ ଦଶା ନେତ୍ରେ ଭକ୍ତି ଦେଲେ ତାହା । ପଦ ।

ସେବେ ତା ଶ୍ରୀମୁଖ ଦେଖୁଥାଇ
ଲଜ୍ଜା ପଦ ସଦେ ରହୁଥାଇ
କ୍ଷୁଧାତୁର ଅଳି — ଛାଡେ ଅସନ୍ତୋଷ
ହେଲାପରି ଲୋକ ବନ୍ଧୁଥାଇ । ୧ ।

ଅନାସ୍ଥେତ ଅଗ୍ନି ବାଧି ଭଣେ
ଯାଣେ ଯେମନ୍ତ ନ ଥାଇ କ୍ଷଣେ
ଦର୍ଶନ କୋଟି — ଜଳଦ ମଣୁଥାଇ
ଘନଶ୍ୟାମ ମଣୁଥାଇ ଲୋଚେ । ୨ ।

ମୁଖ୍ୟ ଲୋଭନ ଯାଣେ ଥିଲେ
ଅନ୍ତର ଜଳେ ଅନ୍ତର ହେଲେ
ଜଳଶୂନ ମୀନ — ଯଥା ଦେଖେ ବାଞ୍ଛି—
ଥାଇ ତା ନାମ ମନ୍ତ୍ର ଭଣେ । ୩ ।

ନ ଦେଖି ମୁଖ୍ୟ ନୟନେ ଯଥେ
ଭ୍ରମୁଥାଇ ମନ ଏଣେତେଣେ
ବାତୁଳ, ଜଡ଼ — ବଧୀର ଯଥା ହୋଏ
ଶୁଣ ଶ୍ରେଷ୍ଠ ସ୍ୱାଦ ସୁମରଣେ । ୪ ।

ରାମେ ରାମ କୃଷ୍ଣ ପ୍ରୀତି ଦଣ୍ଡେ
ଛୁଞ୍ଚି ଲୋଟେ ପ୍ରାଣ ଥିଲେ ପିଣ୍ଡେ
ଯାଣୁ ଅନ୍ତର — ହେବା ଯୋଗ ଜାଣିଲେ
ଦଣ୍ଡ ଯଷ୍ଟି ଶାଖ ଥାଇ ମୁଣ୍ଡେ । ୫ ।

# ପ୍ରୀତି ପ୍ରସ୍ତାବ

( ତାଳ—ଝମ୍ପତାଳ )

ଯାହାମନ ଯହିଁରେ ରହେ
ତା' କଥା ତାହାକୁ ଆନ ନ ବୁଝେ
ତାହା ସୁଖ ତା' ସ୍ପୃହା ସବୁରେ
ବୋଲୁଅଛ ମୁଁ ତା'ର ସେ ମୋର ସେ ।୧।

ପାଶୋରିଲେ ସୁରପଦ
ରଖାଇ ନ ଡହିଁ ସ୍ବତନ୍ତ୍ର ତତ୍ତ୍ୱ
ତତ୍ତ୍ୱ ବୁଝିଲେ ସେତେକେ ଆରତ
ଧନ ଜନ ଯିବା ଭାରୁ ଜଡ଼ିତ ।୨।

ଜଳ ତତ୍ତ୍ୱ ହେଲେ କହୁ ତ,
ପ୍ରଦୀପ ଶିଖାରେ ପତଙ୍ଗ ପ୍ରୀତି
ତନୁ ଦେଇ ରଖେ ଆରତି
ଜାଣ ଥିଲେ ସେସ୍ତୁ ଅଛୁ ବରତି ।୩।

କୁମୁ ନଭ ଚନ୍ଦ୍ର ଥିଲେ,
କଇଁଆ ତପନ ତାପ ଚନ୍ଦ୍ରେ ହେଲେ
ପୁଣି ମୀନ ଧୀବର ଜାଲେ
ଦେଖ ଦେଖ ମୀନ ଜଳ ନ ଭୁଲେ ।୪।

ଇନ୍ଦୁ ଜଳେ ଶାରଦ ଫୁଲ,
ଶୀର ସଞ୍ଚରକ ସ୍ତ୍ରୀଜନ କଳ
ହେଲେ ହେଲେ,ସେ ତହିଁ ମେଳ
ଖୋଜିଲେ କେତେଦେବ ଭକ୍ତି ଦେଖଇ ।୫।

ଭବାଲୟ ପ୍ରେମ ଏ ପଥ
ରାମକୃଷ୍ଣ କବତନ୍ତ୍ର ବର୍ଣ୍ଣିତ
ଶ୍ରୀ ଜଗଦୀଶ ଦୋଳାଗ୍ର ମିତ,
ସ୍ୱାମୀ ପ୍ରୀତି ଯିବା ମୋର ଆତ୍ମିତ ।୬।

ସୁରସପ୍ତ—ଝଙ୍କା । ନବ—ହୁମ୍ବୀର । ସାରସ୍ୱ—ଦ୍ୱଂସ ।

# ଶ୍ରୀରାଧାଙ୍କ ରସୋଦ୍‌ଗାର

( ରାଗ—କାନଡ଼ା )

ସେ ନଗନ ମୁରାରୀ ମୋ ନୟନେ ନାଚନ୍ତି । ପଦ ।

ସେ ସ୍ନେହକୁ ଝାଉ ହେଉ          ପ୍ରଳୟ ଅଗ୍ନି ଜଳୁ ଭୁଇଁ
ମନ ତାଙ୍କୁ ଧନପଦ୍ ନଉ ଭ୍ରମର ସହିଲା । ୧ ।

ସେ ଜାଣନ୍ତୁ ଯାହା ହେଉ          ସେ ଜଗନ୍ତୁ ଯାହା ଥିଲା
ଯାହାଙ୍କୁ ଦେଖିଲେ ଯେତେ ମୋ ପ୍ରାଣ ପାଉଛି । ୨ ।

ପ୍ରୀତି ମାଧବରେ କୁଣ୍ଡ          ଗଢ଼ିଲି ସେ ସାଗର ଶୁଣ୍ଡ
ସେ ଶ୍ରୀକୁ ପ୍ରୀତି ତେଜି ସେ ମଥୁରେ ବସିଲା । ୩ ।

ବାଳକୁ ଅବା ମୂଳରୁ          କିଏ ତ ପାଶକୁ ଧରୁ
ଜଳ ଗଲେ ଜିବ ସେ ମୋ ମନରୁ ନ ଯିବାଲା । ୪ ।

ରାମକୃଷ୍ଣ ଦାସ ଭାଷୀ          ସ୍ୱରୂପ ଶ୍ରୀ କରଣୋଷ୍ଣ ଭକ୍ତି
ନାଶିଲି ମୋ ଦୁଃଖ ଲତା ଫଳ ଫଳା ଯାଉଛି । ୫ ।



# ପଥାବରୋଧ

## ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀରାଧା

( ତାଳ—ଏକତାଳି )

ଛାଡ଼ ନ ଧର ମୋରେ ବାଟରେ ଆସି
ସ୍ୱାଟେକ ଲୋଡ଼ିଲେ          ମୋ ଭାଇଙ୍କ ଦେବ
ପାଟେକ ସୁଲଟା ଅବାଟକୁ ଯାନା । ଘୋ ।

ପାଦ ନ ଟଳେଇ          ପ୍ରମାର୍ଦ୍ଦୁତୋ ପ୍ରୀତ
ଅଧର ଭଣ୍ଡ ଅପବାଦ ଲଗାନା । ୧ ।

ଶାଗର ଘରେତା          ପୁଷ୍ପାଗର ଶାଠ
ଦୀପ ବନ୍ଧୁ ନଟ ନାଗର ବାନା । ୨ ।

ଭାଳଭ ନ ଘର          ତୋ ବାଳକ ସୁଳ
ସୁଲଭ ପଥେର ଭାନ୍ତୀ ଆନା । ୩ ।

ଯା କର ଧର ମୁଁ          ତୋ ସୁନ୍ଦର ବୋଲୁ
ତା କର ଧର ଏତେ ଟାକର ଖାନା । ୪ ।

ରାମକୃଷ୍ଣ ବଦନ୍ତି          ଘାମର ଲୋଟେଭ
ଶ୍ୟାମରେ ନ ଧୋଇବେ ଶ୍ୟାମ ଲୁଣାନା । ୫ ।



ସ୍ୱାଟେକ—ସୁବର୍ଣ୍ଣ । ଭାଇଙ୍କ—କର୍ଣ୍ଣଭୂଷଣ ।

# ଶ୍ରୀରାଧାଙ୍କ ନବାନୁରାଗ

## ସଖୀ ପ୍ରତି ଶ୍ରୀରାଧା

( ରାଗ—ଇମନ )

ବ୍ରଜ ଯୁବରାଜ ଆଜ ମନବୃତ ମୋର ମୋହି ନେଲା ଗୋ । ପଦ ।

ଶ୍ୟାମଘନ ଛବି କି ଦେଖି
ଆଖିତ ମୋ ରହିଲା ଲାଗି
କାହୁଁ କାନ୍ତି କେତେ ଲଚ୍ଛୀ କି ଶିଖିଛି
ରହୁଁ ରହୁଁ ତେଜା ଭୃଙ୍ଗ ଗଲାରେ । ୧ ।
ବମ୍ବୁଦମ୍ବୁର ଅଧର
ଦରହାସ କେତେ ମଧୁର
ଦୂରୁ ରହି ସ୍ୱରୁ ସ୍ୱରୁ କମାଲ
ତରଳ ନୟନେ ଠାରି ଦେଲା ଗୋ । ୨ ।
ନୋହେ ତାର ନୟନ ଠାର
ସେକି ଧନୁ କାଣ୍ଡ କୁଠାର
ସେଣୁ ସେଣୁ ତାର ନବ ନବ ଘାତ
ତନୁ ଗାଜ ମୋର ଅଧ ଗଲା ଗୋ । ୩ ।
ନ ଶୁଣିଲି ଆନ ଶବଦ,
ନ ଚାଳିଲି ପଦେ ଚରଣ
କୁଳବଧୂ ସଖୀ ଦରତ, କୁଳତ
ଦେଖୁ ଦେଖୁ ମୋର ଯାଉ ଗଲା ଗୋ । ୪ ।
ରାମକୃଷ୍ଣ କହେ ସଜନୀ
ହେବ ତାର ପ୍ରୀତି ଭଜନୀ
ଜାଣିକି ନ ଥିଲି ଏତେକ ପରମାଦ
ଅଜାଣେ ତା ଭେଟ ପଡ଼ିଗଲି ଗୋ । ୫ ।



# ନଖାନୁରାଗୀ ଶ୍ରୀକୃଷ୍ଣ

( ରାଗ—ମେଘନା )

ମନ ହ୍ଲାଦ ନାଦକ ତୋହ୍ନ ସ୍ୱରରେ, ପ୍ରାଣ ପ୍ରୀତ ! ଘୋଷା ।

ସ୍ୱର ସୁହାଁଶିରେ କଯାଳରି ଦରହାସ ସ୍ପଷ ଲଗାଇଛି
ଝାଙ୍କି ମୋ ବକ୍ଷକୁ ଚୁମ୍ବାଇ ଦଅଇ, ଧନ ତୋର ସ୍ୱରୁ ଭୃକୁ ଭଙ୍ଗିରେ ।୧।

ଗୋରଚନା ସ୍ୱରୁ ଅଙ୍ଗ ଶୋଭ ସିନ୍ଦୂର ବିନ୍ଦୁ ଚନ୍ଦ୍ରିକା ବୋଲ
ମୃଗମଦ ରସ କଲିକା ଦେଖିଲେ ଛନ୍ଦ ଭୃଙ୍ଗ ମନ ହୋଏ ଭୋଗ ।୨।

ମେକେ ଘନୁ ରକ୍ତ ଚନ୍ଦ୍ରିଗୁଣ କେଶର ବଳା ଗଳା ଦାନକରଣୀ
ସେକ ଜନ୍ମ ଆଲ ମୋ ତନୁ ଜମ୍ବାଇ, ଶୁଦ୍ଧି ମୋ ଭୃକି କରୁଥାଇ ଦଣା ।୩।

ସ୍ୱରେ ଧାଉଥାଇ ବକ୍ଷ ବକ୍ଷ ଅଳପ ତୋଳନ୍ତି ସୁଦ୍ଧି ସୁଦ୍ଧି
ଫୁଲଇ ନାସିକା କମ୍ପୁଛି ପଦକ, ପଦକ ପଣ ଅଙ୍କୁ ମୁଁ ବନ୍ଦି ।୪।

ଘେନ ବା ନ ଘେନ ଏକାନ୍ତରେ ମୋ ମନତ ଶୁଦ୍ଧ ନାହିଁ ତୋତେ
ଦାଣ୍ଡ ବଚନର କଥା କେବଳ, ବୋଲି ନାଗର ବାଞ୍ଛୁଛି ଏ ଜଗତେ ।୫।

ରାମକୃଷ୍ଣ ଏତୁ ଭଣେ ଭଣି ବୁଝି ସ୍ୱପନ୍ତ ମୁରଲି ପାଣି
ପଦ୍ମଠାରୁ ମନ ଶୁଦ୍ଧକ ଦେବାକୁ, ଯୁ ମୋର ସତ ଅହୋପ ମଣି ।୬।



# ପ୍ରେମ ବୈଚିତ୍ର୍ୟ

## ସଖୀ ପ୍ରତି ଶ୍ରୀରାଧା

ମୁଁ ରତ ହେଲି ଯାହିଁରେ ମୋର ତ ନୋହିଲରେ । ପଦ ।

ଯା ବୋଲ ଶୁଣନ୍ତୁ ସଖୀ ଗୁରୁଜନ ମୁଁ ନ ରଖି
ମୋ ଦୁଃଖ ଶୁଣି ଏବେ ସେ ନିଷ୍ଠୁର ହୋଇଲାରେ । ୧ ।

ତୁମ୍ଭେ ମୋ କେତେ ସୁହୃଦ ପ୍ରାଣରୁ ପ୍ରୀତି ଅଭେଦ
ତୁମ୍ଭଙ୍କୁ ଯା ଦେଲି ଭେଦ ଏତେକ ରହିଲା ଗୋ । ୨ ।

ସଖୀମାନଙ୍କ ଅଭ୍ୟାସ ସହୁ ନ ଥିଲି ଲାଳସ
ସେ ଥିଲା ଭୁଲି ମୁହିଁ'ସ ଏଣିକି ପାଇଲି ଗୋ । ୩ ।

ସେ ହେଲା ଦୁଃଖ ଦୁଃସହ ଶୁଣି ତହିଁ ଲାଗେ ଦ୍ରୋହ
ଧିକ ଏ ପ୍ରାଣକୁ ଦେହ ଝାଉଁଳି ଯାଇଲା ଗୋ । ୪ ।

ଯା ପ୍ରେମ ଜନ୍ମାଦ ରସ ଆଶାରେ ହେଲି ଲାଳସ
ଯା ଲାଗି ମୋର ଉଲ୍ଲାସ ସେ ମୋତେ ଦହିଲା ଗୋ । ୫ ।

ରାମକୃଷ୍ଣ ଭଣେ ଶୁଣି ସ୍ୱପେ ଶ୍ରୀକଣ୍ଠେଶ୍ୱ ସଙ୍ଗି
ଅସର ସନ୍ତାପ ସ୍ୱୀଟି ଏ ଦେହ ସହିଲା ଗୋ । ୬ ।



## କଳହାନ୍ତରିତା ଶ୍ରୀରାଧା

ନନ୍ଦ ନନ୍ଦନ ଦୁଗ୍ଧ ଚନ୍ଦନକୁ ମନ ମଠରେ କେତେ ଦୁଷ୍ଟ ଭଲି ।୦।

ବାଳଶ ବୁଦ୍ଧି ବଳେ    ଭାରି ଲଘାଭ ଭୁଲେ
କାଞ୍ଚ ପୀୟୂଷ ଲତା ଖିଳା ମଲି ।୧।

ହୀଣ ପଣରୁ କାଣ    ଲଭିଲି କଳୁଷଣ—
ପାଣିକି ଘଷି ଜଳ ପ୍ରାଣ ଦେଲି ।୨।

ବାମ ସ୍ୱଭାବ ଜନ    ଦାସକୁ ନ ଜାଣଣ
ବୋଲି ନ ଶୁଣି ଉଦାସ ହେଲି ।୩।

ମଦନ ପରମାଦେ    ପଡ଼ିଲି କି ବିଷାଦେ
ସୁଧାକୁ ଦେଲି ବାଟେ ପାଦେ ପେଲି ।୪।

ନ ପାଇ ଗଲେ ଫାଶି    ଚଢ଼ିବ ଶକ୍ତି ନାହିଁ
ଭଣିତ ରାମକୃଷ୍ଣ ଝପିଗଲି ।୫।



ବାଳଶ—ମୂର୍ଖ ।

**ରାମଚନ୍ଦ୍ର ଦେଓ**

## ବାସକ ସଜ୍ଜା—ରାଧା

( ରାଗ— ଲଳିତ କାମୋଦୀ । ତାଳ— ଆଡ଼ )

କାହିଁକି ନଆଇଲେ ଶ୍ୟାମ ଏ ଯାମିନୀରେ
ସହିଁକି ଥିଲି ମୋ ଆଶା ଗଲା ବୃଥାରେ । ଘୋଷା ।
ମଣ୍ଡନ କେଲି ବାସକୁ କଲି ଯତ୍ନରେ (ସଖୀରେ)
ଖଣ୍ଡନ କଲେ ମୋ ଆଶା ନ ଆସି ନାଥ ମୋ ପୁରେ । ୧ ।
ଭଲ ଯେ ମୁଁ ବସିଥିଲି ଦିବ୍ୟ ବେଶରେ (ସଖୀରେ)
ଛଳି ସେ ନାଗର ବର ବଞ୍ଚିଲେ ସନ୍ତାପ ମୋତେ । ୨ ।
ରଜନୀ ଗଲା ମିଶାଇ ଘନ ଶାରଦରେ (ସଖୀରେ)
ରଜନୀ ମୁଁ ରହିଥିଲି ନାଗବଲ୍ଲୀ ସଜ୍ଜିତରେ । ୩ ।
ଅଏ ଯା ବଂଶୀ ଶୁଣିକି ଏବେ ସତ୍ୱରେ (ସଖୀରେ)
ଭଣେ ରାମଚନ୍ଦ୍ର ଦେଓ କୃଷ୍ଣଙ୍କୁ ସ୍ମରି ମନରେ । ୪ ।

●

## ବଂଶୀ-ଶବଦ

( ରାଗ—ବେଲାବଳୀ । ତାଳ— ଝୁଲା )

**ସଖୀ ପ୍ରତି ଶ୍ରୀରାଧା**

ପ୍ରାଣ ସଙ୍ଗିନୀରେ ହେଲା ବଡ଼ ପରମାଦ
ଶୁଣେ କି ରଞ୍ଜନ ଧରଣୀ ଗଞ୍ଜନ
ମୋହନ ମୁରଲୀ ନାଦ (ଘୋଷା)

ଝାଳେକ ସରସରେ ନରହେ ବାସରେ
କରଚେ ଶ୍ରୁତି ବିବାଦ ।

ଶୁଣିବା ମାତ୍ରକେ ଅନ୍ୟ ତା ବ୍ୟାପକେ
ମନରେ ହୁଏ ବିଷାଦ । ୧ ।

ଥରେ ଗୁରୁଜନ ଦେଖିଲେ ତରଜନ
ଝିଙ୍କି ହୁଏ ଧରି ପାଦ ।

ଝୋଳାଇଣ ପ୍ରବଳ କରଏ ବକଳ
ମଦନ ମନ ଉନ୍ମାଦ । ୨ ।

କି ମଧୁର ଧ୍ୱନି ନିଗମ ସେ ଧ୍ୱନି
ସୁଧାରୁ ବଳି ସୁଆଦ ।
ମଜାଇ ଚିତରେ ଯତ ଚରଣରେ
ଛଡ଼ ଭରେ ପରିବାଦ । ୩ ।
ରାମଚନ୍ଦ୍ର ଦେଓ ବୋଲେ ନୁହେଁ ଆଉ
ଅନ୍ତ ଯେ ଗୁଣାନୁବାଦ ।
ହୋଇଗଲେ କଣ୍ଠଶୋଷ ଉଦଳକ ପାଶେଣ୍ଡ
କେମନ୍ତେ ତାହା ଆସ୍ୱାଦ । ୪ ।

## ମାଥୁର

( ରାଗ—ଭୂପାଳି । ତାଳ—ଝୁଲା )

ସଖୀ ଭୁଲ ସବେଁ ଯିବା ମିଳ ମଥୁରା ପୁର
ଦେଖିବା ସବୁ ଯିବନ୍ତି ଧୃଷ୍ଟକାରର । ଘୋଷା ।

ଯେ ମୋହନ ବେଶଧରି ମୋହିଲେ ଅମର ପୁର
ଯାହାଙ୍କର ବେଶେ ଲୁଣ୍ଠୀ ହେଲେ ଶଙ୍କର । ୧ ।
ଯେ କରେ ମନ୍ଦର ଧରି ରଖିଥିଲେ ଗୋପପୁର
ଦେଖି ପଡ଼ଗଲେ ଇନ୍ଦ୍ର ନିଜ ମନ୍ଦର । ୨ ।
ଯାହାଙ୍କ ମୁରଲୀ ଧ୍ୱନି ମୋହିତ କରେ ପବନ
ଗୋପାଙ୍ଗନା ସବେ ସବୁ ଭୁଲନ୍ତି ଘର । ୩ ।
ଯେ ମୋହନ ରୂପ ଦେଖି ସଫଳ କରିବା ଆଖି
ପାପତାପ ଶୂନ୍ୟ ହେବ ଅମ୍ଭ ଶରୀର । ୪ ।
ଏ ମନ୍ତ୍ର ସକଳ ନାଶ ତରେଇ ଧାମ ଭବ ଦୂର
ରାମଚନ୍ଦ୍ର ଦେଓ ବୋଲେ ହେଲେ ବାହାର । ୫ ।



# ବାତ୍ସଲ୍ୟ

କୃଷ୍ଣ ଚନ୍ଦ୍ର ବଦନକୁ ନ ଚିତ୍ତରେ
ଧନକୁ ମାଗୁଣି ଏତେ
କଂସ ଡଗର ବଳରେ ଭୁଲ୍ଥିବେ
ଧନ୍ୟ ଯେଣ ଗିବେ ତୋତେ ! ଯୋଷା ।

ବରଜନ ଦେଲ ଭୃଖାଏ ବାଲୁଙ୍ଗ
ଘର ଧନ ତନ ଦେଲ ।
କର ଧନ୍ୟ ବାଳୁ ତୋତେ ମୁଁ କହୁଛି
ଏ ପୁତ୍ରୁ ଗିବାକୁ କାହିଁ । ୧ ।
ସକଳେ ଭାଙ୍ଗିବା ପୁତ୍ରୁଣୀ ସେ ମାଳି
ଗଢ଼ିବା ଦଧି ପଶରା ।
ଅଛି ପାଣ୍ଡୁ ତୋତେ ଦଣ୍ଡେ ନ ଛାଡ଼ିବ
ତୁ ମୋର କୃଷ୍ଣ ପାଶୋରୁ ! ୨ ।
ଗଗନକୁ ବସ୍ତ୍ର ଶୁଣେ ଯେଉଁ ଅମ୍ବର
ମଣାରେ ଅଳପ ଶୁଣ !
ସ୍ୱନାରେ ରେଜଣେ ଖଲେ ଯେଉଁ କ ଦେଵ
ବନାରେ ଭୁଲବା କାଠ । ୩ ।
ଯୋଡ଼ହାଲ୍ ମୋର ଏ ଶିଘ ସମ୍ପତ୍ତି
ଜନଧାର ବୃନ୍ଦାବନ
ବୋଲେ ରାମଚନ୍ଦ୍ର କୃପତେ ବଦନେ
ତୁ ମୋର ଜୀବ ଜୀବନ । ୪ ।



ରାୟ ରାମାନନ୍ଦ

## କଳହାନ୍ତରିତା

### ଶ୍ରୀକୃଷ୍ଣଙ୍କ ଦୂତୀ ପ୍ରତି ଶ୍ରୀରାଧା

( ରାଗ—ଭୈରବୀ )

ପହିଲହି ରାଗ ନୟନ-ଭଙ୍ଗ ଭେଲ ।
ଅନୁଦିନ ବାଢ଼ଲ ଅବଧି ନା ଗେଲ ॥

ନା ସୋ ରମଣ ନାହାମ ରମଣୀ ।
ଦୁହୁଁ ମନ ମନୋଭବ ପେଷଲ ଜାନି ॥

ଏ ସଖି ସେ ସବ ପ୍ରେମ-କାହିନୀ ।
କାନୁଠାମେ କହବି ବିଛୁରଲ ଜାନି ॥ ଧ୍ରୁ ॥

ନା ଖୋଁଜଲୁଁ ଦୂତୀ ନା ଖୋଁଜଲୁଁ ଆନ ।
ଦୁହୁଁକ ମିଲନେ ମଧ୍ୟତ ପାଂଚ-ବାଣ ॥

ଅବ ସୋ ବିରାଗେ ତୁହୁଁ ଭେଲି ଦୂତୀ ।
ସୁପୁରୁଖ-ପ୍ରେମକ ଐଛନ ରୀତି ॥

ବର୍ଦ୍ଧନ-ରୁଦ୍ର-ନରାଧିପ-ମାନ ।
ରାମାନନ୍ଦ ରାୟ କବି ଭଣ ॥ ୭ ॥



ଖୋଁଜଲୁ—ଖୋଜିଲି । ଦୁହୁଁକ—ଦୁହିଙ୍କ । ମଧ୍ୟତ—ମଧ୍ୟସ୍ଥ । ସୁପୁରୁଖ—ସୁପୁରୁଷ । ଭଣ—ଭଣିଲେ ।

ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମ ।

## ଶ୍ରୀଚୈତନ୍ୟ ଜଣାଣ !

( ଘୋଷବାଣୀ )

ଅହେ କୃଷ୍ଣ ଚୈତନ୍ୟ ପତିତପାବନ,
ଏ ସମୟରେ ଥରେ କୃପାକର
କୋଟି କୋଟି ଦୁଃଖୀର ଶୁଣନ୍ତୁ ଗୁହାରି
ଦୟାଭୂତ ହୁଅ ଏକବାର । ୧ ।

ତୁମ୍ଭ ବିନା ଏ ସଂସାର ଭିତରେ ମୋହର
କେ ଅଛୁ ଶରଣ ମନୋହର ।
ଯେତେକ ବନ୍ଧୁଅନ୍ତ ହେଲା, ଭବ ଜଳେ ଭେଳା
ବୁଡ଼ିଗଲି ହେ ଦୁଃଖର ଧର । ୨ ।

× × × ×

ତବ ପ୍ରିୟ ଗଦାଧର ସେଠାରେ ତାଙ୍କର,
ଯେଉଁ ରୂପେ ହେଉ ସେବାକାଙ୍କ୍ଷ ।
ତହିଁ ତୁମ୍ଭେ ସେହି ମୂର୍ତ୍ତି ତୁମ୍ଭ ତାଙ୍କ ପ୍ରୀତ
ଆସ୍ୱାଦକ ସଦା ମନଭଣ । ୩ ।

ଜାଣ ଚତୁର୍ଦ୍ଦଶ ପଦ ସମ୍ପୂର୍ଣ୍ଣ ଏ ଗୁଣ
ଶଙ୍କର ଚନ୍ଦ୍ରଙ୍କ ଏ ଜଣାଣ ।
ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଳୀଙ୍କ ବାଣୀ
ପଢ଼ିଲେ ପାପରୁ ପରିତ୍ରାଣ । ୪ ।



# ଶ୍ରୀ ରାଧାକୃଷ୍ଣ ଝୁଲଣ

— ୧ —

"କୁଞ୍ଜମନ୍ଦିରେ ଦମ୍ପତି । ଝୁଲେ ପୂରାଇ ସମ୍ପତି ।୧।
ରଙ୍ଗ ତରଙ୍ଗ ହିନ୍ଦୋଳେ । ଝଙ୍କୃତ ବଂଶୀ କଲ୍ଲୋଳେ ।୨।
କର୍ଣ୍ଣେ ମକର କୁଣ୍ଡଳ । ଅନ୍ଦୋଳେ ଗଣ୍ଡ ମଣ୍ଡଳ ।୩।
ଦୃଷ୍ଟି ଶାଶ୍ୱତ ସୁନ୍ଦର । ଅନନ୍ତ ଭାବ ପୂର୍ଣ୍ଣର" ।୪।

— ୨ —

"ରତ୍ନ ଖଚିତ ହିନ୍ଦୋଳେ । ଝୁଲନ୍ତି ରସେ ଯୁଗଳେ ।୧।
ମେଘଙ୍କର ଘଡଘଡି । ମଣ୍ଡୁକ ଡାହୁକ ରଡି ।୨।
ଦୃଷ୍ଟି ଭରିଲ ସ୍ୱର୍ଗର । ଗାରଧାର ମନୋହର ।୩।
ବିଜୁଳି ଚମକି ଉଠେ । କୃଷ୍ଣ ଭୁଜ ରାଧାକଣ୍ଠେ ।୪।
ସ୍ୱେଦପୂର୍ଣ୍ଣ ଭାଳେ ଶୀତ । ଭାବପୂର୍ଣ୍ଣ ତୃପ୍ତାରତ" ।୫।

— ୩ —

"ଝୁଲଣ କୁଞ୍ଜେ ଝମ ଝମ ପାଦୁକରେ ।
ଚଳ ଦୋଳେ ଶିଙ୍କି ଦରଶନ ଦରଶଦରେ ।୧।
କର କଙ୍କଣ ଝମ ଝମ ସ୍ୱରଳରେ ।
ପବନସାଜ କରନ୍ତି ସ୍ୱରଳରେ ।୨।
ଘନଘନ ଘଡଘଡି' ଧାରା ରସ୍ତଣରେ ।୩।
ଡାହୁକ ଡାକେ ଝୁଣ୍ଟିଆ ଡେଙ୍ଗ ନରେ ।
ଦେଖିବା ଭାଳେ ଏ ରଙ୍ଗ ଝୁଲଣରେ ।
ଶ୍ରୀଚରଣେ ଭାବପୂର୍ଣ୍ଣର ନୈବେଦ୍ୟରେ" ।୪।

— ୪ —

"କୁଞ୍ଜେ ଏକା କୁଞ୍ଜେମିଳି ରଙ୍ଗିଳ ପୁର ଗୋପୀକା ।
ଝୁଲେ.... ନାଗରବର ମୋହନଙ୍ଗ ରାଧିକା ।
ଶୁଣ ମେଘ କଳକୁଟର ଭାବ ପୂର୍ଣ୍ଣର ଉପାସିକା ।"

— ୫ —

"ଚନ୍ଦ୍ର ବଦନ ସୁଧା ପ୍ୟାସ । ଯୌବନ ମଦ ରସରେ ପାଗ ।
ନ ଲଭ୍ତମ୍ ଏ ମତ ହ୍ରାଧ୍ ଯେ ସେ ବାଂଶସ୍ୱ
ଗୌର ମଗନ୍ ଦୋହେ ପ୍ରବାନ୍ ଭଗତ୍ ସୁଓ ସ୍ୱରୂପ ।
ବାଜନା ଭୁଲ୍ ତାଲ୍ସେ ଭକ୍ତପୂର୍ଣ୍ଣ ବୃନ୍ଦା ବପନ" ।

— ୬ —

ଦୋ କୁଞ୍ଜେ ନ ଡୁଲ୍ । ଗଣ୍ଡମଣ୍ଡଲ୍ କୁଣ୍ଡଲ୍ ଦୋଲେ ।
ଜୈସ ଦାଶୀ ଯେ ଜଗମଗାଓ ।
ସଜଲ ଜଲଦ୍ ସେ ଏ ଭକ୍ତପୂର୍ଣ୍ଣ ବୃନ୍ଦା ଧାଓ ।

●

ସାଲବେଗ

## ବଂଶୀ ଶଭନ

( ରାଗ—ଝୁଲ )

ସଖୀ କୃଷ୍ଣବଦନେ ବଂଶୀ କେ ବଜାଇଲା ଗୋ । ପଦ ।

ସ୍ଥିର ତରୁମାନେ ଥିଲେ    ଧ୍ୱନି ଶୁଣି ପଲ୍ଲବିଲେ
ପବନ ସ୍ତମ୍ଭିତ ହୋଇ ରହିଲା ଗୋ । ୧ ।
ପାଷାଣ ଦ୍ରବନ୍ତି ପାଣି    ଯମୁନା ଫେରେ ଉଜାଣି
ଜଳ ଛାଡ଼ି କୂଳେ ମୀନ ରହିଲା ଗୋ । ୨ ।
ବାଜ ଧୀରେ ଶୁଣୁ ପକ୍ଷୀ    ଲଜ୍ଜା ବନ୍ଧ ଗଲା ଛିଡ଼ି
ବଦନ ପିଞ୍ଜରେ ତଳ ନୋହିଲା ଗୋ । ୩ ।
ମୃଗିଙ୍କ ଅଶ୍ୱନ ଟଳି    ଉପରେ ପଡ଼ିଲା ଉଳି
ବ୍ୟାଘ୍ର ପଛେ କୁରଙ୍ଗୀ ଶୋଭାଇଲା ଗୋ । ୪ ।
କହେ ସାଲବେଗ ହୀନ    କାତରେ ଅଟେ ଶରଣ
ରାଧାକୃଷ୍ଣ ପଦେ ଚିତ୍ତ ରହିଲା ଗୋ । ୫ ।

# ଝୁଲ ବେଶ

## ମିଳନ

ବାମେ ସ୍ୱର୍ଣ୍ଣଲତା          ଦକ୍ଷିଣ ବାଳକ
ବାମେ ଥିବ ଅନୁପାମ ରେ ।
ମୂର୍ଚ୍ଛି ତଣ୍ଡି          ଭୂପାଙ୍କ ସୁମଧୁର
ଯନ୍ତ୍ର ସ୍ୱର ରଚ ଗୀତ ଦେ ।।
ଦେହ ମାଦକ          ଭାଲ ଚନ୍ଦ୍ରାସ୍ତ
ମାଦକ ଶ୍ୟାମା ଶ୍ୟାମ ରେ ।
ଆନନ୍ଦେ ତରଙ୍ଗିତ          ବଢ଼ିଲ ଯମୁନା
ଏ ରୂପ ସଖି ସୁଖ ଧାମ ରେ ।।

ନବ ନାଗର ଭାନୁ ସୁଧା ସେ ତରୁଣୀ ।
ନବ ଜଳଧରେ ଯେସ୍ନେ ଶୋଭିତ ଦାମିନୀ ।

ମୋହିତ ନାରଦ          ସୁର-ନର-ମୁନି
ମୋହିତ ବ୍ରହ୍ମା ଶଙ୍କରେ ।
ସ୍ୱର୍ଣ୍ଣ ଜରଦନ୍ତ          ଝଲସି ଲୁହୁଣୀ
ଶୋଭିତ ଶ୍ୟାମ ସର୍ବେଶରେ ।।
ହଂସ ସାରସ          ଗଢ଼ କ ତାଣ୍ଡବ
ଗାହିଲ ଶବଦ ମନୋହରେ ।
ବାଳବେଶ ପିନ୍ଧି          ଉଦୟି ଲଲନ
ନୟନ ନନ୍ଦ ନନ୍ଦୁ ଦେଖାନ୍ତୁ ରେ ।।



# ସିଂହ (ଭୂପତି)

## ବର୍ଷା ବିରହିଣୀ ଶ୍ରୀରାଧା

### ( ରାଗ– ମଲ୍ଲାର )

ମୋର ବନ ବନ ଶୋର ଶୁଣନ୍ତ
ବାଢ଼ଇ ମନମଥ ପୀଡ଼ ।
ପ୍ରଥମ ଗ୍ରୀଷ୍ମ ଆଷାଢ଼ ପଇଁଲା
ଅବହୁଁ ଗଗନ ଗମ୍ଭୀର ॥
ବଦନ ଗସୁଣ ଆର ସଖି କେକେହେ
ମୋହନ ବନେ ପାଉଁଛେ ॥
ଅଉଛେ ଶାଉନ ବରଷେ ଭୁବନ
ଘନ ଶୋଭାସୁନ ବାରି ।
ପଞ୍ଚଶର ଶର ଛୁଟଇ ରେ କେଇଛେ
କଇସେ ବିରହିନ ନାରି ॥
ଅଉଛେ ଭାଦୋ ବେଗର ମାଧୋ
ଜାନେ କବ ଭଇ ଦୁଖ ।
ଜଡ଼ରେ ଡରଡର ଡାକେ ଡାହୁକ
ଛୁଟଇ ମଦନ ବନ୍ଦୁକ ॥
ଅଶ୍ୱ ଆଶିନ ଗଗନ ଗୁ-ଞ୍ଜିନ
ସଘନ ଘନ ଘନ ବୋଲ ।
ସିଂହ ଭୂପତି ଭନଇ ବିନନ
ବାରହ ମାସକ ବୋଲି ॥

●

---

ବନେ ବନେ ମୟୂରର ଶବ୍ଦ ଶୁଣି ମୋର, ମନମଥ ପୀଡ଼ା ବଢ଼ୁଛି । ପ୍ରଥମେ ଗ୍ରୀଷ୍ମ ଆଷାଢ଼ ଆସିଲା, ଗଗନ ଏବେ ଗମ୍ଭୀର । ସଖି ମୋହନ ବିନା ଏଇ ବନ ଭଜନା କପରି କଟାଇବି ? ଶ୍ରାବଣ ଆସିଲା, ଶୋଭନ ଭର୍ଣ୍ଣରେ ଜଳ ବର୍ଷୁଛି । ମଦନର ବାଣ ଛୁଟୁଛି, ବିରହିଣୀ ନାରୀ କପରି ବଞ୍ଚିବ ? ଭାଦ୍ର ଆସିଲା, ମାଧବ ଛଡ଼ା ଏ ଦୁଃଖ ଅଉ କାହାଆଗେ କହିବି ? କର୍ଦ୍ଦମରେ ଡାହୁକ ଡର ଡର ଧ୍ୱନି କରୁଛି । ସେପରି ମଦନର ବନ୍ଦୁକ ଛୁଟିଛି । ଅଶ୍ୱିନ ଆସିଲା, ଗଗନ ମୁଖର ହୋଇ ଉଠିଲା । ମେଘର ଘନ ଘନ ବୋଲ ହେଉଛି । ସିଂହ ଭୂପତି ଏଇ ବିରହର ସ୍ୱରୂପାଖ୍ୟା ବର୍ଣ୍ଣନା କରୁଛନ୍ତି ।

ସୋମନାଥ ସିଂହ

# ହୋରି

ବରଜନାରୀ, କୁଞ୍ଜବନେ ମିଶିଧାଇଁ,
ଆସ ସଖୀଗଣ ଖେଳିବା ଯେ ହୋରି ବୋଲି ଡାକଇ ବାଂଶୀ । ୦ ।

ଶୁଣିମନ ଟାଳ ହୋଇଲେ ଆକୁଳ
ଚଳିଲେ ପୁଲକ 'ଭର
କେ ବୋଳାଇ ମିତ ଆଣି ଯୋ ରଞ୍ଜିତ
ବୋଲି ଧାଆନ୍ତି ଚହୁଁପି । ୧ ।
କେଉଁ ଲଂଜ ବେଣୀ ଅଧର ଧରନ୍ତି
ଫୁଲଧନୁକେଶ ଧରି
କା ହାତେ କଂସାଳ କେ ଅଧା ମର୍ଦ୍ଦଳ
ସିଂଘା ବାଇଁଶୀ ମଞ୍ଜୁଳ । ୨ ।
ସବେଂ ଚନ୍ଦ୍ରମୁଖୀ ନବୀନ ବୟସୀ
ଏବେ ଯେତ ସୁକୁମାରୀ
ବେଶ ଅସମ୍ଭାଳ ବାସ ଖେଳେ ଭଳ
ଧୂଳି ଗଗନରେ ଧରି । ୩ ।
କେ କାହାକୁ ବଳ ଗାଲ ପାଖେ ମିଳ
ହେଜିଲେ ଦେଖି ଶ୍ରୀହରି
ଅବିର ନଅଣ ନଟବର ମନ
ନାଚୁଥିଲେ ଫଗୁ ମାରି । ୪ ।
ସୋମନାଥ ସିଂହ ଗାରବର ବୋଲେ
ସେ ଶୋଭା କେ କହୁ ପାରେ
ଦେଖନ୍ତୁ ଦେବ ଲୁଚି ଆକାଶକୁ ଅବେ
ବଜାଇଣ ଶଙ୍ଖ ଭେରୀ । ୫ ।



# ପ୍ରେମଭୈରବୀ

କାଳର ମୋହନ ରୂପ ମୋହିଲାରେ, ମୋହିଲା ସଖୀ ଅତନୁ ଦହିଲାରେ
ଘନ ଘନ ନବଘନ ଦେଖି          ଝୁର ଝୁର ନେତ୍ର ଝର ସଖି
ନୀର ନାଇଷତ ଚକ୍ଷୁ, କୋହିଲାରେ । ଘୋଷା ।

ସଜନି ସତ୍ୟ ନୂପୁର ଅନୁସରେ, ଚଉ ଝଲକତ ମୁଖ ତାହା କରେ
ଲଭିଥିଲି ଯଦି ତାହା          ଝୁଅଇ ଅନବରତ
ନ ରହେ ସ୍ୱଭାବରତ, ନ ହେଲାରେ । ୧ ।

ଦମ୍ଭ କତ କରିବ ଲୁଣ୍ଠ ପାଶୋରିଲି, ଅଧିକ ଦେଖ ପ୍ରତନେ ସବୁବଳ
ପାଶରିବ ଏହା ସତ୍ୟ          ସଫୁଲେ ନ ସହେ ଚିତ୍ତ
ଅହ୍ନି ନାହିଁ ଏବେ ଦେଖା, କୋହିଲାରେ । ୨ ।

କଷମ ହେମଣି ଦଶାର ସାଗର, ମୋହର ଶଣ ଭୃକ୍ଷ ସନ୍ତାପରେ
ଶୁଣ ଏତେ ନାଲେ ଏହା          ବହୁଲେ ନର୍ମ ସ୍ପୃହା
ଅଦ ଦେକ୍ଷ ନାହିଁ ସାହା, କହିଲାରେ । ୩ ।

ପରମାଦ ପୀରତିକ କରେ ସ୍ତୁତ, ଏବେ ହେମଣି ନକବ ପ୍ରେମ ଭବ
ନ କରଣ କରେ ମୋହ          ଶୁଳେ ନ ଲୁପାଏ ଦେହ
ଏବେ ବସ୍ତୁତ ସନ୍ଦେହ ମିଳିଲାରେ । ୪ ।

ଲଶାଚଳିଣି ଏଥର ଦମ୍ଭ ନୋହେ, କସ୍ପିତ ଜାଣ ଭୃକ୍ଷ ତାଙ୍କ ସ୍ନେହେ
ଏଣିକ ନାହିଁ ବିସ୍ତର          ମଲଜେ ଶ୍ୟାମ ସୁନ୍ଦର
ଶୋମନାଥ ଶାରବର, ଷମିଲାରେ । ୫ ।



# ଶ୍ରୀକୃଷ୍ଣ ରୂପଶ୍ରୀ

ସୁଧି ଅନାଥ ରେଁ ଏ ଦୁଖ ଦାଣ୍ଡର
ବସ୍ତୁ ବୃନ୍ଦାବନ କୃଷ୍ଣ ଅଟେ ସାର । ଘୋଷା ।

ନବଘନ ଶ୍ରୀଇ ତାଙ୍କ ଗୋପାଳ ଅଧର
ଚନ୍ଦ୍ରମା ପରାଏ ବଦନ ଯଶୋଦା କୁମର । ୧ ।

ମାଳକଣ୍ଠ ଶୁଚ୍ଛ ଚୂଳ ବିଶାଳ ସୁନ୍ଦର
ଏ ମସ୍ତକେ ସାଜିଅଛୁ ବେଣୀକ ତାହାର । ୨ ।

ଭାଲେ ଗୋରଚନା ଚିତା ଅତି ମନୋହର
[illegible] ଦିଶେ ନାକେ ମୁକୁତା ତାହାର । ୩ ।

କୁଣ୍ଡଳେ ପଦକ ଶୋଭେ ନାନା ଅଳଙ୍କାର
କରରେ ମୁରଲୀ ତାର ପୁବାଜନ ମାର । ୪ ।

ଏ ରୂପ ଦେଖିଣ କେଉଁ ନୋହିବ କାତର
କହେ ଗୋମନାଥ ସଖା ମୋ ମନ ଅଧୀର । ୫ ।



**ଶ୍ୟାମ ବଡ଼ଶାର**

## ମାନଭଞ୍ଜନ ଶ୍ଳୋକ

ଆରେ ବନ୍ଧୁ ଅରେ ବନ୍ଧୁ, ଟେକ ମୁଖ ଇନ୍ଦୁ । ପଦ ।

ଦେଖିଲି ଦେବଲକୁ ଭଲୁ ନଯାଜା, ମୁଁହି ତୋର ପିନା, ଅରେ ମମ ମଣ୍ଡନା ।
ଯେ କି କହୁଛ ଦେବଳୁଜା, ଦ୍ୱିରଦ ଗମନାରେ,
ତୁହି ମୋର ଦୋଷ ଭଳ ଦେଖ, ଦାସ ନାଶ, ଯଶଲେଶ ଶ୍ରୀବାଞ୍ଛ କା । ୧ ।

ଭଜୁ କାଞ୍ଚିକ ଏତେ ବମନା ଆରେ ପୀନ ତୁନା, ଜଗେ ମମ ଲୋଚନା ।
ନସ୍ତନୁ ନାର ତେଜନା, ଶୁଦ୍ଧମବଦନାରେ,
ସୁଖ ମୃଦୁ ଲକ୍ଷା, ନଜର ପାରଦ ଜୁଣା, କୋକସ୍ତନୀ ଏ ତୋର ସାଧକ । ୨ ।

ଭର ମନେ ତୁ ଅରେ ସୁମନା, ମୋର ଦୋଷ କନା, ପର ସ୍ୱାର୍ଥେ ମାରନା ।
ଆରେ କୋକିଳ ବଚନା, ମୋର ଦୁଃଖ ମୋଚନାରେ,
ଅରେ ପ୍ରାଣେଶ୍ୱରୀ, ମୋତେ ଦସ୍ମ, ଜମା ଲକ୍ଷ ଅଳ୍ପ ବୁଦ୍ଧି ଦାର୍ଥେ ମସ୍ତକ । ୩ ।

ଭଲ ଷୀଜକୁ ସୁର ତୋ ଧନା, ତୁ ମାନ କରନା ଅରେ ବୃନ୍ଦ ବଦନା ।
ଭଣେ ଶ୍ୟାମ ମୋରେ ଅନା ଲୋପନା ଲୋପନାରେ,
କୃଷ୍ଣ ମୁଖ ପୀଭ, ଶ୍ରୀଭାଲ, ଜାସାବଲ, ଲଲୋଦ୍ଭର, ଦେଖ ମଣ୍ଡଳ । ୪ ।



# ମୁରଲୀ କୃଷ୍ଣ

( ରାଗ—ବାଗେଶ୍ରୀ )

ସତେକ ଚେତନା ଶୋଇ ଥିବ ଯାବ ଧାଇଲେ
ସତେକ ମୋତେ ଡାକିବ ବାଟେ ବନ୍ଧୁ ଧାଇଲେ । ୦ ।

ମଦନ ଶରେ ମୋ ଧନ ଛୋଇଣ ହୃଦୟରେ
କଦଳେ ରମଣୀ ମଣି ଲୋଟିବ ରସାଳେ
ବଦନ ଯୋଡ଼ି ଚେତିଥିବ ଶ୍ୱାସ   ଉଦନଛଡେ ନଥିବ ସେ ହାସ
ଅଶନ ମଣିଥିବ ସେ ସେ ଦନ୍ତ   ସ୍ୱଦନ ହିଁ ହେବ କାଳ ପତ୍ତଣ । ୧ ।
ଜନମରେ ମୋର ଏଥା ଥିଲା ସିନା କହିଲେ
ଉନମରେ ତା ଅନ୍ୟଥା ନ କଲାକି ବହିଲେ
ହୃଦ ମନ ମୋହନ ଆଜେ ସଖୀ
ଜନମ ଅଙ୍ଗୀମୋର ବନ୍ଧୁ କେହି   ପରମ ସୁନ୍ଦରୀ ଦଣ୍ଡିବ ରହି
ଧରମରୁ ହୋଇଥିବ ସେ ରହି । ୨ ।
ନୟନ ନଷ୍ଟକୁଁ ନାର ନୟନରେ ବହିଲେ
ନବ ନବ ହୋଇଥିବ ଉଦାସିନତା ବହିଲେ
ଘନଜନରେ ଥିବ ଲୁଣ୍ଠ ଭଣ୍ଡ   ଚନ୍ଦନା ଦେଇଥିବେ ଯେ ଅଣ୍ଡ
ବନ୍ଦନ କାରଣ ବର ଯେ ନଣ୍ଡ   ନୟନରେ ଦବୁଥିବେ ସେ ସିନ୍ଧ । ୩ ।
ହସିଲ ହେଲ୍ପ ସପନ ସୁନ୍ଦର ବଦନରେ
ଲୁହିଲ ଏବେ ନଷ୍ଟେଷ୍ଟ ସହ ଏ ଦେବନାରେ
ବହିଲ ମନରେ ମଧୁ ପବନ   ଦହିଲ ହୃଦୟ ଜନ ଜୀବନ
ଶୋଭିଲ ପୁଷ୍ପେ ଉପବନ ମାନ   ନହିଲ ଶ୍ୟାମ କିଶୋର ଏଥନ । ୪ ।



ଦୁଇଟି(ବୈଷ୍ଣବ)

## ବାସକସଜ୍ଜା

( ରାଗ—ଚନ୍ଦ୍ରପଟି )

ଗୋ ପ୍ରାଣନାଥ ଆସିଲେ ନ ସ୍ୱଣ,
କେତେ ଆଶାରେ ମୁଁ ହୋଇଥିଲି ସୁବେଶ ।ଘୋଷା।

ଯୋଡ଼ିଥାନ୍ତି ସକଳ ମୋ କପାଳ ଦୋଷ
ଜାଣ୍ଟା ପୂରେ ରଖିଲେ ମେ ରସିକ ପୁଂଷ
ପାନ୍ ଖାଣ୍ଡୁ ଶୁଣ୍ଠ, ଗଲେ ଦେଲେ ଶ୍ରୀଘର
ବାଗରେ ସଖିଲ୍ ମୁଁ କ ବସନ ଗୋ ପୁଣି
କୃଷ୍ଣଚନ୍ଦ୍ର ବଦନ ଦର୍ଶନେ ସୁଖ ପ୍ରାପ୍ତି
ଗଣ୍ଡ ଦର ହେଉଛନ୍ ଶ୍ୟାମ ହେତୁରେ ମାତ
ଲୁପ୍ତରେ ମଣ୍ଡିଲି ହେଲ ବାସ ।୧।

ଘଣ୍ଟେ ମୋର ବୃନ୍ଦାବନ ଦର୍ଶନେ ଅବଶ
ସ୍ପର୍ଶ ଲଭନ୍ତା ମୋ ନବଯୁବା ବୟସ
ବାଞ୍ଛା କରେ ନ ହେବ, ଜାମ ହେଲେ ଦଇବ
ଭରସା ଦେଇ ମନୁ ଗାଏ ଆଇଲେ ମାଧବ
ତାଙ୍କ ଗୁଣ ସୁମରି ମୋର ଜୀବନ ଯିବ
ଶାଇବ ଜନ୍ମେ ମନ୍ଦୁସ ଦ୍ୱିଚ ।୨।

କାଲି ଚନ୍ଦ୍ରୋଦୟା ପାପ ହୋଇ ଦୂରନ୍ତ
କସ୍ତୁରୀଲ ଘନ ଲଭେ ଶିବ ମୋ କେଶ
ତନକ ତୋଲି କେଲି ମନ୍ଥର କଳ୍ପତଣ
ଲେଖିଲ ଶ୍ରୀଆପାସ୍ତ ରାଜହଂସ ସମ୍ମତ
ନାନାଧ ଚନ୍ଦ୍ରଲତା ସିଂହ ଶାର୍ଦ୍ଦୁଳ ନୃତ୍ୟ
ଚଉଷଠି ବନ୍ଧରେ ଭାବେ ଭାସିଲ ରତ
ଦେଖିଲେ ଗୋବିନ୍ଦ ହୋଗ୍ରେ ତୋଷ । ୩ ।

ଉଠେ ଚୁର ବୈଶ୍ୟ ଦୃଶ୍ୟ ଶଙ୍ଖ କେଶ
ଶ୍ରୀମତୀ ବୋଲନ୍ତି ଦୂସ ନବ ଦ୍ୱାରସ
ଶୀଘ୍ରେ ଉମଦ ଭଲ, ରଙ୍ଗ କୁଞ୍ଜେ ମିଳାଇ
ଉବାଷ ମାର୍ଗେ ବୃଷ୍ଟି, ଘଣା ଦେଲ ଦେଖିଲ
ଝୁଲି ଉଚ୍ଛାଇ ଲେଖି, ଚକ୍ଷୁ ଫିର୍ଣ୍ଣି ଦେଲ
ପଡ଼ି ଜାଣିଲେ କୃଷ୍ଣ, ସେଇ ଭାଳ ହୋଇଲ
ଦେଖିଲେ ଚନ୍ଦ୍ରାବଳୀର ପାଶ । ୪ ।



# ସଖୀ-ଉପଦେଶ

## ଶ୍ରୀରାଧାଙ୍କ ପ୍ରତି ସଖୀ

ଶ୍ୟାମ ବନ୍ଧୁରେ ନକର ସଖୀମାନରେ
କାଳି ବନ୍ଧୁରେ ନକର ସଖୀମାନରେ । ଘୋଷା ।

ଯେତେ ବନସ୍ତ ଭିତର    ଅଚ୍ଛନ୍ତି ମୁରଲୀଧର
ଅଚ୍ଛନ୍ତି ରୂ ନଦର ନଦାନ । ୧ ।

ଅନେକ ବନସ୍ତ ବଣ    ଅଚ୍ଛନ୍ତି ମୁରଲୀଧାରୀ
ତେଜ ମାନ ମନୁ ଗୁମାନ । ୨ ।

ମାଧବୀ ଲତାର ତଳେ    ମୁରଲୀ ଦେଇ ଅଧରେ
ହୃଦରେ ଘୋଷଇ ତୋର ନାମ । ୩ ।

ସତ୍ୟବଚନ ବାଣୀ ଶୁଣି    ଉଠିଲା ତରୁଣୀମଣି
ସଖୀ ସଙ୍ଗେ କରିଲା ପ୍ରୟାଣ । ୪ ।

ଚଳେ ରାଇ ଧୀର ଧୀର    ବାଜଇ ବାଙ୍କା ମର୍ଦ୍ଦଳ
ଆଗେ ଶୁଣ ବାଣ ପଢ଼େ ନାମ । ୫ ।

ଚନ୍ଦ୍ର ଗଣ୍ଡ ଧୂଳି ଭରି    ବାଜଇ ବଂଶୀ କାହାଳୀ
ଭେଟିଲେ ନବୀନ ଘନଶ୍ୟାମ । ୬ ।

ଦରସିକ ସୁର ଦାସ    ଯୁଗଳ ଚରଣେ ଆଶ
ରାଧାକୃଷ୍ଣ ବିନୁ ନାହିଁ ଆନ । ୭ ।



ଧ୍ରୁବଚନ୍ଦ୍ର

## ଗୋଷ୍ଠ ପ୍ରତ୍ୟାଗତ ଶ୍ରୀକୃଷ୍ଣ

( ରାଗ ମାୟାମାଳବ ଗୌଡ଼ା । ତାଳ—ମିଶ୍ରରୂପ )

ବଣିକବୁ ଯଛୁ    ଅମୃତକନ୍ତ ଦଣ୍ଡ ରଣ୍ଡ, ଦୁର୍ଗ୍ଗା । ପଦ ।

ଗୋଧୂଳି ଧୂଳିର ମଣ୍ଡିତ    ଗୋପ ମେଳେ ବନସ୍ଥିତ ।
ବଂଶୀକି ବଜାଇ ମିତ    ମୋହୁ ନେଉଥିବୁ ଚିତ୍ତ ।୧।

ନୀଳ ଜୀମୂତ ବରଣ    ପୀତାମ୍ବର ପରିଧାନ ।
ମେଘା ଦୋଷଣା ଯତନ    ବନସ୍ଥଳରେ ମଣ୍ଡନ ।୨।

ଶିରରେ ଶିଖଣ୍ଡ ଚୂଳ    ନାସା ଅଗ୍ରେ ବର୍ତ୍ତୁଳ—
ମୁକୁତା କର୍ଣ୍ଣେ କୁଣ୍ଡଳ    ଶୋଭେ ଶ୍ରୀମୁଖ ମଣ୍ଡଳ ।୩।

ଅଦ୍ଭୁତ ତ୍ରିଭଙ୍ଗ ଭଙ୍ଗିମା    ଦେଖି ଦେଲେ ଭେଟି ବାମା ।
ଘନ ବରଣ ଶ୍ୟାମା    ଲଭି ପାଉଥିଲେ ଶୋ ମା ।୪।

କୋମଳ କମଳ ପଦେ    ନୂପୁର କିଙ୍କିଣୀ ନାଦେ
ଧ୍ରୁବଚନ୍ଦ୍ର ଝଛ ମେଦେ    ମଣି ବନ୍ଧୁଳ ଅଙ୍ଗରେ ।୫।



# ଶ୍ରୀ ଗୌରଚନ୍ଦ୍ର ବନ୍ଦନା

( ରାଗ—ଝିଞ୍ଜୋଟି । ତାଳ—ରୂପକ ).

ଭକ୍ତମାନସ ଗୌରଚନ୍ଦ୍ର ଶ୍ରୀନବଦ୍ୱୀପ ବିହାର
କୁନ୍ଦନ ଜିତ ସୁନ୍ଦର ତନୁ ଜଗଜ୍ଜନ ମନୋହାରୀ ।୧।

ଶୁକ ସନକ ବ୍ରହ୍ମ ଯୋଗୀ ଧ୍ୟାନ କରେ ଯାହାର
ଶରଦାମ୍ବୁଜ ଅରୁଣ ତେଜ ଜିତ ଚରଣ ମାଧୁରୀ ।୨।

କୋଟି ମଦନ ଦର୍ପଦଳନ ମୋହନ ରୂପଧାରୀ
ଶଙ୍ଖ ପଦ୍ମ ଶର ଧ୍ୱଜ ଅଙ୍କିତ ଶ୍ରୀ ମୁଖଶ୍ରୀ ।୩।

କୁନ୍ଦ ଦଶନ ମନ୍ଦ ହସନ ବେଦବଚନ ସଂସ୍କୃତ,
କଞ୍ଜ ନୟନ ଭକ୍ତମନର ରଞ୍ଜନ ଦୁଃଖହାରୀ ।୪।

ଅଗ୍ରଜ ଅବଧୂତ ପ୍ରଭୁ ଅଦ୍ୱୈତ ଅଦ୍ଭୁତ
ସଙ୍ଗରେ ଅନ୍ତ ରଙ୍ଗରେ ନିଜ ଭକ୍ତ ସେ ପ୍ରଭୁର ।୫।

ହରି କୀର୍ତ୍ତନ କର୍ତ୍ତାବଧି ପ୍ରେମାମୃତଦାରୀ
ବନ୍ଦୁ ନ ଲଭ ସଂସାରସୁର ଆଶିଷ ଦିଅ ବାର ।୬।

ଶଙ୍ଖ ପଦ୍ମ—ଚକ୍ର ।

# ନବାନୁରାଗ

( ରାଗ—ଦୁଃସବା । ତାଳ—ଝିଣ୍ଟଗଡ଼ )

## ଶ୍ରୀରାଧାଙ୍କ ପ୍ରତି ସଖୀ

କଞ୍ଜନେତ୍ରୀ ଅଞ୍ଜନ ପୁଞ୍ଜ ବରଣକୁରେ ।
ଦେଖିଲଣି ରଙ୍ଗିଣି ମୋହୁଛୁ ମଦନକୁରେ ।୧।

ଅଙ୍ଗ ରୁ କନ୍ଦର୍ପଣ ଦର୍ପ ଚୂର୍ଣ୍ଣିନା ଚାହାଁକୁରେ ।
ଦେଖି କଣକେ ନାଗଙ୍କି ଠାକୁରୁ ଶବ୍ଦକୁରେ ।୨।

ଭୁରୁଭଙ୍ଗି ଭୁଲୁଛୁ ଦେବତା ବୋଲିଣ ଯାହାକୁରେ ।
ଡର କରୁଥାନ୍ତି ସେ ଏ ଦେଶତା ମୁହଁକୁରେ ।୩।

ରତ୍ନ ଫୁଲ ତୋଳା ପଣ୍ଡ ଶିବା ସଦନକୁରେ ।
ତାପସ୍ୱ ବୁଝିଲ ଏବେ କର ଗମନକୁରେ ।୪।

ମଣ୍ଡି ହୋଇଛି ସୁମନ କୁଞ୍ଜ ଗୁଞ୍ଜରକୁରେ ।
ଶିରେ ଶିଖଚୂଳ ବଂଶୀ ବାଦ୍ୟ ଅଧରକୁରେ ।୫।

ମୁହିଁ ମୁଣ୍ଡି ହୋଇ ଯିବା ବୋଲି ଏ ଶପଥକୁରେ ।
ସଖୀ କିଶୋରୀ ଶ୍ରୀକୃଷ୍ଣ ଆସିଲେ ପାଶକୁରେ ।୬।

ଶ୍ରୀରାଧା ଗୋବିନ୍ଦଙ୍କର ସୁଖ ମିଳନକୁରେ ।
ବଲେକଳ ସୁଖବନ୍ଧୁ ମଣ୍ଡାଇ ମନକୁରେ ।୭।



# ଯଶୋଦା ବାତ୍ସଲ୍ୟ

( ରାଗ—ଧନଶ୍ରୀ । ତାଳ—ମିଶ୍ରରୂପ )

( ମୋହନ ଯନ୍ତ୍ର ଡସ୍ଲା ପଞ୍ଚାଳ ମା । ସ୍ତ୍ର )

ଆସିଲେ ନେଇ ନାଥ ମୋ ଘରରେ ।
ଭୋଳା ଗିରୁଲା କାଢ଼ ଜାଳନରେ । ପଦ ।

ଶୁଣିବାକୁ ଶ୍ରୀଦାମ, ସୁଦାମ ବଳରାମ
ଏକା ନ ରଖି ମୋର ବାଳକରେ । ୧ ।

ଶିରୀଷରୁ କୋମଳ, ଶ୍ୟାମଳ କଳେବର ।
ଯାଏ କବାଟୁ ରକ୍ଷ କରଣରେ । ୨ ।

ଅସ୍ତନୋନ୍ମୁଖ ତପନ, ଆଣିଦେବ ବହ୍ନିକ
ସୂର୍ଯ୍ୟଁ ଶ୍ରୁବନ୍ତି ନନ୍ଦେ ଅଙ୍ଗନରେ । ୩ ।

ସିଣ୍ଡ୍ରରଖି ପଶ୍ଚାତ, ଜଳୁଚ୍ଛ ସମର୍ପଣ
ମୋର ଗୋପାଳ କୃତ୍ୟ ବଦନରେ । ୪ ।

କ୍ଷୀର ଅନ୍ନରେ ପୂର୍ଣ୍ଣି, ଚନ୍ଦ୍ର ନନ୍ଦ ଗୃହିଣୀ ।
ଧରି ଶ୍ରୀମୁଖେ ଦେଲେ ଚୁମ୍ବନରେ । ୫ ।

ସାର ପ୍ରଭାତେ ସତ୍ତ୍ୱର, ଖାଇ କହେ ଏକାର
ସେ ପୂର୍ଣ ବତ୍ସଲାଙ୍କ ଭବନରେ । ୬ ।



# ନବାନୁରାଗ

( ରାଗ—କଳାଧରଚନ୍ଦ୍ରିକା ତାଳ—ମିଶ୍ରରୂପକ )

( ମାନସବୋଧ । ରାଧାମାଧବ । ପ୍ରତି )

ସଜନି ଶ୍ୟାମଳ ସୁନ୍ଦର ତନୁ । ରଜନୀ ବାସର ନ ଯାଏ ମନୁ ।୦।

କି ଯୋଗେ ସଜନୀ ଯାଉଥିଲି ଯମୁନା
ଦେଖିଲି ବେଣୁ ଶ୍ରୀ ଗୋପେଶ ସୂନୁ ।
ସେଦିନ ଦେଖିଲୁ ମୋ ହୃଦେ ରହିଲୁ
ପ୍ରହାରୁଛି କୋପେ ଶର ଅତନୁ ।୧।

କାହ୍ନା ରସମଣି ଅଦ୍ଭୁତ ନାଟୁଆ
ଗୋ ମୁରଳୀ ଭରି ଅମୃତେ ବେଣୁ ।
ତ୍ରିଭଙ୍ଗି ସୁନ୍ଦର ବଂଶୀନ୍ୟାସାଧର
ଶିରେ ଶିଖି ଚୂଳ କି ଇନ୍ଦ୍ରଧନୁ ।୨।

ଯାହାପାଇଁ ସଖି ଯମୁନାକୁ ଯାଇ
ଅନେକ ଥର ମୁଁ ପୂଜୁଛି ଭାନୁ ।
ଧରଣୀକୁ ଧରି ପାଦୁକାହିଁ ଯୋଷି
ଦେଖେଇ ଭୁଲିଲେ ନ ଦେଲେ ତା ବେଣୁ ।୩।

ଗୁରୁ କୁଳ ଶୀଳ ତ୍ରିଗୁଣ ସକଳ
ତା ରୂପେ ମଜ୍ଜି ପାସୋରିଲି ତନୁ ।
ଶ୍ରୀ ଗୌର ଚନ୍ଦ୍ର ଗଜପତି ଭୂପତି
ଭାବେ କହନ୍ତି ଅନ୍ୟରେ ନ ମାନୁ ।୪।



# ଯଶୋଦା ବାତ୍ସଲ୍ୟ

( ରାଗ—ପୁରବ : ତାଳ—ଆଡ଼ )

ଅମ ବାବୁ ଗୋପାଳକ ଚନ୍ଦ୍ରମା ମୋ'ଘରରେ ।
କୋଳେଧରି ଚୁମ୍ବଦେଇ ଶ୍ରୀମୁଖ ଚୋବୁରରେ । ପଦ ।

ଖାଉଁନ କନ୍ଦୁ ଦେବନ, ନ ଜାଣେ ମୋର ସଦନ
ଚନ୍ଦ୍ରା ଭୂଜ ଚନ୍ଦ୍ରାମଣି ରତନକୁ ଦ୍ୱାରରେ । ୧ ।

ଅନେକ ଭୂଜ ଦୁଧ ଧନ, କରାଇକି ପ୍ରଜାପାଳ
ମ୍ଳାନ କ ଜରା ବଦନ, ଦେବୁ ଖୀର ସରରେ । ୨ ।

ଖାଇ ବଳରାମ ସଙ୍ଗେ, ନର୍ତ୍ତିକ କରେବେ ରଙ୍ଗେ
ତୋ ନର୍ତ୍ତନ ଦେଖି ନେତ୍ର ଜଳକ୍ଷ ଝୁଲନରେ । ୩ ।

ଶ୍ରୀ ନାରାୟଣ ସେବାର, ଫଳଟି ଭୁଜ ମୋହର
ଫୁଲ ହୋଇ ଲଭ୍ୟ ହେଲୁ ମୋ ଶ୍ୟାମ ସୁନ୍ଦରରେ । ୪ ।

ଚଳାଇଁ ହେଲେ ଅନ୍ତର, ଫୁଟୁନାହିଁ ଲୁହ ମୋର
ଦାଣ ବାଣ ଯାକ ମୋତେ ବଣର ଅନ୍ଧାରରେ । ୫ ।

ହେଲାବେ ମୁଁ ଧିଲେ ରଙ୍ଗ, ଖେଳାରେ ଯୋଗୀ ଏ ନେଇ
ହେଲାରେ ଲକ୍ଷ୍ମୀଥାନ୍ତି ନ କହୁଣ ତିରରେ । ୬ ।

କୃଷ୍ଣଙ୍କୁ ପ୍ରବୋଧି ଧୀରେ, ଯଶୋଦା ଦଧି ମନ୍ଥିଲେ
ଷରେ ଭୂରବନ୍ତୁ ମଗ୍ନ ହେଲ କନ୍ଦନାରରେ । ୭ ।



## ମାନଭଞ୍ଜନ ଲାଗି ସଖୀ ପରାମର୍ଶ

### ସଖୀ ପ୍ରତି ଶ୍ରୀରାଧା

( ରାଗ—ଖମାଜ । ତାଳ—ଚଉତାଳ )

ଗୋପାମଣି ଶ୍ୟାମେ ଭୁଲା ବନ୍ଧିଥିବୁ କରେ ।
ଦୂରପର ଶତ୍ରୁ ତାଙ୍କୁ ନ ରଷିବୁ କରେ । ପଦ ।

ବିଶ୍ୱସ୍ତ କୋମଳ ତନୁ, ପକାଇ ଦେଇ ଅତନୁ
ହାତରେ ସଦା ମୃଦୁଳୁ ସତାଇବୁ କରେ । ୧ ।

ନୂଆ ନଟବର ମୂର୍ତ୍ତି, ପଡିବ ଅରେ ଭବଦଶା
ଦୃଷ୍ଟି କୃପାମୃତ ବୃଷ୍ଟି ନ କରିବୁ କରେ । ୨ ।

ଅମ୍ବାରେ ନବ କାଦମ୍ବ, ନଦୀନ ପ୍ରେମ ପାଥୋଧି
ଦେଇ ଶୀଘ୍ର ଜଳଧିରେ ଭସାଇବୁ କରେ । ୩ ।

ନ ଦୋଷ ଲଭିଲେରେ ସେଥୁ, ନ ବସିବୁ ଚନ୍ଦ୍ରମୁଖୀ
ଲକ୍ଷେ ନମୁଛୁ ପାଳି ରହିଥିବୁ କରେ । ୪ ।

ଗୁରୁବନ୍ଧୁ ବୋଲେ ବାଣୀ, ଏକାଳରୁ ଶ୍ରୀମତୀ ଶୁଣି
ମାନ ଭଞ୍ଜ ବିରେଜଣ ତୁରନ୍ତେ ରାକରେ । ୫ ।



# ଶ୍ରୀକୃଷ୍ଣ ବନ୍ଦନା

( ରାଗ—ଝିଞ୍ଜୋଟି । ତାଳ—ରୂପକ )

( ଭଜ ମାନସ ସୁଧରେଣ ଜାଗି ଭଜ ନନ୍ଦରେ—ସ୍ୱର )

| | | |
|---|---|---|
| ଜୟ ଗୋପାଳ | ଜୟ ଗୋପାଳ | ଜୟ ଗିରିବର ଧାରୀ । |
| ଜୟ ଜୟ | ଶ୍ରୀରାଧାମାଧବ | ବ୍ରଜବଧୂ ମନୋହାରୀ ।୧। |
| ଗୋପବାଳ | ଗୋପୀରମଣ | ଗୋକୁଳ ଶୁଭକାରୀ । |
| ବଂଶୀବଦନ | କଷ୍ଟଭଞ୍ଜନ | କୁଞ୍ଜବନ ବିହାରୀ ।୨। |
| ନନ୍ଦ ନନ୍ଦନ | କୁନ୍ଦରଦନ | ବୃନ୍ଦାବନଚାରୀ । |
| ବୃନ୍ଦାବନ | ବୃନ୍ଦବନ୍ଦ୍ୟ | ଚନ୍ଦ୍ରମୁଖ ମାଧୁରୀ ।୩। |
| ନାରାୟଣ | ପରାୟଣ | କରୁଣାକର ହେ ମୁରାରି । |
| ହେ ନାଗର | ରାସେଶ୍ୱର | ଭବ ସେବାରେ ଭିକାରୀ ।୪। |



# ପରିଶିଷ୍ଟ

**ରଘୁନାଥ ପରିଛା (କବିଚନ୍ଦ୍ର)**

## ପଥାବରୋଧ

( ରାଗ—ଅଶାବରୀ । ତାଳ—ଆଠତାଳୀ )

ଅଛି ବାଟ ଓଗାଳି, ଦୁଷ୍ଟ ନନ୍ଦର ବନମାଳୀ ହେ । ପଦ ।

ହେଳ ଛକୁର, ଧିଙ୍ଗ ଏଥର, ଶୁଣିବ ମୁଁ କହମାଳ ହେ । ୧ ।
ଏ ହାପଶ୍ୱକୁ, ସହିବାକୁ, ମୁଁ ନୁହଁଇ ଚନ୍ଦ୍ରାବଳୀ ହେ । ୨ ।
ପଦ୍ମାବ ଶଙ୍ଖ, ଦେଖି ନ ଶଙ୍କ, ଦେବେ ସିନା କରତାଳି ହେ । ୩ ।
ଏପରି ଚେଟେଲ, ଅଟଳ ଭଟେଲ, ବନ୍ଧୁବେ କି ପଞ୍ଚ ଅଳ ହେ । ୪ ।
ଜଣାମୁଖରେ, ନ ଗଢେଲ ପୁରେ, ଶାଶୁ ହେବେ ସିନା ଚଳ ହେ । ୫ ।
ଭଙ୍ଗି ଭ୍ରୁସ୍ବର, ଦେଖିଲେ ମୋର ଏଡ ହେବ ନାହିଁ ଷ୍ଲଳ ହେ । ୬ ।
କହେ ରଘୁନାଥ, କର ଜଗନ୍ନାଥ ଧାଞ୍ଚି ରାଧା କୃଷ୍ଣ କେଳି ହେ । ୭ ।

**ଅଥବା—**

## କଳହାନ୍ତରିତା

### ସଖୀ ପ୍ରତି ଶ୍ରୀରାଧା

(ରାଗ—ମୁଖାରି । ତାଳ — ଆଠ ତାଳି )

ସଖୀରେ ମୁଁ ନ ବୁଝିଲି
ତାରୁଣ୍ୟ ମାନକୁ ଭଜି, ଶ୍ୟାମ ବନ୍ଧୁକୁ ଛାଡ଼ିଲି । ପଦ ।

ବଦନ ପ୍ରସାଦ ମୋତେ କନକ କରିଲେ ସେତେ
ଚରଣ ତଳେ ପଡ଼ନ୍ତେ, ନ ଛୁଇଁ ମୁଁ ମୋହିଲି । ୧ ।

ଅନାଦର ଦେଖି ମୋର କଷ୍ଟକୁ ବୁଝାଇ ଗଲ,
ବରଜେ ନାଗର ବର, ଯାଇଁ ପଥ ନ ଅଟକିଲି । ୨ ।

ସଜନଙ୍କ ସ୍ତୁତ ବାଣୀ        ଅଦ୍ଭୁତ ପଦ୍ମେ ମଣି
ପଦ୍ମଧର ବେଣୁପାଣି, ଶୋଭ ସକଳେ ଭୂଷଣ । ୩ ।
ଗାଇଲ ସଉଦ ମତେ        ପ୍ରବୋଧି କଣ୍ଠଲ ସେତେ ,,
ଦୁଃଖ ପଦ୍ମ ମଣି ତତେ, ଜନୁ ସୁଧାକୁ ଏଡ଼ିଲ । ୪ ।

●

ଗୌରହର ପଣ୍ଡା

## ଅଭିସାରିକା ବେଶ

### ରାଧା ପ୍ରତି ସଖୀ

ହୋଇଥାରେ ବେଶ କୁଂଜକୁ ଯିବୁ ସରି
ଦେଇଛନ୍ତି ସଙ୍କେତ ସେ ମୁରଲୀଧରୀ । ୦ ।

କାମ ଭ୍ରମରକୁ ଜିଣି—        ବାଳ କୁନ୍ତଳକୁ ବେଣୀ
ଘଡ଼ଦେ ସଜାଡ଼ି କଞ୍ଚି କେତକୀ ଧରି । ୧ ।

କସ୍ତୁରୀ ଚନ୍ଦନ ଦେଇ—        ସୁଗନ୍ଧେ ଅଙ୍ଗ ରଞ୍ଜିତ
ସୁରୁ କାନ୍ତି ମାର୍ଗ ଭୁଲି ଅଞ୍ଜନ ଗିରି । ୨ ।

ଝଡ଼ ଭୂତ ସୁରେ ଚନ୍ଦ—        ଲୋଭୀ ମୃଗନାଭି ପତ୍ର
ଅଧରେ ଲମ୍ବାଇ ଫୁଲ ମୁକୁତା ହାରି । ୩ ।

ନୀଳ ଅଙ୍ଗ ଶ୍ୟାମ ସାଜେଣ        ପିନ୍ଧ ନୀଳ ସୂକ୍ଷ୍ମ ଜୋଡ଼େଷ
ପୁଷ୍ପ ଅର୍ଘ ଅଭିସାରେର ଦଣ୍ଡ ତୋଷି । ୪ ।

ଗୌରୀ ଭୂଷଣ ଗଣ୍ଡେ ଶୀତେ        ତୂଷ୍ଣ ବୋଲିଲେ ମୁରହେ
କାନ୍ତ ସଙ୍ଗରେ ମଣ୍ଡିବୁ ନାଗରୀ ସରି । ୫ ।



# କଳହାନ୍ତରିତା

## ଷଷ୍ଠୀ ପୁଷ୍ପ ଶତଧା

କେତେ ମନ ଘେନ ମୁଁ ଗଲି, ଅହେ ସଖି
କଷ୍ଟ କଷ୍ଟ ଛଳେ ଶା' ନ ଦେଖିଲି ।
ଜଗତ ଦେଖା କୁସୁମ ପଥେ, କାନ୍ତି ଯାହା ମିଶି ଦେଲି ।୦।

ସ୍ନେହଥିଲେ କେତେ ଘନ
ନ ଶୁଣିଲେ ଅହେ                ମୋ' ଶୁଣ ପଥରେ
ଦେଖିଲୁ ଯାହା ବହିଲି ।୧।
ତେ କାରଣ ଏମନ୍ତ                ତେଜ ଚିତ୍ତ ଭାନ୍ତ
କୁଞ୍ଜରୁ ବାହୁଡ଼ି ହୋଇ
ଲଜ୍ଜା କାଗର                ମନ୍ଦାରେ ଶୁଦ୍ଧାଙ୍କୁ
ମନ୍ଦାର ଭକ୍ତିଲି ନାହିଁ ।୨।
କ ବେଶବ ଭୂଷାଙ୍କୁ                ଜଣ୍ଡରେ ମୋ ଜବ—
ରକ୍ତଧାର ତେଜେ ଥାଇ
ଯାହା ଭଲେ ମାନ                ଚିତ୍ତରୁ ଦ ଗୁଣ
ହୋଇ ବଳବନ୍ତ ଦାଉ ।୩।
ହେଲେ ତେଁ ବଇଶ                ଛଳେ ତା' ଉଦେଶ
କଳଙ୍କ ଭଗବା ଫଳ
ଫଳକ ତା' ଏତେ—                ଜାଳନ୍ତି ଅନ୍ତରେ
ଜ୍ୱଳଧାର ହେଲା ମୂଳ ।୪।
ଗୌରବରେ ବୋଲେ                ଗୌରବ ନ ଏଲେ
ସରସ ତୁଏ କ ପ୍ରୀତି
ପ୍ରଭୁ ମୁଁ ଆଣି କ                ଧନ ଯୁଝିଲେ କ
ଜଗଭ ହୃଦର ଶାନ୍ତି ?।୫।

# ହୋରି

( ରାଗ—ଖମ୍ବାବତ । ତାଳ—ଏକତାଳୀ )

ମାତିଲେ ହରି ରାଧା ସଙ୍ଗେ
ମୋହନର ହୋରିରେ ରଙ୍ଗରେ । ପଦ ।

ଚୁଆ ଚନ୍ଦନ ଅଗର ଗୁଲାଲରୁ
ଜୋରରେ ବୋଳି ଅଙ୍ଗରେ । ୧ ।

କୁଞ୍ଜେ କୁଞ୍ଜେ ପୁରସରେ ବନ୍ଧୁଶିଳେ
ରସିକେ ମଦନ ତରଙ୍ଗରେ । ୨ ।

ନାଗରୀ କିଶୋରୀଙ୍କି ବାମ ସ୍ୱରେ ରଙ୍ଗି
ନାଚିଲେ ମଧୁର ତ୍ରିଭଙ୍ଗୀରେ । ୩ ।

ଦୁହେଁ ଦୁହିଙ୍କ ମାନସ ତୋଷିଲେ
ମୋହନ ଲଳିତ ତ୍ରିଭଙ୍ଗୀରେ । ୪ ।

ଭଣେ ରଘୁନାଥ ଭକ୍ତ ନଶାନାଥ
କୃଷ୍ଣ ଚରିତ ପ୍ରସଙ୍ଗରେ । ୫ ।



## ଷଣ୍ଡିକା

### ଶ୍ରୀକୃଷ୍ଣ ପ୍ରତି ଶ୍ରୀରାଧା

( ରାଗ—ଲଳିତ । ତାଳ—ଏକ ତାଳି )

ଏତେ ବେଳକୁ । ଏତେ ବେଳକୁ ମୁଖ ଦର୍ଶିଲ ଆଜ
ପଥ ଭୁଲି ହୋଇଲ କି ବ୍ରଜ ଯୁବରାଜ । ପଦ ।

ପରାତ୍ପର ତବ ପ୍ରୀତି ଆନ ରମଣୀରେ ମାତି
ମୋ ପାଶକୁ ଆସିବାକୁ ପାଇଲ କି ଲାଜ । ୧ ।

ଯା ଭୁଲେ ମାତିଲ ଭଣା ସେ ବା କେମନ୍ତ ସୁରସା
ବୁଝିବାକୁ ଲୋଡୁଥିଲେ ମୋ ସଖୀ ସମାଜ । ୨ ।

ମିଳିବାକୁ ଓଷ୍ଠ ସୁଧା ଦିବାକୁ ଅନଙ୍ଗ ବାଧା
ଦେଖୁଛୁ ଏବେ ଶ୍ରୀଅଙ୍ଗେ ଦଶନ ଚିହ୍ନ ତେଜ । ୩ ।

ତୁମ୍ଭ ଆସିବା ସମୟ ଜାଣି ହୋଇ କୋପମୟ
କରି ବସିଥିଲେ କୁଞ୍ଜେ ସାଜ ଫୁଲ ଶେଯ । ୪ ।

ଶୁଣି ରାଧା ଭଣୀ ଗିର ମଥା ପୋତିଲେ କିଶୋର
ସ୍ତବ କହେ ରଘୁନାଥ ଭଣ ଦ୍ୱିଜ ରାଜ । ୫ ।



**ମଦନମୋହନ ସିଂହ**

## ଶ୍ରୀରାଧାଙ୍କ ପ୍ରତି ସଖୀ

( ରାଗ—ସାରଙ୍ଗ । ତାଳ—ଝୁଲ )

ଆସରେ ସୁଧରଙ୍ଗିଣୀ ହିଆ କହୁଛି ବାସକୁ
ଦର୍ଶିବେ ନବଘନରେ ସେ ଶ୍ୟାମ ଜଣ ଅଙ୍ଗକୁ । ପଦ ।

କେଶ ସଜଡ଼ାଳ ତଳ ଦାସକୁ ଶ୍ରୀଅଙ୍ଗେ ଭର
ବାସ କୁସୁମ ଲୁଚାରେ ଖୋଇ ମଧୁର ବେଣୀକୁ । ୧ ।

ସେ କୁଚଯୁଗ ତଳୁଜ ଚନ୍ଦ୍ରରେ ନ ଥିବ ଭେଦ
ଦେଖି ତୋ ମୁଖ ସରୋଜ ହେବ ଆଜ ସୁରଙ୍ଗକୁ । ୨ ।

ଘଣ୍ଟିକ ତନ୍ମୋଧନ ଦୁଷ୍ଟ ଅଙ୍ଗରେ ବିହାର
ସ୍ମରକୁ ମାନସ ଧର ଅଧରେ ମନ୍ଦ ହାସକୁ । ୩ ।

ସଖୀବାଣୀ ଶୁଣି ରାଧା ଶଙ୍କି ବାଳୁ କାମବାଧା
ମଣ୍ଡିଣ ପଦ ମନ୍ଦରେ ରମିଲେ କୃଷ୍ଣ ପାଶକୁ । ୪ ।

ସ୍ୱର ସେ ସମସ୍ତ ସ୍ୱର ଧରମୋକ୍ଷ ଧରାଧର
ମଦନମୋହନ ସିଂହ ମାଗଇ କୃପା ଲେଶକୁ । ୫ ।



# ସଖୀ ପ୍ରତି ବିରହୋତ୍କଣ୍ଠିତା ଶ୍ରୀରାଧା

( ରାଗ—ସିନ୍ଧୁ କାମୋଦ । ତାଳ—ଆଡ଼ )

ଶ୍ୟାମଚନ୍ଦ୍ର ପ୍ରୀତି ଯା ଉହୁଲେ ରେ ଦେଲି ମତେ ଦୁଃଖ ଦଶା
କୋଟିଏ କଳପ ହୋଇଲାଣି ସଖୀ ରେ ଗୋଟିଏ ପାପ ନିଶା । ପଦ ।

ନ ଦୋଷନ୍ତୁ ମୋର ସେ ରସିକବର ମାନଗର୍ବେ ଘର ଘର
ଚନ୍ଦ୍ରାବଳୀକୁ ସ୍ମରଣ ପଥଣରେ ହେଲାଣି ସେ ଏତେ ଦୂର ।୧।

ଝରନ୍ତ ନୟନ ପରାଣ ଭସ୍ମୁଛି ଘୁରି ଦିନା ଏକାକ୍ଷଣ
ସରବାର ମୂଳ ହେଲା ସେ କେବଳ ଦୋହନ୍ତି ଦୃଷା ରକ୍ଷଣ ।୨।

ବସି ହୋଇଲାଣି ସୁବାସ ସୁନ୍ଦର ମଳୟଜ ପଦସାର
ଜଳି ଜୁଳୁଛି ମୁଁ ସୁଧାଂଶୁ ମୟୂଖ ହେଲାଣି ପ୍ରଚଣ୍ଡକର ।୩।

ଦର୍ଶନାଶ ମୋତେ ଦଂଶିଲାଣି ଜନ [illegible] ନାହିଁ କେଣନ୍ତୁ
ଅନେକକୁ ମନ ତେଜିଲା ବନ୍ଧନ ବଚନ ହେଲାଣି [illegible] ।୪।

ସୁଦେଶ ଏ ଭଦେ ଧର୍ଯ୍ୟଟୋଟ ନରେଶ ରାଧାଙ୍କେଢ଼ ଦୃଢ଼ବାଣୀ
[illegible] ମୋହନଙ୍କୁ ଆଜ ଭେଟାଇ ଦେବ ମୁଁ ଆଣି ।୫।

ଶ୍ୟାମସୁନ୍ଦର ଭଂଜ

## ଶ୍ରୀକୃଷ୍ଣ ରୂପ ବନ୍ଦନା

ଜୟ ଜୟ ଭବ ବନ୍ଧୁ ଜୟଦେବ ଜୟ ଜଗ ନନ୍ଦୁଆର
ନନ ଦରଶ ବାଳକ ବେଶ କୁଞ୍ଜ କଣ୍ଠ ହାର ।

ଝୁନୁ ଝୁନୁ ଶବ୍ଦେ ବଙ୍କ ପାଦ, ଝୁମୁଝୁମୁ ନୂଏ ନ ଅଳଙ୍କାର
ଧନ ଦୋଳେ ବନ ପଦ୍ମ ବେଣ ଗଳେତ ମୋତି ହାର ।୧।

ମାଙ୍କେ ପୀତ ବାସ ଘେରେ, ବାଲ ତନୁକୁ ଶୋଭ ପାଏ
ମନ ମଧୁର ବାଣୀ ତା'ର ବନକୁ ବନ ଯାଏ ।୨।

ଅଧର ଯୁକ୍ତ ଅଙ୍ଗୁଳି ଧାର, ଯେମନ ଝଟକେ ମନ ସୁଧାର
ମାଥେ ମୟୂର ଚନ୍ଦ୍ରିକ ଚୂଳ ନାସା ନୟନ ଭାସେ ।୩।

ନୟନ ନୀଳ କମଳ ଶୋଭ ଗାଳି ଝଲକେ ବେଷ୍ଟକେ ତା'ର
ଦାନବ ଦୂର ମାନବ ଲଏ ବାହୁଟେ ମନ୍ତ୍ରଥାଏ ।୪।

ସ୍ୱର ମଧୁମା ଭାଙ୍ଗି ଯାଉ, ଭାଙ୍ଗି ପଦଯୁ ମଣ୍ଡଳେ ଥାଉ
ଯାଉ ଶ୍ରୀମୁଖେ ଦରହାସ ଯଉଛେ ସୁଖପ୍ରୁ ପୀୟୂଷ ଧାର ।୫।

ଲାଉ ମସ୍ତକେ ଅଳ୍ପ ଝଳ, ତାଉ ଶୁନକେ ଭରବ ଗାଳ
ଭାଲ ଭୂଷଣ ଭାଲ ଲୁଟଏ ଶୁଣଟେ ପଦ ଯାଉ ।୬।

ବଂଶୀ ବଦନଂ ରସିକ ରାଏ ଅରୁଣ ଚରଣ ଶରଣ ମାଏ
ପାମର ମତି ଶ୍ୟାମ କହଏ ପ୍ରେମରେ ଭଜିବାକୁ ।୭।



# ବର୍ଣ୍ଣାନୁକ୍ରମିକ ଆଦ୍ୟଛତ୍ର ସୂଚୀ


| ବିଷୟ | | ପୃଷ୍ଠାଙ୍କ |
|---|---|---|
| ଅହ୍ଲାଦେ ଗଢ଼ିଛୁ ଭଲ | ରୂପାନୁରାଗ | ୪ |
| ଅଳ ଭା ରଟେ ରସିଲେ | ବିରହୋତ୍କଣ୍ଠିତା | ୧୨ |
| ଅଙ୍ଗ ଭାଙ୍ଗି ପାଙ୍ଗି ଦେଲା | ଶୁଦ୍ଧାଭିସାରିକା | ୧୮ |
| ଆଖି ନ ଦେଖେ ମାଧୁରୀ | ସୁବଳ ମିଳନ | ୩୩ |
| ଅଧ ମୋ ଜୀବନ ଧନ | ବାତ୍ସଲ୍ୟ | ୫୬ |
| ଅନ୍ଧା ନ ଦେଖେ | ସୁବଳ ମିଳନ | ୬୨ |
| ଆରେ ସଙ୍ଗରେ | ବାସକସଜ୍ଜା | ୭୨ |
| ଆହ୍ଲାଦେ ଗଜଗମନା | ଶ୍ରୀକୃଷ୍ଣଙ୍କ ବିରହାନୁଚିନ୍ତା | ୮୬ |
| ଅନ୍ଧା ମୋହିନୀ | ଆକ୍ଷେପାନୁରାଗ | ୯୯ |
| ଆଜି ବାଟ ଓଗାଳି | ପଶ୍ଚାତ୍ବୋଧ | ୨୦୬ |
| ଆରେ ସଜନି | ଦ୍ୱିତୀୟ ଖଣ୍ଡିତା | ୧୦୭ |
| ଆହେ ଶ୍ରୀକୃଷ୍ଣ ଚୈତନ୍ୟ | ଗୌର ବନ୍ଦନା | ୧୪୮ |
| ଆହେ କୃଷ୍ଣ ଚୈତନ୍ୟ | ଚୈତନ୍ୟ ବନ୍ଦନା | ୧୮୪ |
| ଆରେ ବନ୍ଧୁ ଆରେ ବନ୍ଧୁ | ମାନଭଞ୍ଜନେ ବୃନ୍ଦେ | ୧୯୨ |
| ଆଲି ! ବନମାଳୀ ଶୁଣ | ଆକ୍ଷେପାନୁରାଗ | ୧୨୬ |
| ଆସ ବାବୁ | ବାତ୍ସଲ୍ୟ | ୨୦୨ |
| ଆସରେ ସୁଖ ରଙ୍ଗିନୀ | ସଖୀ ପ୍ରବୋଧନା | ୨୧୦ |
| ଆଜି ଜଣା ଥିବ | ନବାନୁରାଗୀ ଶ୍ରୀକୃଷ୍ଣ | ୧୬୯ |
| ଆସ ମୋ ଦେବ | ଯଶୋଦା ବାତ୍ସଲ୍ୟ | ୨୦୭ |
| ଇଚ୍ଛିଲୁ ଏତେ ଦେଖି କାହ୍ନିକରେ | ବାତ୍ସଲ୍ୟ | ୨୬ |
| ଉଠ ଉଠ ବେଣୁପାଣି | ସୁପ୍ତ ଅବକାଶ | |
| ଉଠରେ ଧନ | ବାତ୍ସଲ୍ୟ | ୧୬୬ |
| ଏତେ ଦିନେ ଜାଣିଲି | ସଖୀ ଉପାଲମ୍ଭ | ୪୯ |
| ଏଥିପାଇଁ ଜନମରେ | ଆକ୍ଷେପାନୁରାଗ | ୫୩ |
| ଏକାଠେ ମୋ ବନ୍ଧୁ | କରୁଣ ଶ୍ରୀକୃଷ୍ଣ | ୬୮ |
| ଏତେ ବେଳକୁ ଯେ | ଖଣ୍ଡିତା | ୨୦୯ |
| ଏତେ ବେଳକୁ ମୁଣ୍ଡ | ଖଣ୍ଡିତା | ୧୬୦ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| ଏହେ ମାଧବ ତବ ଚରଣେ | ବସନ୍ତକଥା | ୧୦୩ |
| କହରେ ବୃନ୍ଦା ମୋତେ | ବରନ୍ଧ୍ୟାଭୂଷଣିକା | ୨ |
| କେତେ ସୁନ୍ଦର ସୁଘନ ଘଟରେ | ବାଙ୍ଗଳା | ୨୦ |
| କଦମ୍ବତଳେ ବଂଶୀ ବାଜିଲାରେ | ବଂଶୀ କଥନ | ୨୩ |
| କହ ଗୋ କହ ଶ୍ୟାମବନ୍ଧୁ | ମାଥୁର | ୧୪୭ |
| କେଶର କୁଞ୍ଜ କୋଣରେ | ଶ୍ରୀରାଧାଙ୍କ ଯୌବନ | ୩୪ |
| କେତେ ମନ୍ଦ ପଥ ମୁଁ କଲି | କଳହାନ୍ତରିତା | ୨୦୭ |
| କୁଞ୍ଜକୁ ଯାଇ ଦେଖ | ସଖୀ ପରାମର୍ଶ | ୯୭ |
| କେ କେ.କେଳି ଗାଇବ ଭଲ | ପ୍ରୀତ ପ୍ରସ୍ତବ | ୭୩ |
| କାହାକୁ ମୋ ପ୍ରାଣନାଥ | ପ୍ରୋଷିତ ଭର୍ତ୍ତୃକା | ୧୦୪ |
| କାହ୍ନୁ ଆସିବେ ରେ | ଖଣ୍ଡିତା | ୧୦୬ |
| କହୁଛୁ ଯାଆ କାହ୍ନୁ | ଖଣ୍ଡିତା | ୧୨୨ |
| କି ଦେଖିଲି ଅଜ ନେଇ | ପୂର୍ବରାଗ | ୧୧୦ |
| କୃଷ୍ଣଙ୍କ ରଥ | ବନ୍ଦନା | ୧୪୦ |
| କାହିଁରେ ମନ ଯାଏ | ରସୋଲ୍ଲାସ | ୧୦୭ |
| କହନ୍ତେ ନିମାଇଁ | ଗୌରାଙ୍ଗ ସନ୍ୟାସ | ୧୬୦ |
| କାଏ ଯେ ସଜନୀ | ନବାନୁରାଗ | ୧୬୧ |
| କେବେ ଆଣିବି ଚାହିଁ | ପ୍ରୋଷିତ ଭର୍ତ୍ତୃକା-ମାଥୁର | ୧୬୨ |
| କହ କହ ସଖୀ ସେ | ନବାନୁରାଗିଣୀ ରାଧା | ୧୭୧ |
| କେ ଦେବ ଶ୍ୟାମ ବନ୍ଧୁକୁ | ମିଳନୋତ୍କଣ୍ଠିତା | ୧୭୨ |
| କଳଙ୍କ ଲଗାଅ ଛଳା | ଗୌର ଲୀଳା | ୧୭୬ |
| କୁଟିଳ କୁନ୍ତଳ | ଅଭିସାରିକା | ୧୭୯ |
| କାହିଁକି କହିଲେ ଶ୍ୟାମ | ବାସକସଜ୍ଜା | ୧୮୦ |
| କୃଷ୍ଣଚନ୍ଦ୍ର ବଦନକୁ ନ ଦେଖିଲେ | ବାଙ୍ଗଳା | ୧୮୨ |
| କୁଞ୍ଜ ମନ୍ଦିରେ ଯାମିନୀ | ଝୁଲଣ | ୧୮୬ |
| କୁଞ୍ଜଦେହୀ | ନବାନୁରାଗ | ୧୯୯ |
| କଂସ କାରାଗାରେ ଥିଲ | ଶ୍ରୀକୃଷ୍ଣଙ୍କ ଜନ୍ମ | ୯୨ |
| କରୁଣ କି ଦେଖ ଗୋ | ଶ୍ରୀକୃଷ୍ଣଙ୍କ ସେବା ଅଭିଳାଷ | ୮ |
| କାହିଁ ଲଭିବ ଏ ଦେହ | ରସୋଲ୍ଲାସ | ୪୩ |
| ଗାନ କର ହରିନାମ ମନୁଆ | ଶ୍ରୀକୃଷ୍ଣ ବନ୍ଦନା | ୩୯ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| ଗୁମାନକରି ରୋଷ | ସଖୀ ଦୁତୋକ୍ତି | ୬୦ |
| ଗୋପାଳ ମାଗେନ ଦେ | ପହିଲା | ୭୧ |
| ଗଞ୍ଜଣର ବେଶ୍ମ ହର | ବିରହୋତ୍କଣ୍ଠିତା | ୭୭ |
| ଗୋପୀ ସଙ୍ଗେ ବନମାଳୀ | | |
| ଘୋ ପ୍ରାଣ ନାଥ | ବାସକସଜ୍ଜା | ୧୯୪ |
| ଘନ ବରଷ ଏ କାଳ | କଳହାନ୍ତରିତା | ୭୭ |
| ଘନ ଘନ ଗର୍ଜନ | ବିରହିଣୀ | ୭୭ |
| ଘନ ଘନ ଶୁଣ ବଚନ ଶୁଣି | ନ ଛିତ ଭକ୍ତି | ୧୦୧ |
| ଘେନ ଘେନ ମନ ଘନ | ଶ୍ରୀକୃଷ୍ଣ ବନ୍ଦନା | ୧୨୪ |
| ଚୁଲ ଚୁଲରେ | ଅଭିସାର ପ୍ରତ୍ୟେଚନା | ୧୪୩ |
| ଚନ୍ଦ୍ରସୀ କୋଣ ମଧ୍ୟରେ | ଯୁଗଳ ମିଳନ | ୧୬୮ |
| ଛୁଡ଼ ମୋତେ ବାଟ | ଘାଟ ଗଧା | ୭୩ |
| ଜେ ଜେ ଚୈତନ୍ୟ ଚନ୍ଦ୍ର | ଗୌର ଚନ୍ଦ୍ରିକା | ୪୪ |
| ଜୟ ଦେବ ଦକ୍ଷଜ ନନ୍ଦନ | ବନ୍ଦନା | ୧୧୨ |
| ଜୟ ଗୋପାଳ ଜୟ | ଶ୍ରୀକୃଷ୍ଣ ବନ୍ଦନା | ୨୦୪ |
| ଜୟ ଶ୍ରୀ ନନ୍ଦ ନନ୍ଦନ | ,, | ୧୩୬ |
| ଜୟ ରାଧାକୃଷ୍ଣ | ଯୁଗଳ ବନ୍ଦନା | ୫୯ |
| ଜୟ ଜୟ ଭବବନ୍ଧୁ | ବନ୍ଦନା | ୨୧୨ |
| ଝିର ଝିର ଜଳଧାର | ଶ୍ରୀକୃଷ୍ଣଙ୍କ ବରଷାନୁଭୂତି | ୮୦ |
| ଝୁଲନ୍ତି ରଙ୍ଗେ ରାଇ | ଝୁଲଣ | ୧୧୫ |
| ଝୁଲାଉଛ ଯାହା ମୁଁ ଶପଥେ | ଆକ୍ଷେପାନୁରାଗ | ୭ |
| ଟୋଲ ଟୋଲ ଏଣ୍ଡୁ ଫୁଲ | ବନ ବିହାର | ୯୩ |
| ଦେ ଛାଡ଼ି ଗୋପ ବାଳୀ | ଘାଟ ଲୀଳା | ୧୧୪ |
| ଠାକୁର ଠିକେ ନ ବଞ୍ଚାଣ | ଆକ୍ଷେପାନୁରାଗ | ୧୩୩ |
| ତୁଳସୀ ମୋ ହୃଦୟ | ନୃତ୍ୟ | ୧୩୨ |
| ଧନ୍ୟ ଦାଣ୍ଡି ମୋ ଶ୍ୟାମ | ଖଣ୍ଡିତା | ୯୪ |
| ତୁମ୍ଭି ରହିଲି | ମାଥୁର | ୧୦୮ |
| ଦଶିଲି ଜନ ଜନ | ନବାନୁରାଗିଣୀ ଶ୍ରୀରାଧା | ୧୭୭ |
| ଦେଖିଲେ କାହ୍ନୁକ | ପ୍ରେମ ବୈଚିତ୍ର୍ୟ | ୧୪୯ |
| ଦେବ ଡାକଇ ଦେଖ ଗଉଡର | ବିରହିଣୀ | ୭୮ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| ଦଧିମନ୍ଥନ ଧ୍ୱନି ଶୁଣି | ବାତ୍ସଲ୍ୟ | ୫୬ |
| ଦନୁଦନ ନନ୍ଦ ତନୟ | ନବାନୁରାଗ | ୧୧୩ |
| ଦୟା ନକରନ୍ତୁ ମୁଁ ଦାସୀ ପିନ୍ଧାରେ | ନବାନୁରାଗ | ୨୫ |
| ଦେଖିଲେ ଦେଖିଲି ସଖି | ବନବାପ୍ତବା ଭୂଷଣୀ | ୨୪ |
| ଦେଖିଲୁଟିକି କୃଷ୍ଣଙ୍କୁ ଗୋ | ନବାନୁରାଗ | ୩ |
| ଧୂର୍ତ୍ତକ ଧର ବେଣୁ | ସ୍ୱବୋତ୍କ୍ରାସ | ୪୮ |
| ନଜାଣି ମୁଁ ନନ୍ଦ ପୀରତ | ଆକ୍ଷେପାନୁରାଗ | ୮୯ |
| ନନ୍ଦ ବୋଲେ ଗୋବିନ୍ଦ | ବାତ୍ସଲ୍ୟ | ୪୬ |
| ନାଗର ମୋହନ ରୂପ | ପ୍ରେମବୈଚିତ୍ର୍ୟ | ୧୯୦ |
| ନ ତେଜନ୍ତ ମୁରଲୀଧର | ରସୋତ୍କ୍ଷେପ | ୧୧୬ |
| ନବ ନୀପ କୁଞ୍ଜେ | ସ୍ୱରୂପ ଶ୍ରୀକୃଷ୍ଣ | ୧୬୩ |
| ନାହିଁ କହିନାହିଁ ତ ମୁଁ | ଆତ୍ମ ସମର୍ପଣ | ୧୩୧ |
| ନୂଆ ଛଇଲରେ | ମିଳନ ମାଧୁର୍ଯ୍ୟ | ୧୪୪ |
| ନବଘନ ବରନ ଶୋଭା | ଚୈତନ୍ୟ ବନ୍ଦନା | ୧୩୬ |
| ନାଗର ଗଣେ ଖାର | କୃପାନୁରାଗ | ୮୮ |
| ନନ୍ଦ ନନ୍ଦନ ବୁନ୍ଦ ପଦ୍ମ | କଳହାନ୍ତରିତା | ୧୭୯ |
| ନନ୍ଦ ନନ୍ଦନ ବୃନ୍ଦପଦ | କଳହାନ୍ତରିତା | ୧୬ |
| ନାଳମଣି ଏତେ ମୁଁ ମାଗୁଛି | ବାତ୍ସଲ୍ୟ | ୧୩୯ |
| ପୂତନାଦି ବକ ଶକଟ | ଶ୍ରୀକୃଷ୍ଣ ବନ୍ଦନା | ୫୬ |
| ପ୍ରାଣସଜନୀ ସବିଶ ଶୋଭନ | ନବାନୁରାଗ | ୭୯ |
| ପାହି ପାହି ଆ | ଶ୍ରୀକୃଷ୍ଣ ବନ୍ଦନା | ୮୩ |
| ପ୍ରବଳ ଅନଙ୍ଗ ରଙ୍ଗେ | ଦ୍ୱୈରଣ | ୯୫ |
| ପାଣୋର ଦେବେ କ ମନୁ | କଳହାନ୍ତରିତା | ୧୬୮ |
| ପ୍ରାଣମିତ ! ପ୍ରୀତ ସତ | ପ୍ରୀତ ପ୍ରସବ | ୧୭୨ |
| ପ୍ରାଣ ବଚିବନେ | ବଂଶୀରବ | ୧୮୦ |
| ପଦ୍ମଲଣ୍ଡ ଘଟ ବନ୍ଧନ | କଳହାନ୍ତରିତା | ୧୮୩ |
| ପ୍ରବେଶି ପୌର୍ଣ୍ଣମାସୀ | ବାତ୍ସଲ୍ୟ | ୧୩୬ |
| ଫେରିଯାଅ ମୋ ପାଖରୁ | ଖଣ୍ଡିତା | ୫୧ |
| ବ୍ରଜ ସୁନ୍ଦରୀଗଣ ଆଜ | ନବାନୁରାଗିଣୀ ସଖୀ | ୧୬୬ |
| ବୃନ୍ଦାବନରେ | ଝୁଲଣଯାତ୍ରା | ୪୨ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| ବନ୍ଦେ ଶ୍ରୀ ଶଚୀ ସୁତ | ଚୈତନ୍ୟ ବନ୍ଦନା | ୮୪ |
| ବ୍ରଜେନ୍ଦ୍ର କୁମାର | ନୌକାବିଳାସ | |
| ବ୍ରଜବଧୂ ଯାଅ ମୋତେ | ବସନ୍ତୋଲ୍ଲାସ | ୨୯ |
| ବ୍ରଜକୁ ନେବୁ ଆସିଛୁ | ବାତ୍ସଲ୍ୟ | ୩୮ |
| ବନ୍ଦେ ଶ୍ରୀ ନିତ୍ୟାନନ୍ଦ ପ୍ରଭୁ | ଚୈତନ୍ୟ ବନ୍ଦନା | ୭୦ |
| ବାଜେ ମୋହନ ବାଂଶୀ | ବଂଶୀରବ | ୭୫ |
| ସୁବର୍ଣ୍ଣ ରତନ ମୋ ପ୍ରାଣଧନ | ଶ୍ରୀକୃଷ୍ଣଙ୍କ ବିରହାନୁଚିନ୍ତା | ୮୨ |
| ବାଟ ଛାଡ଼ ଧୃଷ୍ଟ ନାଗର | ପଥାବରୋଧ | ୧୧୧ |
| ବନ୍ଧୁ ନାସ୍ତ କର ମୋତେ | ସୁଦୂର ପ୍ରବାସ | ୧୧୭ |
| ବସନ୍ତ ବେଶ ମଞ୍ଜୁଳା | ସଖୀ ପରିହାସ | ୧୩୪ |
| ବଂଶୀବଟୁ ଏସ | ଗୋଷ୍ଠ ପ୍ରତ୍ୟାଗତ କୃଷ୍ଣ | ୧୯୭ |
| ବର ବରନାରେ ମୋ ନ ଦୋଷୀ | ସ୍ତୁତି | ୯୦ |
| ବରଜନାରୀ କୁଞ୍ଜବନେ | ହୋରି | ୧୮୯ |
| ବାସ୍ତେ ସଖୀ ଏନ | ମିଳନ | ୧୮୭ |
| ଭବଭୟ ଭଞ୍ଜନ | ଗୌରହରି ବନ୍ଦନାଷ୍ଟକ | ୫ |
| ଭ୍ରମିତା ମୁଖ ଲକ | ଶ୍ରୀକୃଷ୍ଣଙ୍କ ରୂପାନୁରାଗ | ୧୦୪ |
| ଭଜ ମାନସ | ଶ୍ରୀ ଗୌରଚନ୍ଦ୍ର ବନ୍ଦନା | ୧୯୮ |
| ମୋହନ ଦେଖନ ରୁମ୍ବନ | ଖଣ୍ଡିତା | ୫ |
| ମଲ୍ଲୀମାଳ ଶ୍ୟାମଙ୍କୁ ଦେବ | ସଦୋଲ୍ଲାସ | ୨ |
| ମାଠରେ ଦଧି ରାଧା ସଙ୍ଗେ | ହୋଲି | ୨୦୯ |
| ମୁହିଁ ! ମୁହିଁ କିଶୋର ଚନ୍ଦ୍ରମାଙ୍କର | ରସୋଲ୍ଲାସ | ୩୦ |
| ମୋତେ ଲଗାଇ ଦେଇ | ଆତ୍ମସମର୍ପଣ | ୨୭ |
| ମୋହନ ସଖି ଝଲ୍କା | ବିରହୋତ୍କଣ୍ଠିତା | ୧୩ |
| ମୋ କାନ୍ତ ମନୋହର | ପ୍ରୋଷିତଭର୍ତ୍ତୃକା | ୭୩ |
| ମଧୁ ଋତୁ ସଂଗତେ | ହୋରି | ୭୯ |
| ମଧୁ ନଗରରେ ଯିବ | ତରସ୍ତକୃଷ୍ଣ | ୯୧ |
| ମୋହନ ମନ ମୋହନ | ବଂଶୀ ବିଭବ | ୯୩ |
| ମୁଁ କି ସୁନ୍ଦରୀ | କଳହାନ୍ତରିତା | ୮୭ |
| ମୋ ଘଣ୍ଟିରେ କନ୍ଦାଇ | ଗୋଷ୍ଠ | ୧୦୨ |
| ମୁରଳୀ ପାଣି | ସ୍ୱପ୍ନମିଳନ | ୧୩୬ |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| ମାଧବ ସଙ୍ଗେ ଖେଳିଲୁ ଫଗୁ | କ୍ରୀଡ଼ାମାଧୁରୀ | ୧୫୬ |
| ମଦନମୋହନ ମାଧବ | ଭବାନୁରାଗୀ ଶ୍ରୀକୃଷ୍ଣ | ୧୬୬ |
| ମୁଁ ଘର ନେଲି ଗଞ୍ଜିରେ | ପ୍ରେମ ବୈଚିତ୍ତ୍ୟ | ୧୭୮ |
| ମୋର ବନ ବନ | ବର୍ଷା ତରଙ୍ଗିଣୀ ରାଧା | ୧୮୮ |
| ମିଳ ଭଲୁ ଯତ | ଉତ୍କଣ୍ଠିତା | ୯୬ |
| ଯେ ଯେ ବୃନ୍ଦାବନ କଦମ | ମୁରଲୀ ବନ୍ଦନା | ୫୦ |
| ଯେ ଯେ ବ୍ରଜରାଜ ତନୟ | ଶ୍ରୀକୃଷ୍ଣ ବନ୍ଦନା | ୪୧ |
| ଯା ଏ ରାଧ ମୋ ପାଖରୁ | ଖଣ୍ଡିତା | ୧୬ |
| ଯୋଷାବେଶରେ | ସ୍ବପ୍ନ | ୧୩୦ |
| ରାଧା ମନ ମନ୍ଦିରେ ବସେ | ଶ୍ରୀଙ୍କ ସ୍ତବ | ୧୭୩ |
| ଯୋଷାମଣି | ମାନଭଞ୍ଜନ ଲାଗି ସଖୀ ପରାମର୍ଶ | ୨୦୩ |
| ରାଧାମାଧବ ବିଳସଇ | ପ୍ରେମ ବୈଚିତ୍ତ୍ୟ | ୧୭୪ |
| ରସମାନସ ରାଧିକେଶ | ଶ୍ରୀକୃଷ୍ଣ ବନ୍ଦନା | ୩୮ |
| ହେ ସଂଗିନି କୃଷ୍ଣାନୁରାଗିଣୀ | କୃଷ୍ଣାଭିସାରିକା | ୧୯ |
| ରାଧିକେ ଅକଳଙ୍କ ଚନ୍ଦ୍ରମୁହିଁ | ଶ୍ରୀକୃଷ୍ଣ ବଚନ | ୭୬ |
| ରାଧେ ଶୋଭଇ ବେଶ | ସଖୀବର୍ଣ୍ଣ | ୭୭ |
| ହେ ସଂଗୀ ମୁଁ ଯୁବତୀ | ଅବେଷାନୁରାଗ | ୮୧ |
| ହେ ସଂଗାତ ସ୍ବାହାଁ | ଶ୍ରୀକୃଷ୍ଣ ରୂପଶ୍ରୀ | ୧୩୮ |
| ହେ ସଂଗାତ ଲୁଚି ମୁଁ ବସିଲି | ବଚସାଲ୍ପାପ | ୧୨୮ |
| ହେ ସଂଗାତ ଅଧରେ ଅଧରେ | ରସେ ଉଲ୍ଲାସ | ୧୨୯ |
| ରସମୟୀ ଶ୍ରୀ କିଶୋରୀ | କୁଞ୍ଜ ଅଭିସାର | ୧୪୩ |
| ଶ୍ରୀମନ୍ତ ଶ୍ରୀପତି ବୃନ୍ଦାବନେ | ଯୁଗଳ ମିଳନ | ୧ |
| ଶ୍ୟାମବନ୍ଧୁ ଆସିବେ | ବାସକସଜ୍ଜା ଶ୍ରୀରାଧା | ୧୯ |
| ଶ୍ରୀ ଗୌରଚନ୍ଦ୍ର ପଦ ବନ୍ଦରେ ମାନସ | ଗୌର ବନ୍ଦନା | ୨୧ |
| ଶୁଣ ହେ ମାଧବ ତୁମ୍ଭେ | ବିପ୍ରଲବ୍ଧା | ୧୬ |
| ଶୁଣ ସଖୀ ବଚନ | ବିରହିଣୀ | ୫୭ |
| ଶ୍ୟାମ ଦଶା କହ ଯାଇ କେମନ | ଶ୍ରୀକୃଷ୍ଣ ବିରହ | ୬୮ |
| କୁଞ୍ଜ ଘାଟରେ | କଳହାନ୍ତରିତା | ୬୪ |
| ଶରଦ ରାତି ବୃନ୍ଦାବନ୍ତ | ଶ୍ରୀରାଧା ବିରହ | |

| ବିଷୟ | | ପୃଷ୍ଠାଙ୍କ |
|---|---|---|
| ଶ୍ରୀମତୀ ସବୁଣ | ଶ୍ରୀରାଧା ସ୍ତୁତି | ୭୦ |
| ଶ୍ୟାମ ପ୍ରୀତରେ ସଖୀ ମୁଁ | ଅଭେଦାନୁରାଗ | ୭୯ |
| ଶ୍ୟାମ ବଚନ ସଜନୀ | ଉତ୍କଣ୍ଠିତା | ୧୧୭ |
| ଶ୍ୟାମ ଶ୍ରୀପଦେ ନେତ | ନବାନୁରାଗ | ୧୧୮ |
| ଶ୍ୟାମସୁମ ଜମଜଣ୍ଡ | ରସୋଦ୍ଗାର | ୧୨୭ |
| ଶ୍ୟାମ ଭଜା ସଜନ | ବାସକସଜ୍ଜା | ୧୩୭ |
| ଶ୍ୟାମ ବଢ଼ ଧୂର୍ତ୍ତ | ବିରହ କୃଷ୍ଣ | ୧୫୪ |
| ଶ୍ୟାମ ବନ୍ଧୁ ଦୁଃଖଦା | ବିରହୋତ୍କଣ୍ଠିତା | ୨୨୯ |
| ଶ୍ୟାମ ବନ୍ଧୁରେ | ସଖୀ ପରାମର୍ଶ | |
| ଶ୍ୟାମ ସୁନ୍ଦର ନେଇ | ଖଣ୍ଡିତା | ୧୭୯ |
| ସଂପଦ ଜଳ ନେଣା | ଯୋଷନ ବାସ୍ତୁକା କୃଷ୍ଣ | ୧୨୭ |
| ସଖୀନରେ ସୁପ ରଂଗିନାରେ | ଶ୍ରୀକୃଷ୍ଣ ସ୍ତୁତି | ୯୯ |
| ସଖିରେ ଏ ମୋ ଦୃଢ଼ ଶପଥ | ରସୋଲ୍ଲାସ | ୩୨ |
| ସଖିରେ ମନ ନିଲମ୍ବ ନେତଣ | ବାସକ ସଜ୍ଜା | ୯୪ |
| ସଖି ନେହ କାହେଁ ଭଲଇ | ପୂର୍ବସ୍ମାନ | ୫୪ |
| ସଖୀ ଶୁଣ୍ଣା ଏ ପରା | ରୂପାନୁରାଗ | ୭୯ |
| ସଖୀ ନେଗା ନେଶ ନେଉ | ଶ୍ରୀକୃଷ୍ଣଙ୍କ ରୂପାନୁରାଗ | ୯୫ |
| ସୁବାଦଧନା ମୋରେ | ମାନଭଂଜନ ସ୍ତୁତି | ୯୮ |
| ସଖୀ କ କହୁଛ ବନ୍ଧୁ ଗୁଣ | ରସୋଦ୍ଗାର | ୧୦୦ |
| ସଖୀମାନେ ଭଲେଣ ନେଶୁ | ଅଭିସାରିକା | ୧୧୯ |
| ସଖି ଚଳ ନେଉ | ନବାନୁରାଗ | ୧୪୨ |
| ହସ ନିକୁଂଜବନେ ବଂଶୀ | ବଂଶୀ ଶବଦ | ୧୨୦ |
| ହେ ଶ୍ୟାମ କାଉଁରୁ | ଶ୍ରୀରାଧାଙ୍କ ନବାନୁରାଗ | ୧୦୯ |
| ସୁଭ ମନ ଶାଁତି ସୁତ | ଗୌରି ବନ୍ଦନା | ୨୨ |
| ସଜନୀ ନବୀନ ମଦନ | ସଖୀ ପ୍ରବୋଧ | ୧୦୮ |
| ସଜ ନେହାଭିଆରେ | ସଖୀ | ୧୨୩ |
| ସଜନୀ ଅଜ ରଜନୀ | ଖଣ୍ଡିତା | ୨୨୫ |
| ସଜନୀ ପଟେ ବଦନ ଗୋବିନ୍ଦ | ରୂପାନୁରାଗିଣୀ ଗୋପିକା | ୧୭୨ |
| ସୁନ୍ଦରୀ ନେଲି ତଣ୍ଡ ମୋହ | ନବାନୁରାଗୀ ଶ୍ରୀକୃଷ୍ଣ | ୧୭୦ |
| ସଖୀ ଦେଖିଲି ଅଜ ମୁଁ | ନବାନୁରାଗ | ୧୫୭ |

| ବିଷୟ | | ପୃଷ୍ଠାଙ୍କ |
| --- | --- | --- |
| ସେ ନଗର ସୁବାବର | ସଦେଶାନନ୍ଦ | ୧୬୮ |
| ସଖୀ ଫୁଲ ସଙ୍ଗେ ଖେଳା | ମାଥୁର | ୫୮୧ |
| ସଖୀ କୁଂଜ ଦନ୍ଦନ ବଂଶୀ | ବଂଶୀ ବଲ୍ଲଭ | ୧୮୬ |
| ସଜୀ ଅନାଥରେ | ଗୋଧନ ବାହୁଡ଼ା | ୧୯୧ |
| ସଙ୍ଗୀରେ ମୁଁ ନ | ଜଳକ୍ଷ୍ମୀ ମୁଷା | ୨୦୫ |
| ସତେ କି ଦେବଙ୍କ ଦୋଷ | କବିସ୍ଥ ଶ୍ରୀକୃଷ୍ଣ | ୧୯୩ |
| ସଜନୀ ଶ୍ୟାମଳ ସୁନ୍ଦର | ନନ୍ଦାକିଶୋର | ୨୦୧ |
| ସେ ନର୍ତ୍ତନ ଦୁଃଖ | ସ୍ୱାଧୀନଭକ୍ତି | ୧୬ |
| ସୁଖ ନାଗର ଦେବା | ସମାବେଶ | ୬୪ |
| ସୁଖ ନଗର ମୋଟେ | ସମାବେଶ | ୧୬୫ |
| ହେ ମୋହନ ଶା ଯା ମେ ସାଥ୍ର | ଶାନ୍ତିଭା | ୮୨ |
| ହୋଇଥିବେ ଦେଶ | ଶରତ୍ରାଜ୍ଞୀ | ୨୦୭ |